# ଧରିତ୍ରୀ
DHARITRI

ଶନିବାର, ଏପ୍ରିଲ ୪/୨୦୨୦ (୧୪ ପୃଷ୍ଠା) Saturday, April 4/2020

୪୬ଶ ଭାଗ ୧୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଶିଳ୍ପ ଜଗତ ଲାଗି ଆସୁ ଆର୍ଥିକ ପ୍ୟାକେଜ

ବର୍ତ୍ତମାନର କ୍ଷତିଗ୍ରସ୍ତ ଶିଳ୍ପଜଗତକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସରକାର ଆର୍ଥିକ ପ୍ୟାକେଜ ଦିଅନ୍ତୁ ବୋଲି ଆସୋଚାମ ମହାସଚିବ ଦୀପକ ସୁଦ ଶୁକ୍ରବାର କହିଛନ୍ତି।

୧୪

୦୫

## ଗୀତ ଶୁଟିଂବେଳେ ଅସୁବିଧାରେ ପଡ଼ିଥିଲେ ରବୀନା

'ମୋହରା' ଫିଲ୍ମର ଲୋକପ୍ରିୟ ଗୀତ 'ଟିପି ଟିପି ବରଷା ପାନି'ର ଶୁଟିଂବେଳେ ଅସୁବିଧାରେ ପଡ଼ିଥିଲେ ରବୀନା ଟଣ୍ଡନ।



# ରାଜ୍ୟରେ ଦିନକରେ ୪ କରୋନା ସଂକ୍ରମିତ ଚିହ୍ନଟ

- କଟକର ଜଣେ, ଭୁବନେଶ୍ୱର ବମିଖାଲର ୩ଜଣ
- ମୋଟ ସଂଖ୍ୟା ୯ରେ ପହଞ୍ଚିଲା
- ନିଜାମୁଦ୍ଦିନ୍‌ରୁ ଫେରିଛନ୍ତି ଷଷ୍ଠ କରୋନା ଆକ୍ରାନ୍ତ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଶୁକ୍ରବାର ଗୋଟିଏ ଦିନରେ ଓଡ଼ିଶାରେ ଚିହ୍ନଟ ହୋଇଛନ୍ତି ୪ କରୋନା ଭାଇରସ୍ ସଂକ୍ରମିତ। ଏହାକୁ ମିଶାଇ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଶୁକ୍ରବାର ମଧ୍ୟାହ୍ନରେ କଟକର ଜଣେ ବ୍ୟକ୍ତିଙ୍କ ନମୁନାରେ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱର ବମିଖାଲ ଅଞ୍ଚଳର ଆଉ ୩ଜଣଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ ମାଧ୍ୟମରେ ସୂଚନା ଦିଆଯାଇଛି। କଟକର ଚିହ୍ନଟ ହୋଇଥିବା ବ୍ୟକ୍ତି(ଷଷ୍ଠ ସଂକ୍ରମିତ)ଦିଲ୍ଲୀ ନିଜାମୁଦ୍ଦିନରେ ହୋଇଥିବା ତବଲିଘି ଜମାତ ଧର୍ମସଭାରେ ଯୋଗଦେଇ ଫେରିଥିଲେ ବୋଲି ରାଜ୍ୟ ସରକାରଙ୍କ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଏହା ଜାଣିବା ପରେ ସାରା ରାଜ୍ୟରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଯାଇଛି। କଟକ ଓ ବମିଖାଲ୍ ଅଞ୍ଚଳର ଚିହ୍ନଟ ହୋଇଥିବା କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେମାନଙ୍କୁ ଜାଣିବା ପାଇଁ ଅନୁସନ୍ଧାନ ଜାରି ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଷଷ୍ଠ ସଂକ୍ରମିତଙ୍କ ସମ୍ପର୍କରେ ବାଗ୍‌ଚୀ ସୂଚନା ଦେଇ କହିଛନ୍ତି ଯେ, ତବଲିଗି ଜମାତ୍‌ରୁ ବର୍ତ୍ତମାନ ସୁଦ୍ଧା ୨୭ଜଣ ଓଡ଼ିଶାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ବିଦେଶୀ ନାଗରିକ ରହିଛନ୍ତି। ୨୭ଜଣଙ୍କ ମଧ୍ୟରୁ ୨୧ଜଣଙ୍କ ନମୁନା କରୋନା ନେଗେଟିଭ୍ ଆସିଥିବାବେଳେ ଜଣଙ୍କ ପଜିଟିଭ୍ ଆସିଛି। ୫ଜଣଙ୍କ ନମୁନାର ରିପୋର୍ଟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ସମସ୍ତ ବ୍ୟକ୍ତି ଓ ତାଙ୍କ ପରିବାରକୁ ସଙ୍ଗରୋଧରେ ଏବଂ ଶକ୍ତ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ତବଲିଘି ଜମାତ ଫେରନ୍ତା ଓଡ଼ିଶାର ଆହୁରି ୪୦ଜଣ ଅଛନ୍ତି। ଯେଉଁମାନେ ଦିଲ୍ଲୀ, ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଅଟକ ପଡ଼ିଛନ୍ତି। ଅନ୍ୟ ଏକ ତଥ୍ୟ ଅନୁଯାୟୀ, ପଶ୍ଚିମବଙ୍ଗର ଏହି ଗୋଷ୍ଠୀର ସଦସ୍ୟ ୧୦ଜଣ କିଛି ଦିନ ତଳେ ତାଳଚେର ବୁଲି ଯାଇଛନ୍ତି। ସେମାନଙ୍କ ସହିତ ସମ୍ପୂର୍ଣ୍ଣ ଯୋଗାଯୋଗ କରାଯାଇ ନମୂନା ପରୀକ୍ଷା ପାଇଁ ପଠାଯାଇଛି।

# ଭୁବନେଶ୍ୱର, କଟକ, ଭଦ୍ରକ ୪୮ଘଣ୍ଟା ଶଟ୍‌ଡାଉନ୍

**କୋଭିଡ୍-୧୯ ମହାମାରୀ**

- ଘନେଇଲା ଗୋଷ୍ଠୀ ସଂକ୍ରମଣ ଆଶଙ୍କା
- ଲୋକଙ୍କ ସହଯୋଗ କାମନା କଲେ ସରକାର
- ତେଜରାତି, ଫଳ, ପନିପରିବା, ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଦୋକାନ ବନ୍ଦ ରହିବ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଭୁବନେଶ୍ୱର ସହର ସହ ଆଖପାଖ ଅଞ୍ଚଳ, କଟକ ମହାନଗର ନିଗମ ଓ ଭଦ୍ରକ ସହର ୪୮ ଘଣ୍ଟା ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ରହିବ। ଶୁକ୍ରବାର ରାତି ୮ଟାରୁ ରବିବାର ରାତି ୮ଟା ଯାଏ ଏହି ଶଟ୍‌ଡାଉନ୍ ବଳବତ୍ତର ରହିବ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମଗ୍ର ଦେଶରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ରାଜ୍ୟରେ ଚିହ୍ନଟ ହୋଇଥିବା ସମୁଦାୟ ୬ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଭୁବନେଶ୍ୱରର ୪ ଏବଂ କଟକ ଓ ଭଦ୍ରକ ସହରର ଜଣେ ଲେଖାଏ ବୋଲି ଜଣାପଡିଛି। ଏହି ତିନୋଟି ସହରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ପଞ୍ଚମ କରୋନା(କୋଭିଡ୍-୧୯) ଆକ୍ରାନ୍ତ ଭୁବନେଶ୍ୱର ସୂର୍ଯ୍ୟନଗରରେ ଚିହ୍ନଟ ହେବା ପରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଆହୁରି ଘନୀଭୂତ ହୋଇଛି। ସେହି ବ୍ୟକ୍ତି ଜଣକ ବିଦେଶକୁ କିମ୍ବା ବାହାର ରାଜ୍ୟକୁ ଯାଇନାହାନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି କରୋନା ଆକ୍ରାନ୍ତ ହେବା ସରକାରଙ୍କ ଚିନ୍ତା ବଢାଇ ଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମେ ଭୁବନେଶ୍ୱର ଓ ଭଦ୍ରକ ସହରକୁ ୪୮ ଘଣ୍ଟା ଲାଗି ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ କଟକ ସହରରେ ଷଷ୍ଠ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ କଟକ ସହରକୁ ମଧ ରାଜ୍ୟ ସରକାର ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏ ନେଇ ମୁଖ୍ୟ ଶାସନ ସଚିବ ଟୁଇଟ୍ କରି ଜଣାଇଛନ୍ତି। ଏହି ସମୟରେ ସମସ୍ତ ତେଜରାତି ଦୋକାନ, ଫଳ, ପନିପରିବା, ଔଷଧ, ମାଛ, ମାଂସ, ଅଣ୍ଡା ଓ ଚିକେନ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ତେବେ କେତେ ସଂଖ୍ୟାରେ ଔଷଧ ଦୋକାନ ଖୋଲା ରହିବ ତାହା ସ୍ଥାନୀୟ ପ୍ରଶାସନ ସ୍ଥିର କରିବେ।

ଏହି ଶଟ୍‌ଡାଉନ୍ ଏକ ପ୍ରକାର ଅଘୋଷିତ କର୍ଫ୍ୟୁ। ଏହି ସମୟରେ କୌଣସି ବ୍ୟକ୍ତି ବାହାରକୁ ବାହାରିପାରିବେ ନାହିଁ। ଯଦି ଏହାକୁ କୌଣସି ବ୍ୟକ୍ତି ଅବମାନନା କରିବେ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଉଠାଇନେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୧୪ ଦିନିଆ କ୍ୱାରାଣ୍ଟାଇନ୍ ☞ପୃଷ୍ଠା-୪



କଟକ ସହର ୪୮ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା ହେବା ପରେ ଶୁକ୍ରବାର ଅପରାହ୍ନରେ ଲିଙ୍କ୍‌ରୋଡ୍-ବାଦାମବାଡ଼ି ରାସ୍ତାରେ ପରିବା କିଣିବା ପାଇଁ ଲୋକଙ୍କ ଭିଡ଼।

**କ'ଣ ଖୋଲା ରହିବ**

- ଡାକ୍ତରଖାନା
- ପୋଲିସ, ଅଗ୍ନିଶମ ଏବଂ ଆମ୍ବୁଲାନ୍ସ ସେବା
- ଇଲେକ୍ଟ୍ରୋନିକ ଏବଂ ଆଇଟି ସଚିବଙ୍କ ଦ୍ୱାରା ଚିହ୍ନିତ ଟେଲିକମ୍ ସର୍ଭିସ
- ରେଳ ମାଲ ପରିବହନ ଏବଂ କାର୍ଗୋ ବିମାନ
- ଜିଲା କିମ୍ବା କମିଶନରେଟ ପୋଲିସ ଦ୍ୱାରା ଚିହ୍ନିତ ଇଲେକ୍ଟ୍ରୋନିକ ଗଣମାଧ୍ୟମ
- କୋଭିଡ୍-୧୯ ପରିଚାଳନା କରୁଥିବା ଆଇଟି /ଆଇଟିଇଏସ/କଲ୍‌ସେଣ୍ଟର
- ପାନୀୟ ଜଳ ଯୋଗାଣ, ପରିମଳ ଏବଂ ସ୍ୱେରେଜ କାର୍ଯ୍ୟରେ ନିୟୋଜିତ କର୍ମଚାରୀ
- ବିଦ୍ୟୁତ୍ ଯୋଗାଣ
- ମ୍ୟୁନିସିପାଲିଟି/ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଦ୍ୱାରା ଚିହ୍ନଟ ଔଷଧ ଦୋକାନ
- ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଯାନ(ଖାଲି/ଭର୍ତ୍ତି)

# ସୁସ୍ଥହୋଇ ଘରକୁ ଫେରିଲେ ପ୍ରଥମ କରୋନା ଆକ୍ରାନ୍ତ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଗୋଟିଏ ପଟେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଇତିମଧ୍ୟରେ ଦୁଇଜଣ ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ବୁଧବାର ଦ୍ୱିତୀୟ ଆକ୍ରାନ୍ତ ଭୁବନେଶ୍ୱର ଏମ୍ସରୁ ଡିସ୍‌ଚାର୍ଜ ହୋଇଥିବାବେଳେ ଶୁକ୍ରବାର ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ମଧ୍ୟ କ୍ୟାପିଟାଲ ହସ୍ପିଟାଲର ଛାଡ଼ିଛନ୍ତି। ଆବଶ୍ୟକ ଚିକିତ୍ସା ପରେ ପ୍ରଥମ କରୋନା ରୋଗୀ ଧୀରେ ଧୀରେ ସୁସ୍ଥ ହୋଇଥିଲେ। ଶେଷ ୩ ନମୁନା ନେଗେଟିଭ୍ ଆସିବା ପରେ ପ୍ରୋଟୋକଲ ଅନୁସାରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଏଥିପାଇଁ ତାଙ୍କୁ ଚିକିତ୍ସା କରୁଥିବା କ୍ୟାପିଟାଲ ହସ୍ପିଟାଲ ଡାକ୍ତରୀ ଦଳକୁ ରାଜ୍ୟ ସରକାର ପ୍ରଶଂସା କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ବର୍ତ୍ତମାନ କରୋନା ସନ୍ଦିଗ୍ଧ ୬୦ଜଣ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି। ତୃତୀୟ ଓ ଚତୁର୍ଥ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ୧୨୪ଜଣ ଆସିଛନ୍ତି। ପଞ୍ଚମ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ୩୦ଜଣ ଆସିଛନ୍ତି ବୋଲି ରାଜ୍ୟ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।



ଭୁବନେଶ୍ୱର ସୂର୍ଯ୍ୟନଗରରେ ଜଣେ କରୋନା ରୋଗୀ ଚିହ୍ନଟ ହେବା ପରେ ସେହି ଅଞ୍ଚଳକୁ ସିଲ୍ କରିଦିଆଯାଇଛି।

# ରବିବାର ରାତି ୯ଟାରେ ଦୀପ ଜାଳିବାକୁ ମୋଦିଙ୍କ ନିବେଦନ

**ନୂଆଦିଲ୍ଲୀ,୩।୪(ପି.ଟି.)**

କରୋନା ଭୂତାଣୁକୁ ପରାସ୍ତ କରିବା ଲାଗି ସମ୍ମିଳିତ ଶକ୍ତି ପ୍ରଦର୍ଶନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆହ୍ୱାନ ଦେଇଛନ୍ତି। ଆସନ୍ତା ୫ ତାରିଖ ରବିବାର ରାତି ୯ଟାରେ ୯ ମିନିଟ ପାଇଁ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଘର ଦୁଆରେ ଦୀପ, ମହମବତି ଜାଳିବା କିମ୍ବା ଟର୍ଚ୍ଚ ଓ ମୋବାଇଲ ଫ୍ଲାସ୍ ଲାଇଟ ଜାଳିବା ପାଇଁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ୧୧ ମିନିଟ୍‌ର ଭିଡିଓ ବାର୍ତ୍ତା ଜରିଆରେ ମୋଦି ଲୋକମାନଙ୍କୁ ସାମାଜିକ ଦୂରତ୍ୱର ଲକ୍ଷ୍ମଣରେଖା ନ ଟପିବା ପାଇଁ ପରାମର୍ଶ ଦେଇଛନ୍ତି। ଦୀପ ଜାଳିବା ବେଳେ ଘରେ ରହିବା ସହ ଏକାଠି ନ ହେବା ଲାଗି କହିଛନ୍ତି। ଗତ ମାସ ୨୨ ତାରିଖରେ ଜନତା କର୍ଫ୍ୟୁ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ଅପରାହ୍ନ ୫ଟାରେ ଘର ବାଲକୋନିରେ ଘଣ୍ଟ, ☞ପୃଷ୍ଠା-୪

**କରୋନା ବିରୋଧରେ ସମ୍ମିଳିତ ଶକ୍ତି ପ୍ରଦର୍ଶନ ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ**



# ଯୁକ୍ତ୨ ପରୀକ୍ଷା ଘୋଷଣା ନେଇ ଗୁଜବ

**ସୋସିଆଲ ମିଡିଆରେ ଘୂରିବୁଲୁଛି ଜାଲ୍ ବିଜ୍ଞପ୍ତି**

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଯୁକ୍ତ୨ ପରୀକ୍ଷା ପାଇଁ ଏକ ଜାଲ୍ ବିଜ୍ଞପ୍ତି ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହାକୁ ନେଇ ଚାରିଆଡେ ଚର୍ଚ୍ଚା ଚାଲିଥିବାବେଳେ ପରୀକ୍ଷାର୍ଥୀମାନେ ଚିନ୍ତାରେ ପଡିଛନ୍ତି। ତେବେ ଏହା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନଜରକୁ ଆସିବା ପରେ ତାହା ନକଲି ବୋଲି ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଯୁକ୍ତ୨ ପରୀକ୍ଷାକୁ ଅଧାରୁ ବାତିଲ କରାଯାଇଥିଲା। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ଆଉ ୫ ଦିନର ପରୀକ୍ଷା ହୋଇପାରି ନ ଥିବାବେଳେ ପରୀକ୍ଷା ସରିଥିବା ବିଷୟଗୁଡ଼ିକର ଉତ୍ତର ଖାତା ବି ମୂଲ୍ୟାୟନ ବନ୍ଦ ରହିଛି। ତେବେ ବାତିଲ ବିଷୟଗୁଡ଼ିକର ପରୀକ୍ଷା ପୁଣି କେବେ ହେବ, ସେନେଇ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପୂର୍ବରୁ କହିଥିଲେ। ବର୍ତ୍ତମାନ ସାରା ଦେଶ ଲକ୍‌ଡାଉନ୍ ଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏକ ଜାଲ୍ ବିଜ୍ଞପ୍ତି ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏପ୍ରିଲ ୧୫ରେ ଲକଡାଉନ୍ ଖୋଲିବା ପରେ ୧୮ ତାରିଖରୁ ବାକି ବିଷୟଗୁଡ଼ିକର ପରୀକ୍ଷା କରାଯିବ। ୧୮ରେ ବିଜ୍ଞାନ ବିଭାଗର ଜୀବବିଜ୍ଞାନ, ୧୯ରେ କଳା ବିଭାଗର ଅର୍ଥନୀତି, ୨୧ରେ ବାଣିଜ୍ୟ ବିଭାଗର ଇନଫରମେଶନ ସିଷ୍ଟମ୍, ୨୩ରେ କଳା ବିଭାଗର ଲଜିକ୍ ବିଷୟର ପରୀକ୍ଷା ରହିଛି। ଏଭଳି ଏକ ବିଜ୍ଞପ୍ତି ଭାଇରାଲ ହେବା ପରେ ପରୀକ୍ଷାର୍ଥୀ ଓ ଅଭିଭାବକ ଦ୍ୱନ୍ଦ୍ୱରେ ପଡ଼ିବା ସହ ଘଟଣାର ସତ୍ୟତା ଜାଣିବା ପାଇଁ ପରିଷଦକୁ ଯୋଗାଯୋଗ କରିଥିଲେ। ତେବେ ଏଭଳି କିଛି ବି ବିଜ୍ଞପ୍ତି ଜାରି ହୋଇନାହିଁ ବୋଲି ପରିଷଦ ସ୍ପଷ୍ଟ କରିଥିଲା। ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ କହିଛନ୍ତି ଯେ, ଏଭଳି କିଛି ନିଷ୍ପତ୍ତି ହୋଇନି। ପରୀକ୍ଷାର୍ଥୀ ଦ୍ୱନ୍ଦ୍ୱରେ ନ ପଡ଼ି ପରୀକ୍ଷା ପାଇଁ ପ୍ରସ୍ତୁତ ରୁହନ୍ତୁ। ଲକ୍‌ଡାଉନ୍ ଖୋଲିବା ପରେ ଏନେଇ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

# ଘରୁ ଗୋଡ଼ କାଢ଼ିଲେ ସିଧା କ୍ୱାରାଣ୍ଟାଇନ୍

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଲକ୍‌ଡାଉନ୍ ସତ୍ତ୍ୱେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ ସରକାର ଓ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଛି। ରାଜ୍ୟ ତଥା ଦେଶ ବାହାରକୁ ନ ଯାଇ ମଧ ଘାତକ ଭାଇରସ୍ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଛନ୍ତି ଲୋକେ। ଏବେ କଟକରୁ ଚିହ୍ନଟ ଷଷ୍ଠ ଆକ୍ରାନ୍ତ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡିବା ପରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଘନିଭୂତ ହୋଇଛି। ଏପରିସ୍ଥଳେ ଭୁବନେଶ୍ୱର, କଟକ ଓ ଭଦ୍ରକ ସହରକୁ ଶୁକ୍ରବାର ରାତି ସାଢ଼େ ୮ଟାରୁ ରବିବାର ରାତି ସାଢ଼ ୮ଟା ପର୍ଯ୍ୟନ୍ତ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ କରାଯାଇଛି। ପୋଲିସ ଡିଜି ଅଭୟଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ଟ୍ୱିନ୍ ସିଟି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୁଇ ସହରରେ କଟକଣାକୁ କଡାକଡି କରିବାକୁ କମିଶନର ଷଡ଼ଙ୍ଗୀ ଡିସିପି ଅନୁପ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ତୁରନ୍ତ ପଦକ୍ଷେପ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଷଡ଼ଙ୍ଗୀ କହିଛନ୍ତି, ଲକ୍‌ଡାଉନ ପାଇଁ ସମସ୍ତ ଛକରେ ପୋଲିସ ମୁତୟନ କରାଯାଇଛି। ତେବେ ଶଟ୍‌ଡାଉନ୍ ପାଇଁ ଫୋର୍ସ ସଂଖ୍ୟାକୁ ଆହୁରି ବୃଦ୍ଧି କରାଯାଇଛି। ଭୁବନେଶ୍ୱରରେ ୪୫ ପ୍ଲାଟୁନ୍‌ରୁ ଉର୍ଦ୍ଧ୍ୱ ପୋଲିସ ମୁତୟନ ☞ପୃଷ୍ଠା-୪

- ଭୁବନେଶ୍ୱରରେ ୪୫ ପ୍ଲାଟୁନ ଫୋର୍ସ ମୁତୟନ
- ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ କଡା କାର୍ଯ୍ୟାନୁଷ୍ଠାନ
- ହସ୍ପିଟାଲରେ ମିଳିବ କେବଳ ଜରୁରୀ ଚିକିତ୍ସା ସେବା

**ଗଣମାଧ୍ୟମ କର୍ମଚାରୀଙ୍କ ଉପରେ ମଧ ଅଙ୍କୁଶ**

ଶଟ୍‌ଡାଉନ୍ କଟକଣା ସମସ୍ତଙ୍କ ପାଇଁ ଲାଗୁ ହେବ। ଗଣମାଧ୍ୟମ ପ୍ରତିନିଧି ଓ କର୍ମଚାରୀଙ୍କ ଉପରେ ମଧ ଅଙ୍କୁଶ ରହିବ। କର୍ମଚାରୀ ସଂଖ୍ୟା ଯଥାସମ୍ଭବ କମ୍ କରିବା ପାଇଁ ସମସ୍ତ ମିଡିଆ ହାଉସ୍‌କୁ କୁହାଯାଇଛି। ସୀମିତ ସଂଖ୍ୟକ ଏଡିଟୋରିଆଲ ଓ ଟେକ୍‌ନିକାଲ ଷ୍ଟାଫ୍‌ଙ୍କୁ ଅଫିସ୍ ଭିତରେ ରଖିବାର ବ୍ୟବସ୍ଥା କରାଯାଇ କାର୍ଯ୍ୟ କରାଇବାକୁ ପରାମର୍ଶ ଦିଆଯାଇଛି। ଏପରି କି ମହିଳା ଓ ବରିଷ୍ଠ କର୍ମଚାରୀ, ଯେଉଁମାନେ ଅଫିସରେ ରହିପାରିବେ ନାହିଁ, ସେମାନଙ୍କୁ ଶଟ୍‌ଡାଉନ୍ ପାଇଁ ସ୍ୱତନ୍ତ୍ର ପାସ୍ ଦିଆଯିବ। ଏନେଇ ସେମାନେ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରିବାକୁ ପଡ଼ିବ। ପ୍ରତ୍ୟେକ ଟିଭି ଚ୍ୟାନେଲକୁ ୨ଟି ପାସ୍ ଦିଆଯିବ, ଯେଉଁଥିରେ ଜଣେ ରିପୋର୍ଟର ଓ ଜଣେ କ୍ୟାମେରାମ୍ୟାନ ରହିବେ। ଓବି ଭ୍ୟାନ୍ ପାଇଁ ଅନୁମତି ଦିଆଯାଇନାହିଁ। ସେହିପରି ପ୍ରିଣ୍ଟ ମିଡିଆର ୨ଜଣ ରିପୋର୍ଟରଙ୍କୁ ପାସ୍ ସୁବିଧା ମିଳିପାରିବ। ପୂର୍ବରୁ ଦିଆଯାଇଥିବା ଲକ୍‌ଡାଇନ୍ ପାସ୍ ଏହି ସମୟରେ କାର୍ଯ୍ୟ କରିବ ନାହିଁ।

**ଆଜିର ସମ୍ପାଦକୀୟ**

## କ୍ୱାରାଣ୍ଟାଇନ୍‌କୁ ଲୁଚିଲେ ବାବୁ

**ଆଜିର ମନ୍ତବ୍ୟ**

> କରୋନା ଭାଇରସ୍ ଚିହ୍ନଟ ଲାଗି ଅଧିକରୁ ଅଧିକ ପରୀକ୍ଷା କରାଯିବା ଉଚିତ।
>
> -ରାହୁଲ ଗାନ୍ଧୀ, କଂଗ୍ରେସ ନେତା


ଅଗରତାଲାରେ ଲକ୍‌ଡାଉନ୍ ବେଳେ ବାହାରକୁ ବାହାରିଥିବା ବାଇକ୍ ଆରୋହୀଙ୍କୁ ପୋଲିସ ଅଟକାଉଛି।



ବୃହନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ ବିଶୋଧନ କରାଯାଉଛି।


କୋଲକାତାରେ ଗରିବଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିବା ଲାଗି ସ୍ୱେଚ୍ଛାସେବୀମାନେ ପୁଡ଼ିଆ ପ୍ରସ୍ତୁତ କରୁଛନ୍ତି।

# ୪.୧ ଟ୍ରିଲିୟନ ଡଲାର କ୍ଷତି ସହିବ ବିଶ୍ୱ ଅର୍ଥନୀତି

## ଏଡିବିର ଆକଳନ

ମାନିଲା,୩।୪(ଏଏଫ୍‌ପି)

କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତିକୁ ୪.୧ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡିପାରେ ବୋଲି ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ (ଏଡିବି) ପକ୍ଷରୁ ଆକଳନ କରାଯାଇଛି। ଏହା ବିଶ୍ୱବ୍ୟାପୀ ମୋଟ ଉତ୍ପାଦନର ପାଖାପାଖି ୫ ପ୍ରତିଶତ। ଗତ ୧୦୦ ବର୍ଷ ମଧ୍ୟରେ କୌଣସି ମହାମାରୀରେ ଏହା ସର୍ବାଧିକ କ୍ଷତି। ତେବେ ଆକଳନ ହୋଇଥିବା ପ୍ରଭାବ ତୁଳନାରେ କ୍ଷତି ପରିମାଣ ଆହୁରି ଅଧିକ ହୋଇପାରେ। କାରଣ ସମ୍ଭାବ୍ୟ ସାମାଜିକ ଓ ଅର୍ଥନୈତିକ ସଙ୍କଟ ସହ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ଉପରେ କରୋନା ଦୀର୍ଘମିଆଦୀ ପ୍ରଭାବ ପକାଇବ ବୋଲି ଏଡିବି ପକ୍ଷରୁ କୁହାଯାଇଛି। କରୋନାଜନିତ ଲକ୍‌ଡାଉନ ପାଇଁ ଶେୟାର ବଜାର ଗୁରୁତର ପ୍ରଭାବିତ ହୋଇଛି। ଫଳରେ ଏହାର ଦୀର୍ଘମିଆଦୀ ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଏହି ପ୍ରଭାବ କମାଇବା ପାଇଁ ବିଭିନ୍ନ ଦେଶର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରୋତ୍ସାହନ ପ୍ୟାକେଜ୍ ରଖିବା ସହ ମୁଦ୍ରାନୀତିରେ ପରିବର୍ତ୍ତନ କରିଛନ୍ତି।

କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ୧୦ ଲକ୍ଷ ଅତିକ୍ରମ କରିଥିବାବେଳେ ମୃତ୍ୟୁସଂଖ୍ୟା ୫୦ ହଜାର ଟପିଲାଣି। କୋଟି କୋଟି ଲୋକ ଲକ୍‌ଡାଉନରେ ରହିଥିବାବେଳେ ଅର୍ଥନୀତି ଏକପ୍ରକାର ଅଚଳ ହୋଇପଡ଼ିଛି। ଚଳିତ ବର୍ଷ ଏସିଆରେ ଆର୍ଥିକ ଅଭିବୃଦ୍ଧି ୨.୨ ପ୍ରତିଶତ ରହିବ ବୋଲି ଏଡିବି ପୂର୍ବାନୁମାନ କରିଛି। କରୋନା ମହାମାରୀ କେତେ ବ୍ୟାପକ ହେବ ଓ ଏଥିପାଇଁ ଲକ୍‌ଡାଉନ କେତେଦିନ ପର୍ଯ୍ୟନ୍ତ ଚାଲିବ ତାହା କହି ହେଉନାହିଁ ବୋଲି ଏଡିବିର ମୁଖ୍ୟ ଅର୍ଥନୀତିଜ୍ଞ ୟାସୁୟୁକି ସାୱାଦ କହିଛନ୍ତି।

## କୋଭିଡ-୧୯ ମୁକାବିଲା: ଭାରତକୁ ବିଶ୍ୱବ୍ୟାଙ୍କର ୧ ବିଲିୟନ ଡଲାର ସହାୟତା

ୱାଶିଂଟନ,୩।୪(ପି.ଟି.)



କରୋନା ମହାମାରୀ ଭାରତରେ ୭୬ ଜୀବନ ନେଲାଣି। ଏହି ଭୂତାଣୁ ଦ୍ୱାରା ୨୫୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଛନ୍ତି। ଏହା ମହାମାରୀର ମୁକାବିଲା ଲାଗି ବିଶ୍ୱ ବ୍ୟାଙ୍କ ଭାରତର ଜରୁରୀ ପାଣ୍ଠିକୁ ୧ ବିଲିୟନ ଡଲାର ସହାୟତା ଯୋଗାଇଦେବ। ପ୍ରଥମ ପର୍ଯ୍ୟାୟରେ ବିଶ୍ୱବ୍ୟାଙ୍କ ୨୫ଟି ଦେଶକୁ ୧.୯ ବିଲିୟନ ଡଲାର ସହାୟତା ଯୋଗାଇଦେବ। ପରବର୍ତ୍ତୀ ପର୍ଯ୍ୟାୟରେ ୪୦ଟି ଦେଶକୁ ତୁରନ୍ତ ଏହି ସହାୟତା ପ୍ରୋଜେକ୍ଟରେ ସାମିଲ କରାଯିବ। ଭାରତକୁ ମିଳିବାକୁ ଥିବା ସହାୟତା କରୋନା ସନ୍ଦିଗ୍ଧଙ୍କ ଯାଞ୍ଚ, ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଖୋଜି ବାହାର କରିବା, ଲାବୋରେଟୋରି ପରୀକ୍ଷା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଉପଲବ୍ଧ କରାଇବା ଓ ନୂଆ ଆଇସୋଲେଶନ ୱାର୍ଡ ଖୋଲିବାରେ ବ୍ୟୟ କରାଯିବ। ବିଶ୍ୱବ୍ୟାଙ୍କ ସହାୟତା ପାଇଥିବା ଅନ୍ୟ ଦେଶ ମଧ୍ୟରେ ରହିଛି ପାକିସ୍ତାନ, ଆଫଗାନିସ୍ତାନ, ମାଳଦ୍ୱୀପ ଓ ଶ୍ରୀଲଙ୍କା। ପାକିସ୍ତାନ ପାଇଁ ବିଶ୍ୱବ୍ୟାଙ୍କ ୨୦୦ ନିୟୁତ ଡଲାର, ଆଫଗାନିସ୍ତାନ ପାଇଁ ୧୦୦ ନିୟୁତ ଡଲାର, ମାଳଦ୍ୱୀପ ପାଇଁ ୭.୩ ନିୟୁତ ଡଲାର ଓ ଶ୍ରୀଲଙ୍କା ନିମନ୍ତେ ୧୨୮.୬ ନିୟୁତ ଡଲାର ମଞ୍ଜୁର କରାଯାଇଛି। ମହାମାରୀର ମୁକାବିଲା ଲାଗି ଆଗାମୀ ୧୫ ମାସ ମଧ୍ୟରେ ୧୬୦ ବିଲିୟନ ଡଲାରର ସହାୟତା ଯୋଗାଇଦେବା ଉପରେ ବିଶ୍ୱବ୍ୟାଙ୍କ କାର୍ଯ୍ୟ କରୁଛି।

## କରୋନାରେ ବ୍ରିଟିଶ୍ ହାସ୍ୟାଭିନେତା ଏଡିଙ୍କ ମୃତ୍ୟୁ



**ଲଣ୍ଡନ,୩।୪(ପି.ଟି.):** କରୋନା ସଂକ୍ରମଣରେ ବ୍ରିଟେନର ବର୍ଷୀୟାନ ହାସ୍ୟାଭିନେତା ଏଡି ଲାର୍ଜଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ହସ୍ପିଟାଲରେ ତାଙ୍କର ହୃଦ୍‌ରୋଗ ଚିକିତ୍ସା ଚାଲିଥିବାବେଳେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ ବୋଲି ତାଙ୍କ ପୁଅ ର୍ୟାନ ମାକ୍‌ଗିନିସ୍ ଏକ ଫେସବୁକ୍ ବାର୍ତ୍ତାରେ କହିଛନ୍ତି। ଏଡିଙ୍କ ପ୍ରକୃତ ନାମ ଏଡୱାର୍ଡ ମାକ୍‌ଗିନିସ। ୭୦ ଓ ୮୦ ଦଶକରେ ସେ ଜଣେ ଶ୍ରେଷ୍ଠ ଅଭିନେତାର ଖ୍ୟାତି ଅର୍ଜନ କରିଥିଲେ।

## ବିକାନେରରେ କର୍ଫ୍ୟୁ

**ଜୟପୁର/ବିକାନେର,୩।୪(ପି.ଟି.):** ରାଜସ୍ଥାନରେ ଶୁକ୍ରବାର ୨୧ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦିଲ୍ଲୀ ନିଜାମୁଦ୍ଦିନ ଧର୍ମସଭାରେ ଯୋଗଦେଇଥିଲେ। ଏହି ରିପୋର୍ଟ ଆସିବା ପରେ ସରକାରଙ୍କ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବିକାନେରରୁ ଯାଇ ନିଜାମୁଦ୍ଦିନ ଧର୍ମସଭାରେ ଯୋଗଦେଇଥିବା ୨ ଜଣଙ୍କୁ କରୋନା ସଂକ୍ରମଣ ରିପୋର୍ଟ ମିଳିବା ପରେ ଏହାର ଦୁଇଟି ଅଞ୍ଚଳ ରାଣିବଜାର ଓ ଫାଡ୍‌ବଜାରରେ କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟ ମେଡିକାଲ ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ରୋହିତ କୁମାର ସିଂଙ୍କ କହିବା ଅନୁଯାୟୀ ରାଜସ୍ଥାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୪କୁ ବୃଦ୍ଧି ପାଇଛି।

## କରୋନା ମୃତକଙ୍କ ପାଇଁ ଆଜି ଶୋକ ପାଳିବ ଚାଇନା



**ବେଜିଂ,୩।୪(ପି.ଟି.):** କରୋନାରେ ପ୍ରାଣ ହରାଇଥିବା ଲୋକମାନଙ୍କ ଲାଗି ଚାଇନା ଶନିବାର ଜାତୀୟ ଶୋକ ଦିବସ ପାଳନ କରୁଛି। ଏହି ମହାମାରୀ ଚାଇନାରେ ୩୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି। କରୋନା ଭୂତାଣୁ ମାନବ ଶରୀରରୁ ସଂକ୍ରମିତ ହେଉଥିବା ସର୍ବପ୍ରଥମେ ଲୋକଲୋଚନକୁ ଆଣିଥିବା ହ୍ୱିସିଲବ୍ଲୋୟର ଡାକ୍ତର ଲି ୱେନ୍‌ଲିଆଙ୍ଗ୍ ମଧ୍ୟ କରୋନାରେ ପ୍ରାଣ ହରାଇଥିଲେ। ଶୋକ ପାଳନ ବେଳେ ସାରା ଦେଶରେ ଏବଂ ବିଭିନ୍ନ ଦେଶରେ ଥିବା ଚାଇନା ଦୂତାବାସ ଓ ବାଣିଜ୍ୟିକ ଦୂତାବାସରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ। ଦେଶରେ ସମସ୍ତ ସାଧାରଣ ଉତ୍ସବ ଅନୁଷ୍ଠାନ ବନ୍ଦ ରହିବ ବୋଲି ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ଶନିବାର ସକାଳ ୧୦ଟାରେ ଦେଶବାସୀ ୩ ମିନିଟ ନୀରବ ପ୍ରାର୍ଥନା କରିବେ।

## କରୋନା ଚିକିତ୍ସାରେ ମ୍ୟାଲେରିଆ ଔଷଧ ହୃତ୍‌ପିଣ୍ଡ ସମସ୍ୟା ସୃଷ୍ଟି କରିପାରେ

### ବୈଜ୍ଞାନିକଙ୍କ ସତର୍କ ସୂଚନା

ନୂଆଦିଲ୍ଲୀ,୩।୪(ପି.ଟି.)

କରୋନା ଭୂତାଣୁ ବା କୋଭିଡ୍-୧୯ ଚିକିତ୍ସା ଲାଗି ମ୍ୟାଲେରିଆ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଏବଂ ଆଣ୍ଟିବାୟୋଟିକ୍ ଆଜିଥ୍ରୋମାଇସିନ୍ ବ୍ୟବହାର କରାଯାଉଛି। ତେବେ ଏଭଳି ଔଷଧ ସେବନ ହୃତ୍‌ପିଣ୍ଡ ସମସ୍ୟା ସୃଷ୍ଟି କରିପାରେ ବୋଲି ଆମେରିକାର ହୃଦ୍‌ବିଶେଷଜ୍ଞ ସତର୍କ କରାଇଦେଇଛନ୍ତି। ଯେଉଁ କୋଭିଡ୍-୧୯ ରୋଗୀମାନଙ୍କର ମ୍ୟାଲେରିଆ-ଆଣ୍ଟିବାୟୋଟିକ୍ ଔଷଧରେ ଚିକିତ୍ସା କରାଯାଉଛି ସେମାନଙ୍କର ଭେଣ୍ଟ୍ରିକୁଲାର ଆରିଥ୍‌ମିଆ ଯାଞ୍ଚ କରିବା ଆବଶ୍ୟକ ବୋଲି ଓରେଗାନ୍ ହେଲ୍‌ଥ ଆଣ୍ଡ ସାଇନ୍ସ ୟୁନିଭର୍ସିଟି (ଓଏଚ୍‌ଏସ୍‌ୟୁ) ଏବଂ ଇଣ୍ଡିଆନା ୟୁନିଭର୍ସିଟିର ଗବେଷକମାନେ ସୁପାରିସ୍ କରିଛନ୍ତି। କାରଣ ଉପରୋକ୍ତ ଔଷଧ ସେବନ ହୃତ୍‌ପିଣ୍ଡର ନିମ୍ନ ଚାମ୍ବରର ସ୍ପନ୍ଦନ ବଢ଼ାଇଦେଇଥାଏ ଓ ଏଥିରେ ଅନିୟମିତତା ଦେଖାଦେଇଥାଏ, ଯାହା ହୃଦ୍‌ଘାତ ଭଳି ସମସ୍ୟା ଆଡକୁ ନେଇଯାଇପାରେ ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି। ଆମେରିକୀୟ କଲେଜ୍ ଅଫ କାର୍ଡିଓଲୋଜିର ଏକ ପତ୍ରିକାରେ ଏହି ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ପାଇଛି। ଯେଉଁମାନଙ୍କ ହୃଦ୍‌ସମସ୍ୟା ରହିଛି ସେମାନଙ୍କ ପାଇଁ ଉଭୟ ଔଷଧ ଏକତ୍ର ସେବନ ବିପଦ ବଢ଼ାଇପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ଡାକ୍ତରମାନେ କରୋନା ଚିକିତ୍ସା ଲାଗି ଔଷଧ ଲେଖିବା ବେଳେ ଏହାର ପ୍ରତିକ୍ରିୟା ପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଓଏଚ୍‌ଏସ୍‌ୟୁ ସ୍କୁଲ୍ ଅଫ୍ ମେଡିସିନ୍‌ର ଆସୋସିଏଟ ପ୍ରଫେସର ଷ୍ଟେକର୍ କହିଛନ୍ତି।



## ୯୬୦ ବିଦେଶୀଙ୍କ ଭିଜା ରଦ୍ଦ

ନୂଆଦିଲ୍ଲୀ,୩।୪(ପି.ଟି.)

ଦିଲ୍ଲୀର ନିଜାମୁଦ୍ଦିନରେ ଅନୁଷ୍ଠିତ ତାବଲିଘି ଜମାତ ଧର୍ମସଭାରେ ଯୋଗଦେଇଥିବା ୯୬୦ ବିଦେଶୀଙ୍କୁ କଳା ତାଲିକାଭୁକ୍ତ କରାଯିବା ସହ ସେମାନଙ୍କ ଭିଜାକୁ ରଦ୍ଦ କରିଦିଆଯାଇଛି। ଏହି ବିଦେଶୀ ପ୍ରତିନିଧିଙ୍କ ମଧ୍ୟରେ ଆମେରିକାରୁ ୪, ବ୍ରିଟେନରୁ ୯ ଏବଂ ଚାଇନାରୁ ୬ ଜଣ ରହିଛନ୍ତି। ଦେଶ ଭିତରେ ରହିଥିବା ବିଦେଶୀ ଜମାତ ସଦସ୍ୟଙ୍କ ମଧ୍ୟରୁ କେତେଜଣ କରୋନା ସଂକ୍ରମିତ ଥିବା ଜଣାପଡିଛି। ଏହି ଧର୍ମସଭାରେ ଇଣ୍ଡୋନେସିଆରୁ ୩୭୯ ଜଣ, ବାଂଲାଦେଶରୁ ୧୧୦, ମ୍ୟାନମାରରୁ ୬୩, ଶ୍ରୀଲଙ୍କାରୁ ୩୩ ଜଣ ଯୋଗଦେଇଥିଲେ। ଏହାବ୍ୟତୀତ କିର୍‌ଗିଜସ୍ତାନରୁ ୭୭, ମାଲେସିଆରୁ ୭୫, ଥାଇଲାଣ୍ଡରୁ ୬୫, ଭିଏତନାମରୁ ୧୨ ଏବଂ ସୌଦି ଆରବରୁ ୯ ଜଣ ତଥା ଫ୍ରାନ୍ସର ୩ ଜଣ ମଧ୍ୟ ଏହି ଧର୍ମସଭାକୁ ଆସିଥିଲେ। ଲକ୍‌ଡାଉନ ସତ୍ତ୍ୱେ ନିଜାମୁଦ୍ଦିନ ତାବଲିଘି ଜମାତ ମୁଖ୍ୟାଳୟରେ ୨୫୦ ବିଦେଶୀଙ୍କ ସମେତ ୨୩୦୦ରୁ ଅଧିକ ଲୋକ ରହୁଥିଲେ। ନିଜାମୁଦ୍ଦିନ ମର୍‌କଜ ଧର୍ମସଭାରେ ୯୦୦୦ ଲୋକ ଯୋଗଦେଇଥିଲେ।

## ୫୪୪ ନୂଆ ସଂକ୍ରମିତଙ୍କ ମଧ୍ୟରୁ ୬୫%ଙ୍କର ରହିଛି ନିଜାମୁଦ୍ଦିନ ସହ ସମ୍ପର୍କ

**ନୂଆଦିଲ୍ଲୀ,୩।୪:** ଗତ ମାସରେ ଦିଲ୍ଲୀର ନିଜାମୁଦ୍ଦିନଠାରେ ଅନୁଷ୍ଠିତ ହୋଇଥିବା ଧର୍ମସଭା ଭାରତରେ କରୋନା ସଂକ୍ରମଣକୁ ବହୁଗୁଣିତ କରିଛି। ଏହା ନିଜାମୁଦ୍ଦିନକୁ କରୋନା ସଂକ୍ରମଣର ହଟ୍‌ସ୍ପଟରେ ପରିଣତ କରିଛି। ଏହି ଧର୍ମସଭାରେ ଦେଶ ତଥା ବିଦେଶରୁ ବହୁସଂଖ୍ୟାରେ ଲୋକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୯୫ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇସାରିଲାଣି। ଗତ ଦୁଇଦିନରେ ଯେଉଁ ୫୪୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଏହାର ୬୫ ପ୍ରତିଶତଙ୍କର ନିଜାମୁଦ୍ଦିନ ଧର୍ମସଭା ସହ ସମ୍ପୃକ୍ତି ଥିବା ଜଣାପଡିଛି। ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୦୦ ଟପିଛି।

## 'ଖବରକାଗଜ ବଣ୍ଟନ ବନ୍ଦ କରିବା ଆଇନଗତ ଅପରାଧ'

**ନୂଆଦିଲ୍ଲୀ,୩।୪:** ଖବରକାଗଜ ବଣ୍ଟନରେ ବାଧା ସୃଷ୍ଟି କରିବା ଆଇନଗତ ଅପରାଧ ବୋଲି ଦେଶର ପ୍ରମୁଖ ଆଇନଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଖବରକାଗଜକୁ ଅତ୍ୟାବଶ୍ୟକ ସେବା ପରିସରଭୁକ୍ତ କରାଯାଇଛି। କରୋନା ସଂକ୍ରମଣକୁ ନେଇ ଦେଶରେ ଅଭୂତପୂର୍ବ ଜନସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଉପୁଜିଥିବାବେଳେ ଖବରକାଗଜ ବଣ୍ଟନ ବାଧାପ୍ରାପ୍ତ ହେବା ଯୋଗୁ ଏ ସମ୍ପର୍କିତ ସବିଶେଷ ତଥା ନିର୍ଭରଯୋଗ୍ୟ ତଥ୍ୟ ଲୋକଙ୍କୁ ମିଳିପାରୁନାହିଁ। ଅତ୍ୟାବଶ୍ୟକ ସେବା ପରିଚାଳନା ଆଇନ (ଏସ୍‌ମା)ରେ ଏହା ଏକ ଅପରାଧ। ଖ୍ୟାତନାମା ଆଇନଜୀବୀ ତଥା ପୂର୍ବତନ ସଲିସିଟର ଜେନେରାଲ ହରିଶ ସାଲଭେ ଖବରକାଗଜ ବଣ୍ଟନ ବାଧାପ୍ରାପ୍ତ ହେବାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୁଳଭୂଷଣ ଯାଦବ ମାମଲାରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ରେ ଭାରତର ପ୍ରତିନିଧିତ୍ୱ କରିଥିବା ସାଲ୍‌ଭେ କହିଛନ୍ତି, ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଅନେକ ସମୟରେ ଗୁଜବ ଓ ଭୁଲ୍ ଖବର ପ୍ରଚାର କରାଯାଉଛି। ଏଭଳି ସମୟରେ ଦାୟିତ୍ୱସମ୍ପନ୍ନ ଖବରକାଗଜରେ ପ୍ରକାଶିତ ଖବର ଅତ୍ୟାବଶ୍ୟକ ସେବା। ଦାୟିତ୍ୱସମ୍ପନ୍ନ ଖବରଦାତାମାନଙ୍କ ଲିଖିତ ଖବର ଲୋକଙ୍କ ମନରେ ଭୟ ସୃଷ୍ଟି ନ କରି ଜରୁରୀ ସୂଚନା ଦେଇଥାଏ ବୋଲି ସେ କହିଛନ୍ତି। ଲକ୍‌ଡାଉନ ବେଳେ ଖବରକାଗଜ ବଣ୍ଟନରେ କୌଣସି କଟକଣା ନ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି।


ହରିଶ ସାଲଭେ

## ଲକ୍‌ଡାଉନ ବେଳେ ଜନ୍ମିତ ଯମଜଙ୍କ ନାଁ କରୋନା, କୋଭିଡ୍

ରାୟପୁର,୩।୪(ପି.ଟି.)

କରୋନା ମହାମାରୀ ସାରା ବିଶ୍ୱରେ ଆତଙ୍କ ଖେଳାଇଥିବାବେଳେ ଏହାର ସଂକ୍ରମଣ ରୋକିବା ଲାଗି ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଛତିଶଗଡ଼ରେ ଜନ୍ମିତ ଯମଜ ସନ୍ତାନଙ୍କ ନାଁ ରଖାଯାଇଛି କରୋନା ଓ କୋଭିଡ୍। ଏହି ଦୁଇଟି ଶବ୍ଦ ଅଧିକାଂଶଙ୍କ ମନରେ ଭୟ ସୃଷ୍ଟି କରୁଥାଇପାରେ, ହେଲେ ରାୟପୁରର ଦମ୍ପତି ସେମାନଙ୍କ ନବଜାତ ପୁତ୍ର ଓ କନ୍ୟା ସନ୍ତାନଙ୍କ ନାଁ କରୋନା ଓ କୋଭିଡ୍ ରଖି କଷ୍ଟକର ସମୟରେ ବିଜୟର ସଙ୍କେତ ଦେଖାଇଛନ୍ତି। କରୋନା ସାରା ଦେଶକୁ ଲକ୍‌ଡାଉନ କରିଦେଇଥିବାବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଏଭଳି କଷ୍ଟଦାୟକ ସମୟରେ ୨୬ ତାରିଖ ରାତିରେ ପ୍ରୀତି ବର୍ମା ନାମ୍ନୀ ମହିଳା ସରକାରୀ ହସ୍ପିଟାଲରେ ଯମଜ ସନ୍ତାନ ଜନ୍ମ ଦେଇଥିଲେ। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ସେ ଓ ତାଙ୍କ ସ୍ୱାମୀ ପୁଅର ନାଁ କୋଭିଡ୍ ଏବଂ ଝିଅ ନାଁ କରୋନା ରଖିବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି।



## ଲକ୍‌ଡାଉନ ବେଳେ ବଢ଼ିଛି ଘରୋଇ ହିଂସା

ନୂଆଦିଲ୍ଲୀ,୩।୪

କରୋନା ମୁକାବିଲା ଲାଗି ଦେଶ ଲକ୍‌ଡାଉନରେ ଥିବାବେଳେ ଏହି ସମୟରେ ଘରୋଇ ହିଂସା ବୃଦ୍ଧି ପାଇଛି। ଏହାକୁ ନେଇ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏନ୍‌ସିଡବ୍ଲ୍ୟୁ ତଥ୍ୟ ଅନୁଯାୟୀ ଲକ୍‌ଡାଉନ ସମୟରେ ୬୯ଟି ଘରୋଇ ହିଂସା ମାମଲା ବିଚାର ଲାଗି ଆସିଥିବାବେଳେ ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର ଉଲ୍ଲଂଘନ ନେଇ ୭୭ ମାମଲା, ଘରେ ମହିଳା ନିର୍ଯାତନା ନେଇ ୧୫ ମାମଲା, ଦୁଇଟି ଯୌତୁକ ମୃତ୍ୟୁ ଘଟଣା ଏବଂ ୧୩ଟି ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ମାମଲା ଆସିଛି। ମୁଖ୍ୟତଃ ଇ-ମେଲ୍ ଯୋଗେ ଏହିସବୁ ଅଭିଯୋଗ ଆସୁଥିବା ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷ ରେଖା ଶର୍ମା କହିଛନ୍ତି। ମାର୍ଚ୍ଚ ପ୍ରଥମ ସପ୍ତାହରେ ୧୧୬ଟି ମହିଳା ବିରୋଧୀ ଅପରାଧ ଅଭିଯୋଗ ମହିଳା କମିଶନଙ୍କ ହସ୍ତଗତ ହୋଇଥିଲା। ଲକ୍‌ଡାଉନ ବେଳେ ମାର୍ଚ୍ଚ ୨୩ରୁ ୩୧ ମଧ୍ୟରେ ୨୫୭ ମାମଲା ଆସିଛି। ଏହି ସମୟରେ ଅତ୍ୟାଚାରର ସମ୍ମୁଖୀନ ହେଉଥିବା ମହିଳା ପୋଲିସ ପାଖରେ ପହଞ୍ଚିପାରୁନାହାନ୍ତି। ଆଗରୁ ଘରେ ଝଗଡ଼ା ହେଲେ ମହିଳାମାନେ ସେମାନଙ୍କ ବାପଘରକୁ ଚାଲିଯାଉଥିଲେ। ହେଲେ ଲକ୍‌ଡାଉନ ଯୋଗୁ ତାହା ସମ୍ଭବ ହୋଇପାରୁନାହିଁ। ଅଭିଯୋଗ କରିଥିବା ମହିଳାମାନଙ୍କ ସହ ଏନ୍‌ସିଡବ୍ଲ୍ୟୁ ନିୟମିତ ସମ୍ପର୍କରେ ରହିଥିବା ଶର୍ମା କହିଛନ୍ତି।

ଉତ୍ତରପ୍ରଦେଶରୁ ସର୍ବାଧିକ ୯୦ ଅଭିଯୋଗ ଆସିଥିବାବେଳେ ଦିଲ୍ଲୀରୁ ୩୭, ବିହାରରୁ ୧୮, ମଧ୍ୟପ୍ରଦେଶରୁ ୧୧ ଏବଂ ମହାରାଷ୍ଟ୍ରରୁ ୧୮ଟି ଅଭିଯୋଗ ଆସିଛି। ଲକ୍‌ଡାଉନ ପୂର୍ବରୁ ଉତ୍ତରପ୍ରଦେଶରୁ ଏତିକି ଦିନ ମଧ୍ୟରେ ୩୬ ଅଭିଯୋଗ ଆସିଥିଲା। ଦିଲ୍ଲୀରୁ ୧୬ଟି ମାମଲା ଆସିଥିବାବେଳେ ବିହାରରୁ ୮, ମଧ୍ୟପ୍ରଦେଶରୁ ୪ ଏବଂ ମହାରାଷ୍ଟ୍ରରୁ ୫ଟି ମାମଲା ଆସିଥିଲା।


ରେଖା ଶର୍ମା

## ରାଜ୍ୟପାଳମାନଙ୍କ ସହ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଆଲୋଚନା

ନୂଆଦିଲ୍ଲୀ,୩।୪

କରୋନା ବିରୋଧୀ ଲଢ଼େଇ ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟପାଳ, ଉପରାଜ୍ୟପାଳ ଓ ପ୍ରଶାସକମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ୍-୧୯ର ମୁକାବିଲା ଲାଗି ସଙ୍କଳ୍ପ, ସକାରାତ୍ମକତା, ସହଯୋଗ ଆଦି ୫ ମନ୍ତ୍ର ଦେଇଛନ୍ତି। ସେ ମଧ୍ୟ ଦେଶର ୪୦ରୁ ଊର୍ଦ୍ଧ୍ୱ ପ୍ରମୁଖ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ସହ କଥା ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଭାରତରତ୍ନ ସଚିନ ତେନ୍ଦୁଲକର, ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି, ମହିଳା ହକି ଟିମ୍‌ର ଅଧିନାୟକ ରାଣୀ ରାମ୍‌ପାଲ ପ୍ରମୁଖ। ଏହି କ୍ରୀଡ଼ାବିତ୍‌ମାନେ ଦେଶ ପାଇଁ ଗର୍ବ ଆଣିଛନ୍ତି। ବର୍ତ୍ତମାନର ସଙ୍କଟ ବେଳେ ଦେଶବାସୀଙ୍କ ମନୋବଳ ବଢ଼ାଇବାରେ ଏହି କ୍ରୀଡ଼ା ବ୍ୟକ୍ତିତ୍ୱମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ସକାରାତ୍ମକ ବାର୍ତ୍ତା ପ୍ରସାର କରିବା ଦିଗରେ କାର୍ଯ୍ୟ କରିବା ପାଇଁ କ୍ରୀଡ଼ାବିତ୍‌ମାନେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ଢାଳ ଚିକିତ୍ସା ଯୋଗୁ ମହିଳା ଗୁରୁତର



ପେଟରେ ଲାଗିଯାଇଥିବା ଢାଳକୁ ଡାକ୍ତର କାଟି ବାହାର କରୁଛନ୍ତି।

**ଅନୁଗୋଳ ଅଫିସ,୩।୪:** ଗାଁ ବଇଦଙ୍କ ନିକଟରେ ଢାଳ ଚିକିତ୍ସା ଯୋଗୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଆଠମଲ୍ଲିକ ବ୍ଲକ ସାନଦାଦର ଗାଁର ଝିଲ୍ଲୀ ନାଏକଙ୍କ ପେଟ କାଟୁଥିଲା। ସେ ଗାଁ ନିକଟ ଜଣେ ବଇଦଙ୍କୁ ଡାକି ଚିକିତ୍ସା କରାଇଥିଲେ। ବଇଦ ଜଣଙ୍କ ଝିଲ୍ଲୀଙ୍କ ପେଟରେ ଢାଳ ଚିକିତ୍ସା କରିଥିଲେ। ପେଟରେ ଏକ ଦୀପ ଜାଳି ତା ଉପରେ ଢାଳ ଘୋଡାଇ ଦେଇଥିଲେ। କିଛି ସମୟ ପରେ ଦୀପ ନିଆଁ ପେଟରେ ଲାଗିଯିବା ସହ ଢାଳ ଆଉ ବାହାରି ନ ଥିଲା। ଫଳରେ ଯନ୍ତ୍ରଣାରେ ଝିଲ୍ଲୀ ଚିତ୍କାର କରିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ଢାଳଟିକୁ କାଟି ବାହାର କରିବା ସହ ଚିକିତ୍ସା ଚଳାଇଛନ୍ତି। ବର୍ତ୍ତମାନ ଝିଲ୍ଲୀଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି।

### ଏନ୍‌ଜିଓଗୁଡ଼ିକର ସହଯୋଗ ନେବାକୁ ନୀତି ଆୟୋଗର ପରାମର୍ଶ

#### କରୋନା ମୁକାବିଲା

**ଭୁବନେଶ୍ୱର,୩।୪(ବ୍ୟୁରୋ):** ସାରା ବିଶ୍ୱ ବର୍ତ୍ତମାନ କରୋନା ମୁକାବିଲା କରୁଛି। ଏହି ସମୟରେ ରାଜ୍ୟ ତଥା ଦେଶର ପ୍ରଶାସନ କେବଳ କରୋନାକେନ୍ଦ୍ରିକ ହୋଇଛି। ସାରା ଜନସମାଜର ସହାୟତା ପାଇଁ ମାନବ ସମ୍ବଳର ମଧ୍ୟ ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ପଞ୍ଜୀକୃତ ହୋଇଥିବା ଅଣସରକାରୀ ସଂସ୍ଥା(ଏନ୍‌ଜିଓ)ଗୁଡ଼ିକର ସହଯୋଗ ନେବା ପାଇଁ ନୀତି ଆୟୋଗ ପକ୍ଷରୁ ରାଜ୍ୟ ସରକାରମାନଙ୍କୁ କୁହାଯାଇଛି। ବିଶେଷକରି ବିଭିନ୍ନ ରାଜ୍ୟରୁ ଲକ୍‌ଡାଉନ ଦ୍ୱାରା ପ୍ରଭାବିତ ହୋଇ ସୀମାନ୍ତ ଅଞ୍ଚଳରେ ଅଟକି ରହିଥିବା ଶ୍ରମିକମାନଙ୍କ ପାଇଁ ସାମୂହିକ ଭୋଜନ ପ୍ରସ୍ତୁତି, ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ସରକାର ଜିଲା ପ୍ରଶାସନର ସହଯୋଗ ନେଇ ଏହା କରିବା ପାଇଁ ନୀତି ଆୟୋଗ ପକ୍ଷରୁ କୁହାଯାଇଛି। ସେହିପରି ଏନ୍‌ଜିଓମାନଙ୍କ କାର୍ଯ୍ୟର ଗତିବିଧି ଉପରେ ନଜର ରଖିବା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ କାମ କରିବେ ବୋଲି ଜଣାପଡିଛି। ଅନୁରୂପଭାବେ କେନ୍ଦ୍ର ସ୍ତରରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି।

### ରାବଣ ତାଟି ପୂଜା

**ପୁରୀ ଅଫିସ,୩।୪:** ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମଲୀଳା ଏକ ଅଙ୍ଗ। ଏହି ଲୀଳା ଶ୍ରୀମନ୍ଦିରରେ ପାଳିତ ହେବା ସହିତ ଶ୍ରୀକ୍ଷେତ୍ରରେ ସାହିଯାତ ମାଧ୍ୟମରେ ପାଳିତ ହୋଇଥାଏ। ଶ୍ରୀକ୍ଷେତ୍ରର ସାତ ସାହି ଆଖଡ଼ା ପକ୍ଷରୁ ସାହିଯାତ ସମ୍ପନ୍ନ ହୋଇଥାଏ। ହେଲେ ଏଥର କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସାହିଯାତ ବନ୍ଦ ରହିଛି। କେବଳ ମହାପ୍ରଭୁଙ୍କ ନୀତି ପାଇଁ ବିଭିନ୍ନ ସାହିର ବେଶଧାରୀ ବାହାରି ନୀତି ସମ୍ପନ୍ନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଗୁରୁବାର ଶ୍ରୀମନ୍ଦିରରେ ରାମ ଜନ୍ମ ଏବଂ ଶୁକ୍ରବାର ଯଜ୍ଞରକ୍ଷା ନୀତି ସମ୍ପନ୍ନ ହୋଇଥିବା ବେଳେ ଆସନ୍ତା ୧୧ତାରିଖରେ ରାବଣ ବଧ ନୀତି ରହିଛି। ଏଥିପାଇଁ ଶୁକ୍ରବାର ବାଲିସାହି ଆଖଡ଼ା ପକ୍ଷରୁ ରାବଣ ତାଟି ପୂଜା ସମ୍ପନ୍ନ ହୋଇଛି। ବାଲିସାହିସ୍ଥିତ ବାରାହୀ ଠାକୁରାଣୀଙ୍କ ନିକଟରେ ଶଙ୍ଖୁଡ଼ି ଭୋଗ କରାଯାଇ ରାବଣ ତାଟି ପୂଜା କରାଯାଇଛି। ଏହାପରେ ତାଟିକୁ ଚିତ୍ରକରଙ୍କୁ ଦିଆଯାଇଛି। ୬ଦିନ ଧରି ଚିତ୍ରକର ତାଟି ପ୍ରସ୍ତୁତ କରିଥାନ୍ତି। ଅନ୍ତିମ ଦିବସରେ ପୂଜକ ପଣାଭୋଗ ଦେବା ପରେ ଚିତ୍ରକର ଆଖି ଶେଷ ସ୍ପର୍ଶ ଦିଅନ୍ତି। ଏହାପରେ ତାଟି ଅଣାଯାଇଥାଏ। ରାବଣ ଧରୁଥିବା ଶକ୍ତି ମା'ବାରାହୀଙ୍କ ନିକଟରେ ପୂଜା ହୁଏ। ଏହାପରେ ରାବଣ ଏହି ଶକ୍ତି ଧରି ଠାକୁରଙ୍କ ନୀତି ସମ୍ପନ୍ନ କରିଥାନ୍ତି। ରାବଣ ବଧ ପରେ ପୁଣି ତାଟି ଆଖଡ଼ା ଘରେ ରଖାଯାଇ ଫୁଲ, ପାଣି ଦିଆଯାଇଥାଏ।

# ୩୭ ବଙ୍ଗୀୟ ଶ୍ରମିକଙ୍କୁ ଫେରାଇ ଦେଲା ପଶ୍ଚିମବଙ୍ଗ

## ସୀମାନ୍ତ ସିଲ ପରେ ଉତ୍ତେଜନା

**ଭୋଗରାଇ, ୩।୪(ଡି.ଏନ.ଏ.)**



ଦେଉଳି ହାଟ ସୀମାନ୍ତ ରାସ୍ତାକୁ ନରସିଂହପୁର ଗ୍ରାମବାସୀ ଅବରୋଧ କରିଛନ୍ତି।

ମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶ ଲକ୍‌ଡାଉନ୍ ଥିବା ବେଳେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତକୁ ଗତ ୨୩ତାରିଖରୁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ବାଲେଶ୍ୱର ଜିଲା ଭୋଗରାଇ ଓ ଜଳେଶ୍ୱରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ଉଭୟ ରାଜ୍ୟ ସିଲ୍ କଲା ପରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଛି। ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଗାଁ ରାସ୍ତାଗୁଡ଼ିକର ପ୍ରବେଶ ପଥକୁ ସୀମାନ୍ତବାସୀ କାଠଗଣ୍ଡି ଓ ବାଉଁଶବାଡ ପକାଇ ଅବରୋଧ କରିଛନ୍ତି। ଫଳରେ ଉଭୟ ସୀମାନ୍ତବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଚନ୍ଦନେଶ୍ୱର ସୀମାନ୍ତ ମୁଖ୍ୟ ରାସ୍ତାକୁ ସାହାବାଜିପୁରଠାରେ ଓଡ଼ିଶା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଓଡ଼ିଶାକୁ କାମ କରିବାକୁ ଆସିଥିବା ପଶ୍ଚିମବଙ୍ଗର ୩୭ଜଣ ଶ୍ରମିକ ସୀମାନ୍ତଠାରେ ଅଟକି ରହିଛନ୍ତି। ସେମାନଙ୍କୁ ପଶ୍ଚିମବଙ୍ଗ ସରକାର ରାଜ୍ୟ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉ ନ ଥିବାରୁ ସେମାନେ ବାଧ୍ୟ ହୋଇ ଓଡ଼ିଶା ସରକାରଙ୍କ ଶରଣ ପଶିଛନ୍ତି।

ଚନ୍ଦନେଶ୍ୱର ମୁଣ୍ଡଳା, ଦକ୍ଷିଣସରିଷା, କଖଡ଼ା, ନରସିଂହପୁର, ଗଣେଶ୍ୱରପୁର, ଅନଳିଆ-ଶଙ୍ଖାମେଦୀ, ମାନକୁଣ୍ଡା, ନସରାବାଦ, ଉପୁଳା, ସିଆଁରୋଇ ପ୍ରଭୃତି ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଗାଁ ରାସ୍ତା ଗ୍ରାମବାସୀଙ୍କ ଦ୍ୱାରା ଅବରୋଧ ହୋଇଛି। ସୀମାନ୍ତରେ ଉଭୟ ରାଜ୍ୟ ଲୋକେ ପରସ୍ପର ମୁହାଁମୁହିଁ ହେଉଛନ୍ତି। ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଜିଲା କାନ୍ଥି, ଚଣ୍ଡିପୁର, ଖେଜୁରୀ ଅଞ୍ଚଳର ୩୭ ଜଣ ଶ୍ରମିକ ସୁନ୍ଦରଗଡ଼ରୁ ଦୁଇଟି ବୋଲେରୋ ଯୋଗେ ଗାଁକୁ ଫେରୁଥିବା ବେଳେ ସୀମାନ୍ତ ଦୀଘା ଏବଂ ଦାନ୍ତୁନ ପୋଲିସ ଓ ପ୍ରଶାସନ ନିଜ ରାଜ୍ୟକୁ ନ ନେଇ ଯେଉଁଠୁ ଆସିଛ ସେଠାକୁ ଫେରିଯାଅ କହି ଫେରାଇ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଜଳେଶ୍ୱରରେ ୧୪ ଓ ଭୋଗରାଇ ସାହାବାଜିପୁର ମହାବିଦ୍ୟାଳୟରେ ୨୩ ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ତିନି ଓଳି ଖାଦ୍ୟ ଯୋଗାଇ ଦିଆଯାଉଛି।

# ଲେଖାରେ କରୋନା ସଚେତନତା କରୁଛନ୍ତି କବି, ଲେଖକ

**ଜଟଣୀ, ୩।୪(ଡି.ଏନ୍.ଏ.)**

କୋଭିଡ-୧୯ ମୁକାବିଲାରେ ଜଟଣୀର କବି ଓ ଲେଖକ ମଧ୍ୟ ପଛରେ ନାହାନ୍ତି। ଲକ୍‌ଡାଉନ୍ ଯୋଗୁ ସେମାନଙ୍କୁ ପଢ଼ାପଢି ଓ ଲେଖାଲେଖି ପାଇଁ ଯଥେଷ୍ଟ ସମୟ ମିଳୁଥିବା କହିଛନ୍ତି। ସେମାନଙ୍କ ଲେଖାରେ ସ୍ଥାନ ପାଉଛି କରୋନା ସଚେତନତାର ବାର୍ତ୍ତା। ସାମାଜିକ ଗଣମାଧ୍ୟମ ଦ୍ୱାରା ଏହି ସଚେତନତାମୂଳକ ଲେଖା ପଠାଇ ସମସ୍ତଙ୍କୁ ସଚେତନ କରିବାକୁ ସେମାନଙ୍କର କଲମ ଚାଳନାକୁ ଅଧିକ ଗତିଶୀଳ କରିଛନ୍ତି।

ଏ ନେଇ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ଲେଖିବା ପାଇଁ ଯଥେଷ୍ଟ ସମୟ ମିଳୁଛି। ଶରୀର ଉପରେ ଖରାପ ପ୍ରଭାବ ପକାଉଥିବା ପାଶ୍ଚାତ୍ୟ ଓ ଚଟପଟି ଖାଦ୍ୟପେୟ ପରିତ୍ୟାଗ କରିବା, ସ୍ୱାସ୍ଥ୍ୟ ପ୍ରତି ଛୋଟ ପିଲା କିପରି ସଚେତନ ରହିବେ ତା' ଉପରେ ସେ ଲେଖୁଥିବା କହିଛନ୍ତି। ଜଳବାୟୁକୁ କିପରି ଶୁଦ୍ଧ ରଖିବା ଓ ପ୍ରକୃତିକୁ ଆଧାର କରି ଜଙ୍ଗଲ, ପଶୁ, ପକ୍ଷୀ ତଥା ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା ବାର୍ତ୍ତା ଲେଖାରେ ସ୍ଥାନ ପାଉଥିବା ମହାପାତ୍ର କହିଛନ୍ତି। ସେହିପରି କବୟିତ୍ରୀ ଜୟଶ୍ରୀ ପଟ୍ଟନାୟକ କହିଛନ୍ତି, ସାହିତ୍ୟ ସମାଜର ହିତ ସାଧନରେ ସର୍ବଦା ବ୍ରତୀ। ସମାଜର ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ତଥା ସମାଜରେ ଦୈନନ୍ଦିନ ଘଟୁଥିବା ଘଟଣାକୁ କବି ଓ ଲେଖକ କଲମ ଦ୍ୱାରା ରେଖାପାତ କରିଥାଏ। ଆଜି କରୋନା ମହାମାରୀ ମଣିଷର ମୂଲ୍ୟବାନ୍ ଜୀବନକୁ ବିପଦରେ ପକାଇଛି। ଏହାର ମୁକାବିଲା ପାଇଁ ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟରେ କବି ଲେଖକମାନେ କରୋନାରୁ କିପରି ସୁରକ୍ଷିତ ରହିବା ସେଥିପାଇଁ ସଚେତନତାମୂଳକ ଲେଖା ଲେଖିବା ଉଚିତ। କବୟିତ୍ରୀ ପ୍ରଣତି ସ୍ୱାଇଁ ତାଙ୍କ କବିତା ଶୈଳୀରେ କହିଛନ୍ତି 'ଦିନ ପରେ ଦିନ ଯାଉଛି ବିତି, କରୋନା କରୁଛି କେତେ ଯେ କ୍ଷତି, ଖବର ପାଉଛେ ଆମେ ନିଇତି, ରୋକିବାକୁ ସଂକ୍ରମିତ ଗତି।' ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କବି, ଲେଖକ ନିଜ ଲେଖା ମାଧ୍ୟମରେ ସଚେତନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କବୟିତ୍ରୀ ଗୀତାରାଣୀ ରଥ କହିଛନ୍ତି, କର୍ମଜଞ୍ଜାଳରେ ବୁଡ଼ି ରହି ଲେଖାଲେଖି ପାଇଁ ସମୟ ମିଳୁ ନ ଥିଲା। ବର୍ତ୍ତମାନ ଯଥେଷ୍ଟ ସମୟ ମିଳିବା ସହ ଅନେକ ପୁସ୍ତକ ପଢ଼ିବାକୁ ସୁଯୋଗ ମିଳୁଛି। ପୁରୁଣା ଲେଖାର ତର୍ଜମା କରିବାକୁ ମଧ୍ୟ ସମୟ ପାଉଛି।



ପୁରୀ କୁଣ୍ଢେଇବେଣ୍ଟ ସାହିର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମାସ୍କ ପ୍ରସ୍ତୁତ କରୁଛନ୍ତି।

## 'ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନର ବୈଜ୍ଞାନିକ ଆଧାର ନାହିଁ'

**ଭୁବନେଶ୍ୱର,୩।୪(ବ୍ୟୁରୋ):** କରୋନା ମହାମାରୀ ମାନବ ସଭ୍ୟତା ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଏହାକୁ ମୁକାବିଲା କରିବା ପାଇଁ ଉଚିତ ବୈଜ୍ଞାନିକ ପଦ୍ଧତି ଏବଂ ଉନ୍ନତମାନର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି। ବିଭିନ୍ନ ରାଜ୍ୟ ତଥା ଦେଶ ନିଜ ସାମର୍ଥ୍ୟ ଅନୁସାରେ ଏହାର ମୁକାବିଲା କରୁଛନ୍ତି। ଏପରି ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶକୁ ଯେପରି ଆହ୍ୱାନ ଦେବା କଥା ଆଶା କରାଯାଉଥିଲା, ତାହା ଶୁକ୍ରବାର ଦେଖିବାକୁ ମିଳିନାହିଁ ବୋଲି ଏସ୍‌ୟୁସିଆଇ(ସି) ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଏକ ବିଜ୍ଞପ୍ତି ଜାରିକରି ଦଳର କେନ୍ଦ୍ରୀୟ କମିଟି କାର୍ଯ୍ୟାଳୟ ସମ୍ପାଦକ ସ୍ୱପନ ଘୋଷ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଘର ଲାଇଟ୍ ବନ୍ଦ କରି ଦୀପ, ମହମବତି ଜାଳିବାକୁ କହିବା ହାସ୍ୟାସ୍ପଦ। କେଉଁ ବୈଜ୍ଞାନିକ ଏବଂ ଯୁକ୍ତି ଆଧାରରେ ଏପରି ଆହ୍ୱାନ ଦିଆଯାଇଛି ବୋଲି ପ୍ରଶ୍ନ କରାଯାଇଛି। ସେହିପରି ବର୍ତ୍ତମାନ ପ୍ରକୃତ ସମସ୍ୟାରୁ ଜନସାଧାରଣଙ୍କ ଧ୍ୟାନ ହଟାଇବା ପାଇଁ ଏପରି କରାଯାଇଛି। ପୂର୍ବରୁ ଏପରି ଏକ କାର୍ଯ୍ୟ କରାଯାଇ ଅଯଥା ଶବ୍ଦ ପ୍ରଦୂଷଣ ମଧ୍ୟ ସୃଷ୍ଟି କରାଯାଇଛି। ତେଣୁ ଜନସାଧାରଣ ଏ ସମୟର ପ୍ରକୃତ ସମସ୍ୟା ସମ୍ପର୍କରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ଏସ୍‌ୟୁସିଆଇ(ସି)ପକ୍ଷରୁ କୁହାଯାଇଛି।

## ବସ୍ତିରେ କରୋନା ମୁକାବିଲା ସଚେତନତା

**ପୁରୀ ଅଫିସ,୩।୪:** ନିୟନ୍ତ୍ରଣକୁ ଆସୁନି କରୋନା। ଦିନକୁ ଦିନ ଏହା ଅଧିକ ଉଗ୍ରରୂପ ଧାରଣ କରୁଛି। ଭାରତରେ ବି ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ବଢିଚାଲିଛି । ଏହି ପ୍ରାଣଘାତୀ ଭୂତାଣୁ ଲାଗି କୌଣସି ପ୍ରକାର ଔଷଧ ବାହାରି ନ ଥିବାରୁ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି କୁହାଯାଉଛି। ତେଣୁ ରାଜ୍ୟ ସରକାର ବାରମ୍ବାର ହାତ ଧୋଇବା ସାଙ୍ଗକୁ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଉଛନ୍ତି । କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ନିଜ ଉଦ୍ୟମରେ ବି ଲୋକଙ୍କୁ ସଚେତନ କରୁଛନ୍ତି । ଗୁରୁବାର ପୁରୀ ଜିଲା ଯୁବକଂଗ୍ରେସ ପକ୍ଷରୁ ମୋଚିସାହି ବସ୍ତି ଏବଂ ଚକ୍ରତୀର୍ଥ ରୋଡରେ ଥିବା କେତେକ ବସ୍ତିରେ ଲୋକଙ୍କୁ ସଚେତନ କରାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା, ହାତକୁ ଭଲ ଭାବେ ସଫା କରିବା ଲାଗି ସଚେତନ କରାଯିବା ସହ ବସ୍ତିବାସିନ୍ଦାଙ୍କୁ ସାବୁନ, ଡେଟଲ ଆଦି ବଣ୍ଟା ଯାଇଥିଲା। ଯୁବ ନେତା ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ଆଶୁତୋଷ ମିଶ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ଦାନ



ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କୁମାର ରୁଦ୍ରମାଧବ ନିଜ ସଞ୍ଚିତ ଅର୍ଥ ଦାନ କରୁଛନ୍ତି।

**ପୁରୀ ଅଫିସ,୨୫।୩:** କରୋନା ପାଇଁ ସମଗ୍ର ଦେଶରେ ୨୧ଦିନିଆ ଲକ୍‌ଡାଉନ ଚାଲିଛି। ବିଶେଷକରି ଏହି ସମୟରେ ଗରିବ, ଦିନମଜୁରିଆ, ଶ୍ରମିକ ଶ୍ରେଣୀର ଲୋକେ ଅଧିକ ସମସ୍ୟା ଭୋଗୁଛନ୍ତି। ସେମାନଙ୍କୁ ସହାୟତାର ହାତ ବଢାଇବାର ଆବଶ୍ୟକତା ରହିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ସହାୟତା ପ୍ରଦାନ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ଜଣେ ପ୍ରଥମ ଶ୍ରେଣୀ ସାମିଲ ହୋଇଛନ୍ତି। ପୁରୀ ଜିଲା ପ୍ରଶାସନ ମାଧ୍ୟମରେ ସମ୍ପୃକ୍ତ ଛାତ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କିଛି ଅର୍ଥ ରାଶି ପ୍ରଦାନ କରିଛନ୍ତି। ପୁରୀ ମାର୍କଣ୍ଡେଶ୍ୱର ସାହିର ଯୁଧିଷ୍ଠିର ବେହେରାଙ୍କ ପୁଅ କୁମାର ରୁଦ୍ରମାଧବ ଉତ୍କଳ ବଚ୍‌ପନ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଛନ୍ତି । ଏକ କୁମ୍ଭିରେ ସଞ୍ଚିତ କରୁଥିବା ୬୬୬ଟଙ୍କାକୁ ସେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ରୁଦ୍ରମାଧବ ଏହି ଅର୍ଥ ପ୍ରଦାନ କରିଛନ୍ତି।କଣାସ ବ୍ଲକ ବିଜିପୁର ସରପଞ୍ଚ ପ୍ରତାପ କୁମାର ଜେନା ୨୦ହଜାର, ଓଡ଼ିଶା ଅମଲା ସଂଘ ପୁରୀ ଜିଲା ଶାଖା କର୍ମକର୍ତ୍ତା ୫୩,୧୧୨ଟଙ୍କା ଜିଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ରିଲିପ୍ ପାଣ୍ଠିକୁ ଦାନ କରିଛନ୍ତି।

# ଚିକିତ୍ସା ପାଇଁ ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍

**କଟକ ଅଫିସ୍,୩।୪**

କୋଭିଡ୍ ହସ୍ପିଟାଲ୍ ଭାବେ ଘୋଷଣା ହୋଇଥିବା କଟକସ୍ଥିତ ଅଶ୍ୱିନୀ ହସ୍‌ପିଟାଲ୍ ଏବେ କରୋନା ସନ୍ଦିଗ୍ଧ ଏବଂ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଶୁକ୍ରବାର ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ଘୋଷଣା କରାଯାଇଛି। ରେକର୍ଡ଼ ଗୋଟିଏ ସପ୍ତାହ ଭିତରେ କୋଭିଡ୍ ହସ୍ପିଟାଲ୍ ଭାବେ ପ୍ରସ୍ତୁତ ହୋଇଥିବା ଅଶ୍ୱିନୀ ହସ୍ପିଟାଲ୍‌ରେ ୧୫୦ଶଯ୍ୟା ରହିଛି। ଏଠାରେ ୨୪ଘଣ୍ଟିଆ ନିଦାନ, ଫାର୍ମାମୀ, ଲଣ୍ଡ୍ରି ଓ କିଚେନର ସୁବିଧା ରହିଛି। ପାଲ୍‌ମୋଲୋଜି ବିଭାଗର ଡାକ୍ତର ସମ୍ପଦ ଦାସଙ୍କ ସହ ଆଉ ଦୁଇଜଣ ସହଯୋଗୀ ଡାକ୍ତର ରହିଛନ୍ତି। ଏଥିସହ ଜେନେରାଲ ପ୍ରାକ୍ଟିସନର ଓ ମେଡିସିନ ବିଭାଗର ଡାକ୍ତରଙ୍କୁ ନିଯୁକ୍ତି କରାଯାଇଛି। ଉଭୟ ମେଡିକାଲ ଓ ପାରାମେଡିକାଲ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୧୫୦ଜଣ ଦାୟିତ୍ୱରେ ରହିଛନ୍ତି। ଗତ ମଙ୍ଗଳବାର ରାଜ୍ୟ ସରକାର, ଓଡିଶା ଖଣି ନିଗମ ଏବଂ ଅଶ୍ୱିନୀ ହସ୍ପିଟାଲ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାପୂର୍ବରୁ ଗତ ୨୯ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରୀଷ୍ଣନ, ପୂର୍ତ୍ତ ବିଭାଗ ସଚିବ କ୍ରିଷନ୍ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅଶ୍ୱିନୀ ହସ୍ପିଟାଲ୍ ପରିଦର୍ଶନ କରି ଭିତ୍ତିଭୂମିର ସମୀକ୍ଷା କରିଥିଲେ।

# ଭୋକ ଉପାସରେ ଦଳିତ, ଆଦିବାସୀ

## ଜଙ୍ଗଲରେ ବୁଲି କରୁଛନ୍ତି ଖାଦ୍ୟ ସଂଗ୍ରହ

**ନୟାଗଡ଼ ଅଫିସ,୩।୪**

କରୋନା ପ୍ରଭାବରେ ନୟାଗଡ ଜିଲା ଦଶପଲ୍ଲା ବ୍ଲକ ଦୁଡା ପଞ୍ଚାୟତର କୁରୁଡାଙ୍ଗୀ, ଭାଲିଆପଦର, ଜର୍କବାଡି, ସିରିଶିରା ଗାଁ ଲୋକ ଖାଇବାକୁ ପାଉ ନ ଥିବା ଅଭିଯୋଗ ହୋଇଛି। ଭୋକଉପାସରେ ରହିବା ପରେ ଆଦିବାସୀ ଲୋକେ ନିକଟସ୍ଥ ଜଙ୍ଗଲକୁ ଯାଇ ଫଳମୂଳ ସଂଗ୍ରହ କରି ଜୀବନ ବଞ୍ଚାଇବା ଆରମ୍ଭ କରିଛନ୍ତି। ଏହି ଗାଁଗୁଡିକୁ ରାସ୍ତା ସୁବିଧା ନାହିଁ। ଗାଁ ଲୋକଙ୍କର ନିଜସ୍ୱ ଜମି ନାହିଁ। ଅନ୍ୟର କାମଧନ୍ଦା କରି ବଞ୍ଚୁଥିବା ଲୋକମାନେ ଘରେ ବସିରହିବା ଦ୍ୱାରା ଆର୍ଥିକ ସଙ୍କଟ ସହ ଖାଦ୍ୟର ଅଭାବ ଦେଖାଦେଇଛି। ଦଶପଲ୍ଲା ବ୍ଲକଠାରୁ ଉପରୋକ୍ତ ଗାଁଗୁଡିକର ଦୂରତା ୪୦ରୁ ୫୦ କିମି ହେବ। କେଉଁ ଗାଁରେ ୧୫ ତ ଆଉ କେଉଁଠି ୧୦ ପରିବାର ରହନ୍ତି। ପୁଣି କେଉଁ ଗାଁର ଲୋକସଂଖ୍ୟା ୪୫ ତ ଆଉ କେଉଁଠି ୬୪। ପାହାଡିଆ ଅଞ୍ଚଳରେ ଥିବା ଏହି ଗାଁଗୁଡିକ ୫ରୁ ୧୦ କିମି ଦୂରତା ମଧ୍ୟରେ ରହିଛି। ଭାଲିଆପଦର ଗାଁର ପ୍ରଭାକର ମଲ୍ଲିକଙ୍କ ସୂଚନା ଅନୁସାରେ ରାଶନ ସାମଗ୍ରୀ ଗାଁରେ ପହଞ୍ଚିନାହିଁ। କାମଧନ୍ଦା ନ ପାଇବାରୁ ଅଧିକାଂଶ ଲୋକଙ୍କ ଘରେ ଚୁଲି ଜଳୁନି। ଅନ୍ୟ ଅଞ୍ଚଳକୁ ଯିବାକୁ ବାରଣ କରାଯାଇଥିବାରୁ ଅଭିଯୋଗ କରିବାକୁ ସେମାନେ ନିକଟସ୍ଥ ପଞ୍ଚାୟତକୁ ଯାଇପାରୁ ନାହାନ୍ତି। କରୋନା ସେମାନଙ୍କୁ ବାହାର ଦୁନିଆଠାରୁ ବିଚ୍ଛିନ୍ନ କରି ରଖିଛି। ଜୀବନ ବଞ୍ଚାଇବା ପାଇଁ ଲୋକେ ଜଙ୍ଗଲରୁ କନ୍ଦମୂଳ ଆଣି ଖାଉଛନ୍ତି। ଜଙ୍ଗଲରେ ମଧ୍ୟ ଖାଦ୍ୟର ଅଭାବ ଦେଖାଦେଇଛି। କଥା କହିବା ଆମପକ୍ଷେ ଅସମ୍ଭବ ହୋଇପଡିଛି କହି କାନ୍ଦି ପକାଇଥିଲେ। ଏ ନେଇ ନୟାଗଡ ଉପଜିଲାପାଳ ଲଗ୍ନଜିତ୍ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଦୁଡା ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ଦେଖାଦେଇଛି। ଏଠାରେ ପଞ୍ଚାୟତ ବଦଳରେ ୨ଜଣ ଡିଲର ରାଶନ ସାମଗ୍ରୀ ଦେଉଛନ୍ତି। ପାହାଡିଆ ଅଞ୍ଚଳରେ ଗାଁଗୁଡିକ ବହୁ ଦୂରତାରେ ଥିବାରୁ ଖାଉଟିସାମଗ୍ରୀ ବାଣ୍ଟିବା କଷ୍ଟକର ହେଉଛି। ଏ ନେଇ ଅଭିଯୋଗ ମିଳିବା ପରେ ଦଶପଲ୍ଲା ବିଡିଓଙ୍କ ସହ ଆଲୋଚନା କରିଛି। ପୁଣି ଧରିତ୍ରୀରୁ ସୂଚନା ପାଇଲିଣି। ଉକ୍ତ ଗାଁଗୁଡିରେ କିପରି ରାଶନ ସାମଗ୍ରୀ ପହଞ୍ଚିବ ବିଡିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି।

# ଏନ୍ଆଇଏନ୍ଏଲ୍‌ରେ ୧୫୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ

## ସିବିଆଇ ତଦନ୍ତ ଦାବି କଲା ସଂଘ

**ଯାଜପୁର ଅଫିସ,୩।୪**

କଳିଙ୍ଗନଗରସ୍ଥିତ ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍ଆଇଏନ୍ଏଲ୍) ପାଖରେ ଚାହିଦା ପୂରଣ କରିବାର ସମ୍ବଳ ରହିଛି। ଉନ୍ନତ ଭିତ୍ତିଭୂମିର ବି ଅଭାବ ନାହିଁ। ଅଢେଇ ହଜାର ଏକର ନିଜସ୍ୱ ଜମି ରହିଛି। ଏହି କମ୍ପାନୀର କେନ୍ଦୁଝର ଓ ସୁନ୍ଦରଗଡ ଜିଲା ସୀମାନ୍ତରେ ୮୨୪ ହେକ୍ଟର ପରିମିତ ନିଜସ୍ୱ ସ୍ୱତନ୍ତ୍ର ଲୌହଖଣି ରହିଛି। ଏହାବାଦ୍ କେନ୍ଦୁଝର ଓ ଯାଜପୁର ଜିଲାରେ ସରକାରୀ ଭାବେ ପର୍ଯ୍ୟାପ୍ତ ପରିମାଣର ଲୁହାପଥର ମଧ୍ୟ ମହଜୁଦ ରହିଛି। କାରଖାନାକୁ ରେଳପଥ ସଂଯୋଗ, ସଂଲଗ୍ନରେ ଜାତୀୟ ରାଜପଥ ଓ ବନ୍ଦର ସୁବିଧା ମଧ୍ୟ ରହିଛି। ବହୁ କମ୍ପାନୀର ନିଜସ୍ୱ କୌଣସି ଖଣି ନ ଥାଇ ଅନ୍ୟ ଉପରେ ନିର୍ଭର କରି ସୁରୁଖୁରୁରେ ଚାଲୁଥିବାବେଳେ ଏହି ସରକାରୀ କମ୍ପାନୀକୁ ଉତ୍ପାଦନକ୍ଷମ ଅବସ୍ଥାରେ ବନ୍ଦ କରିଦିଆଯାଇଛି। ଏହି ଘଟଣାକୁ କର୍ମଚାରୀ ଓ ଶ୍ରମିକମାନେ ସହଜରେ ଗ୍ରହଣ କରି ପାରିନାହାନ୍ତି। କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ପ୍ରାୟ ୧୫୦୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବାରୁ କମ୍ପାନୀ କ୍ଷତିରେ ଚାଲିଥିଲା, ଏବଂ ଏଥିଯୋଗୁ ଜାଣିଶୁଣି ଚାଲିଥିବା ଏକ କମ୍ପାନୀକୁ ବନ୍ଦ କରି ଦିଆଗଲା ବୋଲି କଳିଙ୍ଗନଗର ଶ୍ରମିକ ସଂଘର ଉପସଭାପତି ବାବୁଲି ପୂର୍ତ୍ତି ଅଭିଯୋଗ ଆଣିଛନ୍ତି। ଏହାର ସିବିଆଇ ତଦନ୍ତ କରିବାକୁ ଏମ୍ଏମ୍‌ଟିସି ଲିଃ କୋର-୧ର ଚିଫ୍ ଭିଜିଲାନ୍ସ ଅଫିସର ଓ ପରିଚାଳନା ନିର୍ଦ୍ଦେଶକ ଏବଂ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସଂଘର ଉପସଭାପତି ପୂର୍ତ୍ତି ପତ୍ର ଲେଖିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ, ଇସ୍ପାତ ମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସେ ଦୃଷ୍ଟି ଆକର୍ଷଣ କରିଛନ୍ତି।

କଳିଙ୍ଗନଗରରେ ୧୯୯୬ରେ ଜନ ସହଯୋଗରେ ଏନ୍ଆଇଏନ୍ଏଲ୍ ଗଢ଼ି ଉଠିଥିଲା। ମାତ୍ର ଏହି କମ୍ପାନୀ ଅର୍ଥାଭାବ ଆଳରେ ପ୍ରଭାବିତ ଅଞ୍ଚଳବାସୀଙ୍କ ସମସ୍ୟାଠାରୁ ଦୂରେଇଯାଇଛି। ଏହା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ଗଣଧାରଣା, ବିକ୍ଷୋଭ ହୋଇ ଆସୁଥିଲା। ଗତ ଜାନୁୟାରୀରେ ଏହି କମ୍ପାନୀରୁ ୬ଟି ଅଂଶୀଦାର ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରି ନେବେ ବୋଲି ଘୋଷଣା ହେବା ପରେ ଶ୍ରମିକ ଓ କର୍ମଚାରୀମାନେ କମ୍ପାନୀ ଫାଟକ ସମ୍ମୁଖରେ ଆନ୍ଦୋଳନ ଚଳାଇ ଆସୁଥିଲେ। ଇତିମଧ୍ୟରେ କମ୍ପାନୀର ପରିଚାଳନା କ୍ଷେତ୍ରରେ କୋଟି କୋଟି ଟଙ୍କା ହଡପ କରି ଶେଷରେ ବନ୍ଦ କରି ଦିଆଯାଇଛି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ବ୍ଲାଷ୍ଟ ଫର୍ନେସ ମରାମତି ନାମରେ ପ୍ରାୟ ୨୫୦ କୋଟି ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉକ୍ତ ଦାବିପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଚୁକ୍ତି ଉଲ୍ଲଂଘନ କରି ଏକ ଠିକାସଂସ୍ଥାକୁ ୪୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାରବାରରେ ବ୍ୟାପକ କିକ୍‌ବ୍ୟାକ୍ ହୋଇଛି। ଖଣି ଟେଣ୍ଡର କାରବାରରେ



ପ୍ରାୟ ୨୦୦ କୋଟି ଟଙ୍କାର ହେରାଫେରି ହୋଇଛି। ଏହାବାଦ କମ୍ପାନୀର ଅନ୍ୟାନ୍ୟ କାରବାରରେ କୋଟି କୋଟି ଟଙ୍କାର ଦୁର୍ନୀତି କରାଯାଇଛି। କମ୍ପାନୀର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀ ପୂର୍ବ ସଂସ୍ଥାର କେତେଜଣ କର୍ମଚାରୀ ଓ ଠିକାଦାରଙ୍କୁ ନିଜ ଆୟତ୍ତରେ ରଖି ଏଭଳି ଆତ୍ମସାତ୍ କରିଛନ୍ତି। ଏଭଳି ଭାବରେ ସଂପୃକ୍ତ ଅଧିକାରୀ ଓ ଠିକାଦାରମାନେ ମାଲାମାଲ ହୋଇଥିବାବେଳେ ଏନ୍ଆଇଏନ୍ଏଲ୍‌ର ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହି ଦୁର୍ନୀତିର ସିବିଆଇ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି କଳିଙ୍ଗନଗର ଶ୍ରମିକ ସଂଘର ଉପସଭାପତି ପୂର୍ତ୍ତି ଦାବି କରିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ଏନ୍ଆଇଏନ୍ଏଲ୍‌ର ଏମ୍‌ଡି ଶଶିଶେଖର ମହାନ୍ତି ଓ ମାନବ ସମ୍ବଳ ଅଧିକାରୀ ଶିରିଶ କୁମାର ମହାପାତ୍ରଙ୍କ ମତାମତ ନେବାକୁ ସେମାନଙ୍କ ମୋବାଇଲ ଫୋନକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ କଲ୍ ରିସିଭ କରି ନ ଥିଲେ।

## ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

**ତାଳଚେର,୩।୪(ନି.ପ୍ର.)**

ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଯୋଗୁ ଶୁକ୍ରବାର ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାରୁ ଜଣାପଡିଛି, ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ତାଳଚେର ୪ ନମ୍ବର ୱାର୍ଡର ପତିତପାବନ ସିଂଙ୍କ ସ୍ତ୍ରୀ ଅମୂଲ୍ୟ ସିଂ (୫୪) ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ପହଞ୍ଚିବା ପରେ ଅମୂଲ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାର ଲୋକେ ସେଠାରେ ଉପସ୍ଥିତ ୨ ଜଣ ଡାକ୍ତରଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ ହେଁ କେହି ନ ଶୁଣିବାରୁ ବିନା ଚିକିତ୍ସାରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଏମଓ କର୍ଣ୍ଣରାମ ମହନ୍ତ କହିଛନ୍ତି, ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ଡାକ୍ତର ଏଲ. ଏନ. ପ୍ରସାଦଙ୍କୁ ମାଡ ମାରିଛନ୍ତି। ଏ ନେଇ ତାଳଚେର ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ସଂକ୍ଷେପରେ

### ଲକ୍‌ଡାଉନବେଳେ ସ୍ୱେଚ୍ଛାସେବୀ, ହୋମଗାର୍ଡଙ୍କୁ ଆକ୍ରମଣ

ନିମାପଡ଼ା,୩।୪(ଡି.ଏନ.ଏ.): ମହାମାରୀ କରୋନା ପାଇଁ ସାରା ଦେଶରେ ଲକଡାଉନ ଚାଲିଥିବାବେଳେ ନିମାପଡ଼ା ଅଞ୍ଚଳରେ ଜଣେ ସରକାରୀ ଆଇନଜୀବୀ(ଏପିପି) ଶୁକ୍ରବାର ଜଣେ ସ୍ୱେଚ୍ଛାସେବୀ ଓ ହୋମଗାର୍ଡଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନିମାପଡ଼ା ଥାନା ଅନ୍ତର୍ଗତ ଧର୍ମନ୍ତିରା ଗ୍ରାମର ସ୍ୱେଚ୍ଛାସେବୀ ସ୍ମୃତିରଞ୍ଜନ ପରିଡ଼ା ଭାଟବନ୍ଧ ଛକ କ୍ୟାମ୍ପ ନିକଟରେ ଜିଲା ରାସ୍ତା ସିଲ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମୟରେ ଭାଟବନ୍ଧ ଗ୍ରାମର ଆଇନଜୀବୀ ପିଣ୍ଟୁ ପରିଡ଼ା ବାଇକ୍ ନେଇ ସେହି ରାସ୍ତାରେ ଆସୁଥିବାବେଳେ ସ୍ମୃତି ନ ଛାଡ଼ିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାଦେଖି ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ର ଜେନା ଓ ତାଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ଆଇନଜୀବୀ ତାଙ୍କୁ ମଧ ଦୁର୍ବ୍ୟବହାର କରି ବିଭିନ୍ନ ଧମକ ଦେଇଥିଲେ। ଏହି ସମୟରେ ଭାଟବନ୍ଧ ହାଇସ୍କୁଲ ଛକ କ୍ୟାମ୍ପ ନିକଟରେ କାର୍ଯ୍ୟରତ ହୋମଗାର୍ଡ ସୁଦର୍ଶନ ମହାପାତ୍ର ପହଞ୍ଚି ପିଣ୍ଟୁଙ୍କୁ ବୁଝାଶୁଝା କରିବାବେଳେ ତାଙ୍କୁ ମଧ ମାଡ଼ ମାରିବା ସହ ପୋଷାକ ଚିରିଦେଇଥିଲେ। ଏପରିକି ପିଣ୍ଟୁ କ୍ୟାମ୍ପ ନିକଟରେ ପଡିଥିବା ଚେୟାର ଓ ବିଭିନ୍ନ ଆସବାବପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ଏହି ଆକ୍ରମଣରେ ସ୍ମୃତି ଆହତ ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୭୮/୨୦ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ମାନିବାକୁ ରାଜ୍ୟ ଭାଜପାର ନିବେଦନ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ସାରା ବିଶ୍ୱରେ କରୋନା ଆତଙ୍କ ସୃଷ୍ଟି କରିଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୧୩୦ କୋଟି ଦେଶବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ବିରୋଧୀ ଯୁଦ୍ଧର ନେତୃତ୍ୱ ନେଉଛନ୍ତି । ବିଶ୍ୱ ମହାମାରୀ କରୋନା ସଙ୍କଟ ବର୍ତ୍ତମାନ ଚାରିଆଡ଼େ ଯେଉଁ ଅନ୍ଧକାର ବିଛାଇଛି ତାହା ଭିତରେ ଆମକୁ ଆଲୋକ ଏବଂ ଆଶା ଆଡ଼କୁ ନିରବଚ୍ଛିନ୍ନ ଭାବେ ଅଗ୍ରସର ହେବାକୁ ପଡ଼ିବ । କରୋନାରେ ଆକ୍ରାନ୍ତ ବ୍ୟକ୍ତି ଏବଂ ଗରିବଙ୍କୁ ସାଙ୍ଗରେ ଧରି ସେମାନଙ୍କ ମନରେ ଥିବା ଆଶଙ୍କା ଓ ଭୟ ଦୂରକରିବା ପାଇଁ ଆଶାର ଆଲୋକ ଦିଗରେ ଆଗେଇବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ତେଣୁ ପ୍ରଧାନମନ୍ତ୍ରୀଙ୍କ କଥାକୁ ପାଳନ କରିବା ଲାଗି ରାଜ୍ୟ ଭାଜପା ପକ୍ଷରୁ ଅନୁରୋଧ କରାଯାଇଛି। ଆଲୋକ ଏବଂ ନିଶ୍ଚିତତା ଦିଗରେ ଅଗ୍ରସର ହୋଇ ଏଭଳି ସଙ୍କଟର ଘନ ଅନ୍ଧକାରକୁ ପ୍ରତିହତ କରିବାକୁ ହେଲେ ଚତୁର୍ଦ୍ଦିଗରେ ବିଜୟର ଆଲୋକ ଖେଳାଇବାକୁ ପଡ଼ିବ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଆଗାମୀ ରବିବାର ଏପ୍ରିଲ ୫ରେ ରାତି୯ଟା ସମୟରେ ୯ମିନିଟ ପାଇଁ ଘରର ସମସ୍ତ ବତିକୁ ଲିଭାଇ ନିଜ ଘର ଦୁଆରେ କିମ୍ବା ବାଲ୍‌କୋନିରେ ଦୀପ, ମହମବତୀ, ଟର୍ଚ୍ଚ ବା ମୋବାଇଲ ଫ୍ଲାସ୍ ଲାଇଟକୁ ଜଳାଇବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସମଗ୍ର ଦେଶରେ ଯେଉଁ ଉତ୍ସାହର ଆଲୋକ ସୃଷ୍ଟି ହେବ, ତାହା କରୋନା ସଙ୍କଟର ଅନ୍ଧକାରରୁ ନିଶ୍ଚିତଭାବେ ଆମକୁ ମୁକ୍ତି ପ୍ରଦାନ କରିବା ସହ ଏହି ଲଢ଼େଇରେ ଆମର ବିଜୟ ନିଶ୍ଚିତ ହେବ ବୋଲି ସମୀର କହିଛନ୍ତି।

# ଫେରାର ନାବାଳକ ଅଭିଯୁକ୍ତ କାବୁ

ଅନୁଗୋଳ ଅଫିସ, ୩।୪

ବାଲେଶ୍ୱର କୋର୍ଟରୁ ଫେରିବା ସମୟରେ ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ଅନୁଗୋଳ ବାଳ ସୁଧାର ଗୃହ ସମ୍ମୁଖରୁ ଚମ୍ପଟ ମାରିଥିବା ନାବାଳକ ଅଭିଯୁକ୍ତଙ୍କୁ କାବୁ କରିଛି ଅନୁଗୋଳ ପୋଲିସ। ଏ ନେଇ ଅନୁଗୋଳ ଥାନାରେ ନଂ. ୨୧୦/୨୦ରେ ମାମଲା ରୁଜୁ କରାଯାଇଥିଲା।

ପ୍ରକାଶ ଯେ, ଏକ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଥିବା ନାବାଳକଙ୍କ ଘର ବାଲେଶ୍ୱର ଜିଲା ଖଣ୍ଟାପଡ଼ା ଥାନା ଅଞ୍ଚଳରେ। ଗତ ମାର୍ଚ୍ଚ ୧୮ରେ ମାମଲାର ଟ୍ରାୟଲ ବାଲେଶ୍ୱର କୋର୍ଟରେ ଥିଲା। ତେବେ ସେଠାରୁ ଫେରିବା ବେଳେ ୧୯ ତାରିଖରେ ଅନୁଗୋଳ ବାଳ ସୁଧାର ଗୃହ ସମ୍ମୁଖରେ ପୋଲିସ ଭ୍ୟାନ ଝରକା ଭାଙ୍ଗି ସେ ଚମ୍ପଟ ମାରିଥିଲେ। ଅନୁଗୋଳ ସହରରେ ଗୋଟିଏ ରାତି ରହିବା ପରେ କୌଶଳକ୍ରମେ ତାଙ୍କ ଘରକୁ ଚାଲିଯାଇଥିଲା। ଖବର ପାଇ ଅନୁଗାଳ ଥାନା ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଘରକୁ ଯାଇ ତାଙ୍କୁ କାବୁ କରିଥିଲା। କରୋନା ଟେଷ୍ଟ ନ ହେବା ପର୍ଯ୍ୟନ୍ତ ତାଙ୍କୁ ବାଳ ସୁଧାର ଗୃହରେ ରଖାଯାଇ ପାରିବ ନାହିଁ ବୋଲି ସୁପରିଡେଣ୍ଟ ଅମୀର କୁମାର ନାଥଶର୍ମା କହିଛନ୍ତି।

# ସରୁନି କ୍ୱାରାଣ୍ଟାଇନ କୋଠରି ନିର୍ମାଣ

## ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ନରାଜ,୩।୪(ଡି.ଏନ.ଏ.)

କରୋନା ଭୟର ବାତାବରଣକୁ ଦେଖି ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ କ୍ୱାରାଣ୍ଟାଇନ କୋଠରି ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁସାରେ ବାରଙ୍ଗ ବ୍ଲକ ଅଧୀନ ମହିଧରପଡ଼ା ହେଲଥ ସେଣ୍ଟରରେ ଗତ ମାସ ୧୯ ତାରିଖରେ ହୋଇଥିବା ବୈଠକରେ ବ୍ଲକର ୩ଟି ପିଏସ୍‌ସି ଓ ୧୬ଟି ପଞ୍ଚାୟତରେ କ୍ୱାରାଣ୍ଟାଇନ କେନ୍ଦ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏସବୁ ୨୪ ମାର୍ଚ୍ଚ ସୁଧା ସାରିବା ପାଇଁ କୁହାଯାଇଥିଲା। କିନ୍ତୁ ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଗୃହକୁ ତରବରିଆଭାବେ ରଙ୍ଗ ଉପରେ ରଙ୍ଗ କରିବା ସହିତ କ୍ୱାରାଣ୍ଟାଇନ ଘର ତଳେ ରଙ୍ଗ ପଡିଥିବା ଦେଖିବାକୁ ମିଳିଛି। ଏପରି କି ଏହି କୋଠରିକୁ ଆଜି ପର୍ଯ୍ୟନ୍ତ ସାନିଟାଇଜ କରାଯାଇନାହିଁ। କେବଳ ଇନଭର୍ଟର ଓ ଆକ୍ୱାଗାର୍ଡ ଲଗାଯାଇଛି। କୋଠରିରେ ଦୁଇଟି ସାଧାରଣ ବେଡ୍ ଓ ଗୋଟିଏ ମେଡିକାଲ ବେଡ ପଡିଛି। ବେଡ ଉପରେ କୌଣସି ତକିଆ, ଚାଦର ପଡ଼ିନାହିଁ। ସେହିପରି ବେଡ଼ ପାଖରେ ଡଷ୍ଟବିନ, ସାନିଟାଇଜର ଥିବା ଦେଖିବାକୁ ମିଳୁନି। କ୍ୱାରାଣ୍ଟାଇନ ଗୃହକୁ ଲାଗିଥିବା ଶୌଚାଳୟ ଠିକ୍‌ନାହିଁ। ଶୌଚାଳୟର ଟାଇଲ ସବୁ ଭାଙ୍ଗି ଯାଇଥିଲାବେଳେ ଘର ପୁରା ଅପରିଷ୍କାର ହୋଇଛି। ଏ ସମ୍ପର୍କରେ ବାରଙ୍ଗ ମେଡିକାଲ ଅଫିସର ଡ. ମିନାକ୍ଷୀ ମାରାଣ୍ଡିଙ୍କୁ ପଚାରିବାରୁ ମୁଁ ସେ ସମ୍ପର୍କରେ କହିପାରିବି ନାହିଁ।



ସେମାନେ କେବଳ ଇନଭର୍ଟର, ଆକ୍ୱାଗାର୍ଡ ଲଗାଇଛନ୍ତି। ରୁମଗୁଡିକ ରଙ୍ଗ କରାଯାଇଛି। ଜିଲାପରିଷଦ ଏହି କାମ ବିଷୟରେ କହିପାରିବେ ବୋଲି କହିଥିଲେ। ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡାଙ୍କୁ ପଚାରିବାରୁ ବ୍ଲକର ସବୁ ଅସ୍ଥାୟୀ କ୍ୱାରାଣ୍ଟାଇନ କାମ ସରିଯାଇଛି। ବାରଙ୍ଗ ମେଡିକାଲକୁ ମୁଁ ଆଜି ଯାଇ ଦେଖି ଆସିବି। ଯଦି କିଛି ବାକିଥାଏ ତେବେ ତାହାକୁ ଶୀଘ୍ର ୨ସାରିବା ପାଇଁ ଚେଷ୍ଟା କରିବି ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭୁବନେଶ୍ୱର, କଟକ, ଭଦ୍ରକ ...

ବ୍ୟବସ୍ଥାରେ ରଖିବେ। କୋଭିଡ୍-୧୯ ଭଳି ମହାମାରୀ ସମୟରେ ଲୋକମାନଙ୍କର ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଶଟ୍‌ଡାଉନ୍ ସମୟରେ ଆମ୍ବୁଲାନ୍ସ ସଂଖ୍ୟାକୁ ବଢାଇ ଦିଆଯିବ। ଜରୁରୀ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପାସ୍ ପ୍ରଦାନ କରାଯିବ। ଏଥିରେ ଭୟଭୀତ ନ ହେବା ପାଇଁ ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ସହର ସମେତ କେଉଁ ଗ୍ରାମାଞ୍ଚଳରେ ଏହି ଶଟ୍‌ଡାଉନ ଲାଗୁ ହେବ ସେ ନେଇ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମର ସହରାଞ୍ଚଳ ସହିତ ୧୭ଟି ପଞ୍ଚାୟତରେ ମଧ ଏହାକୁ କଡାକଡି ଭାବେ ଲାଗୁ କରାଯାଇଛି। ସେହି ପଞ୍ଚାୟତଗୁଡିକ ହେଲା ବାସୁଆଘାଇ, ଶିଶୁପାଳ, ଲିଙ୍ଗିପୁର, ରଣସିଂହପୁର, ତମାଣ୍ଡୋ, ମଳିପଡ଼ା, ଅନ୍ଧାରୁଆ, କଳାରାହାଙ୍ଗ, ରଘୁନାଥପୁର, ବରିମୁଣ୍ଡ, ଦାରୁଠେଙ୍ଗ/ଚନ୍ଦକା, ଧଉଳି, ଯାଆଁଳା ଏବଂ ସିଜୁଆ, ବାଲକାଟି, ବାଲିଅନ୍ତା ଏବଂ ଜଗନ୍ନାଥପୁର। ସେହିପରି ଜଟଣୀ ମ୍ୟୁନିସିପାଲିଟି ଅଞ୍ଚଳରେ ଆସୁଥିବା ପ୍ରଧାନସାହିରେ ମଧ ଏହି ଶଟ୍‌ଡାଉନ୍ କାର୍ଯ୍ୟକାରୀ ହେବା ନେଇ ଘୋଷଣା କରାଯାଇଛି। ଶଟ୍‌ଡାଉନ୍ ସମୟରେ ବିଭାଗ ଦ୍ୱାରା ମାର୍ଚ୍ଚ ୨୭ ଓ ୩୦ ତାରିଖ ଏବଂ ବିଭିନ୍ନ ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ।

### ରବିବାର ରାତି ୯ଟାରେ ଦୀପ...

ଘଣ୍ଟା ଓ ଥାଳି ବାଡେଇ ଓ ତାଳି ମାରି କରୋନା ବିରୋଧରେ ଲଢ଼େଇ କରୁଥିବା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ସେହି ସମୟରେ ଘଣ୍ଟ, ଘଣ୍ଟା ବାଡେଇବା ପାଇଁ ଅନେକ ସ୍ଥାନରେ ବହୁସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି, ଲକ୍‌ଡାଉନ ବେଳେ ଲୋକମାନଙ୍କୁ ଘରେ ରହିବାକୁ ପଡୁଥିବାରୁ ଅନେକ ଏକାକୀ ଅନୁଭବ କରୁଛନ୍ତି। ତେବେ ସେମାନେ ଅନୁଭବ କରିବା ଆବଶ୍ୟକ ଯେ, କରୋନା ବିରୋଧୀ ଲଢ଼େଇରେ ୧୩୦ କୋଟି ଭାରତୀୟଙ୍କର ମିଳିତ ଶକ୍ତି ସେମାନଙ୍କ ପଛରେ ରହିଛି। ଲୋକମାନେ ବିଦ୍ୟୁତ ଆଲୋକ ବନ୍ଦ କରି ସେମାନଙ୍କ ଘର ଦୁଆରେ ଏକସଙ୍ଗେ ଦୀପ ଜଳାଇବା ବା ଟର୍ଚ୍ଚ ଲାଇଟ କିମ୍ବା ମୋବାଇଲ ଫ୍ଲାସ୍ ଲାଇଟ ଜଳାଇବା ଦ୍ୱାରା ଆମେ ସମସ୍ତେ ଏକ ମିଳିତ ସମସ୍ୟାର ସମାଧାନ ଲାଗି ଲଢ଼େଇ କରିବାରେ ଏହି ଆଲୋକ ମହାଶକ୍ତି ଭାବେ ପ୍ରତୀୟମାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଉଜ୍ଜ୍ୱଳତାରେ ଆମେ ଏକା ନୋହୁ ବୋଲି ଅନୁଭବ କରିପାରିବା। ଏଥିସହିତ ସାମାଜିକ ଦୂରତ୍ୱର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଏହା ସୁନିଶ୍ଚିତ ସମାଧାନ ବୋଲି ସେ କହିଛନ୍ତି।

### ଘରୁ ଗୋଡ଼ କାଢ଼ିଲେ...

କରାଯାଇଥିବାବେଳେ ପିସିଆର ଭ୍ୟାନ୍ ଓ ଥାନା ଭ୍ୟାନ୍ ସଂଖ୍ୟା ମଧ ବଢ଼ାଇ ଦିଆଯାଇଛି। ଏସବୁ ଗାଡ଼ିରେ ପୋଲିସ ଅଧିକାରୀ ଓ କର୍ମଚାରୀ ସହରରେ ନିୟମିତ ପାଟ୍ରୋଲିଂ କରିବା ସହ ସ୍ଥିତି ଉପରେ କଡ଼ା ନଜର ରଖିବେ। ଯଦି କେହି ନିୟମ ନ ମାନି ଘରୁ ବାହାରକୁ ଗୋଡ଼ କାଢନ୍ତି, ତେବେ ତାଙ୍କୁ ଧରି ନିଆଯାଇ ସିଧା ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏପରି କି ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେହିଭଳି ଗଣମାଧ୍ୟମ ଓ ହସ୍ପିଟାଲ ଉପରେ ମଧ କଟକଣା ଜାରି କରାଯାଇଛି।

ହସ୍ପିଟାଲରେ ଓପିଡି ବନ୍ଦ ରହିବା ସହ କେବଳ ଜରୁରୀକାଳୀନ ଚିକିତ୍ସା ସେବା ଜାରି ରହିବ। ସମସ୍ତ ହସ୍ପିଟାଲ ଓ କ୍ଲିନିକ୍‌କୁ ସାନିଟାଇଜ କରିବାକୁ କୁହାଯାଇଛି। ଅତ୍ୟାବଶ୍ୟକ ସ୍ଥଳରେ ଜରୁରୀ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ପାରିବ। ହସ୍ପିଟାଲ କର୍ମଚାରୀ ଓ ଡାକ୍ତର ନିଜର ପରିଚୟପତ୍ର ଦେଖାଇ ଯାଇପାରିବେ। ୧୦୮ ଆମ୍ବୁଲାନ୍ସ ଓ ଅନ୍ୟ ଘରୋଇ ଆମ୍ବୁଲାନ୍ସ ଚଳାଚଳକୁ ଅନୁମତି ରହିଥିବା ସେ କହିଛନ୍ତି।

## ବିଦ୍ୟୁତ୍ ତାର ଲାଗି ଯୁବକ ଗୁରୁତର

କଣିହାଁ,୩।୪(ଡି.ଏନ.ଏ.)-କଣିହାଁ ବ୍ଲକ ଟୋଲକବେଡା ଗ୍ରାମରେ ରହି କାମ କରୁଥିବା ପାଲଲହଡ଼ା ପରାଛାଟ ଗ୍ରାମର କାଳନ୍ଦିଚରଣ ସାହୁ ଗୁରୁବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ସେ ଶୌଚ ପାଇଁ ଯାଉଥିବା ବେଳେ ବୁରୁବାହଳ ମନ୍ଦିରଠାରୁ ୨ ମିଟର ଦୂରରେ ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ରକ୍ଷା କରୁନାହାନ୍ତି ସାମାଜିକ ଦୂରତ୍ୱ

■ ଏକାଠି ହୋଇ ଖେଳୁଛନ୍ତି ତାସ୍

ନିରାକାରପୁର,୩।୪(ଡି.ଏନ୍.ଏ.): କରୋନା ଭୟାବହତାକୁ ଦୃଷ୍ଟିରେ ରଖି ସରକାର ଲକ୍‌ଡାଉନ ନିୟମକୁ କଡାକଡି କରିଛନ୍ତି। ଏହା ସହ ସାମାଜିକ ଦୂରତା ବଜାୟ ରଖିବାକୁ ନିବେଦନ କରିଛନ୍ତି। କିନ୍ତୁ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ଅଧିକାଂଶ ଲୋକ ଏହି ନିୟମ ପାଳନ କରୁନାହାନ୍ତି। ଗୋଟିଏ ଜାଗାରେ ୧୦ରୁ ୨୦ ଜଣ ଲେଖାଏ ବସି ତାସ ଖେଳୁଥିବା ଦେଖାଯାଉଛି। ପୁଣି ଖେଳ ଦେଖିବାକୁ ସେଠାରେ ଅଧିକ ଲୋକ ରୁଣ୍ଡ ହେଉଛନ୍ତି। ଏଭଳି ଦୃଶ୍ୟ ନିରାକାରପୁର, ଡିଆ, ରାମେଶ୍ୱର, ମଳିପଡା, ଗୋଡିପଡା, ଜଙ୍କିଆ, ଛଣଗିର, ଅଚ୍ୟୁତପୁର, ସରପାରି, ବଡପୋଖରିଆ, ଟାଙ୍ଗୋଳ, ହରିପୁର, ଲେଣ୍ଡୋ, ହଜ, ସିକୋ ଅଞ୍ଚଳରେ ଦେଖିବାକୁ ମିଳୁଛି। ପୁଣି ପୋଲିସ ଗାଁ ଭିତରେ ପଶିବା ଭୟରେ ଲୋକେ ଗାଁ ମୁଣ୍ଡରେ ବାଉଁଶ ପକାଇ ଅବରୋଧ କରିଛନ୍ତି। ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଗାଁ ଗହଳିରେ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଅଧିକାଂଶ ଦୋକାନ ଖୋଲାରହୁଛି। ପାନ ଓ ଚା’ ଦୋକାନ ବି ଏଥିରୁ ବାଦ୍ ପଡୁନି। ଏହା ଉପରେ ରୋକ୍ ନ ଲାଗିଲେ କରୋନା ଭାଇରସ୍ ସଂକ୍ରମଣ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ନିରାକାରପୁର ଥାନା ଏଏସ୍‌ଆଇ ଶରତ ପାଇକରାୟଙ୍କୁ ପଚାରିବାରୁ ସେ କହିଥିଲେ, ଖବର ପାଇ କିଛି ଗ୍ରାମରେ ଶୁକ୍ରବାର ଚଢାଉ କରିଥିଲୁ ଏବଂ ଏଭଳି ଚଢାଉ ଜାରି ରହିବ।

# ୧୩୧ ନିର୍ବାଚନମଣ୍ଡଳୀରେ ଗରିବଙ୍କୁ ଖାଦ୍ୟ ବାଣ୍ଟିଲା ଭାଜପା

ଭୁବନେଶ୍ୱର, ୩।୪(ବ୍ୟୁରୋ):ହଇଜା ମହାମାରୀ ସମୟରେ ଯେପରି ଉତ୍କଳମଣି ଗୋପବନ୍ଧୁ ଦାସ ପୀଡ଼ିତ ଲୋକମାନଙ୍କ ସେବା କରିବା ଏବଂ ବନ୍ୟା ସମୟରେ ନିଜ ସ୍ୱାର୍ଥ କଥା ଭୁଲି ବିପନ୍ନ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ, ଠିକ୍ ସେହିପରି କରୋନା ଭଳି ଏକ ମହାମାରୀର ମୁକାବିଲା କରିବା ପାଇଁ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଃସ୍ୱ ଗରିବ ଅସହାୟଙ୍କ ପାଖରେ ଖାଦ୍ୟ ପହଞ୍ଚାଇବାକୁ ଭାଜପାର ହଜାର ହଜାର କାର୍ଯ୍ୟକର୍ତ୍ତା ସଂକଳ୍ପ ନେଇଛନ୍ତି। କେନ୍ଦ୍ରମନ୍ତ୍ରୀ, ରାଜ୍ୟ ଓ ଜିଲା ସଭାପତି, ବିଧାୟିକା, ବିଧାୟକ, ରାଜ୍ୟ ଓ ଜିଲା ପଦାଧିକାରୀଙ୍କ ସମେତ ହଜାର ହଜାର ସଂଖ୍ୟାରେ କାର୍ଯ୍ୟକର୍ତ୍ତା ସେବା ମନୋଭାବକୁ ବ୍ରତକରି ଦିନରାତି ସେବା ଯୋଗାଇ ଚାଲିଛନ୍ତି। ମହାମାରୀ କରୋନାରୁ ରକ୍ଷାପାଇବା ପାଇଁ ସାମାଜିକ ଦୂରତ୍ୱ ଏକମାତ୍ର ବିକଳ୍ପ ହୋଇଥିବା କାରଣରୁ ରାଜ୍ୟ ସମେତ ଦେଶବ୍ୟାପୀ ୨୧ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା ହୋଇଛି । ଏହି ସମୟରେ ‘ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା’ କାର୍ଯ୍ୟକ୍ରମ ଜରିଆରେ ସାମାଜିକ ଦୂରତ୍ୱ ବଜାୟ ରଖି ରାଜ୍ୟରେ ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗରିବ, ଦିନମଜୁରିଆ, ଦୁଃଖୀରଙ୍କୀ ତଥା ଅଭାବୀ ଲୋକଙ୍କ ପାଖରେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ରାଶନ ସାମଗ୍ରୀ, ଔଷଧ, ସାନିଟାଇଜର, ମାସ୍କ ଆଦି ନିତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୩୧ଟି ବିଧାନସଭା ନିର୍ବାଚନମଣ୍ଡଳୀ, ୨୭୭ ବ୍ଲକ ଓ ପୌରପାଳିକାରେ ବାସ କରୁଥିବା ୫୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଏବଂ ୨୩ହଜାରରୁ ଊର୍ଦ୍ଧ୍ୱଙ୍କୁ ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି ।

# କାର୍ଯ୍ୟରେ ଯୋଗଦେଲେ ବିଧାନସଭା ଡିସ୍‌ପେନ୍ସାରୀ ଡାକ୍ତର

ଭୁବନେଶ୍ୱର,୩।୪(ବ୍ୟୁରୋ)-ଚାକିରିରୁ ନିଲମ୍ବିତ ହୋଇଥିବା ବିଧାନସଭା ଜୋନାଲ ଡିସପେନସାରୀ ମେଡିକାଲ ଅଫିସର ଲଳିତ ବେହେରାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରାଜ୍ୟରେ ତୃତୀୟ କରୋନା ଭୂତାଣୁ (କୋଭିଡ-୧୯) ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ମାର୍ଚ୍ଚ ୨୭ ତାରିଖରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ମାର୍ଚ୍ଚ ୧୬ ତାରିଖରେ କରୋନା ଆକ୍ରାନ୍ତ ରୋଗୀ ବିଧାନସଭା ଡିସପେନସାରୀକୁ ଯାଇଥିଲେ। ଏ ନେଇ ବେହେରା କୌଣସି ସତର୍କତାମୂଳକ ପଦକ୍ଷେପ ନେଇ ନ ଥିଲେ। ଫଳରେ ରୋଗୀ ବିଭିନ୍ନ ଡାକ୍ତରଖାନାକୁ ଚାଲି ଯାଇଥିଲେ। ତାଙ୍କ ଠାରେ କରୋନା ପଜିଟିଭି ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

# ଅସହାୟଙ୍କୁ ଖାଦ୍ୟ ବାଣ୍ଟିଲା ପୋଲିସ

ଅନୁଗୋଳ ଅଫିସ, ୩।୪

ଅନୁଗୋଳ ସହରର ଅସହାୟ ଓ ଦିନ ମଜୁରିଆଙ୍କୁ ପୋଲିସ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରେ ଥିବା ୫୦ରୁ ଊର୍ଦ୍ଧ୍ୱ ଅସହାୟଙ୍କୁ ଖାଦ୍ୟ ପୁଡ଼ିଆ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ଯେପରି ଖାଦ୍ୟ ମିଳିପାରିବ ସେ ନେଇ ଉତ୍ତରକେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ତଦାରଖ କରୁଛନ୍ତି। ଆଇଜି ଭୋଳ କହିଛନ୍ତି, ଏବେ ଅସହାୟ ଲୋକଙ୍କ ପାଇଁ ସଙ୍କଟର ସମୟ। ତେଣୁ ପୋଲିସ ସେମାନଙ୍କ ନିକଟରେ ଛିଡ଼ା ହୋଇ ଖାଦ୍ୟ ବଣ୍ଟନ କରୁଛି। ଏପରି କି ଯେଉଁ ଅନୁଷ୍ଠାନ ଓ ସାମାଜିକ କର୍ମୀମାନେ ଖାଦ୍ୟ ବଣ୍ଟନ କରିପାରୁନାହାନ୍ତି ସେମାନଙ୍କ ନିକଟରୁ ପୋଲିସ ଖାଦ୍ୟ ସଂଗ୍ରହ କରି ଲୋକଙ୍କ ନିକଟରେ ପହଞ୍ଚାଉଥିବା ଆଇଜି ପ୍ରକାଶ କରିଛନ୍ତି।





## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱଗୃହୀ ଚନ୍ଦ୍ର ପ୍ରଭାବରେ ଘରର ଅଟକି ରହିଥିବା କେତେକ କାମକୁ ସମ୍ପନ୍ନ କରିବା ସକାଶେ ତତ୍ପର ରହିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେଇପାରନ୍ତି । ସ୍ୱାସ୍ଥ୍ୟରେ ସାମାନ୍ୟ ବତିକ୍ରମ ଦେଖା ଦେଇପାରେ। ସଙ୍ଗୀତ ଓ ଚଳଚ୍ଚିତ୍ର ଦର୍ଶନରୁ ଆନନ୍ଦ ଉପଭୋଗ କରିବେ।

**ବୃଷ** ତୃତୀୟାଧିପଙ୍କ ଶୁଭତ୍ୱ କାରଣରୁ ବନ୍ଧୁମାନଙ୍କ ପରାମର୍ଶ ଅନୁଯାୟୀ ହଠାତ୍ ନୂତନ ଯୋଜା ଆରମ୍ଭ କରିପାରନ୍ତି । ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବହୁତଗୁଡିଏ କାମ ହାତକୁ ନେବା ଦ୍ୱାରା ଟେନସନ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ,ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ମିଥୁନ** ସ୍ୱଗୃହୀ ମୁଖାଧିପତି ହେତୁ ଶ୍ରୁତିମଧୁର କଥା କହି ପରକୁ ଆପଣାର କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ କିନ୍ତୁ ପରିବାରରେ ବିବାଦୀୟ ପରିସ୍ଥିତିର ସୂଚନା ରହିଛି । ସାମାଜିକ ଓ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ସରକାରୀ କ୍ଷେତ୍ରରୁ ଉପକୃତ ହେବେ ।

**କର୍କଟ** ଚନ୍ଦ୍ର ଏକାଧିକ ପାପଗ୍ରହ ଦୃଷ୍ଟି ପଥାରୂଢ କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ । ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ । ହାତକୁ ନେଇଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବାରେ ସମ୍ପର୍କୀୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ । ଶିଳ୍ପ, ବାଣିଜ୍ୟରେ ସଫଳତା ହାସଲ କରିବେ ।

**ସିଂହ** ଶନି ସହ ମଙ୍ଗଳଙ୍କ ସଂଯୋଗ କାରଣରୁ କର୍ମକ୍ଷେତ୍ରରେ ଉଚ୍ଚ ଆଶା କରି ନିରାଶ ହେବେ । ପାରସ୍ପରିକ ମତଭେଦ କାରଣରୁ ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ । ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡା ହୋଇପାରେ । ବହୁତ ଦିନହେଲା ସ୍ଥଗିତ କାମ ସକାଶେ ମନସ୍ତାପ କରିପାରନ୍ତି ।

**କନ୍ୟା** ଏକାଧିକଗ୍ରହଙ୍କ ସମାବେଶରୁ ପରିବାରରେ ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହୋଇ ପାରନ୍ତି । ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । ବନ୍ଧୁ ମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି । ବ୍ୟବସାୟ କିମ୍ବା ପରିବହନରେ ଝଗଡା ଲାଗିପାରେ ।

**ତୁଳା** ବିଭିନ୍ନ ଯୋଜନାର ଯେଉଁ କାମ ହାତକୁ ନେବେ ସେହି ଦିଗରେ ଶନିଙ୍କ ପ୍ରଭାବରେ ବିଜାତୀୟବ୍ୟକ୍ତିଙ୍କ ସାହାଯ୍ୟ,ସହଯୋଗ ବିଶେଷଭାବେ ରହିବ । ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ ଅଟକିବ ନାହିଁ । ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ ।

**ବିଛା** ଚନ୍ଦ୍ରଙ୍କ ପ୍ରଭାବରେ ଭାବ ପ୍ରବଣତାରେ ଭାସିଯାଇ ଆପଣଙ୍କର କୌଣସି ମନ୍ତବ୍ୟକୁ ବନ୍ଧୁ ନାପସନ୍ଦ କରିପାରନ୍ତି । କାର୍ଯ୍ୟହାନି କାରଣରୁ ମାନସିକସ୍ଥିତି କେତେକାଂଶରେ ଠିକ୍ ରହି ନ ପାରେ । ବ୍ୟବସାୟ କ୍ଷେତ୍ରରେ ଅର୍ଥାତ୍ କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି । ପୁରୁଣା କଥାରୁ ଓଲଟା ଫଳ ପାଇବେ ।

**ଧନୁ** କର୍ମାଧିପତିଙ୍କ ଶୁଭତ୍ୱ ଏକାଧାରରେ ପରିବାର ଓ କର୍ମକ୍ଷେତ୍ରକୁ ଶୃଙ୍ଖଳିତ କରିରଖିବ । କିନ୍ତୁ ମାନସିକ ଦୁଶ୍ଚିନ୍ତା ବଢିଯିବା ଦ୍ୱାରା କାମଗୁଡିକ ମଧ ଶୃଙ୍ଖଳିତ ହେବ ନାହିଁ । ବୃହସ୍ପତି ନୀଚଭାବରେ ବଳହୀନ ହୋଇଥିବାରୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଆପଣଙ୍କୁ ବହୁମୂଲ୍ୟ ଦେବାକୁ ପଡିପାରେ ।

**ମକର** ଆଜି ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । କିନ୍ତୁ ଆତ୍ମୀୟ ମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରି ପାରନ୍ତି । ଦୀର୍ଘଦିନରୁ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ପିଲାଙ୍କ ଆଚରଣଗତ ତ୍ରୁଟିରୁ ସମସ୍ୟା ଆସିବା ଦ୍ୱାରା କଷ୍ଟ ପାଇବେ ।

**କୁମ୍ଭ** ସାଧାରଣ କଥାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି, ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ କିନ୍ତୁ ବାଧା,ବିଘ୍ନ ଓ ପ୍ରତିବନ୍ଧକ ଲାଗିରହିବ । ଅର୍ଥସମ୍ପର୍କକୁ କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ । ପର କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି ।

**ମୀନ** ଅପ୍ରିୟ ସତ୍ୟଭାଷଣରୁ କର୍ମକ୍ଷେତ୍ରରେ ସମସ୍ୟାରେ ପଡ଼ି ଅପଦସ୍ଥ ହୋଇପାରନ୍ତି । ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ଚେଷ୍ଟା କଲେ ସଫଳତା ହାସଲ କରିପାରିବେ । ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି । ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ ।

ଆଜି ଚୈତ୍ର ଶୁକ୍ଳପକ୍ଷର ରାମାନୁଜ ଭିନ୍ନ ସର୍ବସମ୍ମତ କାମଦା ଏକାଦଶୀ ଶନିବାର , ତା ୪।୪।୨୦୨୦ରିଖ ଶ୍ରୀମନ୍ଦିରରେ ସୀତାବିବାହ,ରାଶି ନକ୍ଷତ୍ର-ଅଶ୍ଳେଷା । କର୍କଟ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଦିବା ଘ.୦୯.୪୬ମି. ଗତେ ଘ.୦୧.୦୩ମି. ମଧ୍ୟେ, ରାତ୍ରି ଘ.୦୮.୧୮ମି.ଗତେ ଘ.୧୦.୩୯ମି. ମଧ୍ୟେ, ରାତ୍ରି ଘ.୧୨.୧୨ମି.ଗତେ ଘ.୦୧.୪୬ମି. ମଧ୍ୟେ,ରାତ୍ରି ଘ.୦୨.୩୩ମି.ଗତେ ଘ.୦୪.୦୬ମି.ମଧ୍ୟେ ଅମୃତ ବେଳା । ମାହେନ୍ଦ୍ର ବେଳା ନାସ୍ତି । ଦିବା ଘ.୦୮.୪୫ମି ଗତେ ଘ.୧୦.୧୭ମି ମଧ୍ୟେ ରାହୁକାଳ ।

# ଟୁଲିପ୍ ଗାର୍ଡେନ୍‌କୁ ୧୦୦ କୋଟି କ୍ଷତି



**ଶ୍ରୀନଗର:** ଆସିଛି ଋତୁରାଜ ବସନ୍ତ। ଆଣିଛି ଫୁଲର ସମ୍ଭାର। ହେଲେ କରୋନାକୁ ନେଇ ଯେଉଁଠି ବିଶ୍ୱବ୍ୟାପୀ ହାହାକାର ପରିସ୍ଥିତି ସେଠି ବସନ୍ତ ଆଉ ଫୁଲକୁ ପଚାରେ କିଏ, ଯାହାକି ବିଶେଷ ଭାବେ ବାରି ହୋଇପଡ଼ିଛି ଜମ୍ମୁ-କଶ୍ମୀରରେ ଥିବା ଏସିଆର ସର୍ବବୃହତ୍ ଟୁଲିପ୍ ଗାର୍ଡେନ୍‌ରୁ। ସାଧାରଣତଃ ମାର୍ଚ୍ଚ-ଏପ୍ରିଲ ମାସରେ ଏହି ଟୁଲିପ୍ ଗାର୍ଡେନ ନିଜର ସୁନ୍ଦରତା ପାଇଁ ପାଲଟିଥାଏ ଲକ୍ଷାଧିକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ହେଲେ କରୋନା ଭୂତାଣୁ ଟୁଲିପ୍ ଫୁଲର ରଙ୍ଗକୁ ସତେ ଯେମିତି ଫିକା କରିଦେଇଛି।

ପ୍ରସିଦ୍ଧ ଡାଲ ହ୍ରଦ ତଟରେ ଅବସ୍ଥିତ ଏହି ଟୁଲିପ୍ ଗାର୍ଡେନରେ ୧୨ ଲକ୍ଷ ଟୁଲିପ୍ ପ୍ରଦର୍ଶନ ଲାଗି ପ୍ରସ୍ତୁତ ଥିଲା। ୨୭ ମାର୍ଚ୍ଚରେ ଏହି ଗାର୍ଡେନ ପର୍ଯ୍ୟଟକଙ୍କ ଲାଗି ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ କୋଭିଡ୍-୧୯ର ଆତଙ୍କ ଲାଗି ଏବେ ସବୁ କିଛି ଫିକା ପଡ଼ିଯାଇଛି। ସେମିତିରେ ୩୭୦ ଧାରା ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଏଠାକାର ପର୍ଯ୍ୟଟନ ଶିଳ୍ପକୁ ଦୋହଲାଇ ଦେଇଛି। ଏବେ ପରିସ୍ଥିତି ସ୍ୱାଭାବିକ ହୋଇ ଆସୁଥିବାବେଳେ ପୁଣି ପଡ଼ିଛି କରୋନା ଚଡ଼କ। ଗାର୍ଡେନ ବନ୍ଦ ହୋଇଯିବା ପରେ ପର୍ଯ୍ୟଟନ ଶିଳ୍ପ ଆହୁରି ରୁଗ୍ଣ ହୋଇଯିବା ଆଶଙ୍କା ଦୃଢ଼ୀଭୂତ ହୋଇଛି। ଟୁଲିପ୍ ଗାର୍ଡେନ ଏବଂ ଏହା ସହ ସମ୍ପର୍କିତ କ୍ଷେତ୍ରରୁ ଆନୁମାନିକ ୧୦୦ କୋଟି ଟଙ୍କା ଆଦାୟ ହୋଇଥାଏ। ଟୁଲିପ୍ ବଗିଚାର ଦେଖାରଖା କରିବାରେ ପାଖାପାଖି ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୩୦ ଦିନ ଯାଏ ବଗିଚା ଖୋଲା ରଖିବାକୁ ଯୋଜନା କରାଯାଇଥିଲା, ଯେଉଁଥିରୁ କୋଟି କୋଟି ଟଙ୍କା ଆଦାୟ ହୋଇଥାନ୍ତା। ତେବେ ଚଳିତବର୍ଷ କରୋନା ପାଇଁ ଟୁଲିପ୍ ବଗିଚା ସହ ଜଡ଼ିତ ହାଉସ୍ ବୋଟ ମାଲିକ, ହୋଟେଲ ବ୍ୟବସାୟୀ ପ୍ରଭୃତ କ୍ଷତି ସହିବେ।

ଏ ନେଇ ଫ୍ଲୋରିକଲ୍‌ଚର ଅଫିସର ଶାୟକ ରସୁଲ କୁହନ୍ତି, ଟୁଲିପ୍ ଗାର୍ଡେନ୍ ଖୋଲିବା ଲାଗି ପୂର୍ବରୁ ସବୁ ପ୍ରସ୍ତୁତି ଶେଷ ହୋଇଥିଲା। ଗତବର୍ଷ ୨.୫ ଲକ୍ଷ ପର୍ଯ୍ୟଟକ ଆସିଥିବାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୩ ଲକ୍ଷ ଟପିବ ବୋଲି ବିଶ୍ୱାସ କରାଯାଉଥିଲା। ଏବେ ସାରା ପୃଥିବୀରେ କରୋନା ଭୂତାଣୁ ସଂକ୍ରମଣକୁ ନେଇ ଆତଙ୍କ ଲାଗି ରହିଛି। ଏହାର ପ୍ରଭାବରେ ପର୍ଯ୍ୟଟନ କ୍ଷେତ୍ର ଗଭୀର ଭାବେ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।

## ଲକ୍‌ଡାଉନ୍ ବେଳେ ମୟୂର ନାଚ

**ନୂଆଦିଲ୍ଲୀ:** ସାରା ଦେଶ ଏବେ ଲକ୍‌ଡାଉନ୍। ଏଥିପାଇଁ ପ୍ରକୃତିର ବିଭିନ୍ନ ରୂପକୁ ଦେଖିବାକୁ ପାଉଛନ୍ତି ଲୋକେ। ରାସ୍ତାଘାଟରେ ଲୋକଙ୍କର ଚଳପ୍ରଚଳ ନଥିବାରୁ ଏବେ ଜଙ୍ଗଲୀ ଜୀବଜନ୍ତୁଙ୍କର ସହର ଭିତରକୁ ଅବାଧ ପ୍ରବେଶ ହେବାରେ ଲାଗିଛି। କେଉଁଠି ନୀଳଗାଈ ରାସ୍ତା ଉପରେ ବିଚରଣ କରୁଛନ୍ତି ତ କେଉଁଠି ଅନ୍ୟ କେତେପ୍ରକାରର ପ୍ରାଣୀ ନିଃସଙ୍କୋଚରେ



ରାଜରାସ୍ତାରେ ବୁଲୁଛନ୍ତି। ଠିକ୍ ଏମିତି ଏକ ଦୃଶ୍ୟ ଏବେ ଦେଖିବାକୁ ମିଳିଛି ମୁମ୍ବାଇ ରାଜରାସ୍ତାରେ। ଲକ୍‌ଡାଉନ୍ ଯୋଗୁଁ ମୁମ୍ବାଇ ଶୂନ୍‌ଶାନ୍ ହୋଇପଡ଼ି ଥିବାରୁ ମୟୂରମାନେ ଆସି ରାସ୍ତା ଉପରେ ବେଶ୍ ସୁନ୍ଦରଭାବେ ନାଚ କରୁଛନ୍ତି। ଏମିତି ଏକ ଦୃଶ୍ୟ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ମୁମ୍ବାଇର ଜଣେ ଫଟୋଗ୍ରାଫର ନିକଟରେ ଏଭଳି ଏକ ଭିଜୁଆଲକୁ ଶେୟାର କରିବା ପରେ କଥା ଜଣାପଡ଼ିଛି। ତେବେ ସୋସିଆଲ୍ ମିଡିଆରେ ଏହି ଫଟୋ ଭାଇରାଲ ହେବା ପରେ ପ୍ରାଣୀମାନଙ୍କ ଅବସ୍ଥାକୁ ନେଇ ଅନେକେ ଚିନ୍ତା ପ୍ରକଟ କରିଛନ୍ତି। ମଣିଷ ସମାଜ ଯେ ପ୍ରାଣୀମାନଙ୍କର ସ୍ଥାନ ନେଇ ସାରିଛି ଏକଥାକୁ ଅନେକେ ପ୍ରକାଶ କରିଛନ୍ତି।

## ଲକ୍ଷେ ଟଙ୍କା ଦାନକଲେ ୮୨ ବର୍ଷୀୟ ମହିଳା



ଭୋପାଳ: କରୋନାର ଭୟାବହତାକୁ ନେଇ ଏବେ ସବୁଆଡ଼େ ଚିନ୍ତା। ଏଭଳି ଏକ ସମୟରେ ଅନେକଙ୍କ ପାଖରେ କାମ ନାହିଁ କି ଖାଇବାକୁ ଗଣ୍ଡେ ନାହିଁ। ଏହା ସହିତ କିଛି କରିବାର ଉପାୟ ବି ନାହିଁ। ତେଣୁ ଏତିକି ବେଳେ ଗରିବ ନିରାଶ୍ରୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବହୁ ଲୋକ ଆଗେଇ ଆସୁଛନ୍ତି। ତେବେ ଏମିତି ଏକ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ୮୨ ବର୍ଷର ଜଣେ ମହିଳା। ମଧ୍ୟପ୍ରଦେଶର ବିଦିଶା ସହରର ଶାଲ୍‌ଭା ଉଶ୍‌କାର ନାମକ ଜଣେ ବୃଦ୍ଧା ତାଙ୍କ ପେନସନ୍ ଫଣ୍ଡ୍‌ରୁ ରାଜ୍ୟ ସରକାରଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଶାଲ୍‌ଭା ହେଉଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ। ଲକ୍‌ଡାଉନରେ ଲୋକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବର ଦେଖିବା ପରେ ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଏହି ଅର୍ଥ ଦାନକରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଶାଲ୍‌ଭାଙ୍କ ଏଭଳି ଏକ ନିଷ୍ପତ୍ତିକୁ ଏବେ ବିଭିନ୍ନ ସ୍ତରରେ ପ୍ରଶଂସା କରାଯାଇଛି। ଏମିତିକି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମଧ ଶାଲ୍‌ଭାଙ୍କ ଭିଡିଓ ସେୟାର କରି ତାଙ୍କୁ ପ୍ରଶଂସା କରିଛନ୍ତି। ତାଙ୍କର ଏଭଳି ଉଦ୍ୟମ କରୋନା ପରିସ୍ଥିତି ସହ ଲଢ଼ିବା ପାଇଁ ସାହସ ଯୋଗାଇବ ବୋଲି ସେ କହିଛନ୍ତି।

## ସହରିଆଙ୍କୁ ଗାଁ ମନା

ଗୋରଖପୁର: କାମ ପାଇଁ ହେଉ କି ଅନ୍ୟ କାହା ପାଖକୁ ବୁଲିବା ଉଦ୍ଦେଶ୍ୟରେ ହେଉ ଗାଁ ଛାଡ଼ି ଯେଉଁମାନେ ସହରକୁ ଯାଇଥିଲେ ସେମାନଙ୍କୁ ଗାଁରେ ପୂରାଇ ଦିଆଯିବ ନାହିଁ। ଏମିତି ଏକ ନିଷ୍ପତ୍ତି ନେଇଛନ୍ତି ଉତ୍ତରପ୍ରଦେଶ ଗୋରଖପୁରର ଲୋକେ। କରୋନା ଭାଇରସ୍ ନେଇ ଗାଁ ଲୋକେ ସଚେତନ ହୋଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଗାଁର ଯୁବକମାନେ ଏବେ ଗାଁ ମୁଣ୍ଡରେ ଜଗି ରହିଛନ୍ତି। ଗାଁକୁ ଫେରୁଥିବା କୌଣସି ଲୋକଙ୍କୁ ଗାଁ ଭିତରକୁ ଯିବାକୁ ଅନୁମତି ଦିଆଯାଉ ନାହିଁ। ଏମିତିକି ସେମାନଙ୍କ ପରିବାର ଲୋକଙ୍କ ସହ ଦେଖା କରିବାକୁ ବି ସୁଯୋଗ ଦିଆଯାଉ ନାହିଁ। ଗାଁ ମୁଣ୍ଡରେ ସେମାନଙ୍କୁ ପ୍ରଥମେ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖାଯିବାକୁ ନିଷ୍ପତ୍ତି ନିଆଯାଉଛି। ଏହାପରେ ସେମାନଙ୍କୁ ଗାଁ ଭିତରକୁ ଯିବାକୁ ଅନୁମତି ମିଳିବ। ପ୍ରଶାସନର ସହଯୋଗରେ ସହରରୁ ଫେରୁଥିବା ଲୋକଙ୍କ ପାଇଁ ରହିବା ଖାଇବାର ସମସ୍ତ ସୁବିଧା କରାଯାଇଛି। ଗାଁର କୌଣସି ଲୋକଙ୍କୁ ଯେପରି କରୋନା ସଂକ୍ରମଣ ନ ହେବ ସେଥିପାଇଁ ଏପରି ପଦକ୍ଷେପ ନିଆଯାଇଛି।






## ଗୀତର ଶୁଟିଂ ସମୟରେ ଅସୁବିଧାରେ ପଡ଼ିଥିଲେ ରବୀନା

ମୁମ୍ବାଇ: ୧୯୯୪ରେ ରିଲିଜ ହୋଇଥିବା ଫିଲ୍ମ 'ମୋହରା' ସମସ୍ତ ଦର୍ଶକଙ୍କ ନିଶ୍ଚିତ ମନେଥିବ। ଏହି ଫିଲ୍ମରେ ରବୀନା ଟଣ୍ଡନ ଏବଂ ଅକ୍ଷୟ କୁମାର ଜବରଦସ୍ତ ଅଭିନୟ କରିଥିଲେ। ଫିଲ୍ମରେ ରବୀନାଙ୍କୁ ଦର୍ଶକେ ବହୁ ପସନ୍ଦ କରିଥିଲେ। ଏହି ଫିଲ୍ମର ଏକ ଗୀତ ଆଜି ବି ବେଶ୍ ଲୋକପ୍ରିୟ। ଗୀତଟି ହେଲା 'ଟିପି ଟିପି ବରଷା ପାନି'। ଗୀତଟି ରବୀନା ଏବଂ ଅକ୍ଷୟ କୁମାରଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲା। କିନ୍ତୁ ଏହି ଗୀତର ଶୁଟିଂ ସମୟରେ ରବୀନା ବହୁ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ସଫଳତା ପାଇଥିଲେ। ଏକ ସାକ୍ଷାତକାରରେ ରବୀନା କହିଛନ୍ତି, ଗୀତର ଶୁଟିଂ ସମୟରେ ତାଙ୍କୁ ବହୁତ କଷ୍ଟ ହୋଇଥିଲା। ୪ ଦିନ ଧରି ଗୀତର ଶୁଟିଂ ହୋଇଥିଲା। ଏହା ଏକ କନ୍‌ଷ୍ଟ୍ରକ୍‌ଶନ ସାଇଟ ଏବଂ ପାହାଡ଼ ଉପରେ ଶୁଟିଂ କରାଯାଇଥିଲା। ତାଙ୍କୁ ଜ୍ୱର ସାଙ୍ଗକୁ ବର୍ଷାରେ ଭିଜିବାକୁ ପଡ଼ିଥିଲା। ତେଣୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯାଇଥିଲା। କିନ୍ତୁ ଫିଲ୍ମଟି ରିଲିଜ ପରେ ଗୀତଟି ଏତେ ହିଟ୍ ହୋଇଥିଲା ସେଥିରେ ସେ ସବୁ କଷ୍ଟ ଭୁଲିଯାଇଥିଲେ ବୋଲି କହିଛନ୍ତି।

## ଡଙ୍ଗା ହେଲା କ୍ୱାରାଣ୍ଟାଇନ୍ ସେଣ୍ଟର

ମାଲଦା: ସାରାଦେଶରେ ମହାମାରୀ କରୋନା ଭାଇରସ୍‌ର ପ୍ରକୋପ ବଢ଼ିବାରେ ଲାଗିଛି। ଭାରତରେ ଦିନକୁ ଦିନ କରୋନା ଜନିତ ମୃତ୍ୟୁ ସଂଖ୍ୟା ଓ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ପାଇଁ ୨୧ ଦିନିଆ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି ସମୟରେ କେତେକ ସ୍ଥାନରେ ବାହାର ରାଜ୍ୟରୁ ବା ଜିଲାରୁ ଆସୁଥିବା ଲୋକଙ୍କୁ ଗାଁରେ ପ୍ରବେଶ କରାଇବାକୁ ଦିଆଯାଉ ନ ଥିବା ଜଣାପଡ଼ିଛି। ଫଳରେ ସେମାନେ ଗାଁ ବାହାରେ ଏକ ଅସ୍ଥାୟୀ ଟେଣ୍ଟ କରି ରହୁଥିବା ଜଣାପଡ଼ିଛି। କିଛି ଏଭଳି ଘଟଣା ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର ମାଲଦାରେ। ମାଲଦାର ଜଣେ ୬୦ବର୍ଷୀୟ ବୃଦ୍ଧ ଦୀର୍ଘ ୪ଦିନ ହେଲା ଏକ ଡଙ୍ଗାରେ ଜୀବନ ବିତାଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଆଉ ତାଙ୍କୁ ଏଭଳି କରିବାକୁ ଗାଁଲୋକେ ବାଧ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନଦିଆ ଜିଲାର ନବାଦ୍ୱିପରେ ରହୁଥିବା ନିରଞ୍ଜନ ହାଲ୍‌ଦାରଙ୍କୁ କିଛିଦିନ ପୂର୍ବରୁ ଜ୍ୱର ହେବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୋଇଥିଲା। ସ୍ଥାନୀୟ ଡାକ୍ତର ତାଙ୍କୁ ଯାଞ୍ଚ କରିବା ପରେ ୧୪ ଦିନ ଯାଏ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନର୍ଦ୍ଦେଶ ଦେଇଥିଲେ। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଆଉ ତାଙ୍କୁ ଗାଁରେ ପୂରାଇ ଦେଇ ନ ଥିଲେ। ଫଳରେ ନିରଞ୍ଜନ ଦୋବାପାରା ଅଞ୍ଚଳରେ ଥିବା ଏକ ଡଙ୍ଗାରେ ୧୪ ଦିନ ଯାଏ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏହି ସମୟରେ ନିରଞ୍ଜନଙ୍କୁ ସେଠାକାର ଜଣେ ବ୍ୟକ୍ତି ସହାୟତାର ହାତ ବଢ଼ାଇଥିଲେ। ଡଙ୍ଗାରେ ତାଙ୍କ ପାଇଁ ଖାଦ୍ୟ, ପାନୀୟ ସହ ଅନ୍ୟ ଜରୁରୀ ସାମଗ୍ରୀ ମଧ୍ୟ ଯୋଗାଇ ଦେଇଥିବା ସୂଚନା ମିଳିଛି। ଏନେଇ ଜିଲାପାଳ ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି।

**ଗାଁରେ ପ୍ରବେଶ ମନା**



## ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ର, ମହିଳା

ଜଟଣୀ,୩।୪(ଡି.ଏନ୍.ଏ.)

କରୋନା ଭୂତାଣୁ ମୁକାବିଲା ନେଇ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ଅଷ୍ଟମଶ୍ରେଣୀ ଛାତ୍ର ମହେଶ ମହେନ୍ଦ୍ର ଏବଂ ସାମାଜିକ କର୍ମୀ ଗୌରୀ ସାହୁ। ଦୁହେଁ ଶୁକ୍ରବାର ଜଟଣୀ ନୂଆ ବସ୍‌ଷ୍ଟାଣ୍ଡ ଏବଂ ଗୋରୁହାଟ ଆଦି ଅଞ୍ଚଳର ଅସ୍ଥାୟୀ ପରିବା ଓ ମାଛ ମାଂସ ବିକ୍ରି ସ୍ଥାନରେ ବୁଲି ସଚେତନତା ସୃଷ୍ଟି କରିଥିଲେ। ସାମାଜିକ ଦୂରତ୍ୱ ରଖିବା ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ସୀତାରାମ ଛକରୁ ହରିଭାଇନା ଛକ ପର୍ଯ୍ୟନ୍ତ ଦୁହେଁ ଚାଲିଚାଲି ସୁରକ୍ଷିତ ରହିବା ପାଇଁ ଘରୁ ଅଯଥାରେ ବାହାରକୁ ନ ବାହାରିବା ଲାଗି ଲୋକଙ୍କୁ ବୁଝାଇଥିଲେ।




ଜଟଣୀ ବଜାରରେ ଗୌରୀ ସାହୁ ଏବଂ ମହେଶ ମହେନ୍ଦ୍ର ସଚେତନତା ସୃଷ୍ଟି କରୁଛନ୍ତି।

## ପ୍ରୋଟେକ୍ଟିଭ ଛତା



ଔରଙ୍ଗାବାଦ: କରୋନା ଭାଇରସ୍ କବଳରୁ ରକ୍ଷାପାଇବା ପାଇଁ ଲୋକେ ସଚେତନ ହେବା ଜରୁରି। ଆଉ ସାନିଟାଇଜ୍ ସହିତ ସାମାଜିକ ଦୂରତା ହିଁ ଏହି ରୋଗରୁ ରକ୍ଷା ପାଇବାର ଏକମାତ୍ର ଉପାୟ। ଏକଥାକୁ ହୃଦୟଙ୍ଗମ କରି ଲୋକେ ଅଲଗା ରହିବା ପାଇଁ ଯଥାସାଧ ଚେଷ୍ଟା ଚଳାଇଛନ୍ତି। କରୋନାରୁ ରକ୍ଷାପାଇବା ପାଇଁ ଲୋକେ ନୂଆ ନୂଆ ଉପାୟ ବି ଖୋଜିବାରେ ଲାଗିଛନ୍ତି। ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ବିହାର ଔରଙ୍ଗାବାଦ ଜିଲ୍ଲାରେ ଥିବା ଦେବହାରା ଗାଁର ବିନୀତ କୁମାର। ସେ ଏଭଳି ଏକ ପ୍ରୋଟେକ୍ଟିଭ ଛତା ତିଆରି କରିଛନ୍ତି, ଯାହାକୁ ଖୋଲିବା ମାତ୍ରେ ପୂରା ଶରୀରକୁ ସାନିଟାଇଜ୍ କରିବା ସହ କରୋନା ଭୂତାଣୁ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକିଥାଏ। ବିନୀତଙ୍କ ଏହି ଛତାଟି ଦେଖିବାକୁ ସାଧାରଣ ଛତା ପରି। କିନ୍ତୁ ଏହି ଛତା ଭିତରେ ସବୁ ପ୍ରକାରର ସୁବିଧା ରହିଛି। ଅଟୋମେଟିକ୍ ସାନିଟାଇଜ୍ ସହିତ ଏଥିରେ ହ୍ୟାଣ୍ଡୱାସ୍ ଓ ମାସ୍କର ସୁବିଧା ବି ରହିଛି। ଏକ ଭିଡିଓ ମାଧମରେ ବୀନିତ ଛତାକୁ କିପରି ଖୋଲିବ ଓ ବ୍ୟବହାର କରିବ ସେନେଇ ସୂଚନା ଦେଇଛନ୍ତି। ତେବେ ତାଙ୍କର ଏହି ଛତା ବ୍ୟବହାର କଲେ ଜଣେ ପୂରା ସୁରକ୍ଷିତ ରହିପାରିବ ବୋଲି ସେ ଦୃଢ଼ତାର ସହିତ କହିଛନ୍ତି। ଏବେ ସେ ତାଙ୍କର ଏହି ଛତା ତିଆରି ପାଇଁ ପାଟେଣ୍ଟ ନିମନ୍ତେ ସିଏସ୍‌ଆଇଆର୍ ପାଖକୁ ପଠାଇଛନ୍ତି।

## ୪୦୦କି.ମି. ସାଇକେଲ ଚଳାଇ ଗାଁକୁ ଫେରିଲେ ଯୁବକ



ପାଟନା: କରୋନା ଭାଇରସ୍‌କୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି ସମୟରେ ସମସ୍ତ ରାଜ୍ୟରେ କାମଧନ୍ଦା ବନ୍ଦ ହୋଇଯିବାରୁ ଶ୍ରମିକ ଓ ଦିନ ମଜୁରିଆଙ୍କ ପାଇଁ ଏକପ୍ରକାର ସମସ୍ୟା ସୃଷ୍ଟି ହୋଇଛି। ଲୋକଙ୍କ ପାଖରେ ପଇସା ନ ଥିବାରୁ ସେମାନେ ନିଜ ଗାଁକୁ ଫେରିଯିବାକୁ ବାଧ ହେଉଛନ୍ତି। ଏଥିପାଇଁ ଲୋକମାନେ ସାଇକେଲ୍, ରିକ୍ସା କିମ୍ବା ଚାଲି ଚାଲି ନିଜ ଘରକୁ ଯାଉଥିବାର ଦୃଶ୍ୟ ନଜର ଆସିଛି। ଇତିମଧରେ ଜଣେ ଯୁବକ ୩ ଦିନରେ ପ୍ରାୟ ୪୦୦ କିଲୋମିଟର ସାଇକେଲ ଚଳାଇ ଘରେ ପହଞ୍ଚିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବିହାରର ଗୋପାଳଗଞ୍ଜରେ ରହୁଥିବା ରାଜକୁମାର ନାମକ ଜଣ ଯୁବକ ରାଞ୍ଚିରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଲକ୍‌ଡାଉନ୍ ଯୋଗୁ ତାଙ୍କ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ପାଖରେ ପଇସା ନ ଥିବାରୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜ ଗାଁକୁ ଫେରିଯିବେ ବୋଲି ରାଜକୁମାର ଚିନ୍ତା କରିଥିଲେ। ଏହାପରେ ସେ ସାଇକେଲ୍‌ରେ ଗୋପାଳଗଞ୍ଜ ଅଭିମୁଖେ ବାହାରି ଯାଇଥିଲେ। ରାସ୍ତାରେ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ସେ ହାର ମାନି ନ ଥିଲେ। ଶେଷରେ ସବୁ ବାଧାବିଘ୍ନକୁ ପଛରେ ପକାଇ ପ୍ରାୟ ୪୦୦କିଲୋମିଟର ରାସ୍ତାକୁ ୩ ଦିନରେ ସେ ପୁରା କରିଥିଲେ ଏବଂ ସୁରକ୍ଷିତ ଭାବେ ଘରେ ପହଞ୍ଚିଥିଲେ। ତେବେ ବିଭିନ୍ନ ସ୍ଥାନରେ ପୋଲିସ ତାଙ୍କୁ ସହାୟତା କରିଥିଲା। ଖାଦ୍ୟପେୟ ଯୋଗାଇଦେବା ସହ ଗାଁରେ ପହଞ୍ଚିବା ପାଇଁ ପୋଲିସ ତାଙ୍କୁ ଯଥାସମ୍ଭବ ସାହାଯ୍ୟ କରିଥିଲା ବୋଲି ରାଜକୁମାର କହିଛନ୍ତି।

ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି । କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି । -ଶ୍ରୀମା

# କ୍ୱାରାଣ୍ଟାଇନକୁ ଲୁଚିଲେ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅନେକ ବାବୁ ଭାବନ୍ତି ଯେ,ନିୟମ ସେମାନଙ୍କ ପାଇଁ ନୁହେଁ , ତାହା କେବଳ ଅନ୍ୟମାନଙ୍କ ପାଇଁ କରାଯାଇଛି । କେରଳରେ ଜଣେ ଆଇଏଏସ୍ ଅଧିକାରୀ ବିଦେଶରୁ ଫେରିବା ପରେ ହୋମ କ୍ୱାରାଣ୍ଟାଇନରେ ରଖାଯାଇଥିଲା । ପରେ ତାଙ୍କ ଘରୋଇ ସହର କାନପୁର(ଉତ୍ତରପ୍ରଦେଶ)ରେ ତାଙ୍କୁ ଠାବ କରାଯାଇଥିଲା । ବିନା ଅନୁମତିରେ ଅନୁପସ୍ଥିତ ରହିଥିବା ଯୋଗୁ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି । କୋଲ୍ଲାମର ଉପଜିଲାପାଳ ଅନୁପମ ମିଶ୍ର ସିଙ୍ଗାପୁରରୁ ଫେରିଥିଲେ ଏବଂ ତାଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା । କରୋନା ଭାଇରସ୍ ବ୍ୟାପୁଥିବା ସମୟରେ ବିଦେଶରୁ ଫେରୁଥିବା ଲୋକଙ୍କ ପାଇଁ ରହିଥିବା ମାନଦଣ୍ଡକୁ ଆଧାର କରି ତାଙ୍କୁ ଏଭଳି ପରାମର୍ଶ ଦିଆଯାଇଥିଲା । ତେବେ ସେ ଏହାକୁ ମାନିଲେ ନାହିଁ ; ଯାହାଦ୍ୱାରା ଜଣେ ଆଇଏଏସ୍ ଅଧିକାରୀଙ୍କ ପକ୍ଷରେ ଏହା ବିରାଟ ଭୁଲ୍ ବୋଲି ସରକାର ମନେକରିଛନ୍ତି । ପ୍ରଥମେ ମିଶ୍ରଙ୍କ ଅନ୍ତର୍ଦ୍ଧାନ ଖବର ଜଣାପଡିଲା ପରେ କୋଲ୍ଲାମ ଅଧିକାରୀମାନେ ସଙ୍ଗେ ସଙ୍ଗେ ତାଙ୍କ ଡ୍ରାଇଭର, ବ୍ୟକ୍ତିଗତ ସୁରକ୍ଷା କର୍ମୀ ଓ ସଚିବଙ୍କୁ ଆଇସୋଲେସନ୍‌ରେ ରଖିଥିଲେ । କୋଭିଡ୍-୧୯ ସଂକ୍ରମଣରେ କେରଳ ଦେଶରେ ସବୁଠୁ ବେଶି ପ୍ରଭାବିତ ହୋଇଛି ଏବଂ ଏହା ଲକ୍‌ଡାଉନରେ ରହିଛି । ଏ ସଂକ୍ରାନ୍ତରେ କେରଳ ସରକାର ଉତ୍ତରପ୍ରଦେଶ ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି ଏବଂ ମିଶ୍ର ତାଙ୍କ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା କରିଥିବା ଯୋଗୁ ତାଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ ବୋଲି ଜଣାପଡିଛି ।

### କେରଳ ବାବୁଙ୍କ ପୁନଃ ନିଯୁକ୍ତି

ମଦ୍ୟପାନ କରି ଗାଡ଼ି ଚଲାଇ ଦୁର୍ଘଟଣା ଘଟାଇ ଜଣେ ସାମ୍ବାଦିକଙ୍କ ଜୀବନ ନେଇଥିବା ଅଭିଯୋଗରେ ପୋଲିସ କେରଳର ଜଣେ ଆଇଏଏସ୍ ଅଧିକାରୀଙ୍କୁ ଅଭିଯୁକ୍ତ କରିବା ପରେ ସେ ବଦନାମ ହୋଇଥିଲେ । ସେ ଏବେ ଚାକିରିରେ ପୁନଃ ନିଯୁକ୍ତି ପାଇଛନ୍ତି । ଗତବର୍ଷ ଅଗଷ୍ଟରେ ରାଜ୍ୟ ରାଜଧାନୀରେ ଆଇଏଏସ୍ ଅଧିକାରୀ ଶ୍ରୀରାମ ଭେଙ୍କଟରମଣଙ୍କୁ ସରକାର ନିଲମ୍ବିତ କରିଥିଲେ । ତେବେ ବିରୋଧୀ ଦଳ ଏବଂ ଜନସାଧାରଣଙ୍କ ପକ୍ଷରୁ ଏହାକୁ ସମାଲୋଚନା କରାଯାଉଥିବା ସତ୍ତ୍ୱେ ଏହି ବାବୁଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବାରମ୍ବାର ପ୍ରୟାସ କରାଯାଇଥିଲା । ଏହା ପୂର୍ବରୁ ଏହି ବର୍ଷ ଜାନୁଆରୀରେ ମୁଖ୍ୟ ଶାସନ ସଚିବ ଟମ୍ ଜୋସେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଭେଙ୍କଟରମଣଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ ସରକାର ଏହି ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ । ଏବେସୁଦ୍ଧା ଏହାକୁ ସ୍ଥଗିତ ରଖାଯାଇଛି । କେରଳ ଏବେ କୋଭିଡ୍-୧୯ ସଂକ୍ରମଣ ବିରୋଧରେ ଲଢେଇ କରୁଛି । ଏହି ପରିପ୍ରେକ୍ଷୀରେ ଦାଗୀ ବାବୁଙ୍କ ପୁନଃ ନିଯୁକ୍ତି ନିଷ୍ପତ୍ତିକୁ ଗାମ୍ଭୀରତାର ସହ ବିଚାର କରାଯିବା ଉଚିତ । ଲକ୍ଷ୍ୟ କରିବା ଉଚିତ ବୋଲି କୁହାଯାଉଛି । ତେବେ ବାବୁଙ୍କ ପୁନଃ ନିଯୁକ୍ତି ଏତେ ସହଜରେ ହୋଇଯିବା ସମ୍ଭାବନା ନାହିଁ ।

# ଅସମାନତାର ପାଚେରି



ନାରାୟଣ ପଣ୍ଡା

ବିଶ୍ୱ ଜନସଂଖ୍ୟାରେ ଦ୍ୱିତୀୟ ଓ ଆୟତନରେ ସପ୍ତମରେ ଥିବା ଆମ ଦେଶ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ସମାଜବାଦୀ ରାଷ୍ଟ୍ର । ଏଠାରେ କତିପୟ ଧନଶାଳୀଗୋଷ୍ଠୀ ଯେମିତି ବିଳାସରେ ରହନ୍ତି ତତୋଽଧିକ କୋଟିଗୁଣରେ ଦରିଦ୍ରବର୍ଗ ନୈରାଶ୍ୟ ଓ ଦାରିଦ୍ର୍ୟ ମଧ୍ୟରେ ବାସ କରନ୍ତି । ଧନୀ ଓ ଗରିବଙ୍କ ମଧ୍ୟରେ ଅସମାନତା ବୋଧହୁଏ ବିଶ୍ୱରେ ଭାରତରେ ସର୍ବାଧିକ । ଏଠାରେ ୧୦ପ୍ରତିଶତ ଧନାଢ୍ୟ ବ୍ୟକ୍ତିଙ୍କ ହାତରେ ରହିଛି ଦେଶର ୭୩ ପ୍ରତିଶତ ଅର୍ଥ । ୨୦୧୮ରେ ଅକ୍ସଫାମ୍‌ର ଏକ ରିପୋର୍ଟରେ କୁହାଯାଇଥିଲା, ୨୦୧୭ରେ ଦେଶରେ ଉତ୍ପାଦିତ ସମ୍ପତ୍ତିର ୭୩ ପ୍ରତିଶତ ମାତ୍ର ଏକପ୍ରତିଶତ ଧନଶାଳୀ ବ୍ୟକ୍ତିଙ୍କ ଝୁଲାକୁ ଯାଇଥିବା ବେଳେ ଦେଶର ୬୭ ପ୍ରତିଶତ ଦରିଦ୍ରତମ ଲୋକଙ୍କର ରୋଜଗାର ମାତ୍ର ଏକପ୍ରତିଶତ ବର୍ଦ୍ଧିତ ହୋଇଥିଲା । ସେହି ସମୟ ମଧ୍ୟରେ ଧନଶାଳୀ ବର୍ଗଙ୍କ ରୋଜଗାର ୨୦,୯୧୩ ବିଲିୟନ ବଢିଥିଲା, ଯାହାକି ୨୦୧୭-୧୮ ବର୍ଷର କେନ୍ଦ୍ରୀୟ ବଜେଟ ସହ ସମାନ ଥିଲା । ଅର୍ବୁଦପତିମାନଙ୍କର ସଂଖ୍ୟା ୨୦୦୦ରେ ୦୯ ଥିବାବେଳେ ୨୦୧୭ ରେ ୧୦୧ରେ ପହଞ୍ଚିଥିଲା । ଏହି ହାତଗଣତି ଧନକୁବେରମାନେ ହେଉଛନ୍ତି ଆମର ବଣିକ ଓ ଶିଳ୍ପପତିମାନେ । ଏମାନଙ୍କ ପାଇଁ ସବୁ ସରକାରଙ୍କର ସବୁ ସମୟରେ ଅଧିକ ଦରଦ ଦେଖାଦେଇଥାଏ । ସେମାନଙ୍କ ଋଣ ଛାଡକରିବା, ସେମାନଙ୍କୁ ଟ୍ୟାକ୍ସ ରିହାତି ଦେବା ପାଇଁ ଆମ ସରକାର ଯେମିତି ବଦ୍ଧପରିକର । ନିକଟରେ ଆମ ସରକାର ଭାରତ ପେଟ୍ରୋଲିୟମ କର୍ପୋରେଶନ, ଶିପିଙ୍ଗ କର୍ପୋରେଶନ ଅଫ ଇଣ୍ଡିଆ ଆଦି ଦେଶର ୫ଟି ପ୍ରମୁଖ ଲାଭଜନକ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ବିକ୍ରି କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ସହିତ ନିଷ୍ପତ୍ତି ନିଆଯାଇଛି ପ୍ରାୟ ୨ ଡଜନ ରାଷ୍ଟ୍ରାୟତ୍ତ ସଂସ୍ଥାରେ ଥିବା ସରକାରୀ ଅଂଶଧନକୁ ୫୧ ପ୍ରତିଶତ ନିମ୍ନରେ ରଖିବାପାଇଁ, ଯାହା ଦେଶ ଲାଗି ମଙ୍ଗଳକର ହେବ କି ପୁଞ୍ଜିପତିମାନଙ୍କର ସମ୍ପତ୍ତିର ଦକ୍ଷିଣରେ ଆଉକେତୋଟି ଶୂନ୍ୟ ଯୋଗକରିବ ତାହା ଭବିଷ୍ୟତ ହିଁ କହିବ । ଆମ ଦେଶର ମଜୁରି ବା ବେତନର ତାରତମ୍ୟ ଏପରି ଗଗନଚୁମ୍ବୀ ତାହା କଳ୍ପନା କରିବା ସାଧାରଣଙ୍କ ପକ୍ଷେ ଅସମ୍ଭବ । ଭାରତର ଏକ ପ୍ରତିଷ୍ଠିତ କପଡା କାରଖାନାର ଜଣେ ଉଚ୍ଚ ଅଧିକାରୀ ୧୭.୫ ଦିନରେ ଯେତେ ବେତନ ପାଇଥାନ୍ତି ଗ୍ରାମାଞ୍ଚଳର ଶ୍ରମିକଟିଏ ତା'ର ସମଗ୍ର ଜୀବନ କାଳ ବା ୫୦ ବର୍ଷ ମଧ୍ୟରେ ସେତିକି ରୋଜଗାର କରିଥାଏ । ବର୍ତ୍ତମାନ ଦେଶର ଆର୍ଥିକ ବିକାଶରେଖା ନିମ୍ନଗାମୀ । ଚଳିତ ବର୍ଷ ଏହି ହାର ୪.୮ରେ ସୀମିତ ରହିବା ଆଶଙ୍କା କରିଥିଲେ ଅର୍ଥନୀତିଜ୍ଞମାନେ, ତାହା ହିଁ ରହିଲା । ଯୁବକମାନଙ୍କ ପାଇଁ ନିଯୁକ୍ତି ନାହିଁ, କାମକରିବାର ବୟସ ୧୫-୬୪ ମଧ୍ୟରେ ଅର୍ଦ୍ଧେକ ଭାରତୀୟଙ୍କ ପାଖରେ ଆଜି ବିଶେଷ କାମ ନାହିଁ । ଦେଶର ଅର୍ଥନୈତିକ ବ୍ୟାପାରରେ ଅବଦାନ ଏମାନଙ୍କର ଶୂନ୍ୟ । ୨୦୧୭-୧୮ରେ ୫୧.୨ ଲୋକଙ୍କ ହାତରେ କାମ ନ ଥିଲା । ବିଶାଳ ଶ୍ରମଶକ୍ତି ବେକାର ରହିବା କମ ଉଦ୍‌ବେଗଜନକ ନୁହେଁ । ନିକଟରେ ଚେନ୍ନାଇର ୫୦ଟି ପାର୍କିଂ ଏଜେଣ୍ଟଙ୍କ ପଦବୀ ପାଇଁ ୧୫୦୦ରୁ ଅଧିକ ଏମବିଏ ଓ ଇଞ୍ଜିନିୟର ବେକାରିର ଉତ୍କଟତା ପ୍ରଦର୍ଶିତ କରିଥାଏ । ଦେଶର ଗ୍ରାମାଞ୍ଚଳରୁ ଶ୍ରମିକମାନେ ନିଯୁକ୍ତି ବା ଉଚ୍ଚ ମଜୁରି ଆଶାରେ ସହରାଞ୍ଚଳକୁ ଧାଡି ଲଗାଇଥାନ୍ତି । ସେଠାରେ ସେମାନେ ସୁବିଶାଳ ଝୁମ୍ପୁଡି ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶରେ ଆବଶ୍ୟକ ଜଳ, ଏପରି କି ବିଦ୍ୟୁତ୍ ଅଭାବରୁ ଦୟନୀୟ ଭାବରେ ଜୀବନ କାଟିଥାନ୍ତି । ସେମାନଙ୍କ ସନ୍ତାନମାନଙ୍କୁ ସେଠାରେ ଶିଶୁଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ପଡେ । କଠିନ ପରିଶ୍ରମ ସାଙ୍ଗକୁ ମୁନିବଙ୍କ ଖରାପ ବ୍ୟବହାର ସେମାନଙ୍କ ଶୈଶବର ସମସ୍ତ ପୁଲକତା ଛଡାଇନିଏ । ଅନ୍ୟ ପିଲାଙ୍କଭଳି ନା ଖେଳିବାକୁ ସେମାନଙ୍କୁ ସମୟ ମିଳେ ନା ମିଳେ ଶିକ୍ଷାଲାଭର ସୁଯୋଗ । ୨୦୧୯ ବିଶ୍ୱ କ୍ଷୁଧାପତ୍ରରେ ୧୧୭ଟି ଦେଶ ମଧ୍ୟରୁ ୩୦.୩ ଅଙ୍କ ଲାଭକରି ଭାରତ ୧୦୨ ସ୍ଥାନରେ ରହିଥିବା ଜଣାଯାଏ, ଯାହା ସୂଚାଇଦିଏ ଦେଶର କ୍ଷୁଧାସମସ୍ୟା କିପରି ଶୋଚନୀୟ ଓ ସାଂଘାତିକ । ୧୫ ପ୍ରତିଶତ ଭାରତୀୟ ରାତିରେ ଭୋକିଲା ଶୋଉଥିବା ଏକ ପରିସଂଖ୍ୟାନରୁ ଜଣାଯାଏ । ସେହିପରି ବିଶ୍ୱବ୍ୟାଙ୍କର ଏକ ବିବରଣୀକୁ ଆଧାରକରି ୬ ଅକ୍ଟୋବର ୨୦୧୯ରେ ପିଟିଆଇ ପ୍ରକାଶ କରିଥିଲା, ଭାରତ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମକରି ୧୯୯୦ରୁ ଆଜି ମଧ୍ୟରେ ଏହାର ହାରକୁ ଅଧା କରିବାରେ ସକ୍ଷମ ହୋଇଛି । ଦୀର୍ଘବର୍ଷ ଧରି ଦେଶର ବିକାଶ ହାର ୭ ପ୍ରତିଶତରୁ ଅଧିକ ରହିଛି ଭାରତରେ । ଭାରତର ଦାରିଦ୍ର୍ୟପାଇଁ ରାଜନେତା ଓ କାର୍ଯ୍ୟପାଳିକାର ଧଳା ହାତୀମାନେ ଅଧିକ ପରିମାଣରେ ଦାୟୀ ରହିଛନ୍ତି । ଦେଶର ଓ ଜନସାଧାରଣଙ୍କର ସମ୍ପତ୍ତି କ୍ଷମତା ବଳରେ ନିଜ ବ୍ୟକ୍ତିଗତ ଲାଭ ନିମନ୍ତେ ଆହରଣ କରିବା ଭାରତର ପ୍ରଭାବୀ ପୁରୁଷଙ୍କ ଏକ ବିକୃତ ମାନସିକତା । ପ୍ରିୟାପ୍ରୀତି ତୋଷଣ, ଉତ୍କୋଚ ଦାନ ବା ଗ୍ରହଣ, ପୃଷ୍ଠପୋଷକତା, ସରକାରୀ ଅର୍ଥର ବାଟମାରଣା ଓ କ୍ଷମତାଦ୍ୱାରା ବଳପୂର୍ବକ ସମ୍ପତ୍ତି ହାତେଇବା ବର୍ତ୍ତମାନ ଭାରତରେ ସର୍ବତ୍ର ନିର୍ଲଜକର ଦୃଶ୍ୟ । ରାଜନୀତିର ଜୀବନ ରକ୍ତରେ ଏବେ ଅବୈଧ ଅର୍ଥ ଲହଡି ଭାଙ୍ଗୁଛି । ମନେହୁଏ ଆଜି ଭାରତ ରାଜନୀତି କେବଳ ଅପରାଧୀଙ୍କ ପାଇଁ ଏବଂ ଅପରାଧୀ ହିଁ ରାଜନେତା ହେବା ଲାଗି ଅଭିପ୍ରେତ । ନିଜର ପ୍ରଭାବକୁ ଉପଯୋଗକରି ଅନୈତିକ ଉପାୟରେ ଅର୍ଥ ରୋଜଗାର କରିବା, ଟିକସ ଫାଙ୍କି କଳାଟଙ୍କାର ଭଣ୍ଡାର ଅଭିବୃଦ୍ଧି କରିବା ଅନେକଙ୍କ ଜୀବନର ବ୍ରତ ହୋଇଗଲାଣି । ବିଶ୍ୱ ଦୁର୍ନୀତି ମାପକାଠିରେ ଚଳିତବର୍ଷ ଭାରତ ୧୭୬ଟି ଦେଶ ମଧ୍ୟରୁ ୭୮ତମ ସ୍ଥାନରେ ରହିବା ନିଶ୍ଚୟ ନୈରାଶ୍ୟଜନକ । ଡେନମାର୍କ, ନ୍ୟୁଜିଲାଣ୍ଡ ଓ ଫିନ୍‌ଲାଣ୍ଡ ପରି ସାନ ସାନ ଦେଶମାନଙ୍କ କପାଳରେ ଦୁର୍ନୀତିମୁକ୍ତ ଦେଶର ମୋହର ବାଜୁଥିଲା ବେଳେ ସତ୍ୟ, ନ୍ୟାୟ ଓ ଅହିଂସାର ବାଣୀ ପ୍ରଚାର କରିଥିବା ମହାତ୍ମା ଗାନ୍ଧୀଙ୍କ ମାଟିରେ ଦୁର୍ନୀତିର ଦୁର୍ବାରବିଷଚକ୍ର କାୟାବିସ୍ତାର କରିଛି । ଅବଶ୍ୟ ସମସ୍ତ ରାଜନେତା ଦୁର୍ନୀତିପରାୟଣ ନୁହନ୍ତି । ଅନେକ ରାଜନେତାଙ୍କ ରାଷ୍ଟ୍ରପ୍ରେମ, ସଚ୍ଚୋଟତା ଓ ସାଧୁତା ଭାରତୀୟ ସମାଜକୁ ବିମୁଗ୍ଧ କରିଥାଏ । ଭାରତୀୟ ଅର୍ଥନୀତିର ଅନ୍ୟଏକ ଅନ୍ଧାରିବିଜେର ଦୃଶ୍ୟରହିଛି, ଯେବେ ତେଲିଆ ମୁଣ୍ଡରେ ତେଲଦେଇ ସରକାର ସରକାରୀ ଆଭିଜାତ୍ୟ ପ୍ରଦର୍ଶନ କରିବାକୁ ଯାଇ କେତେକ ଧନଶାଳୀ ରାଜନେତାଙ୍କୁ ଆର୍ଥିକ ଅନୁକମ୍ପା ପ୍ରଦାନ କରିଥାନ୍ତି । ଏହିକ୍ରମରେ ଦେଶର କେତେକ ରାଜ୍ୟରେ କିଛି ମନ୍ତ୍ରୀଙ୍କୁ ଦରିଦ୍ର ବିବେଚନା କରାଯାଇ ସେମାନଙ୍କୁ ଆୟକର ରିହାତି ଦିଆଯାଇଥିଲା । ସମ୍ପୃକ୍ତ ରାଜ୍ୟର ସରକାର ସେମାନଙ୍କର ଆୟକର ଭରଣା କରୁଥିଲେ । ଏହିଭଳି କେତେଜଣ ମନ୍ତ୍ରୀଙ୍କ ଉଦାହରଣ ଦିଆଯାଇପାରେ ମଧ୍ୟପ୍ରଦେଶର ଶିବରାଜସିଂହ ଚୌହାନ, କମଲ ନାଥଙ୍କର ସମ୍ପତ୍ତି ଯଥାକ୍ରମେ ୨୦୧୩ ଓ ୨୦୧୮ରେ ୬ ଓ ୨୦୬ କୋଟି ଥିଲା । ଛତିଶଗଡ଼ର ରମଣ ସିଂହ ଓ ଭୁପେଶ କୁମାର ବାଘେଲଙ୍କର ସମ୍ପତ୍ତି ୨୦୧୩ ଓ ୨୦୧୮ରେ ରହିଥିଲା ୫ ଓ ୨୩ କୋଟି । ହିମାଚଳ ପ୍ରଦେଶର ପ୍ରେମକୁମାର ଧୁମାଲ, ବୀରଭଦ୍ର ସିଂହ ଓ ଜୟରାମ ଠାକୁର ୨୦୦୭, ୨୦୧୨ ଓ ୨୦୧୭ରେ ଯଥାକ୍ରମେ ୯୬ ଲକ୍ଷ, ୩୩ କୋଟି ଓ ୩ କୋଟି ଟଙ୍କା ସମ୍ପତ୍ତିର ମାଲିକ ଥିଲେ । ଉତ୍ତରାଖଣ୍ଡର ବିଜୟ ବହୁଗୁଣା, ହରିଶ୍ଚନ୍ଦ୍ର ସିଂହ ରାୱତ ଓ ତ୍ରିବେନ୍ଦ୍ର ସିଂହ ରାୱତ ଥିଲେ ଯଥାକ୍ରମେ ୨୦୦୯, ୨୦୧୭,୨୦୧୭ରେ ୧ , ୬ ଓ ୧ କୋଟି ସମ୍ପତ୍ତିର ମାଲିକ । ଏମାନେ କିନ୍ତୁ ସରକାରଙ୍କୁ ଆୟକର ଦେଉ ନ ଥିଲେ । ସାଧାରଣ ନାଗରିକଙ୍କ ଟିକସ ପଇସାରୁ ସରକାର ଏହା ଭରଣା କରୁଥିଲେ । ଏହି ତାଲିକାରେ ମଧ୍ୟ ଅଛନ୍ତି ଉତ୍ତରପ୍ରଦେଶରେ ମାୟାବତୀ, ଅଖିଳେଶ ଯାଦବ ଓ ଆଦିତ୍ୟ ନାଥ ଓ ପଞ୍ଜାବର ଅମରେନ୍ଦ୍ର ସିଂହ, ପ୍ରକାଶ ସିଂହ ବାଦଲ ପ୍ରମୁଖ । ବିଭିନ୍ନ ନିର୍ବାଚନରେ ଏମାନେ ଦାଖଲ କରିଥିବା ଆୟ ସମ୍ପର୍କିତ ଘୋଷଣାନାମା ଅନୁଧ୍ୟାନ କରି ଏଡିଆର ଏହି ବିସ୍ମୟକର ବିବରଣୀ ପ୍ରକାଶ କରିଛନ୍ତି, ଯାହାକେବଳ ଲଜ୍ଜାଜନକ ନୁହେଁ ଚିନ୍ତା ଉଦ୍ରେକକାରୀ ମଧ୍ୟ । କେବଳ ଏତିକି ନୁହେଁ ଚିକିତ୍ସା ସହାୟତା ପାଇଁ ଧନାଢ୍ୟ ରାଜନେତା ଓ ରାଜା ମହାରାଜାମାନେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ସହାୟତା ପାଇବା ଆମ ଦେଶରେ ବିରଳ ନୁହେଁ ।

ଏହିସବୁ ଭାରତର ଦାରିଦ୍ର୍ୟକୁ ଉତ୍କଟତର କରୁନାହିଁ, ଦେଶର ଧନୀ ଓ ଗରିବଙ୍କ ମଧ୍ୟରେ, ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ହିମାଳୟପରି ପାଚେରି ସୃଷ୍ଟି କରୁଛି । 'ସଂଗଚ୍ଛଧ୍ୱଂ'- ବେଦର ଏହି ମହାନ୍‌ବାଣୀ ଆଜି ଅସାର ହୋଇପଡିଛି । ଦେଶର ଏହି ଅଗଣିତ ଗରିବଙ୍କୁ ଏଥିରୁ ମୁକ୍ତିଦେବାପାଇଁ ସେମାନଙ୍କୁ ଉଚ୍ଚ ମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ସର୍ବନିମ୍ନ ମଜୁରି ବୃଦ୍ଧି, ଆକର୍ଷଣୀୟ ମଜୁରି ସହିତ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୃଷ୍ଟିକରିବା ଓ ସେମାନଙ୍କ ହୃଦୟରେ ସମ୍ମାନର ସହିତ ବଞ୍ଚିବାପାଇଁ ସ୍ୱପ୍ନସୃଷ୍ଟି କରିବା ବର୍ତ୍ତମାନ ସରକାରଙ୍କର ପ୍ରମୁଖ ଦାୟିତ୍ୱ । ସରକାର ଦେଶର ସୁରକ୍ଷା, ନିରାପତ୍ତା ଓ ଅସ୍ମିତା ପାଇଁ କାର୍ଯ୍ୟକରିବା ଯେପରି ଜରୁରୀ ଦେଶର ସଂଖ୍ୟାଧିକ ଦରିଦ୍ର ଓ ବଞ୍ଚିତଙ୍କ ମୁହଁରେ ଶାନ୍ତି, ସନ୍ତୋଷ ଓ ତୃପ୍ତିର ହସ ଫୁଟାଇବା ତତୋଽଧିକ ଆବଶ୍ୟକ ।

ନୂଆବନ୍ଧସାହି, ନବରଙ୍ଗପୁର
ମୋ-୯୪୩୭୧୧୮୯୬୨

## ଚିରନ୍ତନୀ

କ୍ଳିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍‌ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା ।

(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୯୫

- ଘାନାଠାରେ କନକୋମ୍ବା ଓ ଡାଗୋମା ସମ୍ପ୍ରଦାୟ ମଧ୍ୟରେ ଭୟାବହ ଜାତିଗତ ସଂଘର୍ଷ ଘଟିବା ଫଳରେ ୧୨୯ ଜଣ ପ୍ରାଣ ହରାଇଛନ୍ତି ।
- ଗଜପତି ଜିଲାରେ ୧୦ ଜଣ ବିଦେଶୀ ନାଗରିକଙ୍କ ଗିରଫ ଘଟଣାରେ କେନ୍ଦ୍ରୀୟ ଚାପର ବଶବର୍ତ୍ତୀ ହୋଇ ରାଜ୍ୟ ସରକାର ରୁଜୁ କରିଥିବା ମାମଲାକୁ ପ୍ରତ୍ୟାହାର କରି ନେଇଛନ୍ତି ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| 6 | 0 | E | | | | | | | | | | | | | |
| 7 | | | | C | E | | | | | 5 | | | | | 4 |
| 1 | 8 | | | | | | | | | D | | A | 5 | 9 | |
| | 5 | 4 | | 7 | | | | | E | A | 2 | | 3 | | |
| | C | | 2 | 1 | | | 8 | D | | | | | | | |
| | | 3 | | | | D | | 4 | | B | | | | | |
| C | | | 1 | 9 | 7 | | | 8 | | | | | | | D |
| | | | C | | A | 1 | | B | | | | | | | 8 |
| | | | E | | | | | 3 | 8 | | | B | A | C | |
| D | 2 | | | | | | C | E | 6 | | | 9 | | | |
| | 4 | | | | | | | | | 2 | | | B | | |
| | | 8 | | | | | 7 | | C | | 3 | | 2 | | |
| | 1 | | | 0 | | | | | B | | 5 | | | | 7 |
| E | | | 7 | 4 | | | | | | | 9 | 6 | 8 | A | |
| 0 | | A | B | | 8 | | E | 9 | | 4 | 1 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | 0 | 5 | 3 | 6 | 4 | 7 | E | 9 | 8 | D | B | C | A |
| 8 | D | E | A | 7 | 1 | 0 | C | B | 5 | 2 | 6 | 3 | 4 | 9 |
| 9 | 4 | 5 | 8 | 0 | D | 3 | 6 | A | C | 7 | B | E | 1 | 2 |
| 3 | 7 | C | B | 2 | E | 1 | D | 9 | 4 | 0 | A | 6 | 8 | 5 |
| 6 | A | B | 4 | C | 9 | 8 | 5 | 2 | 1 | 3 | E | 0 | D | 7 |
| 5 | 0 | 8 | 9 | 1 | C | D | 3 | 4 | E | 6 | 7 | 2 | A | B |
| E | C | 2 | 3 | B | 7 | A | 9 | 5 | 0 | 1 | 4 | D | 6 | 8 |
| A | B | 4 | 2 | 6 | 8 | C | E | 1 | 3 | D | 5 | 7 | 9 | 0 |
| 7 | 1 | 3 | 0 | D | 4 | 6 | 2 | 8 | B | A | 9 | C | 5 | E |
| D | 6 | 9 | E | A | 5 | B | 0 | 7 | 8 | C | 2 | 4 | 3 | 1 |
| 2 | 8 | D | 6 | 5 | 0 | E | A | C | 7 | 4 | 1 | 9 | B | 3 |
| C | 3 | A | 7 | 9 | B | 5 | 4 | 0 | D | E | 8 | 1 | 2 | 6 |
| 4 | 9 | 1 | D | 8 | 2 | 7 | B | 3 | 6 | 5 | 0 | A | E | C |
| 0 | 5 | 6 | C | E | A | 9 | 1 | D | 2 | B | 3 | 8 | 7 | 4 |
| B | E | 7 | 1 | 4 | 3 | 2 | 8 | 6 | A | 9 | C | 5 | 0 | D |

ଗତକାଲିର ଉତ୍ତର

# ଆମ ସୁରକ୍ଷା ଆମ ହାତରେ



ପ୍ରଫେସର ଶରତ ଚନ୍ଦ୍ର ରଥ

ବ୍ୟବହାରିକ ଜଗତରେ ଦୁଇଟି ଜୀବନ ଅଛି । ଗୋଟିଏ ହେଉଛି ବ୍ୟକ୍ତି ଜୀବନ ଏବଂ ଅନ୍ୟଟି ହେଉଛି ସମଷ୍ଟି ଜୀବନ । ଉଭୟ ଜୀବନର ମହତ୍ତ୍ୱ ଓ ସ୍ୱତନ୍ତ୍ରତା ରହିଛି । ଉଭୟ ଜୀନର ସ୍ୱତନ୍ତ୍ର ଶକ୍ତି ଓ ସାମର୍ଥ୍ୟ ରହିଛି । ଗୋଟିଏ ହେଉଛି ଏକକ ଏବଂ ଅନ୍ୟଟି ହେଉଛି ଏକତା । ବାସ୍ତବରେ ବ୍ୟକ୍ତି ଜୀବନ ହେଉଛି ଏକକ, ଏହି ସମଷ୍ଟି ଜୀବନର । ସମଷ୍ଟିର ଜୀବନକୁ ସମାଜ-ଜୀବନ ବୋଲି ଆମେ କହୁ । ବ୍ୟକ୍ତି ଜୀବନର ଏକତ୍ର ସହାବସ୍ଥାନଗତ ଜୀବନ ହେଉଛି ସମଷ୍ଟିଗତ ଜୀବନ ବା ସମାଜ-ଜୀବନ । କେତେକେ ସମାଜ-ଜୀବନକୁ ବଡ଼ କରି ବ୍ୟକ୍ତି ଜୀବନକୁ ସାନ ବୋଲି ଭାବନ୍ତି । ପ୍ରକୃତରେ କଥାଟି ଏପରି ନୁହେଁ । ବ୍ୟକ୍ତି ଜୀବନକୁ ନେଇ ଯେହେତୁ ସମାଜ-ଜୀବନ ସଂଗଠିତ, ସେହେତୁ ବ୍ୟକ୍ତି ଜୀବନର ମହତ୍ତ୍ୱ ସମାଜ-ଜୀବନର ମହତ୍ତ୍ୱଠାରୁ ଅଧିକ । କାରଣ ସମଷ୍ଟିକୁ ନେଇ ବ୍ୟକ୍ତି ନୁହେଁ ବରଂ ବ୍ୟକ୍ତିକୁ ନେଇ ସମଷ୍ଟି । ସମାଜ ସୁସ୍ଥ ହେଲେ ବ୍ୟକ୍ତି ସୁସ୍ଥ ହେବ ନାହିଁ ବରଂ ବ୍ୟକ୍ତି ସୁସ୍ଥ ହେଲେ ସମାଜ ସୁସ୍ଥ ହେବ । ସମାଜ ଭଲ ହେଲେ ବ୍ୟକ୍ତି ଭଲ ହେବ ନାହିଁ ବରଂ ବ୍ୟକ୍ତି ଭଲ ହେଲେ ସମାଜ ବଳେବଳେ ଭଲ ହୋଇଯିବ । ଅତଏବ ବ୍ୟକ୍ତି ଜୀବନର ମୂଲ୍ୟ ଓ ମୂଲ୍ୟବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସଂପ୍ରତି କରୋନା ମହାମାରୀର ଭୟାବହତା ସମଗ୍ର ବିଶ୍ୱରେ ଅନୁଭୂତ ହେଉଛି । ଆମ ଦେଶ ମଧ୍ୟ ଏହି ପ୍ରଭାବରେ କେତେକାଂଶରେ ପ୍ରଭାବିତ ହୋଇଛି । ତେବେ ଏହି ପ୍ରଭାବରୁ ବ୍ୟକ୍ତି ଜୀବନକୁ ମୁକ୍ତରଖିବା ପାଇଁ ରାଷ୍ଟ୍ରୀୟ ସ୍ତରରେ ବିଭିନ୍ନ ଅଭିନନ୍ଦନୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରତ୍ୟେକ ବ୍ୟକ୍ତିର ମନରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ଓ ପ୍ରଯତ୍ନ କରାଯାଉଛି । ଲକ୍ଷ୍ୟ ହେଉଛି ବ୍ୟକ୍ତି ଜୀବନର ସୁରକ୍ଷା । ଆଗ ସୁରକ୍ଷା ପରେ ସମୃଦ୍ଧି । ଜୀବନ ମାନେ ହିଁ ତାହା । ପ୍ରଥମେ ସ୍ଥିତି ପରେ ଅଗ୍ରଗତି । ବ୍ୟକ୍ତି ଜୀବନର ସ୍ଥିତି ଓ ସୁରକ୍ଷା ପାଇଁ ସତର୍କତା ଓ ସଚେତନତାକୁ ପ୍ରାଥମିକତା ପ୍ରଦାନ କରାଯାଉଛି । ଏହା ପ୍ରତିଷେଧକ ବ୍ୟବସ୍ଥାର ଅନ୍ୟନାମ । ଅସୁସ୍ଥତାରୁ ସୁସ୍ଥତା ପାଇଁ ଔଷଧ ମୂଲ୍ୟବାନ, ମାତ୍ର ଅସୁସ୍ଥତା ନ ଆସିବା ପାଇଁ ଯାହା ଅଧିକ ମୂଲ୍ୟବାନ ତାହା ହେଉଛି ପ୍ରତିଷେଧକ । ବର୍ତ୍ତମାନ ଅବସ୍ଥାରେ ଯାହା ଏକାନ୍ତ ଆବଶ୍ୟକ ତାହା ହେଉଛି ବ୍ୟକ୍ତିଗତ ସ୍ତରର କଥା ଅର୍ଥାତ୍ ବ୍ୟକ୍ତି ବ୍ୟକ୍ତି ଭିତରେ ଭୌତିକ ଦୂରତା ଯାହାକୁ ଆମେ ବ୍ୟକ୍ତିଗତ ଦୂରତା ବୋଲି କହିପାରିବା । ଏହାସହିତ ବ୍ୟକ୍ତି ପରିଚ୍ଛନ୍ନତା, ମାସ୍କଗ୍ରହଣ, ଅଧିକ ଲୋକ ଏକାଠି ନ ହେବା, ପରସ୍ପର କରମର୍ଦ୍ଦନ ନ କରିବା, ବାରମ୍ବାର ହାତ ଧୋଇ ହାତକୁ ପରିଷ୍କାର ରଖିବା ଇତ୍ୟାଦି ଇତ୍ୟାଦି । ଘର ଭିତରେ ରହିବା, ନିହାତି ଦରକାର ନ ପଡ଼ିଲେ ବାହାରକୁ ନ ବାହାରିବା ଇତ୍ୟାଦି ଇତ୍ୟାଦି କଥା ଉପରେ ଗୁରୁତ୍ୱ ଦେବାର ନିୟମକୁ ନିଜେ ପାଳନ କରିବା ଏକାନ୍ତ ଜରୁରୀ । ସର୍ବୋପରି ଏହା କୁହାଯିବ ଯେ ବ୍ୟକ୍ତି ସଚେତନତା ହିଁ ଆଜିର ସୁରକ୍ଷା କବଚ, ଏଥିରେ ସନ୍ଦେହ ନାହିଁ ।

ଏଥିସହିତ ଅନ୍ୟମାନଙ୍କର ସୁରକ୍ଷା ପ୍ରତି ମଧ୍ୟ ଆମକୁ ସଚେତନ ହେବାକୁ ହେବ । ଅନ୍ୟମାନଙ୍କର ସୁରକ୍ଷା ଅର୍ଥ ସମଷ୍ଟିର ସୁରକ୍ଷା । ପ୍ରତ୍ୟେକେ ବ୍ୟକ୍ତିଗତ ଭାବରେ ସୁସ୍ଥ ରହିଲେ ବଳେ ବଳେ ସମଷ୍ଟିଗତ ସୁରକ୍ଷା ଆସିଯିବ । ସମଷ୍ଟିଗତ ସୁସ୍ଥତା ଓ ସୁରକ୍ଷା ପାଇଁ ବ୍ୟକ୍ତିଗତ ସ୍ତରରେ ଶୁଭେଚ୍ଛା ଅତ୍ୟନ୍ତ ଆବଶ୍ୟକ । ଏହା ଏକ ପ୍ରୟାସ, ସୂକ୍ଷ୍ମପ୍ରୟାସ । ଶୁଭେଚ୍ଛାର ଶକ୍ତି ଅସୀମ । ଏଇ ଶୁଭେଚ୍ଛା କଥାରେ ନୁହେଁ, ସ୍ଥୂଳରେ ନୁହେଁ, ବରଂ ନୀରବରେ ସୂକ୍ଷ୍ମରେ । ଅନ୍ୟଠାରୁ ଦୂରରେ ରହି ଏକାକୀ ବସି ଅନ୍ତରରେ ସମଗ୍ର ଦେଶ ତଥା ବିଶ୍ୱ ପାଇଁ ଶୁଭେଚ୍ଛା ପ୍ରଦାନ କରାଯାଇପାରିବ । ସମସ୍ତଙ୍କର କଲ୍ୟାଣକାମନା ବ୍ୟକ୍ତିଗତ ଭାବରେ ହୃଦୟରେ କରାଯାଇପାରିବ । ଏଇ ବିପତ୍ତିରୁ ଆମ ଦେଶ ଏବଂ ସମଗ୍ର ବିଶ୍ୱ ମୁକ୍ତ ହେଉ- ଏହି ଶୁଭ କାମନା ବାହାରକୁ ଅର୍ଥହୀନ ମନେହୋଇପାରେ, ମାତ୍ର ଏହାର ମୂଲ୍ୟ ଯଥେଷ୍ଟ ଅଧିକ । କାରଣ ଶୁଭେଚ୍ଛା ଏକ ପ୍ରଚଣ୍ଡ ଶକ୍ତି, ଯାହା ବଳରେ ଅସମ୍ଭବକୁ ସମ୍ଭବ କରାଯାଇପାରେ । ଅସୁସ୍ଥତା, ବିଭୀଷିକା ଏକ ଏକ ବିରୋଧୀ ଶକ୍ତି । ଏହି ବିରୋଧୀ ଶକ୍ତିକୁ ସୂକ୍ଷ୍ମ ସ୍ତରରେ ପ୍ରତିହତ କରିଦେବାର ସାମର୍ଥ୍ୟ ଶୁଭେଚ୍ଛାର ରହିଛି । ସ୍ଥୂଳରେ ପ୍ରତିରୋଧ କରିବା ସହିତ ସୂକ୍ଷ୍ମରେ ପ୍ରତିହତ କରିବାର ମନୋବୃତ୍ତି ମିଶିଲେ ନିଶ୍ଚୟ ଏହି କରୋନାରୂପୀ ଅପଶକ୍ତି ଶୀଘ୍ର ଅପସରିଯିବ । ଭୟ ନୁହେଁ ସାହସ ହିଁ ଆଣିଦେବ ଅସଲ ଶକ୍ତି, ଯାହାକୁ ପ୍ରୟୋଗ କରି ହଟାଇ ଦେଇହେବ ଏହିବିରୋଧୀ ଶକ୍ତିକୁ । ଏଥିପାଇଁ ଯଜ୍ଞ କରିବା କଥା, ଭଜନ କୀର୍ତ୍ତନ କରିବା କଥା, ସମୂହ ପ୍ରାର୍ଥନା କଥା କୁହାଯାଉ ନାହିଁ, ଆଦୌ କୁହାଯାଉ ନାହିଁ । ବରଂ ନିଜ ଘର ଭିତରେ ରହି ସମସ୍ତଙ୍କ ପ୍ରତି ଶୁଭେଚ୍ଛା ଓ ସଦିଚ୍ଛା ରଖିବା କଥା କୁହାଯାଉଛି ।

ସ୍ଥୂଳତଃ ସତର୍କତା ଓ ସୂକ୍ଷ୍ମତଃ ଶୁଭେଚ୍ଛା ଆମକୁ ବିଜୟୀ କରାଇବ । ହତାଶା ନୁହେଁ ଆଶା । ବିଜୟର ଆଶା ଆଣିଦେବ ଆତ୍ମବିଶ୍ୱାସ, ଯାହା ଆମକୁ ଆହୁରି ଶକ୍ତିଶାଳୀ କରିଦେବ । ଆଶାର ଏକ ସ୍ୱତନ୍ତ୍ର ଶକ୍ତି ରହିଛି । ମନେପଡ଼େ ଆଶାର ମହତ୍ତ୍ୱ ପରିପ୍ରେକ୍ଷୀରେ ଶ୍ରୀମାଙ୍କର ବାଣୀଟିଏ- ''ଆଶା କେବେ ବି ଛାଡ଼ିବ ନାହିଁ । ଆଶା ଏକ ଭଗବତ ସଦ୍‌ଗୁଣ । ଇଚ୍ଛା କରି ଆଶାବାଦୀ ହେବ'' ।

ଏପରି ସ୍ଥିତି ରହିବ ନାହିଁ, ନିଶ୍ଚୟ ଅପସରିଯିବ । ଏ ଅପଶକ୍ତି ହାରିବ ହିଁ ହାରିବ । ଏହା ଏକ ପରୀକ୍ଷା ସ୍ୱରୂପ ବିଶ୍ୱଜୀବନକୁ ଆସିଛି । ଦୃଢ଼ ମନୋବଳ, ଅସୀମ ସାହସର ସହିତ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେବ । ବିଶ୍ୱ ବିକାଶର ପ୍ରତିରୋଧ ନିମନ୍ତେ ଏପରି ଏକ ବିରୋଧୀ ଶକ୍ତି ସମୟାନ୍ତରରେ ଆସେ । ଏହା ସ୍ଥାୟୀ ହେବ ନାହିଁ, ଦୂର ହୋଇଯିବ । ଏହାର ଦୂରୀକରଣ ପାଇଁ ବ୍ୟକ୍ତିଗତ ପ୍ରୟାସ ଓ ପ୍ରଯତ୍ନ ଅତ୍ୟନ୍ତ ଜରୁରୀ । ଆତ୍ମନିୟନ୍ତ୍ରଣ, ଆତ୍ମସଂଯମ, ଆତ୍ମଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ଏତେବେଳେ କରୋନା ବିରୁଦ୍ଧରେ ସଂଗ୍ରାମ ପାଇଁ ଏକ ଏକ ଅସ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆମେ ଯିଏ ଯେଉଁ ପ୍ରାନ୍ତରେ ଥାଉ ପଛକେ, ଯେଉଁ ସଂସ୍କୃତି ତଥା ଚଳଣିର ହେଉ ପଛକେ, ଘରେ ରହି ଏକକ ଉଦ୍ୟମରେ ବ୍ୟକ୍ତି ଚେତନାର ପ୍ରଭାବରେ ଏକା ବସି ଏଇ ପରିସ୍ଥିତିର ମୁକାବିଲା କରିପାରିବା ଏବଂ ବିଜୟ ହାସଲ କରି ଆମର ବ୍ୟକ୍ତିଗତ ସୁରକ୍ଷା ସହିତ ପ୍ରକାରାନ୍ତରେ ବିଶ୍ୱର ସୁରକ୍ଷା କରିପାରିବା । ସମୟର ଆହ୍ୱାନକୁ ଆମେ ଶୁଣିବା, ବୁଝିବା, ସଚେତନ ଶକ୍ତିର ପ୍ରୟୋଗ କରିବା ଏବଂ ବିଜୟ ଲାଭ କରିବା, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭୁବନେଶ୍ୱର, ମୋ: ୯୪୩୭୭୫୬୨୪୦

## ଏଇ ଭାରତରେ

ଭାରତରେ କରୋନା ସଂକ୍ରମଣ ବଢିବାରେ ଲାଗିଛି । ଭୟଙ୍କର ପରିସ୍ଥିତି ନ ଉପୁଜିବା ଲାଗି ଲକ୍‌ଡାଉନ୍‌କୁ ବି କଡ଼ାକଡି ଭାବେ ପାଳନ କରାଯାଉଛି । କିନ୍ତୁ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା କରୋନାକୁ ମୁକାବିଲା କରିବା ଲାଗି କେତେ ପ୍ରସ୍ତୁତ ତାହାକୁ ନେଇ ସଭିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମେଡିକାଲଗୁଡିକରେ ଅଧିକ ବେଡ୍ ବ୍ୟବସ୍ଥା କରାଯିବା ସହ ଭେଣ୍ଟିଲେଟର ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି । ଭାରତର ବହୁ ବଡ଼ ବଡ଼ କମ୍ପାନୀ ସେମାନଙ୍କ ଫ୍ୟାକ୍ଟ୍ରୀରେ ଭେଣ୍ଟିଲେଟର ତିଆରି କରିବା ଆରମ୍ଭ କରିଦେଇଥିବାବେଳେ ପୁଣେରେ କେତେଜଣ ଯୁବ ଇଞ୍ଜିନିୟର ଭେଣ୍ଟିଲେଟର ନିର୍ମାଣ କରିବା ପାଇଁ ରାତି ଦିନ ଏକା କରିଦେଇଛନ୍ତି । ସେମାନେ ଏନ୍‌ଓସିସିଏ ରୋବୋଟିକ୍ସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଷ୍ଟାର୍ଟଅପ ପ୍ରତିଷ୍ଠା କରି ଭେଣ୍ଟିଲେଟର ନିର୍ମାଣ କରୁଛନ୍ତି । ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ନିଖିଲ କୁରେଲେ କହନ୍ତି, ସେମାନେ ତିଆରି କରୁଥିବା ପୋର୍ଟେବଲ ଭେଣ୍ଟିଲେଟରର ଦାମ ମାତ୍ର ୫୦ ହଜାର ଟଙ୍କା ରହିବ । କୋଭିଡ-୧୯ ପୀଡିତଙ୍କ ଲାଗି ସବୁପ୍ରକାର ସୁବିଧା ଏଥିରେ ଉପଲବ୍ଧ ହେବ । ନିଖିଲ ଓ ତାଙ୍କ ଟିମ୍ ପ୍ରଥମ ପର୍ଯ୍ୟାୟରେ ୧୦ରୁ ୨୦ଟି ଭେଣ୍ଟିଲେଟର ତିଆରି କରୁଛନ୍ତି । ଡାକ୍ତର ଓ ଟେଷ୍ଟ ଲାବ୍‌ର ମତନେଇ ଏହାକୁ ନିର୍ମାଣ କରାଯାଉଛି । ଏହା କେବଳ କୋଭିଡ-୧୯ ରୋଗୀଙ୍କ ପାଇଁ ନିର୍ମାଣ କରାଯାଉଛି ଓ ଏହା ସବୁ ରୋଗୀଙ୍କ ଲାଗି ବ୍ୟବହୃତ ହେଉଥିବା ଭେଣ୍ଟିଲେଟର ସହ ସମାନ ନୁହେଁ ବୋଲି କହନ୍ତି ନିଖିଲ । ଏବେ ବ୍ୟବହୃତ ଭେଣ୍ଟିଲେଟରର ଦାମ୍ ୧୫-୨୦ ଲକ୍ଷ ରହିଥିବାବେଳେ ଏହାର ମୂଲ୍ୟ ୫୦ ହଜାର ରହିଛି । ଦେଶରେ ଏବେ ମୋଟରେ ପାଖାପାଖି ୫୦ ହଜାର ଭେଣ୍ଟିଲେଟର ରହିଛି । ତେବେ କରୋନା ସଂକ୍ରମଣ ବିରୋଧରେ ଏହି ଯୁବ ଇଞ୍ଜିନିୟରଙ୍କ ଲଢେଇ ନିଶ୍ଚିତ ପ୍ରଶଂସନୀୟ ।

## ପାଠକ ଶ୍ରେଷ୍ଠ ବିଚାରକ

### ଏକୁଟିଆ ବଞ୍ଚିବାକୁ ଶିଖ

ମହାଶୟ,

ସମାଜରୁ ମଣିଷପଣିଆର ଅବକ୍ଷୟ ଘଟିଚାଲିଛି । ଆଗକାଳରେ ଯୌଥ ପରିବାର ଥିବାରୁ ପରିବାରର ବୃଦ୍ଧାବୃଦ୍ଧମାନେ ଏକୁଟିଆ ଅନୁଭବ କରୁ ନ ଥିଲେ । ନାତି, ନାତୁଣୀମାନଙ୍କ ମେଳରେ ଆନନ୍ଦରେ ଦିନ ବିତିଯାଉଥିଲା । ଏବେ ଯୌଥ ପରିବାର ଭାଙ୍ଗିଚୂର୍‌ମାର । ଆଜିକାଲି ଅନ୍ୟ ଲାଗି କାହାର ସମୟ ନାହିଁ । ଏପରିକି ଡାକ୍ତରଖାନାରେ ପଡି ରହିଥିବା ରୋଗୀଟି ପାଖରେ ସହାୟତା ଦେବା ପାଇଁ ମଧ୍ୟ ପରିବାରରେ ଲୋକର ଅଭାବ । ସମସ୍ତେ କାର୍ଯ୍ୟର ବାହାନା ଦେଖାଇ ନିଜର କର୍ତ୍ତବ୍ୟକୁ ଏଡାଇ ଯାଉଛନ୍ତି । ସନ୍ତାନମାନେ ମାତାପିତାଙ୍କ ଯତ୍ନ ନେବାକୁ ବାଧ୍ୟ ବୋଲି ନିୟମ ଥିଲେ ମଧ୍ୟ କେହି ଏହାକୁ ମାନୁନାହାନ୍ତି । ପୈତୃକ ସମ୍ପତ୍ତି ପାଇବା ପାଇଁ ଝିଅପୁଅଙ୍କ ମଧ୍ୟରେ କଳିଗୋଳ, କିନ୍ତୁ ବୃଦ୍ଧ ମାତାପିତାଙ୍କ ସେବା କରିବା ପାଇଁ କେହି ରାଜି ନୁହନ୍ତି । ମଣିଷପଣିଆ ହଜିଗଲାଣି । ବୟସର ସାୟାହ୍ନରେ ମାତାପିତାମାନେ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବାର ବହୁ ଖବର ପ୍ରକାଶ ପାଉଛି । ଏସବୁ ଦେଖି କଷ୍ଟ ହେଉଥିଲେ ମଧ ସେମାନେ ନିରୁପାୟ । ତେଣୁ ବୟସ୍କ ନାଗରିକମାନଙ୍କୁ ଅନୁରୋଧ, ସେମାନେ ଅଭିମାନ, ଅଭିଯୋଗ ଓ ଅବସୋସ ନ କରି ଏକୁଟିଆ ବଞ୍ଚିବାକୁ ଶିଖନ୍ତୁ । ଏହାଦ୍ୱାରା ସେମାନେ ମାନସିକ ଶାନ୍ତି ପାଇବେ ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଭଙ୍ଗା ଡାକ ବାକ୍ସ ବଦଳାଯାଉ

ସାକ୍ଷୀଗୋପାଳ ମନ୍ଦିର ନିକଟ ଲେଟର ବାକ୍ସଟି ତଳପଟୁ ଭାଙ୍ଗିଯାଇଛି । ଫଳରେ ସେଠାରେ ଲୋକମାନେ ଚିଠିପତ୍ର ପକାଇ ପାରୁନାହାନ୍ତି । ସାକ୍ଷୀଗୋପାଳ ଉପ ଡାକଘରର ପୋଷ୍ଟମାଷ୍ଟରଙ୍କୁ ବାରମ୍ବାର କହିବା ସତ୍ତ୍ୱେ ଲେଟର ବାକ୍ସଟି ବଦଳାଯାଉନି । ଯଦିଓ ଆଜିକାର ମୋବାଇଲ ଯୁଗରେ ଚିଠିପତ୍ରର ଆଦାନ ପ୍ରଦାନ କମ୍ ତଥାପି ଲୋକମାନେ ଚିଠି ପକାଉଛନ୍ତି । ଏହା କେବେ ବଦଳିବ କହିବା ସମ୍ଭବ ନୁହେଁ । ସାକ୍ଷୀଗୋପାଳ ଉପଡାକଘରେ ପାଣିର ଘୋର ଅଭାବ । ଆଗରୁ ନଳକୂଅଟିଏ ଥିଲା, ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଶୋଷ କଲେ ପାଣି ମୁନ୍ଦେ ପିଇବାକୁ ମିଳୁନି । ଏହାପରେ ଆଉ ଏକ ଦୁଃଖର କଥା ସାକ୍ଷୀଗୋପାଳ ନିକଟସ୍ଥ ଗାଁମାନଙ୍କରେ ଥିବା ପୋଷ୍ଟ ଅଫିସରେ ଦୀର୍ଘଦିନ ହେଲା ପୋଷ୍ଟ କାର୍ଡ, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର କିଛି ମିଳୁନି । ଏହା ଦୁଃଖଦାୟକ ନୁହେଁ କି । ସ୍ୱାଧୀନ ଦେଶର ନାଗରିକମାନଙ୍କ ପ୍ରତି ଏହା ଚରମ ଉପହାସ ନୁହେଁ କି ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅସହାୟ, ଗରିବଙ୍କୁ ଖାଦ୍ୟ ବଣ୍ଟନ

ଖୋର୍ଦ୍ଧା ଅଫିସ, ୩।୪: ଖୋର୍ଦ୍ଧା ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାରଠାରୁ ଗରିବ, ଅସହାୟଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଛି। ଲକଡାଉନ ଯୋଗୁ ବହୁ ଗରିବ, ଖଟିଖିଆ, ଅସହାୟ ଲୋକ ଭୋକ ଉପାସରେ ଆଉଟୁପାଉଟୁ ହେଉଛନ୍ତି। ସେମାନଙ୍କୁ ସହଯୋଗ ହାତ ବଢ଼ାଇବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଭାଲିଆବାଡ଼ି ବସ୍ତିରେ ଏବଂ ଆର୍‌ଏସ୍‌ଏସ୍ ନଗର ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଇଛି। ପୌର ପ୍ରଶାସନ ପକ୍ଷରୁ ମଧ୍ୟ ଅସହାୟଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

### ପରିବା ହାଟରେ ଯୋଗାଣ ବିଭାଗର ଚଢ଼ାଉ

**ଖୋର୍ଦ୍ଧା ଅଫିସ, ୩।୪:** କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୪ଟି ସ୍ଥାନରେ ଅସ୍ଥାୟୀ ପରିବା ହାଟ କରାଯାଇଛି। ତେବେ ଗତ କିଛି ଦିନ ଧରି ପନିପରିବା, ଡାଲି, ଚାଉଳ, ତେଲ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ସହକାରୀ ଯୋଗାଣ ଅଧିକାରୀ ଅଜୟ କୁମାର ରଥ ହାବେଳି ପରିବା ହାଟ, ଗୁରୁଜଙ୍ଗ ଏବଂ ଟିଏଲ୍‌ସି ପରିବା ହାଟ ବୁଲି ପନିପରିବା ଦର ସମ୍ପର୍କରେ ବୁଝିବା ସହ ଉଚିତ ମୂଲ୍ୟରେ ବିକ୍ରି ଲାଗି ବ୍ୟବସାୟୀମାନଙ୍କୁ ତାଗିଦ୍ କରିଥିଲେ। ଏଥିସହିତ ଆଳୁ ଗୋଦାମ ବୁଲି ଦେଖିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ସରକାରୀ ଦରରେ ବିକ୍ରି ଲାଗି ବେପାରୀମାନଙ୍କୁ ତାଗିଦ୍ କରିଥିଲେ। ସରକାରଙ୍କ ଧାର୍ଯ୍ୟ ଦର ଠାରୁ ଯେଉଁ ବ୍ୟବସାୟୀ ଅଧିକ ମୂଲ୍ୟରେ ସାମଗ୍ରୀ ବିକ୍ରି କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଯୋଗାଣ ଅଧିକାରୀ କହିଛନ୍ତି।

### ଅସହାୟଙ୍କୁ ଓପିଏର ଖାଦ୍ୟ ସାମଗ୍ରୀ ବଣ୍ଟନ

**ଭୁବନେଶ୍ୱର, ୩।୪:** ଓଡିଶା ପ୍ରଫେସନାଲ ଆସୋସିଏଶନ (ଓପିଏ) ପକ୍ଷରୁ କଲିକତାର ଝିଞ୍ଜିରାବଜାର, ବାଲି, ବାରାସାତ, ବଡବଜାର, ବୋଉ ବଜାର ଭଳି କେତେକ ଅଞ୍ଚଳରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଓପିଏର ସମ୍ପାଦକ ସମିତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅସହାୟଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚାଯାଇଛି। ଆୟକର ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ଏବଂ ସେତୁ ସମ୍ପାଦକ ପ୍ରଶାନ୍ତ କୁମାର ନାଥ ରିଲିଫ ଯୋଗାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବାଲିଠାରେ ରିଲିଫ ଯୋଗାଣର କେନ୍ଦ୍ରସ୍ଥଳ କରାଯାଇଥିବା ବେଳେ ସେଠାରୁ ବିଭିନ୍ନ ସ୍ଥାନକୁ ରିଲିଫ ଯୋଗାଇ ଦିଆଯାଉଛି। ଓପିଏ ସମ୍ପାଦକ ଜେନା କହିଛନ୍ତି ଯେ, ବହୁ ଓଡ଼ିଆ ଲୋକ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଫସି ରହିଛନ୍ତି। ସେମାନଙ୍କୁ ଥଇଥାନ ଏବଂ ସହାୟତା କରିବା ଦିଗରେ ଯୋଗଦାନ ସ୍ୱରୂପ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଏହାବାଦ କୁଲତାଲା ଅଞ୍ଚଳରେ ମଧ୍ୟ ରିଲିଫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଦାସ, ରେଣୁକା ରଥ, ରଞ୍ଜନ ଅଗ୍ରୱାଲ ଏବଂ ଝିଞ୍ଜିରା ବଜାର ଜଗନ୍ନାଥ ସେବା ସମିତିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସହଯୋଗ କରନ୍ତୁ, ଆମେ ଜିତିବା

## ପୁରୀ ପୋଲିସର ହୃଦୟସ୍ପର୍ଶୀ ସଚେତନତା ବାର୍ତ୍ତା










ପୁରୀ ଅଫିସ,୩।୪

କରୋନା ସହିତ ଲଢୁଛି ବିଶ୍ୱ। ଭାରତ ବି ଜୁଝି ହେଉଛି। ପ୍ରାଣଘାତୀ କରୋନା ଭୂତାଣୁଠାରୁ ରକ୍ଷା ପାଇବା ପାଇଁ ଦେଶବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ହେଲେ ବେକାବୁ ହୋଇଛି କରୋନା। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ମୁଣ୍ଡ ଗଡାଇ ଚାଲିଛି କରୋନା। ତେବେ ଏହାକୁ ମୁକାବିଲା ପାଇଁ ଲକ୍‌ଡାଉନ ହୋଇଛି ଦେଶ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଉଛି। ଘରେ ରହିଲେ ହିଁ ସୁରକ୍ଷିତ ରହିବେ ଏବଂ କରୋନା ସହିତ ଏହି ଲଢେଇରେ ଆମେ ଜିତିବା ବୋଲି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଦେଶବାସୀଙ୍କୁ ନିବେଦନ କରୁଛନ୍ତି। ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି। ମାରାତ୍ମକ କରୋନା ଭୂତାଣୁକୁ ନେଇ ଲୋକେ ଭୟଭୀତ ଥିବାବେଳେ ନିଜ ଜୀବନକୁ ବାଜି ଲଗାଇ ବାହାରେ ବୁଲୁଛନ୍ତି ପୋଲିସ। ଜନସାଧାରଣଙ୍କୁ ସୁରକ୍ଷା ଦେବା ଲାଗି ଦିନରାତି ଏକ୍ କରୁଛନ୍ତି। ପୁରୀ ପୋଲିସ ବି ଆପ୍ରାଣ ଉଦ୍ୟମ ଚଳାଇଛି। ଜନସାଧାରଣଙ୍କୁ ଘରେ ରହିବା ଲାଗି ଏକ ହୃଦୟସ୍ପର୍ଶୀ ସଚେତନତା ବାର୍ତ୍ତା ଦେଇଛି ପୁରୀ ପୋଲିସ।

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ୧ ମିନିଟ୍ ୧୮ ସେକେଣ୍ଡର ଏକ ଭିଡ଼ିଓ ପ୍ରସ୍ତୁତ କରାଯାଇଛି। ଏଥିରେ ପୁରୀ ପୋଲିସ ଜିଲାବାସୀଙ୍କୁ ସେମାନଙ୍କ ପରିବାର ବୋଲି ଅଭିହିତ କରିଛି। ଆମେ ସୁରକ୍ଷା ଦେବୁ, ଦୟାକରି ଆପଣ ଘରେ ରୁହନ୍ତୁ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମକୁ ସମର୍ଥନ ଦିଅନ୍ତୁ। ନିଜ ପାଇଁ ଏବଂ ନିଜ ପରିବାର ପାଇଁ ଘରେ ରୁହନ୍ତୁ ବୋଲି ବାର୍ତ୍ତା ଦିଆଯାଇଛି। ତେବେ ଏଥିରେ ହୃଦୟକୁ ଛୁଇଁଲା ଭଳି ସଚେତନତାର ବାର୍ତ୍ତା ବି ରହିଛି। ଟ୍ରାଫିକ୍‌ରେ କାର୍ଯ୍ୟରତ ଜଣେ ମହିଳା ପୋଲିସ ଘରେ ତାଙ୍କର ଅସୁସ୍ଥ ମା' ଅଛନ୍ତି, ଅନ୍ୟଜଣେ ତାଙ୍କର ୨ ବର୍ଷର ଝିଅ ଏବଂ ଆଉ ଜଣେ ତାଙ୍କ ସ୍ତ୍ରୀ କିପରି ତାଙ୍କ ପାଇଁ ବ୍ୟସ୍ତ ହେଉଛନ୍ତି ତାହାକୁ ପୋଷ୍ଟର ମାଧ୍ୟମରେ ଦର୍ଶାଉଛନ୍ତି। ହେଲେ ସେମାନେ ଏଭଳି ପରିସ୍ଥିତିରେ ଘରକୁ ଯାଇପାରୁ ନାହାନ୍ତି। ତେଣୁ କରୋନାକୁ ପରାସ୍ତ ପାଇଁ ସହଯୋଗ କରନ୍ତୁ ବୋଲି ଏହି ଭିଡ଼ିଓରେ ନିବେଦନ କରିଛି ପୁରୀ ପୋଲିସ। ଆମେ ସମସ୍ତେ ମିଶି କରୋନାକୁ ନିଶ୍ଚିତ ହରାଇପାରିବା ବୋଲି ଏହି ଭିଡ଼ିଓରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏସମ୍ପର୍କରେ ଟ୍ରାଫିକ ଇନ୍ସପେକ୍ଟର ଗୋକୁଳ ଚନ୍ଦ୍ର ଦାଶ କହିଛନ୍ତି, ପୋଲିସର ଗୋଟିଏ ଅନୁରୋଧ ସମସ୍ତେ ଘରେ ରୁହନ୍ତୁ। ବର୍ତ୍ତମାନ ସମସ୍ତେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛେ। କରୋନା ମୁକାବିଲା ପାଇଁ ବର୍ତ୍ତମାନ ଯଦି ସାମାନ୍ୟ କଷ୍ଟକୁ ସ୍ୱୀକାର ନ କରିବା ତେବେ ଆଗକୁ ଆମକୁ ବହୁମୂଲ୍ୟ ଦେବାକୁ ପଡିବ। ତେଣୁ ଜନସାଧାରଣଙ୍କୁ ସଚେତନ କରିବା ଲାଗି ପୋଲିସ ଏଭଳି ଏକ ଭିଡିଓ ପ୍ରସ୍ତୁତ କରିଛି ବୋଲି ଦାଶ କହିଛନ୍ତି।

# ଶଟ୍‌ଡାଉନ୍ ଶୁଣି ଦୋକାନକୁ ଧାଇଁଲେ

ଭୁବନେଶ୍ୱର,୩।୪ (ବ୍ୟୁରୋ)

ଭୁବନେଶ୍ୱର, କଟକ ଓ ଭଦ୍ରକକୁ ଶୁକ୍ରବାର ରାତିରୁ ରବିବାର ରାତି ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଲକ୍‌ଡାଉନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସହ ପେଟ୍ରୋଲ ପମ୍ପ ଆଦି ଖୋଲା ରହୁଥିଲା। ହେଲେ ଶଟ୍‌ଡାଉନ୍‌ରେ ସବୁକିଛି ବନ୍ଦ ରହିବ। ଲୋକେ ଘରୁ ବାହାରିପାରିବେ ନାହିଁ। ଏ କଥା ଶୁଣି ୩ସହରର ଲୋକଙ୍କ ମଧ୍ୟରେ ଛନକା ପଶିଛି। ସେମାନେ ଫଳ, ପରିବା ଓ ଗ୍ରସେରି ଦୋକାନକୁ ଧାଇଁଛନ୍ତି। ତେବେ ରାଜଧାନୀରେ ଭିଡ଼ କହିଲେ ନ ସରେ। ବ୍ୟସ୍ତତା ଭିତରେ ସାମଗ୍ରୀ ନେବାକୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଯାଇଥିବା ଭଳି ମନେ ହେଉଥିଲା। ସାମାଜିକ ଦୂରତ୍ୱ ରକ୍ଷା କରିବେ କ'ଣ ପରସ୍ପରକୁ ଠେଲାପେଲା କରୁଥିଲେ। ଏପରି କି ୩ଦିନ ପାଇଁ ଆବଶ୍ୟକତାଠାରୁ ଅଧିକ ଜିନିଷପତ୍ର ବୋହି ନେଉଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ପେଟ୍ରୋଲ ପମ୍ପଗୁଡିକରେ ଜରୁରୀସେବା ଯୋଗାଉଥିବା ଗାଡ଼ିଗୁଡିକର ଲମ୍ବା ଲାଇନ୍ ଲାଗିଥିଲା। ଏଥିମଧ୍ୟରୁ ଅଧିକାଂଶ ପିସିଆର ଭ୍ୟାନ୍, ଥାନା ଗାଡ଼ି ଓ ଆମ୍ବୁଲାନ୍ସ ରହିଛି। ଆସନ୍ତା ୪୮ ଘଣ୍ଟା ପୋଲିସ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ପୋଲିସ ଭ୍ୟାନ୍ ସହରର ମୁଖ୍ୟ ରାସ୍ତାଠାରୁ ବିଭିନ୍ନ ଗଳିକନ୍ଦିରେ ପଇଁତରା ମାରି ଶଟ୍‌ଡାଉନ୍‌କୁ କଡାକଡି କରିବ। ତେଣୁ ପୋଲିସ ଗାଡିଗୁଡିକରେ ତେଲ ଭରପୂର କରାଯାଉଥିବା ଦେଖିବାକୁ ମିଳିଥିଲା।

# ଦିଲ୍ଲୀ ଫେରନ୍ତାଙ୍କ ନାମରେ ଏତଲା

## ତଥ୍ୟ ଲୁଚାଇ ମଲ୍‌ରେ କାମ କରୁଥିଲେ

**ଭୁବନେଶ୍ୱର, ୩।୪(ବ୍ୟୁରୋ):** ଓଡ଼ିଶାର ୬ଜଣ କରୋନା ଚିହ୍ନଟଙ୍କ ମଧ୍ୟରୁ ୫ଜଣ ରାଜ୍ୟ ବାହାରୁ କୋଭିଡ୍-୧୯ ଆକ୍ରାନ୍ତ ହୋଇଛନ୍ତି। ତେଣୁ ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ଲୋକେ ନାମ ପଞ୍ଜୀକରଣ କରି ସମସ୍ତ ତଥ୍ୟ ଦେବାସହ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଥିଲା। ହେଲେ ଏସବୁ ତଥ୍ୟ ଲୁଚାଇଥିବା ଜଣେ ଦିଲ୍ଲୀ ଫେରନ୍ତାଙ୍କ ନାମରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଇନ୍‌ଫୋସିଟି ଥାନାରେ ଏତଲା ଦିଆଯାଇଛି। ସେ ହେଲେ ପ୍ରଶାନ୍ତିବିହାରରେ ରହୁଥିବା ହେମନ୍ତ ମଲ୍ଲିକ। ହେମନ୍ତ ନୟାପଲ୍ଲୀସ୍ଥିତ ବିଶାଲ ମେଗା ମାର୍ଟରେ ଆର୍‌ଏଲ୍‌ପିଓ ଭାବେ କାର୍ଯ୍ୟ କରନ୍ତି। ସେ କୌଣସି କାର୍ଯ୍ୟରେ ଦିଲ୍ଲୀ ଯାଇ ଗତ ମାର୍ଚ୍ଚ ୨୩ରେ ଓଡ଼ିଶା ଫେରିଥିଲେ। ଏହାପରେ ସେ କାହାକୁ ନ ଜଣାଇ ନିଜ କାର୍ଯ୍ୟରେ ଯୋଗଦେବା ସହ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି ବୋଲି ବିଏମ୍‌ସି ସୂଚନା ପାଇବା ପରେ ପଦକ୍ଷେପ ନେଇଛି।

# ମୁଖ୍ୟମନ୍ତ୍ରୀ ପାଇବେ 'ହିରୋ ଟୁ ଆନିମଲ୍ସ ଆୱାର୍ଡ'

ଭୁବନେଶ୍ୱର(ବ୍ୟୁରୋ) ୩।୪

ଲକ୍‌ଡାଉନ୍ ଯୋଗୁ ଖାଦ୍ୟ ଓ ପାଣି ପାଇଁ ଡହଳବିକଳ ହୋଇ ରାଜ ରାସ୍ତାରେ ବୁଲୁଥିଲେ ଗୋରୁଗାଈ, କୁକୁର ଓ ଅନ୍ୟ ପଶୁପକ୍ଷୀ। ଏଭଳି ସମୟରେ ଓଡ଼ିଶା ପ୍ରଥମ ରାଜ୍ୟଭାବେ ଏହି ବୁଲା ଜୀବଜନ୍ତୁଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୪ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଘୋଷଣା କରିବାପରେ ରାଜ୍ୟର ୫ ମହାନଗର ନିଗମ ସହ ୪୮ ପୌରପାଳିକା ଅଞ୍ଚଳରେ ବାହାରେ ବୁଲୁଥିବା ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ଓଡ଼ିଶାର ଏଭଳି ପଦକ୍ଷେପ ଲାଗି ପିପୁଲ୍ ଫର୍ ଦି ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପିଇଟିଏ) ଇଣ୍ଡିଆ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ 'ହିରୋ ଟୁ ଆନିମଲ୍ସ ଆୱାର୍ଡ' ପ୍ରଦାନ କରିବାକୁ ଘୋଷଣା କରିଛି। ଓଡ଼ିଶା ଏଭଳି ପଦକ୍ଷେପ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ପିଇଟିଏ ସିଇଓ ଡ. ମଣିଲାଲ୍ ଭାଲିୟାତେ କହିଛନ୍ତି। ଅନ୍ୟପକ୍ଷରେ ପିଇଟିଏ ଇଣ୍ଡିଆ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଲକ୍‌ଡାଉନ୍ ପର୍ଯ୍ୟନ୍ତ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ଦେବାକୁ ଅନୁରୋଧ କରିଛି।

# ଭୁବନେଶ୍ୱରରେ ଖୋଲା ରହିବ ୪୦ ମେଡିସିନ ଷ୍ଟୋର

ଭୁବନେଶ୍ୱର, ୩।୪(ବ୍ୟୁରୋ)

ଭୁବନେଶ୍ୱର ସମେତ କଟକ ଓ ଭଦ୍ରକକୁ ୪୮ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ୪୦ ମେଡିସିନ ଷ୍ଟୋର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଖଣ୍ଡଗିରି ଥାନାଞ୍ଚଳର ସଞ୍ଜିବନୀ, ଶାନ୍ତି, ଦୀପକ ମେଡିସିନ ଷ୍ଟୋର୍, ନୟାପଲ୍ଲୀ ଥାନାଞ୍ଚଳର ମେଡ୍ ପ୍ଲସ୍, କ୍ୟାପିଟାଲ ଡ୍ରଗ୍, ଆପୋଲୋ ଫାର୍ମାସୀ ଷ୍ଟୋର, କ୍ୟାପିଟାଲ ଥାନାଞ୍ଚଳର ରବୀନ୍ଦ୍ର, ମହାନ୍ତି ମେଡିସିନ ଷ୍ଟୋର୍, ଆପୋଲୋ ଫାର୍ମାସୀ, ମଞ୍ଚେଶ୍ୱର ଥାନାଞ୍ଚଳର ସ୍ୱର୍ଣ୍ଣିମା, ଦି ମେଡିସିନ୍, ଓପ୍‌ଟିଭାଲ ହେଲ୍‌ଥ ଶଲ୍ୟୁଶନ ମେଡିକାଲ ଷ୍ଟୋର ସମେତ ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ଶହୀଦନଗର, ଖାରବେଳନଗର, ଧଉଳି, ଲିଙ୍ଗରାଜ, ବଡ଼ଗଡ଼, ଲକ୍ଷ୍ମୀସାଗର ଆଦି ଥାନାଞ୍ଚଳରେ ୩ଟି ଲେଖାଏ ଓ ଏୟାରଫିଲ୍ଡ ଥାନାଞ୍ଚଳରେ ୪ଟି ମେଡିସିନ ଷ୍ଟୋର ଖୋଲା ରହିବ। ଏ ସମ୍ପର୍କରେ ବିଏମ୍‌ସି ନିଜ ୱେବ୍‌ସାଇଟ୍ ସମେତ ସୋସିଆଲ ମିଡିଆରେ ଉପଲବ୍ଧ କରାଇଛି।

# ବଢୁଛି ଲକ୍‌ଡାଉନ୍ ଉଲ୍ଲଂଘନ ମାମଲା

କଟକ ଅଫିସ,୩।୪

ରାଜ୍ୟରେ ନିୟମିତ ଲକ୍‌ଡାଉନ୍ ଉଲ୍ଲଂଘନଜନିତ ମାମଲା ବଢ଼ିବାରେ ଲାଗିଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ୨ ତାରିଖ ସକାଳଠାରୁ ୩ ତାରିଖ ସକାଳ ମଧ୍ୟରେ ସାରା ରାଜ୍ୟରେ କରୋନା ସଂକ୍ରାନ୍ତ ବିଭିନ୍ନ ନିୟମ ଉଲ୍ଲଂଘନଜନିତ ୨୬୩ଟି ମାମଲା ରୁଜୁ ହୋଇଛି। ସେଥିରୁ ଲକ୍‌ଡାଉନ୍‌ଜନିତ ମାମଲା ୨୫୪। ଏଥିସହ ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନଜନିତ ୩ଟି ଏବଂ ଅନ୍ୟାନ୍ୟ ନିୟମ ଉଲ୍ଲଂଘନ ପାଇଁ ୬ଟି ମାମଲା ରୁଜୁ କରାଯାଇଛି। ୧ ତାରିଖ ସକାଳଠାରୁ ୨ ତାରିଖ ସକାଳ ପର୍ଯ୍ୟନ୍ତ ୨୫୪ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଲକ୍‌ଡାଉନ୍ ଉଲ୍ଲଂଘନ ଜନିତ ମାମଲା ୨୨୯ଟି ରହିଛି। ୬ଟି ହୋମ୍ କ୍ୱାରାଣ୍ଟାଇନ୍ ଏବଂ ୧୦ଟି ଅନ୍ୟାନ୍ୟ ଉଲ୍ଲଂଘନ ଜନିତ ମାମଲା ଅଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ଲକ୍‌ଡାଉନ୍ ଉଲ୍ଲଂଘନ ଜନିତ ମାମଲା ୨୫ଟି ବୃଦ୍ଧି ଘଟିଛି। କେବଳ ଏହି ଅବଧି ନୁହେଁ, ଗତ କିଛି ଦିନ ହେଲା ଏଥିରେ କ୍ରମାଗତ ବୃଦ୍ଧି ହେବାରେ ଲାଗିଛି। ୩୧ ତାରିଖ ସକାଳ ଠାରୁ ୧ ତାରିଖ ସକାଳ ମଧ୍ୟରେ ୨୧୯ଟି ମାମଲା ରୁଜୁ ହୋଇଥିଲା। ତନ୍ମଧ୍ୟରେ ଲକ୍‌ଡାଉନ୍ ଉଲ୍ଲଂଘନ ଜନିତ ମାମଲା ୧୯୭ଟି ରହିଥିଲା। ୯ଟି ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ଏବଂ ୧୩ଟି ଅନ୍ୟାନ୍ୟ ମାମଲା ରହିଛି। ଏହି ୨୪ ଘଣ୍ଟା ମଧ୍ୟରେ ୩୨ଟି ଲକ୍‌ଡାଉନ୍ ଉଲ୍ଲଂଘନ ଜନିତ ମାମଲା ବଢ଼ିଛି। ସେହିଭଳି ଗତ କିଛିଦିନର କେବଳ ଲକ୍‌ଡାଉନ୍ ଉଲ୍ଲଂଘନ ସମ୍ପର୍କିତ ମାମଲା ଗୁଡ଼ିକ ଦେଖିଲେ ସ୍ପଷ୍ଟ ହେଉଛି ଯେ, ନିୟମିତ ବ୍ୟବଧାନରେ ଏଥିରେ ବୃଦ୍ଧି ହେବାରେ ଲାଗିଛି।

# ସୂର୍ଯ୍ୟନଗରବାସୀଙ୍କ ଦୁଆରେ ପହଞ୍ଚିଲା ଅତ୍ୟାବଶ୍ୟକ ସାମଗ୍ରୀ



# ଭୟଭୀତ ନୁହେଁ, ସତର୍କ ରହିବାକୁ ବିଏମ୍‌ସିର ପରାମର୍ଶ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ରାଜ୍ୟରେ ଇତିମଧ୍ୟରେ ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪ଜଣ ହେଉଛନ୍ତି ଭୁବନେଶ୍ୱରର। ଜନହିତ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପଞ୍ଚମ କରୋନା ଆକ୍ରାନ୍ତଙ୍କ ପରିଚୟ ଓ ଠିକଣା ଘୋଷଣା କରିବା ପରେ ସେ ରହୁଥିବା ସୂର୍ଯ୍ୟନଗରକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଗୋପବନ୍ଧୁ ଛକରୁ ଏଲ୍‌ଆଇସି ଛକ, ଏଲ୍‌ଆଇସି ଛକରୁ ଶିରିପୁର ଛକ, ଶିରିପୁର ଛକରୁ ଗୋପବନ୍ଧୁ ଛକ ଯାଏ ଚତୁଃପାର୍ଶ୍ୱରେ ପ୍ରବେଶ ଓ ପ୍ରସ୍ଥାନ ବନ୍ଦ କରାଯିବା ସହ ଲୁହା ବ୍ୟାରିକେଡ୍ ପକାଇ ପୋଲିସ ଜଗି ବସିଛି। ସିଲ୍ ଯୋଗୁ ଯେପରି ଲୋକେ ହଇରାଣ ନ ହେବେ ସେଥିପାଇଁ ବିଏମ୍‌ସି ପକ୍ଷରୁ ସକାଳେ ଓ ସନ୍ଧ୍ୟାରେ ୩ ଗାଡ଼ିରେ ସୂର୍ଯ୍ୟନଗରର ଘରକୁ ଘର ବୁଲି ରାଶନ, ପନିପରିବା, କ୍ଷୀର ଓ ଅଣ୍ଡା ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇ ଦିଆଯାଉଛି। ସକାଳେ ୩ ଗାଡ଼ିରେ ରାଶନ, ପନିପରିବା, କ୍ଷୀର ଓ ଅଣ୍ଡା ଦିଆଯାଇଥିବାବେଳେ ସନ୍ଧ୍ୟାରେ ରାଶନ, ପନିପରିବା, କ୍ଷୀର ଓ ପନିର ଦିଆଯାଇଛି। ଏହା ଆମ ସମସ୍ତଙ୍କ ପାଇଁ କରୋନା ସହ ଲଢ଼େଇ କରିବାର ବେଳ। ଲୋକେ ଭୟଭୀତ ନ ହୋଇ ସତର୍କ ରହି ସରକାର ଓ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ବିଏମ୍‌ସି ଡେପୁଟି କମିଶନର କମଲଜିତ୍ ଦାସ ନିବେଦନ କରିଛନ୍ତି।

### ଘର ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ପରଖିଲେ ଡାକ୍ତରୀ ଦଳ

ସୂର୍ଯ୍ୟନଗରବାସୀଙ୍କ ପାଇଁ ଗଠିତ ସ୍ୱତନ୍ତ୍ର ଡାକ୍ତରୀ ଦଳ ଶୁକ୍ରବାର ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କେତେଜଣଙ୍କର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିଛନ୍ତି। ମୁଖ୍ୟତଃ ବୃଦ୍ଧ ଓ ଥଣ୍ଡା କାଶ ଥିବା ଲୋକଙ୍କୁ ଔଷଧ ଦିଆଯାଇ ଖାଦ୍ୟ ଓ ରହଣି ଉପରେ କେତେକ ପରାମର୍ଶ ଦେଇଛନ୍ତି। ଏଥିସହ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଘର ଆଗରେ ସଚେତନତା ବାର୍ତ୍ତା ଲେଖାଥିବା ପୋଷ୍ଟର ଲଗାଯାଉଛି। ସାନିଟାଇଜର ପାଇଁ ଭବାନୀ ମିଶ୍ର, ଜରୁରୀ ସେବା ପାଇଁ କମଲଜିତ୍ ଦାସ ଓ ସ୍ୱାସ୍ଥ୍ୟସେବା ପାଇଁ ଡକ୍ଟର ପତିଙ୍କୁ କଲ୍ କରିବାକୁ ପରାମର୍ଶ ଦିଆଯିବା ସହ ସେଥିରେ ସେମାନଙ୍କ ଫୋନ୍ ନମ୍ବର ଉଲ୍ଲେଖ କରାଯାଇଛି।

### ଦୁଇଥର ହେଲା ସାନିଟାଇଜ୍

ସୂର୍ଯ୍ୟନଗରକୁ ସିଲ୍ କରାଯିବା ପରେ ସଫେଇ ଓ ବିଶୋଧନ ଉପରେ ଗୁରୁତ୍ୱ ଦେଇଛି ବିଏମ୍‌ସି। ପରିଷ୍କାର ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ଅଞ୍ଚଳକୁ ଦୁଇଥର ସାନିଟାଇଜ୍ କରାଯାଉଛି। ସୋଡିୟମ୍ ହାଇପୋକ୍ଲୋରାଇଟ୍ କେମିକାଲ ମିଶା ପାଣି ଓ ଭୂତାଣୁ ନାଶକ ଧୂଆଁ ସ୍ପ୍ରେ କରାଯାଉଛି। ଆବଶ୍ୟକ ହେଲେ ଆଉଥରେ ସାନିଟାଇଜ୍ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

# ଦୁର୍ଦ୍ଦଶା ବଢ଼ାଇଛି ଲକ୍‌ଡାଉନ

ଖୋର୍ଦ୍ଧା ଅଫିସ,୩।୪



କରୋନା ଭୂତାଣୁ ସଂକ୍ରମଣ ନିୟନ୍ତ୍ରଣ ଲାଗି ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା ହୋଇଛି। ଏହା ପ୍ରଭାବରେ ଦିନ ମଜୁରିଆ, ରିକ୍ସାଚାଳକ ବିଶେଷ ପ୍ରଭାବିତ ହୋଇଛନ୍ତି। ସହରରେ ପ୍ରତିଦିନ ୬୦ରୁ ଊର୍ଦ୍ଧ୍ୱ ରିକ୍ସାଚାଳକ ପରିବା ମଣ୍ଡି, ଖାଦ୍ୟ ସାମଗ୍ରୀ, ଗ୍ରସେରି ସାମଗ୍ରୀ ଆଦି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା କରି କିଛି ଅର୍ଥ ରୋଜଗାର କରୁଥିଲେ। ଦୈନିକ ରିକ୍ସା ଟାଣିଲେ ସେମାନଙ୍କ ପରିବାର ଚଳୁଥିଲା। ତେବେ ଗତ ୧୦ ଦିନ ହେଲା ସେମାନେ କୌଣସି କାମଧନ୍ଦା ନ ପାଇ ହାତବାନ୍ଧି ବସିଛନ୍ତି। ଦୈନିକ କୋ ଅପରେଟିଭ ଛକ ନିକଟରେ ଧାଡ଼ି ବାନ୍ଧି ରିକ୍ସା ଧରି ଗ୍ରାହକଙ୍କୁ ଅପେକ୍ଷା କରି ରହୁଛନ୍ତି। ମାତ୍ର କାହାରି ଦେଖା ନାହିଁ। ରିକ୍ସାରେ କିଛି ପନିପରିବା ବସ୍ତା ନେଇ ସେ ଗତ ୧୨ଦିନ ମଧ୍ୟରେ ମାତ୍ର ଦୁଇ ଶହ ଟଙ୍କା ରୋଜଗାର କରିଥିବା ଗଡଖୋର୍ଦ୍ଧାର ଗୋପୀ ନାୟକ କହିଛନ୍ତି। ଲକଡାଉନ କଣ ବୁଝି ନ ଥିବା ୬୦ବର୍ଷୀୟ ରିକ୍ସାଚାଳକ ଅଜୁ ମିଶ୍ର କହିଛନ୍ତି, ଆମେ କେମିତି ପରିବାର ଚଳାଇବୁ ସେଇ ଚିନ୍ତା ଘାରିଛି। ସେହିପରି ଚାନ୍ଦ ନାୟକ କହିଛନ୍ତି, ବାବୁ ଆମେ ମୂଲ ଲାଗିଲେ ପରିବାର ଚଳିବ। ଏପରି ଅବସ୍ଥା ଆଉ କିଛି ଦିନ ଜାରି ରହିଲେ, ଆମ ଘର ସଂସାର ଭାସିଯିବ। ନାରାୟଣ ବେହେରା କହିଛନ୍ତି, ସରକାର ଗରିବ ଲୋକଙ୍କୁ ଆଗୁଆ ଭତ୍ତା ଓ ଚାଉଳ ଦେଉଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଆମକୁ କୌଣସି ସରକାରୀ ସହାୟତା ମିଳିନାହିଁ। ରାଜୁ ନାୟକ କହିଛନ୍ତି ବର୍ତ୍ତମାନ ସମୟରେ ଚଳିବା କଷ୍ଟକର ହୋଇଗଲାଣି। କେହି ଧାର କରଜ ଦେବାକୁ ରାଜି ହେଉନାହାନ୍ତି। ସବୁଦିନ ବସିବସି ନିରାଶରେ ଫେରୁଛୁ। ନାରାୟଣ ନାୟକ କହିଛନ୍ତି, ରିକ୍ସା ନ ଗଡ଼ିଲେ, ଆମେ ଖାଇବୁ କ'ଣ। ଫାଇଲିନ ଦୁଃଖ ସରି ନ ଥିବାବେଳେ ଏବେ ଲକଡାଉନ ପୁଣି ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ଏଭଳି ଦୁର୍ଦ୍ଦିନରେ ସରକାର ଆମ କଥା ବୁଝିବା ଦରକାର।

# ଗ୍ୟାରେଜ ମିସ୍ତ୍ରି ବିକୁଛନ୍ତି ପରିବା

## ବୃତ୍ତି ବଦଳାଇ ଦେଇଛି କରୋନା

ପୁରୀ ଅଫିସ,୩।୪

କରୋନା ପାଇଁ ସାରା ଦେଶ ଏବେ ଲକ୍‌ଡାଉନ। ଗଡୁନି ଗାଡ଼ିମୋଟର କି ଖୋଲୁନି ଦୋକାନ ବଜାର। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା କଟକଣାରୁ ବାଦ୍ ପଡ଼ିଛି। ଫଳରେ ଅନେକଙ୍କ ଜୀବନଜୀବିକା ଉପରେ ଏହାର ପ୍ରଭାବ ପଡ଼ିଛି। ବିଶେଷକରି ଶ୍ରମିକ ଓ ଦିନମଜୁରିଆ ଶ୍ରେଣୀର ଲୋକେ ପରିବାର ପ୍ରତିପୋଷଣ କରିବା ନେଇ ସମସ୍ୟାରେ ପଡ଼ିଛନ୍ତି। ରାସ୍ତାକଡ଼ ଠେଲା ଦୋକାନୀ ହେଉ ଅବା ଗ୍ୟାରେଜ ବାଲା କିମ୍ବା ଛୋଟମୋଟ ବ୍ୟବସାୟକୁ ଆପଣାଇ ପରିବାର ଚଳାଉଥିବା ଲୋକଙ୍କ ଉପରେ ଏବେ ଚଡ଼କ ପଡ଼ିଛି। ୨୧ଦିନିଆ ଲକ୍‌ଡାଉନକୁ ଏବେ ୧୦ଦିନ ପୂରିଛି। ଆହୁରି ୧୧ଦିନ ବାକିଥିବାବେଳେ ଆଗକୁ ସ୍ଥିତି କ'ଣ ରହିବ ତାହା କହିବା ମୁସ୍କିଲ ହୋଇପଡ଼ିଛି। ତେଣୁ ଅନେକ ବ୍ୟବସାୟୀ ନିଜ ବୃତ୍ତିକୁ ଛାଡ଼ି ଭିନ୍ନ ବୃତ୍ତିକୁ ଆପଣାଇବା ଆରମ୍ଭ କରିଦେଲେଣି। କଟକଣାରୁ ମୁକ୍ତ ଥିବା ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଛନ୍ତି। ବିଶେଷକରି ପରିବା ଏବଂ ଖାଦ୍ୟ କ୍ଷୀର, ଫଳ ଆଦି ରାସ୍ତାକଡ଼ରେ ବସି ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏମିତି କି ଗ୍ୟାରେଜ ମିସ୍ତ୍ରି ହାତରେ ଏବେ ପରିବା ବିକା ଦଣ୍ଡି ଦେଖିବାକୁ ମିଳୁଛି।

ପୁରୀ ସହରର ଭିଆଇପି ରୋଡରେ ରାକେଶଙ୍କ ରହିଛି ଏକ ବାଇକ୍ ଗ୍ୟାରେଜ। ବାଇକ୍ ମରାମତି ଏବଂ ସର୍ଭିସିଂ କରିଥାନ୍ତି। ଦୁଇଜଣ ପିଲାଙ୍କୁ ରଖି କାମ କରୁଥିଲେ। ଏହି ଗ୍ୟାରେଜରୁ ସେ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। ଏଥିସହିତ ଅନ୍ୟ ଦୁଇଜଣଙ୍କୁ ବି ଦରମା ଦେଉଥିଲେ। ହେଲେ କରୋନା ପାଇଁ ଲକ୍‌ଡାଉନ ଯୋଗୁ ବନ୍ଦ ହୋଇଯାଇଛି ତାଙ୍କ ଗ୍ୟାରେଜ। ତେଣୁ ପରିବାର ଚଳାଇବା ପାଇଁ ସେ ଏବେ ପରିବା ବ୍ୟବସାୟ କରୁଛନ୍ତି। ସକାଳୁ ବଡ଼ଶଙ୍ଖ ପରିବା ମାର୍କେଟକୁ ଯାଇ ବିଭିନ୍ନ ପ୍ରକାର ପରିବା ଆଣୁଛନ୍ତି। ନିଜ ଗ୍ୟାରେଜ ସମ୍ମୁଖରେ ଏହାକୁ ବିକ୍ରି କରୁଛନ୍ତି। ଏସମ୍ପର୍କରେ ରାକେଶ କୁହନ୍ତି ଯେ, ପ୍ରତିଦିନ ଗ୍ୟାରେଜରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳୁଥିଲା। ମାତ୍ର ଲକ୍‌ଡାଉନ ଯୋଗୁ ଏବେ ଗ୍ୟାରେଜ ବନ୍ଦ ରହିଛି। ତେଣୁ ପରିବାର ପ୍ରତିପୋଷଣ ପାଇଁ ପରିବା ବ୍ୟବସାୟ କରୁଛି। ଯେହେତୁ ପରିବା ବିକ୍ରିବଟା ଉପରେ କୌଣସି କଟକଣା ନାହିଁ ତେଣୁ ଏଭଳି ନିଷ୍ପତ୍ତି ନେଇଛି। ଲକ୍‌ଡାଉନ କେତେଦିନ ଯାଏ ଚାଲିବ ତାହାର କିଛି ଠିକ୍ ଠିକଣା ନାହିଁ। ଘରେ ବସିବା ଅପେକ୍ଷା ପରିବା ବ୍ୟବସାୟ କରୁଛି। ପ୍ରଥମରୁ ଲୋକେ କାଁ ଭାଁ ଆସୁଥିଲେ। ଏବେ ସେମିତି ବିକ୍ରି ଚାଲିଛି ବୋଲି କହିଛନ୍ତି ରାକେଶ। ସେହିପରି ବଡ଼ଦାଣ୍ଡ ମେଡିକାଲ ଛକରେ ଜଳଖିଆ ବିକ୍ରି କରୁଥିବା ଜଣେ ଠେଲା ଦୋକାନୀ ଏବେ ବୁଲିବୁଲି କେକ୍ ଆଉ ପାଉଁରୁଟି ବିକ୍ରି କରୁଛନ୍ତି। କେବଳ ଉପରୋକ୍ତ ଦୁଇଜଣ ନୁହଁନ୍ତି, ପୁରୀ ସହରରେ ଅନେକ କ୍ଷୁଦ୍ର ବ୍ୟବସାୟୀ ଏବେ ପେଟପାଟଣା ପାଇଁ ବୃତ୍ତିକୁ ବଦଳାଇଛନ୍ତି। ଯେହେତୁ ପନିପରିବା, ଫଳ, କ୍ଷୀର ଆଦି ବିକ୍ରି କରିବା ଉପରେ କଟକଣା ନାହିଁ ଅନେକ ଏହାକୁ ଆପଣାଇଛନ୍ତି। ଫଳରେ ଗଳିକନ୍ଦିରେ ଏବେ ପରିବା ବ୍ୟବସାୟୀଙ୍କୁ ଦେଖିବାକୁ ମିଳୁଛି। ଅନେକେ ଠେଲାଗାଡିରେ ମଧ୍ୟ ବିଭିନ୍ନ ପ୍ରକାର ପରିବା ନେଇ ସାହିଗଳିରେ ବୁଲି ବିକ୍ରି କରୁଥିବା ଦେଖିବାକୁ ମିଳୁଛି।

# ଶଟ୍‌ଡାଉନ୍ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ ଅଫିସ, ୩।୪

ଭଦ୍ରକ ପୌରାଞ୍ଚଳ ତଥା ଆଖପାଖ ଗ୍ରାମାଞ୍ଚଳରେ ଶୁକ୍ରବାର ରାତି ୮ରୁ ରବିବାର ରାତି ୮ ପର୍ଯ୍ୟନ୍ତ ୪୮ ଘଣ୍ଟା ପାଇଁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ୪୮ ଘଣ୍ଟା ମଧ୍ୟରେ ପ୍ରଶାସନିକ କଟକଣାକୁ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଉପସ୍ଥିତ ରହି ଉପରୋକ୍ତ ସୂଚନା ଦେଇଛନ୍ତି। କେବଳ ସୀମିତ ଔଷଧ ଦୋକାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି କୁହାଯାଇଛି। ଏହି ସମୟରେ ଭଦ୍ରକ ପୌରାଞ୍ଚଳକୁ କେହି ଆସିପାରିବେ ନାହିଁ କିମ୍ବା ଯାଇପାରିବେ ନାହିଁ। ପୌରାଞ୍ଚଳକୁ ଯୋଗାଯୋଗ କରୁଥିବା ସମସ୍ତ ରାସ୍ତାକୁ ପୋଲିସ ପକ୍ଷରୁ ସିଲ୍ କରି ଦିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଭଦ୍ରକ ଅଞ୍ଚଳରେ ଯାଉଥିବା ୧୬ ନଂ.ଜାତୀୟ ରାଜପଥରେ କୌଣସି ଯାନବାହନ ଅଟକିପାରିବ ନାହିଁ ବୋଲି କୁହାଯାଇଛି। ଏହି ସମୟରେ କରୋନା ସଂକ୍ରମଣ କାର୍ଯ୍ୟକ୍ରମରେ ନିୟୋଜିତ ଥିବା ସରକାରୀ କର୍ମଚାରୀଙ୍କୁ ହିଁ ଯାତାୟାତ ପାଇଁ ସୁଯୋଗ ଦିଆଯିବ।



ଜିଲାପାଳ, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ଶଟ୍‌ଡାଉନ ବେଳେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

ଯେପରିକି ଦମକଳ, ହସ୍ପିଟାଲ, ନେସ୍କୋ, ଟେଲିକମ୍, ପୌରପାଳିକା ଭଳି ଜରୁରୀ ବିଭାଗର ନିର୍ଦ୍ଦିଷ୍ଟ କେତେକ କର୍ମଚାରୀଙ୍କୁ ଯାତାୟାତ ପାଇଁ ସୁଯୋଗ ଦିଆଯିବ। ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପାସ୍ ଏହି ସମୟରେ କାର୍ଯ୍ୟ କରିବ ନାହିଁ ବୋଲି କୁହାଯାଇଛି। ପୌରାଞ୍ଚଳର ୩୦ଟି ୱାର୍ଡ଼, ସାମରାଇପୁର ଗାଁ ଓ ଭଦ୍ରକ ଚରମ୍ପା ଷ୍ଟେଶନ ଅଞ୍ଚଳର ସମସ୍ତ ଗାଁରେ ଏହି ଆଇନ ବଳବତ୍ତର ରହିବ ବୋଲି କୁହାଯାଇଛି। ଭଦ୍ରକରେ ରାଜ୍ୟର ଚତୁର୍ଥ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ସମଗ୍ର ପୌରାଞ୍ଚଳରେ ଏହି ଆଇନ କଡ଼ାକଡ଼ି କରାଯାଇଥିବା କୁହାଯାଇଛି। ଶୁକ୍ରବାର କଟକରେ ରାଜ୍ୟରେ ଷଷ୍ଠ ରୋଗୀ ଚିହ୍ନଟ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କଠୋର ନୀତି ଅବଲମ୍ବନ କରାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ୧୮ ଗିରଫ

### ୬ ବାଇକ ଜବତ

**ଭଣ୍ଡାରିପୋଖରୀ, ୩।୪ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନାର ବିଭିନ୍ନ ଅଞ୍ଚଳରେ ଲକ୍‌ଡାଉନ୍ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ରାତିରେ ସ୍ଥାନୀୟ ପୋଲିସ ୧୮ ଜଣଙ୍କୁ ଗିରଫ କରିବା ସହ ୬ଟି ବାଇକ ଜବତ କରିଛି। ଭଣ୍ଡାରିପୋଖରୀ ଥାନାଧିକାରୀ ସନାତନ ସାହୁ ଗୁରୁବାର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିବା ବେଳେ ଲକଡାଉନ ଅମାନିଆଙ୍କୁ ଧରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୬୮/୨୦) ରୁଜୁ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସର ଗିରଫଦାରୀକୁ ଦେଖି ଅମାନିଆଙ୍କ ମଧ୍ୟରେ ଛନକା ପଶିଛି।

### ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା

**ଖଇରା, ୩।୪(ଡି.ଏନ.ଏ.):** ଖଇରା ବ୍ଲକର ବିଭିନ୍ନ ସଂଗଠନ ତଥା ବ୍ୟକ୍ତିବିଶେଷଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ମଙ୍ଗଳବାର ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ସମ୍ପାଦକ ରମାକାନ୍ତ ଶତପଥି ଓ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ଅଲିପୁରସ୍ଥିତ ଶ୍ୟାମରାଈ ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ସୁବାସିନୀ ପାଣିଗ୍ରାହୀ ବୁଧବାର ୨୦ହଜାର ଟଙ୍କା ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରେ ଜମା କରିଛନ୍ତି। ଖଇରା ପ୍ରାଣୀ ଚିକିତ୍ସା ସହାୟତା କେନ୍ଦ୍ରର ପ୍ରାଣୀ ଚିକିତ୍ସାଧିକାରୀ ଡା ରଘୁନାଥ ସିଂ ଉପରୋକ୍ତ ଫଣ୍ଡକୁ ୫ ହଜାର ଟଙ୍କା ପଠାଇଛନ୍ତି।

### ବାହାରେ ବୁଲୁଥିବା ଯୁବକ ଗିରଫ

**ବନ୍ତ, ୩।୪(ଡି.ଏନ୍.ଏ.):** କରୋନା ଲକଡାଉନ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନିୟମକୁ କଡାକଡି କରିଥିବା ବେଳେ ସାଧାରଣ ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ହେଉନାହାନ୍ତି। କରୋନା ଭଳି ମହାମାରୀ ସଂକ୍ରମଣକୁ ରୋକିବା ପାଇଁ ସାମାଜିକ ଦୂରତା ଏକମାତ୍ର ଉପାୟ ବୋଲି ସରକାର ସମସ୍ତଙ୍କୁ ସଚେତନ କରାଉଛନ୍ତି। କୌଣସି ବ୍ୟକ୍ତି ବିନାକାରଣରେ ବାହାରେ ବୁଲାବୁଲି ନ କରିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଛି। କେତେକ ବ୍ୟକ୍ତି କୌଣସି କାର୍ଯ୍ୟ ନ ଥାଇ ଅଯଥାରେ ବାହାରେ ବୁଲାବୁଲି କରି ନିୟମକୁ ଉଲଂଘନ କରୁଥିବା ଦେଖାଯାଇଛି। ସେହିପରି ଗୁରୁବାର ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ପଧାନପଡା-ଟିଲୋ କେନାଲ ବନ୍ଧରେ ଜଣେ ଯୁବକ କୌଣସି କାମ ନ ଥାଇ ବୁଲାବୁଲା କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଲେ କୁମ୍ଭକରାଳ ଗ୍ରାମର ଭାବଗ୍ରାହୀ ରାଉତ। ଏନେଇ ପୋଲିସ ଏକ ମାମଲା (ନଂ.୩୬/୨୦) ରୁଜୁ କରିଛି।

### ମହାମୃତ୍ୟୁଞ୍ଜୟ ମହାଯଜ୍ଞ କଲେ ଗ୍ରାମବାସୀ

**ବନ୍ତ, ୩।୪(ଡି.ଏନ.ଏ.):** ସାରା ବିଶ୍ୱରେ କରୋନା ମହାମାରୀ ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। ଏହି ମହାମାରୀରୁ ରକ୍ଷା ପାଇବା ସହ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ବରକୋଣାସ୍ଥିତ ସିଦ୍ଧ ରାମେଶ୍ୱର ପୀଠରେ ବରକୋଣା, ରାମପୁର, କୋଳିପଦୀ ଗ୍ରାମର ଲୋକମାନେ ମହାମୃତ୍ୟୁଞ୍ଜୟ ଯଜ୍ଞର ଆୟୋଜନ କରିଛନ୍ତି। ସରକାରୀ ନିୟମକୁ କଡାକଡି ପାଳନ ପୂର୍ବକ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ କେବଳ ମନ୍ଦିର ପୂଜକ ଯୋଗେନ୍ଦ୍ର ପଣ୍ଡା ଓ ସ୍ୱରୂପାନନ୍ଦ ମିଶ୍ରଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମାପନ କରାଯାଇଛି। ଗୁରୁବାର ସନ୍ଧ୍ୟା ୬ଟାରୁ ଏହି ଯଜ୍ଞ ଆରମ୍ଭ ହୋଇ ଅହୋରାତ୍ର ଚାଲି ରାତ୍ର ୩ଟା ବେଳେ ଶେଷ ହୋଇଛି।

### ଯାତ୍ରୀଙ୍କୁ ବୋହି ଆମ୍ବୁଲାନ୍ସ ଜବତ

**ଭଦ୍ରକ ଅଫିସ, ୩।୪:** ଆନ୍ଧ୍ରପ୍ରଦେଶ ଅଞ୍ଚଳର ଏକ ଆମ୍ବୁଲାନ୍ସ ହାଇଦ୍ରାବାଦରୁ ରୋଗୀ ନେଇ କଲିକତା ଯାଇଥିଲେ। କଲିକତାରୁ ଶୁକ୍ରବାର ହାଇଦ୍ରାବାଦ ଫେରୁଥିବା ବେଳେ ୩ଜଣ ଯାତ୍ରୀଙ୍କୁ ସେଥିରେ ବସାଇ ଭୁବନେଶ୍ୱର ନେଉଥିବା ବେଳେ ଭଦ୍ରକ ଟାଉନ ପୋଲିସ ହାବୁଡ଼ରେ ପଡ଼ିଥିଲେ। ୩ ଜଣ ଯାତ୍ରୀଙ୍କୁ ଅସ୍ଥାୟୀ ଶିବିରରେ ରଖାଯାଇଥିବା ବେଳେ ଆମ୍ବୁଲାନ୍ସକୁ ଟାଉନ ପୋଲିସ ଜବତ କରି ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି।

## ରାମଚନ୍ଦ୍ରପୁର ଥାନା ଏସ୍‌ଆଇ, ୩ ପୋଲିସ କର୍ମଚାରୀ ନିଲମ୍ବିତ

**ଉଲଗ୍ନ କରି ମାଡ଼ ମାରିବା ଘଟଣା**

ଆନନ୍ଦପୁର, ୩। ୪(ସ୍ୱ.ପ୍ର.)

ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଏକ ସ୍ଥାନରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ପୋଲିସ ଉଲଗ୍ନ କରି ମାଡ ମାରିବା ଘଟଣାର ଭିଡିଓ ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରିଥିଲା। ଏହି ଘଟଣାରେ ଜିଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ପ୍ରାଥମିକ ତଦନ୍ତ ପରେ ରାମଚନ୍ଦ୍ରପୁର ଥାନା ଏସ୍‌ଆଇ ବିଶ୍ୱଜିତ୍ ବେହେରା, ପୋଲିସ ଗାଡିର ଚାଳକ ମୃତ୍ୟୁଞ୍ଜୟ ନାୟକ, କନଷ୍ଟେବଳ ବାଇଧର ଜେନା, ତପନ ନାୟକଙ୍କୁ ନିଲମ୍ବିତ କରିଥିବା ତଦନ୍ତକାରୀ ଅଧିକାରୀ ବାଗ ସୂଚନା ଦେଇଛନ୍ତି। ଏହି ଭାଇରାଲ ଭିଡିଓରେ ବ୍ୟକ୍ତି ଜଣକ ଜଣେ ଚୋରା ମଦ ବ୍ୟବସାୟୀ ବୋଲି ଜଣାପଡୁଥିବା ବେଳେ ପୋଲିସ ବୟସ୍କ ବ୍ୟକ୍ତି ଜଣଙ୍କୁ ଉଲଗ୍ନ କରି ମାଡ ମାରିବାର ଚିହ୍ନ ମଧ୍ୟ ସ୍ପଷ୍ଟ ହୋଇଛି। ଏହାସହିତ ଏହି ଭିଡିଓରେ ପୋଲିସ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିବା ଘଟଣା ମଧ୍ୟ ନଜରକୁ ଆସିଛି। ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ଏସ୍‌ପି ମହାପାତ୍ର ତଦନ୍ତ ଆରମ୍ଭ କରିଥିଲେ।

## ଲକ୍‌ଡାଉନ ନାମରେ ଚାଲିଛି ଭୋଜିଭାତ

**ଖଇରା, ୩।୪(ଡି.ଏନ୍.ଏ.):** କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯାଇଛି। କେତେକ ଗ୍ରାମବାସୀ ଗ୍ରାମର ୨ ପାର୍ଶ୍ୱରେ ବାଉଁଶ ବାନ୍ଧି ବାହାର ଲୋକଙ୍କ ଯାତାୟାତ ଉପରେ କଟକଣା ଲଗାଇଛନ୍ତି। ହେଲେ ଏବେ କେତେକ ଗ୍ରାମରେ ପୋଲିସ ଆଖିରେ ଧୂଳି ଦେଇ ଉପରଠାଉରିଆ ଭାବେ ଯୁବଗୋଷ୍ଠୀ ଭୋଜିଭାତ ମଉଜମଜଲିସ କରୁଥିବା ନଜରକୁ ଆସିଛି।

ଗାଁ ଗହଳି ଛକରେ ଲୋକମାନଙ୍କର ଭିଡ ଯେପରି ନ ଜମେ ଓ ସାଧାରଣ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ନେବା ପାଇଁ ସାଧାରଣ ଦୂରତା ବଜାୟ ରଖନ୍ତି ସେଥିପାଇଁ ଖଇରା ବ୍ଲକ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ପ୍ରଦୀପ କୁମାର ସାହୁ, ଖଇରା ଥାନା ଆଇଆଇସି ସୁବ୍ରତ ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ଟିମ୍ ଗାଁ ଗାଁ ବୁଲୁଛନ୍ତି। ବାହାର ରାଜ୍ୟରେ କାମ କରୁଥିବା ଯୁବକମାନେ ଗାଁକୁ ପଳାଇ ଆସିଛନ୍ତି। ପ୍ରଶାସନର ଏଭଳି ଅଙ୍କୁଶ ଉପରୋକ୍ତ ଯୁବକମାନଙ୍କୁ ଦଳ ଦଳ ହୋଇ ବୁଲିବା ମଦ ମାଂସର ଭୋଜିର ଆୟୋଜନ କରିବାରେ ବାଧାସୃଷ୍ଟି କରୁଛି। ଫଳରେ ପ୍ରଶାସନର ଦୃଷ୍ଟି ଆଢୁଆଳରୁ ସୁରକ୍ଷିତ ରହିବା ଲାଗି ଏହି ଯୁବଗୋଷ୍ଠୀ ଗାଁ ମୁଣ୍ଡରେ ବାଉଁଶ ବାନ୍ଧି ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଆଳରେ ସବୁକିଛି କରିଚାଲିଛନ୍ତି। ବୟୋଜ୍ୟେଷ୍ଠମାନଙ୍କୁ ଏଭଳି କାର୍ଯ୍ୟ ଖରାପ ଲାଗୁଥିଲେ ହେଁ ସେମାନେ ଭୟରେ ମୁହଁ ଖୋଲି କିଛି କହିପାରୁନାହାନ୍ତି। ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ଆଇଆଇସି ସୁବ୍ରତ ବେହେରାଙ୍କୁ ଯୋଗାଯୋଗ କରିବାରେ ସେମାନେ ଏହି ଘଟଣା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।



ଲକଡାଉନ ନାମରେ ଗ୍ରାମକୁ ସାଧାରଣ ଲୋକଙ୍କ ଯାତାୟାତ ବନ୍ଦ ରଖାଯାଇଛି।

## ଭୋକିଲା ପେଟକୁ ଦାନା


ବୁଲା ଗୋରୁ ଓ କୁକୁରଙ୍କୁ ଖାଦ୍ୟ ଦିଆଯାଉଛି।

**ବାଲେଶ୍ୱର ଅଫିସ,୩।୪**

ଲକ୍‌ଡାଉନ୍ ଯୋଗୁ ବାଲେଶ୍ୱର ଜିଲାର ସମସ୍ତ ଦୋକାନବଜାର, ହୋଟେଲ ବନ୍ଦ ରହିଥିବାରୁ ଅସହାୟ, ଭିକାରୀ, ଗୋରୁ,ବୁଲାକୁକୁର ଓ ଅନ୍ୟ ପ୍ରାଣୀମାନେ ଭୋକିଲା ରହୁଛନ୍ତି। ସହରର 'ଦି ନ୍ୟୁ ହୋପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କୁ ଖାଦ୍ୟ ଯୋଗାଇବାରେ ସହାୟକ ହୋଇପାରିଛି। ସମ୍ପ୍ରତି ସରକାରଙ୍କ ଦ୍ୱାରା କରାଯାଇଥିବା ଖାଦ୍ୟ ବ୍ୟବସ୍ଥାକୁ ସଂଗଠନ ତରଫରୁ ସାଧୁବାଦ ଜଣାଯିବା ସହ ଏହି ସୁବିଧାରୁ କୌଣସି କାରଣରୁ ବଞ୍ଚିତ ହେଉଥିବା ଲୋକ ସଂଗଠନକୁ ମୋବାଇଲ୍ (ନଂ. ୯୩୩୮୩୧୦୮୬୩ ଓ ୯୩୩୮୩୨୨୨୦୮) ରେ ଯୋଗାଯୋଗ କଲେ ତାଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ୍ ଯୋଗାଇ ଦିଆଯିବ ବୋଲି ସଂଗଠନର ମୁଖ୍ୟ ସଂଗ୍ରାମ ପଣ୍ଡା କହିଛନ୍ତି। ଏହି ଖାଦ୍ୟ ବିତରଣ କାର୍ଯ୍ୟକ୍ରମରେ ଅଶ୍ୱିନୀ ଦାସ, ରବୀନ୍ଦ୍ର ପତି, ରାଜେଶ ଶର୍ମା, ସୁଶାନ୍ତ ରଣା ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## କରଞ୍ଜାବିନ୍ଧା ଯୁବକ ସଂଘ ତରଫରୁ ସହାୟତା ପ୍ରଦାନ

**ବାହାନଗା, ୩।୪(ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ ସରକାରଙ୍କୁ ସହଯୋଗ ନିମନ୍ତେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତସ୍ଥିତ ଉପର କରଞ୍ଜାବିନ୍ଧା ଗ୍ରାମର ଥିବା ଯୁବକ ସଂଘ ଆଗକୁ ବାହାରିଛନ୍ତି। ସେମାନେ ୬ ହଜାର ୨୦ଟଙ୍କା ଆଦାୟ କରି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। ଯୁବକ ସଂଘ ତରଫରୁ ୱାର୍ଡ ସଭ୍ୟ ଭାଗବତ ଯେନା, ୱାର୍ଡ ସଭ୍ୟ ସହଦେବ ବେହେରା ଓ ଅରୂପ କୁମାର ଦାସଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ପବିତ୍ର କୁମାର ଦାସ, ସୁବ୍ରତ ଯେନା, ଡମ୍ବରୁଧର ଯେନା, ରାଜେନ୍ଦ୍ର ଯେନା, ରାଜେଶ ପରିଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଦୁଇ ମାସର ଦରମା ଦେଲେ ବିଧାୟକ

**ସଜନାଗଡ଼, ୩।୪(ଡି.ଏନ.ଏ.)**

କରୋନା ମହାମାରୀ ସହ ମୁକାବିଲା ଲାଗି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ସହାୟତାର ସୁଅ ଛୁଟୁଛି। ବାଲେଶ୍ୱର ଜିଲା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କୋଭିଡ଼-୧୯ ମହାମାରୀ ପାଣ୍ଠିକୁ ନିଜର ଦୁଇ ମାସର ଦରମା ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହରିଶ୍ଚନ୍ଦ୍ର ଜେନାଙ୍କ ଜରିଆରେ ବିଧାୟକ ଇଂ. ନାୟକ ନିଜର ଏକମାସର ଦରମା ୩୫ହଜାର ଟଙ୍କାର ଏକ ଚେକ୍ ଶୁକ୍ରବାର ପ୍ରଦାନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ସେ ଏକମାସର ଦରମା ୩୫ ହଜାର ଟଙ୍କା ଆକାଉଣ୍ଟ ଜରିଆରେ ପ୍ରଦାନ କରିଛନ୍ତି। ଅପରପକ୍ଷରେ ନୀଳଗିରି ମେଡ଼ିକାଲରେ ଉନ୍ନତ ଚିକିତ୍ସା ପାଇଁ ଏସ୍‌ଡିଏମ୍‌ଓ ଡା. ଅଜୟ କୃଷ୍ଣ ସାମଲଙ୍କୁ



ନୀଳଗିରି ଉପଜିଲାପାଳଙ୍କ ମାଧ୍ୟମରେ ବିଧାୟକ ଦୁଇ ମାସର ଦରମା ପ୍ରଦାନ କରୁଛନ୍ତି।

ପ୍ରଦାନ କରିଛନ୍ତି। ଏଥିସହ ଅନ୍ୟମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି। ବିଧାୟକଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ନୀଳଗିରି ବ୍ଲକ ଅନ୍ତର୍ଗତ ବଣଭୂଇଁ ଆଶ୍ରମ ସ୍କୁଲ ପରିସରରେ ଏକ ଅସ୍ଥାୟୀ ଆଇସୋଲେଶନ ସେଣ୍ଟର କରାଯିବାକୁ ନିଷ୍ପତ୍ତି ନିଆଯିବା ପରେ ବିଧାୟକ ଇଂ. ନାୟକ ନିଜ ହାତ ପାଣ୍ଠିରୁ ୨ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏକ ପତ୍ର ମାଧ୍ୟମରେ ସେ ଜିଲା ପ୍ଲାନିଂ ଅଫିସରକୁ ଜଣାଇବା ସହ ନୀଳଗିରି ଆଇଟିଡ଼ିଏକୁ ଖର୍ଚ୍ଚ କରିବାର ତଦାରଖ କରିବାକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

## ପେଟ୍ରୋଲ ପମ୍ପରେ ଛିଡ଼ା ହୋଇଥିବା ଟ୍ରକ୍‌ରୁ ଲୁଟ, ୨ ଗିରଫ

**ବଡବିଲ, ୩।୪(ସ୍ୱ.ପ୍ର.)**

ପେଟ୍ରୋଲ ପମ୍ପରେ ଛିଡା ହୋଇଥିବା ଏକ ଟ୍ରକରୁ ଲୁଟ ଅଭିଯୋଗରେ କେନ୍ଦୁଝର ଜିଲା ବଡବିଲ ପୋଲିସ ଶୁକ୍ରବାର ୨ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଯୋଡା ଥାନା ଅନ୍ତର୍ଗତ ପାତ୍ର ସାହି ଅଞ୍ଚଳର ଅନିଲ ଗୋପ ଓରଫ୍ ଡାଡୁ ଏବଂ ସୁଶାନ୍ତ କୁମାର ପାତ୍ର ଓରଫ୍ ବାବୁ। ପୋଲିସ ସୂଚନା ଅନୁଯାୟୀ, ବଡବିଲ ଥାନା ଅଧୀନ ଭୁଷୁଗାଁସ୍ଥିତ ଭରଦ୍ୱାଜ ପେଟ୍ରୋଲ ପମ୍ପ ପରିସରରେ ଗୁରୁବାର ରାତିରେ କେତେକ ଟ୍ରକ ଛିଡା ହୋଇଥିଲେ। ବିଳମ୍ବିତ ରାତିରେ ହଠାତ ୨ଜଣ ଦୁର୍ବୃତ୍ତ ଟ୍ରକ ଡ୍ରାଇଭରମାନଙ୍କୁ ଭୟଭୀତ କରି ସେମାନଙ୍କ ନିକଟରୁ ନଗଦ ପ୍ରାୟ ୧୧ ହଜାର ୫ ଶହ ଟଙ୍କା ଲୁଟିନେଇଥିବା ବଡବିଲ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ସେମାନଙ୍କଠାରୁ ନଗଦ ୭ ହଜାର ୫ ଶହ ଟଙ୍କା, ୪ ଟି ମୋବାଇଲ ଓ ଏକ ବାଇକକୁ ଜବତ କରିଥିବା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ରିଲିଫ ପାଣ୍ଠିକୁ ୨୫ ହଜାର ପ୍ରଦାନ କଲେ ସରପଞ୍ଚ

**ଭଣ୍ଡାରିପୋଖରୀ,୩।୪(ଡ଼ି.ଏନ୍.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ହଜାର ୪୪୦ ଟଙ୍କା ପ୍ରଦାନ କରିଛନ୍ତି। କରୋନା ମୁକାବିଲା ପାଇଁ ସେ ତାଙ୍କର ଏକ ବର୍ଷର ଦରମା ସହିତ ଏହି ଅର୍ଥ ରାଶି ଚେକ ଆକାରରେ ଶୁକ୍ରବାର ଭଣ୍ଡାରିପୋଖରୀ ବିଡ଼ିଓ ଉମେଶ ଚନ୍ଦ୍ର ମଲ୍ଲିକଙ୍କ ଜରିଆରେ ପ୍ରଦାନ କରିଛନ୍ତି।

## ବିଶୋଧନ ହେଲା ବାରିପଦା ସହର


ସହରକୁ ସାନିଟାଇଜ କରାଯାଉଛି।

**ବାରିପଦା ଅଫିସ, ୩।୪**

କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଶୁକ୍ରବାର ସକାଳୁ ବାରିପଦା ସହରରେ ବିଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ଅଗ୍ନିଶମ ବିଭାଗ ପକ୍ଷରୁ ଷ୍ଟିଲ ଗୋଲେଇଠାରୁ ବାଲେଶ୍ୱର ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସାନିଟାଇଜ କରାଯାଇଥିଲା। ସୋଡ଼ିୟମ ହାଇପୋକ୍ଲୋରାଇଟ କେମିକାଲ ମିଶା ପାଣିକୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସହରରେ ସିଞ୍ଚନ କରିଥିଲେ। ଅନ୍ୟ ଏକ ଗାଡ଼ିରେ ବାରିପଦା ପିଆରଏମ୍ ମେଡିକାଲକୁ ମଧ୍ୟ ସାନିଟାଇଜ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ସାନିଟାଇଜ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଲକଡାଉନ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଏହା ଜାରି ରହିବ। ଶନିବାର ବାଲେଶ୍ୱର ଗୋଲେଇ ଠାରୁ ପାଲବଣି , ରବିବାର ଷ୍ଟେଶନ ବଜାର ଏହା ପରେ ସହରର ବିଭିନ୍ନ ସ୍ଥାନରେ ସାନିଟାଇଜ କରାଯିବ ବୋଲି ଜିଲା ଅଗ୍ନିଶମ ଅଧିକାରୀ ପ୍ରକାଶ ଜେନା ସୂଚନା ଦେଇଛନ୍ତି।

## ଔଷଧ ପ୍ରସ୍ତୁତିରେ ବିତୁଛି ବେଳ

**(ନରେଶ ଚନ୍ଦ୍ର ପଟ୍ଟନାୟକ)**
**କେନ୍ଦୁଝର, ୩।୪**

କେନ୍ଦୁଝର ସଦର ବ୍ଲକ ଅଧୀନ ବେଲପଶି ଗ୍ରାମର କବିରାଜ ହରେକୃଷ୍ଣ ମହାନ୍ତ ବେଶ ଜଣାଶୁଣା। ତାଙ୍କ ଜଡିବୁଟି ଔଷଧରେ ଅନେକ ରୋଗ ଭଲ ହେଉଥିବାରୁ ତାଙ୍କ ପାଖକୁ ଲୋକ ଛୁଟି ଆସିଥାନ୍ତି। ଏବେ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ଘୋଷାଣ ପରେ ସଙ୍ଗରୋଧ ଓ ସାମାଜିକ ଦୂରତ୍ୱ ରକ୍ଷା କରି ସେ ଏବେ ଘରେ ରହୁଛନ୍ତି। ଏହି ସମୟରେ ସେ ବିଶ୍ରାମ ନେବା ପରିବର୍ତ୍ତେ ଔଷଧ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଅନେକ ସମୟରେ ସେ ରୋଗୀଙ୍କୁ ଚିକିତ୍ସା କରିବାରେ ବ୍ୟସ୍ତ ରହୁଥିବାରୁ ଜଡିବୁଟିରୁ ଔଷଧ ପ୍ରସ୍ତୁତ କରିବା ପାଇଁ ସମୟ ପାଉ ନ ଥିଲେ। ଏବେ ସେ ଔଷଧ ପ୍ରସ୍ତୁତିରେ ଲାଗି ପଡିଥିବା କହିଛନ୍ତି। ଆଉ ବେଳ ମିଳିଲେ ନାତିନାତୁଣୀଙ୍କ ସହ ମଜାଗପ କରିବା ସହ ଟିଭିରେ ନ୍ୟୁଜ, ରାମାୟଣ/ମହାଭାରତ ଭଳି ସିରିଏଲ ଦେଖି ଦିନ କାଟୁଥିବା ସେ କହିଛନ୍ତି।

ବୈଦ, କବିରାଜମାନେ ପାରମ୍ପରିକ ଚିକିତ୍ସା ବଜାୟ ରଖିବା ପାଇଁ ଏକପ୍ରକାର ଆନ୍ଦୋଳନ କରିଆସୁଛନ୍ତି। ସେମାନେ ବହୁ କଷ୍ଟରେ ପ୍ରକୃତିଦତ୍ତ ବୃକ୍ଷଲତାରୁ ଔଷଧ ପ୍ରସ୍ତୁତ କରି ଗାଁ ଗଣ୍ଡା ଓ ସହରରେ ଲୋକଙ୍କ ଚିକିତ୍ସା କରି ଆସ୍ଥାଭାଜନ ହୋଇପାରିଛନ୍ତି। ଅଦ୍ୟାବଧି ସେମାନଙ୍କୁ ସରକାର ମାନ୍ୟତା ଦିଆଯାଉ ନ ଥିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେ କହିଛନ୍ତି। ଶ୍ୱାସରୋଗ, ଡାଇବେଟିସ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୋଗ ପାଇଁ ଔଷଧ ନିଜେ ପ୍ରସ୍ତୁତ କରୁଥିବା କହିଛନ୍ତି। ପ୍ରଥମେ ଜଡିବୁଟିକୁ ସଂଗ୍ରହ କରି ରଖାଯାଇଛି। ଏହାକୁ ଗୁଣ୍ଡକରି ଠିକ ଭାଗମାପ ମିଶାଇ ଔଷଧ (ବଟିକା), ମୋଦକ ଆଦି ପ୍ରସ୍ତୁତ କରି ଖରାରେ ଶୁଖାଯାଉଛି। ଏହା ସମୟସାପେକ୍ଷ। ଏଣୁ ଏବେ ସମୟ ମିଳିଯାଇଥିବାରୁ ଏହି କାମ କରୁଥିବା ବୈଦ୍ୟବିଷାରଦ କହିଛନ୍ତି। ଜୀବନ ହେଉଛି ମୂଲ୍ୟବାନ। କରୋନା ପାଇଁ ଲୋକମାନେ ନିଜେ ଯତ୍ନବାନ ହେବା ଉଚିତ। ଭାରତୀୟ ଲୋକଙ୍କ ସହନଶୀଳତା ଅଧିକ ଓ ଏଠାକାର ଜଳବାୟୁ ଅଲଗା। ଏଣୁ ଏହା ଅନ୍ୟ ଦେଶ ଭଳି ବ୍ୟାପିବ ନାହିଁ ବୋଲି ମୋର ଆଶା ବୋଲି କୁହନ୍ତି କବିରାଜ ହରେକୃଷ୍ଣ। ତଥାପି ସତର୍କତା ରହିବା ଓ ନିଜର ଓ ପରିବାରର ସୁରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ। ଏଣୁ ଘରେ ରୁହନ୍ତୁ ଓ ସଂକ୍ରମଣରୁ ଦୂରେଇ ରୁହନ୍ତୁ ବୋଲି ସେ କହିଛନ୍ତି।


କବିରାଜ ହରେକୃଷ୍ଣ ମହାନ୍ତ

**ସଂକ୍ଷେପରେ**

## ତହସିଲଦାରଙ୍କ ରାତିଅଧିଆ ଚଢ଼ାଉ

ଶେରଗଡ଼,୩।୪(ଡି.ଏନ୍.ଏ.):ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଓ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ସଦଳବଳ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ରାତିରେ କେତେକ ଟ୍ରକ୍ ଚଳାଚଳ କରୁଥିବା ଖବର ମିଳିବା ପରେ ତାକରଡା ମୁଖ୍ୟ ରାସ୍ତାରେ ଜଗି ରହିଥିଲେ। ଗୋଟିଏ ଟ୍ରକ୍ ଚାଳକଙ୍କୁ ଧରି ତାଗିଦ୍ କରିଥିଲେ। ଏହାପରେ ରାତିରେ ଖୋଲିଥିବା କେତେଜଣ ଦୋକାନୀଙ୍କୁ ତାଗିଦ୍ କରିବା ସହ ଜରିମାନା କରିଥିଲେ। କରଡାକଣା, ଭୁଷୁଣ୍ଡା, ସାଗରପଲ୍ଲୀ ଓ ପଦ୍ମପୁର ଗ୍ରାମରେ ଚଢାଉ କରିବା ସହ କ୍ୱାରାଣ୍ଟାଇନ୍ କେନ୍ଦ୍ର ବୁଲି ଦେଖିଥିଲେ।

## ଛତ୍ରପୁରର ୫ ଲଜ୍ ଉପରେ ଚଢ଼ାଉ, ବନ୍ଦ ନିର୍ଦ୍ଦେଶ

### ଅନ୍ୟ ରାଜ୍ୟର ୭ ଜଣ ଠାବ

ଛତ୍ରପୁର,୩।୪(ଡି.ଏନ୍.ଏ.):ଛତ୍ରପୁରର ୫ଟି ଲଜ୍ ଉପରେ ଗୁରୁବାର ରାତିରେ ପ୍ରଶାସନର ଏକ ଟିମ୍ ଅଚାନକ ଚଢାଉ କରିଥିଲା। ଏଥିରୁ ୨ଟି ଲଜ୍‌ରେ କେହି ନ ଥିବାବେଳେ ୩ଟି ଲଜ୍‌ରେ ୯ ଜଣ ରହୁଥିବା ଯାଞ୍ଚବେଳେ ଜଣାପଡିଥିଲା। ସେଥିମଧ୍ୟରୁ ୭ ଜଣ ଅନ୍ୟ ରାଜ୍ୟର ରହିଥିଲେ। ଏଗୁଡିକ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶା ପ୍ରାଇଡ୍‌ରେ ଜଣେ, ଭେଙ୍କେଟେଶ୍ୱର ଲଜ୍‌ରେ ୩ ଜଣ, ମେଘାଳୟ ଲଜ୍‌ରେ ୫ ଜଣଙ୍କୁ ଠାବ କରାଯାଇଥିଲା। ସମସ୍ତ ଲଜ୍ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ ଉକ୍ତ ଲଜ୍‌ଗୁଡିକ ଖୋଲାଥିଲା। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଏସ୍‌ଡ଼ିପିଓ ଗୌତମ କିଷାନ, ତହସିଲଦାର ନୀଳମାଧବ ଭୋଇ, ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ପୋଲିସ ଫୋର୍ସ ନେଇ ଯାଞ୍ଚ କରିଥିଲେ।

## ତାମିଲନାଡୁ ଆଇସୋଲେଶନ ସେଣ୍ଟରରେ ୪୫ ଓଡିଆ

ଛତ୍ରପୁର,୩।୪(ଡି.ଏନ.ଏ.): ତାମିଲନାଡୁର ଚେନ୍ନାଇ ନିକଟସ୍ଥ ନରସିଂହପୁରମ୍ କଲେଜରେ ହୋଇଥିବା ଆଇସୋଲେଶନ ସେଣ୍ଟରରେ ୪୫ ଜଣ ଓଡ଼ିଆ ଶ୍ରମିକ ରହିଛନ୍ତି। ହିଞ୍ଜିଳିକାଟୁ ଓ ଏହାର ଆଖପାଖ ଅଞ୍ଚଳର ଏହି ଶ୍ରମିକମାନେ ଚେନ୍ନାଇର ଏକ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାମ କରୁଥିଲେ। ଲକ୍‌ଡାଉନ ଓ ରାଜ୍ୟ ସୀମା ବନ୍ଦ ଯୋଗୁ ଘରକୁ ଫେରିପାରୁ ନ ଥିବା ବେଳେ ୩ ଦିନ ହେଲା ଭୋକରେ ଥିଲେ। ଜଣେ ଓଡ଼ିଆ ସ୍ୱେଚ୍ଛାସେବୀ ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଜଣାଇବା ସହ ଭିଡିଓ ପଠାଇଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ଫସିରହିଥିବା ଶ୍ରମିକଙ୍କୁ ସେଠାକାର ଆଇସୋଲଶନ ସେଣ୍ଟରରେ ରଖାଯାଇ ସମସ୍ତ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ତାମିଲନାଡୁରୁ ଫେରି ନିଜ ସମ୍ପର୍କରେ ତଥ୍ୟ ଲୁଚାଇଥିବା ଜଣେ ବ୍ୟକ୍ତିଙ୍କୁ ପ୍ରଶାସନ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲକୁ ଆଣିଥିଲା। ଅସୁସ୍ଥ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ସାମାଜିକ କର୍ମୀ ବାଣ୍ଟିଲେ ରାଶନ ସାମଗ୍ରୀ

ଜି.ଉଦୟଗିରି,୩।୪(ଡି.ଏନ.ଏ.):କରୋନା ସଂକ୍ରମଣ ରୋକିବା ପାଇଁ ସାରା ଦେଶ ବନ୍ଦ ରହିଥିବା ବେଳେ ଗରିବ, ଦିନ ମଜୁରିଆ ଦିନକୁ ଦିନ ଖାଦ୍ୟ ପାଇବା କଷ୍ଟକର ହୋଇଛି। ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅସହାୟମାନଙ୍କୁ ରାଶନ ସାମଗ୍ରୀ ଯୋଗାଣ କରିଛନ୍ତି କେତେକ ସ୍ୱେଚ୍ଛାସେବୀ। ଜି.ଉଦୟଗିରି ଏନ୍ଏସି ଅଞ୍ଚଳର ହାଟ ପଡ଼ିଆରେ ଅସହାୟ ଏବଂ ବୁଲୁସୁଗା, ପଦାସାହି, ଜୁଗୁଡ଼ି ଓ ମାଲିକପଡ଼ି ପଞ୍ଚାୟତର କଟାବାଲି ଆଦି ଗ୍ରାମରେ ଥିବା ଅସହାୟ ପରିବାରଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। ପୋଲିସଙ୍କୁ ପାଣି ଓ ବିସ୍କୁଟ ମଧ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଜଗନ୍ନାଥ ରଥ, ସମ୍ବିତ ଭଞ୍ଜ, ନିତ୍ୟ ସୁନ୍ଦର ଦାସ, ହିମାଂଶୁ ସାହୁ ଓ ରାଧାକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

## କୂପ ଭିତରୁ ବୃଦ୍ଧା ଉଦ୍ଧାର

ବ୍ରହ୍ମପୁର ଅଫିସ,୩।୪-ବ୍ରହ୍ମପୁର ପ୍ରେମନଗର ୭ମ ଲେନ୍‌ରେ ରହୁଥିବା ସୀତା ଦାସ (୭୫) ତାଙ୍କ ଘର ଭିତରେ ଥିବା କୂପ ଭିତରେ ଶୁକ୍ରବାର ଗଳି ପଡିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ସୀତାଙ୍କ ଘର ଭିତରେ ଅଢେଇ ଫୁଟ ଓସାରର ଏକ କୂପ ରହିଛି। ଶୁକ୍ରବାର ସେ ଘର ଭିତରେ ଥିବା ବେଳେ ସକାଳେ ହଠାତ ନିଖୋଜ ହୋଇଯାଇଥିଲେ। କୂଅ ଭିତରୁ ଚିତ୍କାର ଶୁଣି ତାଙ୍କ ପୁଅଙ୍କର ସନ୍ଦେହ ହୋଇଥିଲା। ଅଗ୍ନିଶମ କର୍ମଚାରମାନେ ତାଙ୍କୁ ଉଦ୍ଧାର କରିଥିଲେ।

# ଫୁଲବାଣୀରେ ହେବ ଜିଲାସ୍ତରୀୟ କୋଭିଡ୍ ହସ୍ପିଟାଲ

ଫୁଲବାଣୀ ଅଫିସ, ୩।୪

ରାଜ୍ୟରେ କୋଭିଡ-୧୯ର ସଫଳ ମୁକାବିଲା ପାଇଁ ସରକାର, ଓଡ଼ିଶା ଖଣି ନିଗମ ଏବଂ କିମ୍‌ସ ମଧ୍ୟରେ ଚୁକ୍ତିନାମାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ତଦନୁସାରେ ଦେଶର ପ୍ରଥମ କୋଭିଡ୍ ଚିକିତ୍ସାଳୟ ଭୁବନେଶ୍ୱରସ୍ଥିତ କିମ୍‌ସରେ ପ୍ରତିଷ୍ଠା ହୋଇଛି। ଏଥିରେ ଆଉ ପାଦେ ଆଗକୁ ଯାଇ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଉଦ୍ୟମରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରାଜ୍ୟର ପ୍ରଥମ ଜିଲାସ୍ତରୀୟ କୋଭିଡ୍ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର କିମ୍‌ସ ଏବଂ ଜିଲା ପ୍ରଶାସନ ମଧ୍ୟରେ ଏକ ଚୁକ୍ତିନାମାପତ୍ର ସ୍ୱାକ୍ଷରିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ କିମ୍‌ସ ତରଫରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ଏବଂ ଜିଲାପାଳ ଡ. ବୃନ୍ଦା ଡି. ଚୁକ୍ତିନାମାପତ୍ରରେ ସ୍ୱାକ୍ଷର କରିଥିଲେ।



କୋଭିଡ୍ ହସ୍‌ପିଟାଲ ପାଇଁ ଚୁକ୍ତି ପତ୍ର ସ୍ୱାକ୍ଷରିତବେଳେ ଉପସ୍ଥିତ ଏମ୍‌ପି ପ୍ରଶାସନିକ ଅଧିକାରୀ।

ଓଡ଼ିଶା ସରକାର, ଓଡ଼ିଶା ଖଣି ନିଗମ ଏବଂ କିମ୍‌ସର ମିଳିତ ଆନୁକୂଲ୍ୟରେ ୧୫୦ ଶଯ୍ୟା ଏବଂ ୧୦ଟି ଆଇ.ସି.ୟୁ. ବିଶିଷ୍ଟ ଏହି କୋଭିଡ୍ ହସ୍ପିଟାଲ ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଆବଶ୍ୟକ ସଂଖ୍ୟକ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଚିକିତ୍ସକ କିମ୍‌ସ ତରଫରୁ ନିଯୁକ୍ତ କରାଯିବ ବୋଲି ଏମ୍‌ପି ପ୍ରକାଶ କରିଛନ୍ତି। ସେହିପରି କରୋନା ପ୍ରତି ଅତ୍ୟଧିକ ଭୟଭୀତ ନ ହେବା ଏବଂ ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। ଚୁକ୍ତିନାମା ପୂର୍ବରୁ ଏମ୍‌ପି, ଜିଲାପାଳ, କିମ୍‌ସର ସିଇଓ ପ୍ରମୁଖ ଭିତ୍ତିଭୂମି ତଦାରଖ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ପ୍ରତୀକ ଗୀତା ସିଂ, ବସନ୍ତ କୁମାର ସାହୁ, ଡା. ରାଜଶ୍ରୀ ପଟ୍ଟନାୟକ, ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବୀଶ ଅଧିକାରୀ ଡା. ଶୁଭଙ୍କର ମହାପାତ୍ର, ଏମ୍‌ପି ପ୍ରତିନିଧି ଦେବେନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌କେସିଜିରେ ଅଛନ୍ତି ୧୦ କରୋନା ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ,୩।୪

କରୋନା ଭାଇରସ ଏବେ ପୁରା ବିଶ୍ୱରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିବା ବେଳେ ଏହାକୁ ରୋକିବା ପାଇଁ କୌଣସି ପ୍ରୟାସ ସଫଳ ହେଉନାହିଁ। ଏହାର ମୁକାବିଲା ପାଇଁ ଏଯାବତ କୌଣସି ଟୀକା ବାହାରି ନ ଥିବାରୁ ଏବେ କେବଳ ସାମାଜିକ ଦୂରତା ରକ୍ଷା କରିବା ହିଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଅନ୍ୟପଟେ ଏମ୍‌କେସିଜି ମେଡିକାଲରେ ଦିନକୁ ଦିନ କରୋନା ସନ୍ଦିଗ୍ଧ ଭର୍ତ୍ତି ହେଉଛନ୍ତି। ଶୁକ୍ରବାର ଏମ୍‌କେସିଜି ମେଡିକାଲରେ ଭଞ୍ଜନଗର ଓ ଶେରଗଡ ଅଞ୍ଚଳର ୨ ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି । ସେମାନେ ୧୮ ତାରିଖରେ ସୁରଟରୁ ଘରକୁ ଫେରିଥିଲେ। ଦୁଇଦିନ ତଳେ ସେମାନଙ୍କୁ କାଶ ହୋଇଥିଲା। ଗୁରୁବାର ସେମାନେ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ଆମ୍ବୁଲାନ୍ସ ଜରିଆରେ ସେମାନଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏମ୍‌କେସିଜି ସ୍ୱତନ୍ତ୍ର କରୋନା ୱାର୍ଡରେ ବର୍ତ୍ତମାନ ୧୦ ଜଣ ସନ୍ଦିଗ୍ଧ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭି ଆସିଛି। ସେମାନଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସେହିପରି ଅନ୍ୟ ୪ ଜଣ ସନ୍ଦିଗ୍ଧଙ୍କ ସ୍ୱାବ ଟେଷ୍ଟ ପାଇଁ ଶୁକ୍ରବାର ଭୁବନେଶ୍ୱର ଆରଏମ୍ଆରସିକୁ ପଠାଯିବ ବୋଲି ସେ କହିଛନ୍ତି।

# ଚିତ୍ରକର ସଂଘର କରୋନା ସଚେତନତା ବାର୍ତ୍ତା



ଶେରଗଡରେ ଚିତ୍ରକର ସଂଘ ପକ୍ଷରୁ ରାସ୍ତାରେ ଚିତ୍ର ଆଙ୍କି କରୋନା ନେଇ ଲୋକଙ୍କୁ ସଚେତନ କରାଯାଇଛି।

## ୧୦ ଜୁଆଡିଙ୍କୁ କୋର୍ଟ ଚାଲାଣ, ହୋଟେଲ ସିଲ୍

ଗୋପାଳପୁର,୩।୪

ଲକ୍‌ଡାଉନ୍ କଟକଣା ନ ମାନି ଜୁଆ ଖେଳୁଥିବାବେଳେ ଗୋପାଳପୁର ପୋଲିସ ଚଢାଉ କରି ୧୦ ଜୁଆଡିଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଗୋପାଳପୁର ବେଳାଭୂମି ରାସ୍ତାରେ ଥିବା ଏକ ହୋଟେଲରେ ଗୁରୁବାର ରାତିରେ ଜୁଆ ଖେଳ ଚାଲିଥିଲା। ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ କର୍ମଚାରୀ ମିଳିତ ହୋଇ ଉକ୍ତ ହୋଟେଲରେ ଚଢାଉ କରିଥିଲେ। ସେଠାରୁ ୧୦ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୧,୪୦୦ ଟଙ୍କା ସହ ୧୦ ମୋବାଇଲ ଫୋନ ଜବତ କରିଥିଲେ। ହୋଟେଲକୁ ସିଲ୍ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୪୮/୨୦) ରୁଜୁ ହୋଇଛି।

## ସାନିଟାଇଜ୍ ହେଲା ରାଇକିଆ ସହର

ରାଇକିଆ,୩।୪(ଡି.ଏନ୍.ଏ.)

ରାଇକିଆ ସହରର ବିଭିନ୍ନ ରାସ୍ତାକୁ ଗୁରୁବାର ସନ୍ଧ୍ୟାରେ ବିଶୋଧନ କରା ଯାଇଛି। ରାଇକିଆ ରାସ୍ତାଘାଟରେ ରାସାୟନିକ ମିଶା ପାଣି ସିଞ୍ଚନ କରାଯାଇଥିଲା। ପ୍ରଥମ ପଦକ୍ଷେପ ସ୍ୱରୂପ ରାଇକିଆ ମୁଖ୍ୟ ରାସ୍ତାକୁ ଅଗ୍ନିଶମ ବିଭାଗ ତରଫରୁ ବିଶୋଧନ କରାଯାଇଛି। ରାଇକିଆ ମେଡିକାଲ, ଥାନା ସମେତ ପ୍ରମୁଖ ଛକ, ଏଟିଏମ୍‌ଗୁଡ଼ିକୁ ମଧ ସାନିଟାଇଜ କରାଯାଇଛି। ବିଶୋଧକ ସିଞ୍ଚନ କରି ରାସ୍ତାଘାଟ ବିଶୋଧନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିଲ ପଟ୍ଟନାୟକ କହିଛନ୍ତି।

# ଡାକ୍ତର ପ୍ୟାନେଲ ଗଠନ ନେଇ ଜିଲାପାଳଙ୍କୁ ଆଇଏଏସ୍ ସଂଘର ପ୍ରଶଂସା

IAS Association @IASassoci... · 1d
Ganjam District Collector, Vijay Amruta Kulange is ensuring telehealth services so that people follow social distancing and hospital beds remain free and citizens can contact empaneled doctors from home.
#IndiaFightsCorona
#coronawarriors



ଛତ୍ରପୁର, ୩।୪(ଡି.ଏନ.ଏ.)

କରୋନା ସଂକ୍ରମଣର ଭୟାବହତାକୁ ଦେଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଏକ ସ୍ୱେଚ୍ଛାସେବୀ ଡାକ୍ତର ପ୍ୟାନେଲ ଗଠନ ହୋଇଛି। ଏଥିରେ ୨୪ଜଣ ଡାକ୍ତର ଅଛନ୍ତି। ଉକ୍ତ ପ୍ୟାନେଲରେ ବିଭିନ୍ନ ସ୍ପେସିଆଲିଷ୍ଟ ଅଛନ୍ତି। ସେମାନଙ୍କୁ ଫୋନ କରି ଓ ହ୍ୱାଟ୍ସଆପ୍ ମେସେଜ ମାଧ୍ୟମରେ ଗତ ୫ ଦିନ ମଧ୍ୟରେ ୨୫୦୦ ଜଣ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ପରାମର୍ଶ ନେଲେଣି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଏପରି ପ୍ରୟାସକୁ ଆଇଏଏସ୍ ମହାସଂଘ ପକ୍ଷରୁ ଟୁଇଟ ଜରିଆରେ ପ୍ରଶଂସା କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ରହିବା ସହ ହସ୍ପିଟାଲର ବେଡ଼ ମଧ ଖାଲି ରହିପାରିବ ବୋଲି ଟୁଇଟରେ ଦର୍ଶାଯାଇଛି। ଜିଲାପାଳଙ୍କ ଫଟୋକୁ ମଧ ପୋଷ୍ଟ କରାଯାଇଛି। ଜିଲାପାଳ କୁଲାଙ୍ଗେ ଏହାର ରିଟୁଇଟ ମଧ କରିଛନ୍ତି।

# ବନ ବିଭାଗକୁ ଚାରା ଉତ୍ପାଦନ ଚିନ୍ତା

ଭଞ୍ଜନଗର,୩।୪(ଡି.ଏନ.ଏ.)

କରୋନା ଭୟାବହତାକୁ ଦେଖି ଲକ୍‌ଡାଉନ୍ ଜାରି ରହିଥିବାରୁ ଲୋକେ ଘରୁ ବାହାରୁନାହାନ୍ତି। ଏଭଳି ସ୍ଥିତିରେ ବନ ବିଭାଗକୁ ଚାରା ଉତ୍ପାଦନ ଏବଂ ଜଙ୍ଗଲରେ କିପରି ନିଆଁ ନ ଲାଗିବ ସେହି ଚିନ୍ତା ଘାରିଛି। ଶ୍ରମିକ ନ ଥିବା ଯୋଗୁ ଚାରା ଉତ୍ପାଦନ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ଶୁକ୍ରବାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ପ୍ରଶାନ୍ତ କୁମାର ମିଶ୍ର ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଚାରା ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ। ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଯେଭଳି ଚାରା ଉତ୍ପାଦନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଏବେଠୁ ଖରା ଆରମ୍ଭ ହୋଇ ଯାଇଥିବାରୁ ଜଙ୍ଗଲରେ କିଭଳି ନିଆଁ ନ ଲାଗିବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ତେବେ ଲୋକଙ୍କ ସହଯୋଗ ବିନା ଜଙ୍ଗଲ ସୁରକ୍ଷା ଅସମ୍ଭବ। ତେଣୁ ସେମାନଙ୍କୁ ସାଥିରେ ନେଇ ପଦକ୍ଷେପ ନିଆଯାଉଛି ବୋଲି ଆର୍‌ସିଏଫ ମିଶ୍ର ପ୍ରକାଶ କରିଛନ୍ତି। ଆରସିସିଏଫ୍‌ଙ୍କ ଗସ୍ତ ସମୟରେ ଡିଏଫଓ ଅଭୟ କୁମାର ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ, ଏମ୍. ମୋତିଲାଲ, ରେଞ୍ଜର ଆଶାଲତା ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର ଲାଲସିଂ ନର୍ସରୀ ପରିଦର୍ଶନ କରୁଛନ୍ତି ।

## ବିଶୋଧନ କରାଗଲା ଦାରିଙ୍ଗବାଡ଼ି ବଜାର

ଦାରିଙ୍ଗବାଡ଼ି,୩।୪(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବଜାର ଶିବମନ୍ଦିର ଛକଠାରୁ ତିନିଛକ, ଲକ୍ଷ୍ମୀବଜାର, ଚାରିଛକ, ବ୍ଲକରୋଡ଼, ମେଡିକାଲ, ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନଠାରୁ ବିଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗ ମାଧ୍ୟମରେ ଏହା କରାଯାଉଛି। ପରବର୍ତ୍ତୀ ସମୟରେ ଉକ୍ତ ବ୍ଲକର ବିଭିନ୍ନ ଗାଁରେ କରାଯିବ ବୋଲି ଜଣାପଡ଼ିଛି। କରୋନା ସଂକ୍ରମଣ ପ୍ରତିହତ ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। ହାଇପୋକ୍ଲୋରାଇଡ ଏବଂ ବ୍ଲିଚିଂ ପାଉଡର ମିଶ୍ରଣରେ ସମସ୍ତ ବିଲ୍ଡିଂ, ଯାତାୟାତ କରୁଥିବା ଗାଡ଼ିମୋଟର ସହ ରାସ୍ତାଘାଟରେ ଏହାକୁ ସ୍ପ୍ରେ କରାଯାଇଛି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା ଜବତ

**ମାଲିକ ଫେରାର, ୬ ଶ୍ରମିକ ଗିରଫ**

ବ୍ରହ୍ମପୁର ଅଫିସ,୩।୪

ବ୍ରହ୍ମପୁର ସଦର ଥାନା ପୋଲିସ ଲୋଚାପଡା ନିକଟସ୍ଥ ଟେକ୍ନୋପାର୍କ ନିକଟରେ ଥିବା ଏକ ଆପାର୍ଟମେଣ୍ଟରୁ ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ଗୁଟ୍‌ଖା କାରଖାନାରେ ଶୁକ୍ରବାର ଚଢାଉ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା ଜବତ କରିଛି। ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର, ଥାନାଧିକାରୀ ସନ୍ତୋସିନୀ ଓରାମ ଓ ତାଙ୍କ ଟିମ୍ ଗୁଟ୍‌ଖା କାରଖାନାରେ ଚଢାଉ କରି ପ୍ରାୟ ୪ ଟ୍ରକ ଭର୍ତ୍ତି ଗୁଟ୍‌ଖା, ପେକିଂ ମେଶିନ, ପଲିଥିନ ଜରି ଆଦି ଜବତ କରିଥିଲେ। ବେଆଇନ ଭାବେ ଏହି କାରବାର ଚଳାଇଥିବା କୀର୍ତ୍ତନ ସାହୁ, ବାବୁଲା ସାହୁ ଓ ତାଙ୍କର ଅନ୍ୟ ୨ ଭାଗୁଆଳି ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରୁ ସେଠାରେ କାମ କରୁଥିବା ୬ ଶ୍ରମିକଙ୍କୁ ଗିରଫ କରିଛି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ସହର ତଳି ଗାଁଗୁଡିକରେ କମ ଟଙ୍କାରେ ଘରଭଡା ନେଇ ଗୁଟ୍‌ଖା ପ୍ରସ୍ତୁତ କରୁଥିଲେ ବୋଲି ଏସ୍‌ଡ଼ିପିଓ ମହାପାତ୍ର କହିଛନ୍ତି।

# ଭୋଜିବେଳେ ଚଢାଉ କଲା ପୋଲିସ

ଆସିକା,୩।୪(ଡି.ଏନ୍.ଏ.)

ଆସିକା ଥାନା ମଙ୍ଗଳପୁର ଗ୍ରାମ ଉପକଣ୍ଠ ତୋଟାରେ ଶୁକ୍ରବାର ମଧ୍ୟାହ୍ନରେ ଭୋଜି ଚାଲିଥିବାବେଳେ ପୋଲିସ ଚଢାଉ କରିଥିଲା। ସେଠାରୁ ମାଂସ ତରକାରୀ ସହ ବିଭିନ୍ନ ରୋଷେଇ ସାମଗ୍ରୀ ଓ ୩ ବାଇକ ଜବତ କରିଛି ପୋଲିସ। ଭୋଜି କରୁଥିବା ଯୁବକମାନେ ପୋଲିସକୁ ଦେଖି ଦୌଡି ପଳାଇଥିଲେ। ଭୋଜି ସ୍ଥଳରୁ ଜବତ ଖାଦ୍ୟପଦାର୍ଥକୁ ପୋଲିସ ନିରାଶ୍ରୟଙ୍କ ମଧ୍ୟରେ ବାଣ୍ଟି ଦେଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଫେରାର୍ ଯୁବକଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

# ଲକ୍‌ଡାଉନ: ଏମ୍‌କେସିଜିରେ ରକ୍ତାଭାବ

**୧୫ ୟୁନିଟ ରକ୍ତ ସଂଗ୍ରହ**

ବ୍ରହ୍ମପୁର ଅଫିସ,୩।୪

କରୋନା ସଂକ୍ରମଣକୁ ପ୍ରତିରୋଧ କରିବାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଲକ୍‌ଡାଉନ ଯୋଗୁ ବ୍ରହ୍ମପୁର ବଡ ମେଡିକାଲ ରକ୍ତ ଭଣ୍ଡାର ରକ୍ତ ସଂଗ୍ରହରେ ପ୍ରଭାବ ପକାଇଛି। ବିଗତ ଏକମାସ ମଧ୍ୟରେ ହେବାକୁ ଥିବା ରକ୍ତଦାନ ଶିବିର ବନ୍ଦ ହୋଇଯାଇଛି। ଫଳରେ ଏମ୍‌କେସିଜି ମେଡିକାଲରେ ଥିବା ରକ୍ତଭଣ୍ଡାରରେ ଏବେ ରକ୍ତ ଅଭାବ ଦେଖାଦେଇଛି। ଏହାକୁ ପୂରଣ କରିବାକୁ ଆଗେଇ ଆସିଛନ୍ତି ବ୍ରହ୍ମପୁରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଓଡିଶା ଦିବସରୁ ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ, ମାରୱାଡି ମହିଳା ସମିତିର ମିଳିତ ସହଯୋଗରେ ଆରମ୍ଭ ହୋଇଛି 'ଆସନ୍ତୁ ଗଢିବା ରକ୍ତ ସମ୍ପର୍କ' ଶୀର୍ଷକ ରକ୍ତ ଦାନ ଶିବିର ଅଭିଯାନ । ଶୁକ୍ରବାର ଏହି ଅଭିଯାନର ଦ୍ୱିତୀୟ ରକ୍ତଦାନ ଶିବିର ଏମ୍‌କେସିଜି ରକ୍ତ ଭଣ୍ଡାରରେ ଆୟୋଜିତ ହୋଇଯାଇଛି। ଅଭିଯାନର ଦ୍ୱିତୀୟ ଶିବିରରେ ୧୫ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଶିବିରରୁ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।




ଶିବିରରେ ରକ୍ତଦାତାମାନେ ରକ୍ତଦାନ କରୁଛନ୍ତି ।

**ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିଃ**
**ଉପ-ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ**
**ଅତ୍ୟୁଚ୍ଚ ଶକ୍ତି ସଞ୍ଚାରଣ ନିର୍ମାଣ ବିଭାଗ, କଟକ**
ଚିଠି ସଂ: ୨୭୨ ତା. ୦୩.୦୪.୨୦୨୦

**ଘୋଷଣା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଲିଲୋ ଲାଇନ୍ ୧୩୨ କେଭି ଯାଜପୁରରୋଡ୍-କେନ୍ଦ୍ରାପଡ଼ା ଲାଇନ୍‌ରୁ ବାହାରି ପ୍ରସ୍ତାବିତ ରାମ୍‌କୋ ସିମେଣ୍ଟ ସବ୍‌ଷ୍ଟେଶନ ପର୍ଯ୍ୟନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ଲାଇନ୍ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ନାକାପୋଲ ରାଜସ୍ୱ ଗ୍ରାମର ବ୍ରହ୍ମାନନ୍ଦ, ରଥିଆ, ଭତୃପସି, ଗୁଆରଙ୍ଗା ଏବଂ ଅରୁହା ରାଜସ୍ୱ ଗ୍ରାମ ଅଧୀନ ଶ୍ରୀବନ୍ତପୁର ଓ ଚକ୍ରଧରସୋଲ ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନ୍‌ରେ ଆସନ୍ତା ତା.୦୭.୦୪.୨୦୨୦ ରିଖ ଠାରୁ ଯେକୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।

ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନ୍‌ର ଧାରା ୭୯, ୮୦, ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ୍ ତଳେ ଘର ତିଆରି କରିବା, ଗଛଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁଗାଇ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।

ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

**ସ୍ୱା/- ପ୍ରଦୀପ କୁମାର ଦାଶ**
**ସାଧାରଣ ପରିଚାଳକ(ବିଦ୍ୟୁତ୍)**
**ଅତ୍ୟୁଚ୍ଚ ଶକ୍ତି ପରିବହନ ନିର୍ମାଣ ବିଭାଗ, କଟକ**

## ବିଦେଶ ଫେରନ୍ତାଙ୍କୁ ନେଇ ବଢ଼ୁଛି ଭୟ

**ବିଞ୍ଝାରପୁର,୩।୪(ଡି.ଏନ.ଏ.):** ବିଦେଶ ଓ ରାଜ୍ୟ ବାହାରୁ ଘରକୁ ଫେରିଥିବା ବ୍ୟକ୍ତିଙ୍କୁ ନେଇ ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟ ଓ ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କଠାରେ କରୋନା ଲକ୍ଷ୍ୟଣ ଅଧିକ ଦେଖାଦେଉଥିବାରୁ ଏଭଳି ଭୟ ସୃଷ୍ଟି ହୋଇଛି। କାରଣ ବିଞ୍ଝାରପୁର ଅଞ୍ଚଳରେ ଏବେ ଶତାଧିକ ରାଜ୍ୟ ଓ ବିଦେଶ ଫେରନ୍ତା ବ୍ୟକ୍ତି ରହିଛନ୍ତି। ଏଠାକାର ହଜାରହଜାର ଯୁବକ କର୍ମ ଅନ୍ୱେଷଣରେ କେରଳ, ମହାରାଷ୍ଟ୍ର, ଚେନ୍ନାଇ, ହାଇଦ୍ରାବାଦ, ଗୁଜରାଟ, ଦିଲ୍ଲୀ ଆଦି ଅଞ୍ଚଳକୁ

### ହୋମ କ୍ୱାରାଣ୍ଟାଇନରେ ରହୁନାହାନ୍ତି ବହିରାଗତ

ଯାଇଥାନ୍ତି। କରୋନା ଭୟ ଯୋଗୁ ସେମାନେ ଏବେ ଫେରି ଆସିଛନ୍ତି। ସରକାରୀ ତଥ୍ୟ ମୁତାବକ ରାଜ୍ୟ ବାହାରେ କାମ କରୁଥିବା ୧୮୪୬ ଶ୍ରମଜୀବୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୩୧ଜଣ ବିଦେଶରୁ ଫେରିଥିବା ଜଣାପଡିଛି। ବାହାର ରାଜ୍ୟ ଓ ବିଦେଶ ଫେରନ୍ତାଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପ୍ରଶାସନ ପରାମର୍ଶ ଦେଇଥିଲା। ହେଲେ ଏହାକୁ ଅନେକ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ବ୍ଲକର ୨୯ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ହୋମ କ୍ୱାରାଣ୍ଟାଇନ କରାଯାଇଥିଲେ ସବୁ ଖାଲି ପଡ଼ିଛି। ବ୍ଲକ ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତରେ ଜଣେ ମୌଲବୀ ଦିଲ୍ଲୀ ନିଜାମୁଦ୍ଦିନଠାରେ ହୋଇଥିବା ତବଲିକ୍ ଜମାତ୍‌ରେ ଯୋଗଦେବା ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଆଶଙ୍କାକୁ ଆହୁରି ବଢାଇ ଦେଇଛି। ଏ ସମ୍ପର୍କରେ ବିଡିଓ ମିନତୀ ଜଗଦେବଙ୍କୁ ପଚାରିବାରେ ସେ କହିଛନ୍ତି, ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯିବା ସହ ହୋମ୍ କ୍ୱାରାଣ୍ଟାଇନାରେ ରହିବାକୁ କୁହାଯାଇଛି। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅନ୍ୟରାଜ୍ୟରୁ ଫେରିଥିବା ଶ୍ରମଜୀବୀଙ୍କ ଉପରେ ମଧ ନଜର ରଖାଯାଇଛି।

# କ୍ଲୋରିନ୍ ପାଣିରେ ବିଶୋଧିତ ହେଉଛି ସହର

**କେନ୍ଦ୍ରାପଡା ଅଫିସ,୩।୪**

୨୧ ଦିନିଆ ଲକ୍‌ଡାଉନ ଅବଧିରେ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣ

### କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ଭୟ

ରୋକିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଗତ ୫ଦିନ ହେବ ସହର ରାସ୍ତାକୁ ଅଗ୍ନିଶମ ବାହିନୀ ପକ୍ଷରୁ ବିଶୋଧିତ କରାଯିବା ସହ ବିଶେଷ କରି ସହରର ତିନିମୁହାଣି ଛକ, ରଥଦାଣ୍ଡ, ମେଡିକାଲ ପରିସର, ପୁରୁଣା ଓ ନୂଆ ବସଷ୍ଟାଣ୍ଡକୁ ଏକାଧିକ ବାର କ୍ଲୋରିନ ପାଣି ଦ୍ୱାରା ବିଶୋଧନ କରାଯାଉଛି। ସେହିପରି ସମ୍ଭାବ୍ୟ ସଂକ୍ରମିତଙ୍କ ଚିକିତ୍ସା ପାଇଁ ୨୯୫ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନା ହୋଇଛି। ଜିଲା ଅଧୀନ ୨୪୯ ପଞ୍ଚାୟତରେ ୨୮୨ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୧୨୨୭୬ଟି ଶଯ୍ୟା ପ୍ରସ୍ତୁତ ହୋଇଛି।

କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ୯ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧୦ଟି ଶଯ୍ୟା ବ୍ୟବସ୍ଥା ହୋଇଛି। ସେହିପରି କରୋନା ରୋଗୀଙ୍କ ପାଇଁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩୦୦ ଶଯ୍ୟା ବ୍ୟବସ୍ଥା କରାଯାଇଥିବା ବେଳେ କେନ୍ଦ୍ରାପଡା ବ୍ଲକ ତରାଣ୍ଡୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୬୦, ଡେରାବିଶ ବ୍ଲକ ଛତାସ୍ଥିତ ପଲିଟେକନିକ କଲେଜରେ ୨୬୦, ପଟ୍ଟାମୁଣ୍ଡାଇ ଓବିସି ଛାତ୍ରାବାସରେ ୧୫୦, କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୦ ଶଯ୍ୟା ନିର୍ମାଣ ହୋଇଛି। ଅପରପକ୍ଷରେ ଅଦ୍ୟାବଧି ୬୪ଟି ସନ୍ଦିଗ୍ଧଙ୍କ ରକ୍ତ ପରୀକ୍ଷା ପାଇଁ ଲାବକୁ ପଠାଯାଇଥିବା ବେଳ ୬୨ ରିପୋର୍ଟ ନେଗେଟିଭ୍ ଆସିଥିବା ଏଡିଏମଓ ଡା. ମିର୍ଜା ବାବର ବେଗ ସୂଚନା ଦେଇଛନ୍ତି। ଏଥିସହିତ ସେ ପ୍ରକାଶ କରିଛନ୍ତି ଯେ, ଅନ୍ୟ ଦୁଇଜଣଙ୍କର ରକ୍ତ ପରୀକ୍ଷା ରିପୋର୍ଟ ଅଦ୍ୟାବଧି ଆସିନାହିଁ। ସହର ବିଶୋଧନ, ଶଯ୍ୟା ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ଭତ୍ତା, ରାଶନ ସାମଗ୍ରୀ ଓ ଅର୍ଥ ଇତିମଧ୍ୟରେ ବଣ୍ଟାଯାଇଛି। ତାଲାବନ୍ଦ ସମୟରେ ଆଇନ ଉଲ୍ଲଂଘନ କରିଥିବା ୮୨ ଜଣଙ୍କ ନାମରେ ୪୯ଟି ମାମଲା ରୁଜୁ ହୋଇଛି।



କେନ୍ଦ୍ରାପଡ଼ା ସହର ଇଚ୍ଛାପୁରଠାରେ ରଥଦାଣ୍ଡକୁ ବିଶୋଧନ କରାଯାଉଛି।

### ବାଇକ୍‌ରେ କରୋନା ସଚେତନତା
### ୨୦ଦିନରେ ବୁଲିଲେଣି ୪୨୦ ଗାଁ

**ନୟାଗଡ଼ ଅଫିସ,୩।୪:** କୃଷ୍ଣଚନ୍ଦ୍ର ମହାପାତ୍ର। ଘର ନୟାଗଡ଼ ଜିଲାର ଶରଣକୁଳରେ। କରୋନା ଲାଗି ବାଇକ୍‌ରେ ବୁଲି ସଚେତନତା ସୃଷ୍ଟି କରିବା ତାଙ୍କର ମୁଖ୍ୟ କାମ ହୋଇଛି। ନୟାଗଡ଼ ଜିଲାରେ ଗୋଟିଏ ପରେ ଗୋଟିଏ ଗାଁକୁ ଯାଇ ସେ ମାଇକ୍ ଦ୍ୱାରା ଲୋକଙ୍କୁ କରୋନା ଭୟାବହତା ସମ୍ପର୍କରେ ବୁଝାଉଛନ୍ତି। କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ ବୋଲି ନିବେଦନ କରୁଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ପ୍ରବର୍ତ୍ତାଉଛନ୍ତି।



ବର୍ତ୍ତମାନ ସୁଦ୍ଧା ସେ ଶରଣକୁଳ ଓ ଓଡଗାଁ ଥାନା ଅଞ୍ଚଳ ବୁଲି ସାରିଲେଣି। ଶୁକ୍ରବାରଠାରୁ ନୟାଗଡ ଥାନା ଅଞ୍ଚଳ ପରିକ୍ରମା ଆରମ୍ଭ କରିଛନ୍ତି। ମାର୍ଚ୍ଚ ୧୫ ତାରିଖରୁ ସେ ଆରମ୍ଭ କରିଥିଲେ ଏହି ଯାତ୍ରା। ୨୦ଦିନ ଭିତରେ ୪୨୦ ଗାଁ ପରିକ୍ରମା କରିସାରିଲେଣି। ପ୍ରତ୍ୟହ ସକାଳ ୭ଟାରୁ ଯାତ୍ରା ଆରମ୍ଭ କରି ସନ୍ଧ୍ୟା ହେଲେ ଘରକୁ ଫେରୁଛନ୍ତି। କରୋନା ନ ଥମିବା ପର୍ଯ୍ୟନ୍ତ ସଚେତନତା ଜାରି ରଖିବେ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି।

## କାରିଗରଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇଲା ବୁଣାକାର ସମିତି

**ରସୁଲପୁର, ୩।୪ (ଡି.ଏନ୍.ଏ.):** ଲକ୍‌ଡାଉନ୍ ଯୋଗୁ ରସୁଲପୁର ବ୍ଲକ ଅଧୀନ ବୁଣାକାର ଗାଁର କୁଶଳୀ କାରିଗରମାନେ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ପୂର୍ବରୁ ଉତ୍ପାଦିତ ସାମଗ୍ରୀ ବିକ୍ରି ହୋଇପାରୁ ନ ଥିବାବେଳେ କଞ୍ଚାମାଲ ପହଞ୍ଚି ପାରୁ ନ ଥିବାରୁ ଦୁଇ ସପ୍ତାହ ହେଲା ତନ୍ତଶାଳା ବନ୍ଦ ରହିଛି। ତେବେ ବୁଣାକାରମାନେ ହାତବାନ୍ଧି ଘରେ ବସି ଥିବାରୁ ସେମାନେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ସରକାର ବି ବୁଣାକାରମାନଙ୍କ ପାଇଁ ଅଦ୍ୟାବଧି କୌଣସି ପ୍ୟାକେଜ୍ ଘୋଷଣା କରି ନ ଥିବା ବେଳେ ସହାୟତାର ହାତ ବଢ଼ାଇଛି ମା'ତାରିଣୀ ସମବାୟ ସମିତି ଲିଃ। ଉକ୍ତ ସମିତି ଅଧୀନରେ କାମ କରୁଥିବା ୮୦ କାରିଗର ପରିବାରକୁ ସମିତି ପକ୍ଷରୁ ଶୁଖିଲା ଖାଦ୍ୟ ଯଥା- ଅଟା, ଚାଉଳ, ଡାଲି, ଚୁଡ଼ା, ଚିନି ଆଦି ପ୍ରଦାନ କରାଯାଇଛି। ଏଥିସହ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାଇ ରଖିବାକୁ ସମିତିର ଉପଦେଷ୍ଟା ଅଶୋକ କୁମାର ଗୁଇଁ, ସଭାନେତ୍ରୀ ରେବତୀ ଗୁଇଁ, ସମ୍ପାଦକ ଦିଲୀପ କୁମାର ଗୁଇଁ ପ୍ରମୁଖ ବୁଣାକାରମାନଙ୍କୁ ସଚେତନ କରିଛନ୍ତି।

## ଆଇସୋଲେଶନରେ ରହିବାକୁ ୮୬୩ଙ୍କୁ ନିର୍ଦ୍ଦେଶ

**ଧର୍ମଶାଳା,୩।୪(ଡି.ଏନ୍.ଏ.):** କରୋନା ଭୟରେ ବିଦେଶ ଓ ଅନ୍ୟ ରାଜ୍ୟରୁ ଘରକୁ ଫେରୁଥିବା ଲୋକଙ୍କ ଉପରେ ପ୍ରଶାସନର କଡ଼ା ନଜର ରଖାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଘରକୁ ଫେରିଥିବା ୭ଜଣଙ୍କ ନାମ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଜୀକରଣ କରାଯାଇଛି। ମାର୍ଚ୍ଚ ୧୪ରୁ ଏପ୍ରିଲ ୧ ମଧ୍ୟରେ ୮୫୬ ଓ ଗୁରୁବାର ଆଉ ୭ ମୋଟ୍ ୮୬୩ଜଣ ବାହାର ରାଜ୍ୟରୁ ଫେରିଥିବାରୁ ସେମାନଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ କୁହାଯାଇଛି। ୧୮ଜଣ ବିଦେଶରୁ ଫେରିଥିବା ଜଣାଯାଇଛି। ଧର୍ମଶାଳା ମହାବିଦ୍ୟାଳରେ କରାଯାଇଥିବା ପୃଥକ ବାସକେନ୍ଦ୍ରରେ ୫ଜଣଙ୍କୁ ରଖାଯାଇଛି। ଆଗକୁ ଯେଉଁମାନେ ବାହାର ରାଜ୍ୟ କିମ୍ବା ଦେଶରୁ ଆସିବେ ସେମାନଙ୍କୁ ୧୪ ଦିନ ଆଇସୋଲେଶନରେ ରଖାଯିବ ବୋଲି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଧର୍ମଶାଳା ବ୍ଲକର ଧର୍ମଶାଳା ମହାବିଦ୍ୟାଳୟ ଛାତ୍ରୀନିବାସ, ଦେଉଳିସ୍ଥିତ ଆଦର୍ଶ ବିଦ୍ୟାଳୟ, ଜାରକା ହାଇସ୍କୁଲ, ଧର୍ମଶାଳା ବାଣୀପୀଠରେ ୪ଶହ ସଯ୍ୟା ବିଶିଷ୍ଟ ପୃଥକ ବାସଗୃହ କରାଯାଇଛି।

## ସାନିଟାଇଜ ହେଲା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଚଣ୍ଡିଖୋଲ, ୩।୪ (ଡି.ଏନ୍.ଏ.):** କରୋନା ନ ବ୍ୟାପିବା ପାଇଁ ସତର୍କତାମୂଳକ ଭାବେ ଯାଜପୁର ଜିଲାର ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରାଯାଇଛି। ଜିଲାର ଏହା ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ହେତୁ ଏଠାକୁ ଦୈନିକ ଶହଶହ ସଂଖ୍ୟାରେ ରୋଗୀ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ପକ୍ଷରୁ ଏହି କେନ୍ଦ୍ରର ସଂକ୍ରମଣ ଦୂର କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରାଯାଇଛି। ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ନେତୃତ୍ୱରେ କର୍ମଚାରୀମାନେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ, ଓପିଡି, ଅଫିସ ଗୃହ ଆଦିକୁ ସାନିଟାଇଜ କରିଥିଲେ। ଏହି କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି।

## ଶୁଖିଲା ଖାଦ୍ୟ ବାଣ୍ଟିଲେ ଟାଟା କର୍ମଚାରୀ

**ରତ୍ନଗିରି,୩।୪(ଡି.ଏନ.ଏ.):** ସୁଜନପୁର ପଞ୍ଚାୟତ ହସନପୁର ଗ୍ରାମର ଟାଟା କମ୍ପାନୀ କର୍ମଚାରୀ ଶିବ ପ୍ରସାଦ ମହାନ୍ତି(ରାଜ୍) ନିଜର ଏକମାସ ଦରମାରେ ୧୦୦ରୁ ଉର୍ଦ୍ଧ୍ୱ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏତଦ୍‌ବ୍ୟତୀତ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କ ସହିତ ମିଶି କରୋନା ପ୍ରଭାବରୁ ମୁକ୍ତ ରହିବା ନିମନ୍ତେ ସମଦୂରତା ରକ୍ଷା କରିବା, ଆବଶ୍ୟକ ନ ଥିଲେ ପଦାକୁ ନବାହାରିବା ଓ ନିଜେ ପରିଷ୍କାର ପରିଚ୍ଛନ୍ନ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏଭଳି କାର୍ଯ୍ୟକ୍ରମ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏଥିରେ ତାଙ୍କୁ ଦେବ ପ୍ରସାଦ ମହାନ୍ତି, ପୁଟୁ ମହାନ୍ତି, ମଧୁଆ ଜେନା, ବିକ୍ରମ ବାରିକ, ତ୍ରିଲୋଚନ ଜେନା ଓ କୁନି ଜେନା ପ୍ରମୁଖ ସହଯୋଗ କରିଥିଲେ।



ଗ୍ରାମବାସୀଙ୍କୁ ଶିବପ୍ରସାଦ ଶୁଖିଲା ଖାଦ୍ୟ ବାଣ୍ଟୁଛନ୍ତି।

## ବିଶୋଧନ ହେଲା ଜନଗହଳିପୂର୍ଣ୍ଣ ସ୍ଥାନ



ଧର୍ମଶାଳା,୩।୪(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଜନଗହଳିପୂର୍ଣ୍ଣ ସ୍ଥାନକୁ ବିଶୋଧନ କରାଯାଇଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ତହସିଲ କାର୍ଯ୍ୟାଳୟ, ଧର୍ମଶାଳା ବଜାର, ଜାରକା ବଜାର, ବ୍ଲକ କାର୍ଯ୍ୟାଳୟ ଆଦିସ୍ଥାନଗୁଡ଼ିକୁ ସାନିଟାଇଜ କରାଯାଇଛି। ଧର୍ମଶାଳା ତହସିଲଦାର ସରୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦମକଳ ବାହିନୀ କର୍ମଚାରୀମାନେ ଏସବୁ ସ୍ଥାନ ବିଶୋଧନ କରିଛନ୍ତି।

## ପଡ଼ିଆରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ଚଣ୍ଡିଖୋଲ,୩।୪(ଡି.ଏନ.ଏ):** ଯାଜପୁର ଜିଲା ବୈରୀ ପୋଲିସ ଟ୍ରେନିଂ କ୍ୟାମ୍ପ ନିକଟସ୍ଥ ପଡିଆରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ପରିଚୟ ମିଳିପାରି ନ ଥିବାବେଳେ ମୃତକଙ୍କ ଶରୀରର କିଛିଅଂଶ ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସକାଳେ କିଛିଲୋକ ଉକ୍ତ ପଡ଼ିଆକୁ ବ୍ୟାୟାମ କରିବାକୁ ଯାଇଥିବାବେଳେ ଉକ୍ତ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସାନଭାଇଙ୍କ ଆତ୍ମହତ୍ୟା ପରେ ବଡ଼ଭାଇଙ୍କ ମୃତ୍ୟୁ

**ଜେନାପୁର,୩।୪(ଡିଏନଏ):** ଯାଜପୁର ଜିଲା ଜେନାପୁର ଥାନା ଏଣ୍ଡଲବା ପଞ୍ଚାୟତ ଅଧୀନ ମହନ୍ତଷୋହଳ ଗ୍ରାମରେ ଗୁରୁବାର ସାନଭାଇ ଆତ୍ମହତ୍ୟା କରିବା ପରେ ଶୁକ୍ରବାର ବଡ଼ଭାଇଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ଦୁଇଭାଇ ହେଉଛନ୍ତି ମଙ୍ଗୁଳି ମଳିକ (୭୦) ଓ ବଡ଼ଭାଇ ଭ୍ରମର ମଳିକ (୮୦)। ମଙ୍ଗୁଳି କାମଳ ଓ ପେଟ ରୋଗରେ ପୀଡ଼ିତ ଥାଇ କଟକରେ ଚିକିତ୍ସିତ ହେଉଥିଲେ। ଗୁରୁବାର ଯନ୍ତ୍ରଣା ଅତ୍ୟଧିକ ହେବାରୁ ସେ ସହି ନ ପାରି ବରଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା କ୍ୱାଇଁ ଆରୁଣ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରିବା ସହ ଏକ ମାମଲା (ନଂ.୪/୨୦) ରୁଜୁ କରିଛି। ଅପରପକ୍ଷେ ସାନଭାଇଙ୍କ ମୃତ୍ୟୁ ଖବର ଶୁଣିବା ପରେ ଦୀର୍ଘଦିନ ଧରି ପକ୍ଷାଘାତରେ ପୀଡ଼ିତ ଥିବା ବଡ଼ଭାଇ ଭ୍ରମରଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା।

## ଥଣ୍ଡା, କାଶରେ ପୀଡିତଙ୍କୁ ଏମ୍‌ସକୁ ରେଫର

**ନୟାଗଡ଼ ଅଫିସ,୩।୪:** ଥଣ୍ଡା ଓ କାଶରେ ପୀଡିତ ହୋଇଥିବା ନୟାଗଡ ବ୍ଲକ ଘଡୁଆଳ ଗାଁର ଜଣେ ବ୍ୟକ୍ତି ଶୁକ୍ରବାର ଭୁବନେଶ୍ୱର ଏମ୍‌ସକୁ ରେଫର ହୋଇଛନ୍ତି। ସେ କିଛି ଦିନ ହେଲା ବାଙ୍ଗାଲୋରରୁ ଫେରି ଘରେ ଅଲଗା ହୋଇ ରହୁଥିଲେ। ଥଣ୍ଡା ଓ କାଶ ନ କମିବାରୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଏମ୍‌ସ ପଠାଯାଇଛି। ସିଡିଏମ୍‌ଓ ଶ୍ୱେତ ମହାପାତ୍ର ଓ ଡିଏଫଓ ଧନରାଜ ଏଚ୍‌ଡିଙ୍କ ସୂଚନା ଅନୁସାରେ ଘଡୁଆଳର ରୋଗୀ ଜଣକ ଆଜ୍‌ମାରେ ପୀଡିତ ଅଛନ୍ତି। ପୁଣି ସେ ମଦ୍ୟପାନ କରୁଥିବା ଜଣାପଡିଛି। ତେବେ ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ରେଫର କରାଯାଇଛି।

### ନିଜାମୁଦ୍ଦିନ୍ ଫେରନ୍ତାଙ୍କୁ ନେଇ ଲୋକେ ଆତଙ୍କିତ
## ସୀମା ସିଲ୍ କଲା ପୋଲିସ ପ୍ରଶାସନ

**ରାଜକନିକା, ୩।୪ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାରୁ ନିଜାମୁଦ୍ଦିନ ଫେରନ୍ତାଙ୍କୁ ଚିହ୍ନଟ କରାଯିବା ପରେ ଉଭୟ ଜିଲା ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହାଛଡ଼ା ଜିଲାର ଉପାନ୍ତ ଅଞ୍ଚଳ ରାଜକନିକା, ଆଳି ଓ ବିଞ୍ଝାରପୁର ଅଞ୍ଚଳ ଅଧିବାସୀ ଆତଙ୍କିତ ହୋଇରହିଛନ୍ତି। ଏହି ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନ ପକ୍ଷରୁ ଯାଜପୁର ଜିଲାର ସୀମା କଣ୍ଡିଆହାଟ ନିକଟବର୍ତ୍ତୀ ବାଙ୍ଗରା ଓ ଗୋବିନ୍ଦପୁର ନିକଟରେ ବାଉଁଶ ପକାଯାଇ ସୀମାକୁ ସିଲ୍ କରି ଦିଆଯାଇଛି। ସେହିପରି ଏହି ଅଞ୍ଚଳର ଗଳା ବାଟକୁ ମଧ୍ୟ ପୋଲିସ ପ୍ରଶାସନ ବନ୍ଦ କରି ଦେଇଛି। ଅରଗଳକଟ ରାସ୍ତାକୁ ମଧ ବନ୍ଦ କରିଦିଆଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚ କରାଯାଉଛି।

## ବୃଦ୍ଧାଙ୍କ ଆତ୍ମହତ୍ୟା

**ମାର୍ଶାଘାଇ, ୩।୪ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ବଡ଼କୁଳ ଗ୍ରାମର ଜଣେ ବୃଦ୍ଧା ଶୁକ୍ରବାର ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୂଳମଣି ଲେଙ୍କାଙ୍କ ସ୍ତ୍ରୀ ପ୍ରେମଲତା। ନିକଟସ୍ଥ ଏକ ବିଲରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରେମଲତାଙ୍କ ମାନସିକ ବିକୃତି ଯୋଗୁ ସେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ମାର୍ଶାଘାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଥାନାରେ ନଂ.୯/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ୧୧ ଗିରଫ

**ଧର୍ମଶାଳା,୩।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଗଡ଼ମଧୁପୁର ଓ ଅଣ୍ଡିଆ ବଜାରରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ୧୧ଜଣ ଗିରଫ ହୋଇଛନ୍ତି। ଲକଡାଉନବେଳେ ଗଡ଼ମଧୁପୁର ଓ ଅଣ୍ଡିଆ ଗ୍ରାମରେ କେତେଜଣ ଏକତ୍ରିତ ହୋଇଥିବା ଖବରପାଇ ଜେନାପୁର ଥାନାଧିକାରୀ ସୁଶାନ୍ତ ଦାସ ପହଞ୍ଚି ଗଡମଧୁପୁରରୁ ୫ ଓ ଅଣ୍ଡିଆ ଗ୍ରାମରୁ ୬ ଜଣଙ୍କୁ ଗିରଫ କରିଥିଲେ। ଏନେଇ ସେମାନଙ୍କ ବିରୋଧରେ ୭୯/୨୦ ଓ ୮୦/୨୦ରେ ୨ଟି ମାମଲା ରୁଜୁ ହୋଇଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଦାସ କହିଛନ୍ତି।

## ରାଜ୍ୟ ବାହାର ଶ୍ରମିକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ

**ଧର୍ମଶାଳା,୩।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଲାର୍କ ଅନୁଷ୍ଠାନ ପକ୍ଷରୁ ପଶ୍ଚିମବଙ୍ଗର ଶ୍ରମିକ ଓ କୁମାରୀ ଗ୍ରାମର ଶ୍ରମିକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ପଶ୍ଚିମବଙ୍ଗରୁ ଆସି ଏଠାରେ ଶ୍ରମିକ ଭାବେ କାମ କରୁଥିବା ୪୫ଜଣ ଶ୍ରମିକ ଜାରକାରେ ଅଟକି ଯାଇଛନ୍ତି। ଏବେ କାମ ନପାଇ ସେମାନେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଏହି ଖବର ପାଇ ଲାର୍କ ଅନୁଷ୍ଠାନ ମୁଖ୍ୟ କିଷାନ ପଣ୍ଡା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ସାଙ୍ଗରେ ନେଇ ସେମାନଙ୍କୁ ୧୨ଦିନ ପାଇଁ ଚାଉଳ, ଡାଲି, ଆଳୁ, ତେଲ, ପିଆଜ ଓ ସାବୁନ ବଣ୍ଟନ କରିଥିଲେ। ସେହିପରି କୁମାରୀ ମୌଜାରେ ରହିଥିବା ୧୬ ଶ୍ରମୀକଙ୍କୁ ମଧ୍ୟ ୧୨ ଦିନ ପାଇଁ ଏସବୁ ଖାଦ୍ୟ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଭୀମସେନ ସାହୁ, ଅଖିଳ ସ୍ୱାଇଁ, ଦେବାଶିଷ ପରିଡା, କାହ୍ନୁ ଚରଣ ନାୟକ ଓ କାର୍ତ୍ତିକ ସାହୁ ପ୍ରମୁଖ ସାହାଯତା କରିଥିଲେ।



# ଭୋକ ଉପାସରେ ଗୁପ୍‌ଚୁପ୍ ବିକାଳି ପରିବାର

**ରସୁଲପୁର,୩।୪(ଡିଏନଏ)**

କରୋନା ମହାମାରୀ ବ୍ୟାପିବାକୁ ରୋକିବା ପାଇଁ ଲକ୍‌ଡାଉନ ଲାଗୁ ହୋଇଛି। ତେବେ ଏହି ଲକ୍‌ଡାଉନ ଯୋଗୁ ଅନେକ ଦିନମଜୁରିଆ, ଖଟିଖିଆ ପ୍ରଭାବିତ ହୋଇଥିବାବେଳେ ଜଣେ ଗୁପ୍‌ଚୁପ୍ ବିକାଳି ଭୋକ ଉପାସରେ କାଳ କାଟୁଥିବା ଜଣାପଡ଼ିଛି। ବିହାର ରାଜ୍ୟର ୬ ଗୁପ୍‌ଚୁପ୍ ବିକାଳି ପରିବାରର ୨୮ଜଣ ଓଳିଏ ଖାଇ ବଞ୍ଚୁଛନ୍ତି। ଏହି ପରିବାରରେ ୧ରୁ ୫ବର୍ଷ ପର୍ଯ୍ୟନ୍ତ ଥିବା ୮ଜଣ ଶିଶୁ ମଧ ଭୋକ ଉପାସରେ ରହୁଛନ୍ତି। ଏଭଳି ସ୍ଥିତି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଟସ୍ଥିତ ଭଡ଼ାଘରେ ଓ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବାହାର ରାଜ୍ୟ ଓ ଜିଲାରୁ ଆସି ରହୁଥିବା ଗୁପ୍‌ଚୁପ୍ ବିକାଳି ଓ ଶ୍ରମିକ ପରିବାର କ୍ଷେତ୍ରରେ ଦେଖିବାକୁ ମିଳିଛି। ଦୀର୍ଘ ୬ବର୍ଷରୁ ଉର୍ଦ୍ଧ୍ୱ କାଳ ଏହି ଅଞ୍ଚଳରେ ରହୁଥିବା ଏହି ବିହାରୀ ପରିବାର ଗୁପ୍‌ଚୁପ୍ ବିକ୍ରି କରି ପେଟ ପୋଷୁଥିବାବେଳେ ଏବେ ସେମାନଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। କରୋନା କଟକଣା ସମୟରେ ଖଟିଖିଆ, ଶ୍ରମିକ, ଦିନ ମଜୁରିଆ, ମହିଳାଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ଘୋଷଣା କରିଥିବା



ଗୁପ୍‌ଚୁପ୍ ବିକାଳି ପରିବାରର ସଦସ୍ୟମାନେ।

- ଓଳିଏ ଖାଇ ରହୁଛନ୍ତି ୬ ଗୁପ୍‌ଚୁପ୍ ବିକାଳି ପରିବାରର ୨୮ଜଣ
- ସରପଞ୍ଚଙ୍କ ଘଟଣାସ୍ଥଳ ପରିଦର୍ଶନ ପରେ ବି ହୋଇନି ବ୍ୟବସ୍ଥା

ସୁବିଧା ସୁଯୋଗ ଏମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡିଛି। ଏହାଛଡା ରାଜ୍ୟ ଓ ଜିଲାଗୁଡ଼ିକର ସୀମା ସିଲ ହୋଇଥିବାରୁ ଏମାନେ ନିଜ ଗାଁକୁ ଫେରି ପାରୁନାହାନ୍ତି। ଏହାଛଡା ବାହାର ରାଜ୍ୟରୁ ଆସିଥିବା ଶ୍ରମିକ, ବ୍ୟବସାୟୀମାନେ ଅସ୍ଥାୟୀ ଶିବିରରେ ରହିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଅସ୍ଥାୟୀ ଶିବରରେ ରହୁଥିବା ଲୋକଙ୍କୁ ରନ୍ଧାଖାଦ୍ୟ ୩/୪ଦିନ ହେଲା ପ୍ରଦାନ କରାଗଲାଣି। ତେବେ ଏହି ଗୁପ୍‌ଚୁପ୍ ବିକାଳିଙ୍କ ପାଖରେ ରନ୍ଧାଖାଦ୍ୟ ଉପଲବ୍ଧ ହୋଇପାରୁ ନାହିଁ। ଏ ଦିଗରେ ସ୍ଥାନୀୟ ସରପଞ୍ଚ ବିଜୟ ଦାସଙ୍କୁ ଅବଗତ କରାଯାଇଛି। ଏହାଜାଣି ସେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ ବୋଲି କହିଥିଲେ। ମାତ୍ର ଏହା ମଧ୍ୟରେ ୪୮ ଘଣ୍ଟା ବିତିଗଲାଣି। ହେଲେ ଏଯାବତ୍ ସରପଞ୍ଚଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାଯାଇଛି। ଏନେଇ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ଏ ଦିଗରେ ସରପଞ୍ଚମାନେ ସମ୍ପୂର୍ଣ୍ଣ କ୍ଷମତାପ୍ରାପ୍ତ। ସବୁ ସରପଞ୍ଚଙ୍କୁ ୩ଦିନ ହେଲାଣି ବାର୍ତ୍ତା ଦିଆଯାଇଛି। ସେମାନେ ତାଲିକା ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ନିକଟରେ ଖୁବ୍‌ଶୀଘ୍ର ସହାୟତା ପହଞ୍ଚିବ ବୋଲି ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ମାସ୍କ ଚୋରି ଘଟଣାର କାର୍ଯ୍ୟାନୁଷ୍ଠାନ ହେବ

ସମ୍ବଲପୁର, ୩।୪ (ବ୍ୟୁରୋ): ବୁର୍ଲା ଭିମ୍‌ସାରକୁ ଆସିଥିବା ୧୦୦ ଏମ୍- ୯୫ ମାସ୍କ ଚୋରି ଘଟଣାର ତଦନ୍ତ ହେବ। ଏହି ଘଟଣା ଭିମ୍‌ସାର ଉଚ୍ଚ କର୍ତ୍ତୃପକ୍ଷ ଚପାଇ ଦେବାକୁ ଉଦ୍ୟମ କରି ଥାନାରୁ ମାମଲା ପ୍ରତ୍ୟାହାର କରିନେଇଥିଲେ। ହେଲେ ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ପୁଣି କର୍ତ୍ତୃପକ୍ଷ ତତ୍ପର ହୋଇ ପଡିଛନ୍ତି। ଭିମସାର ପ୍ରଶାସନିକ ଅଧିକାରୀ ସୁବ୍ରତ ନାୟକ କହିଛନ୍ତି ଯେ, ଏହି ଘଟଣା ଉପରେ ତଦନ୍ତ କରାଯାଉଛି। ଦୋଷୀ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟୋରରୁ ଗତ ୩୧ ତାରିଖ ଗାଡି (ନମ୍ବର ଓଡି ୧୫ କ୍ୟୁ- ୦୦୫୩) ଯୋଗେ ୫ଶହ ଏମ-୯୫ ମାସ୍କ ବୁର୍ଲା ଭିମସାରକୁ ଆସିଥିଲା। ଷ୍ଟୋର ଦାୟିତ୍ୱରେ ଥିବା କର୍ମଚାରୀ ରଖିଲାବେଳେ ଶହେଟି କମ୍ ଥିବା ଜାଣିବାକୁ ପାଇ ଅଧୀକ୍ଷକ ଓ ଅନ୍ୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସିନିୟର ଫାର୍ମାସିଷ୍ଟ ପ୍ରକାଶ ବିଶ୍ୱାଳ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବୁର୍ଲା ପୋଲିସ ମାମଲା ରୁଜୁ କରି ଡ୍ରାଇଭର ଓ ଭିମସାର ଚତୁର୍ଥ କର୍ମଚାରୀଙ୍କୁ ପଚରାଉଚୁରା କରିଥିଲା। ନୟାଗଡ ଜିଲାର ଜଣେ ସମ୍ପର୍କୀୟଙ୍କୁ ଶହେଟି ମାସ୍କ ଦେଇଥିବା ପୋଲିସ ଆଗରେ ସେ ସ୍ୱୀକାର କରିଥିଲେ।

# ସେବା ଯୋଗାଇ ସ୍ୱାବଲମ୍ବୀ

ସେମାନେ ସବୁଦିନିଆ ପରିବା ବିକାଳି ନୁହଁନ୍ତି । କେହି ଗୃହିଣୀ ତ ଆଉ କିଏ ଶ୍ରମଜୀବୀ। ସମସ୍ତେ ବରଗଡ଼ ସହରର ବାଞ୍ଜିଝୁମ୍ପୁଡ଼ି କଲ୍ୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା । ଲକ୍ ଡାଉନ୍ କଟକଣା ପରେ ସବୁ କାମଧନ୍ଦା ବନ୍ଦ ହୋଇ ଯାଇଛି । ଫଳରେ ବେରୋଜଗାର ହୋଇ ଘରେ ହାତବାନ୍ଧି ବସିବା ଅପେକ୍ଷା ଲୋକଙ୍କୁ ସେବା ଯୋଗାଇବା ସହିତ ସ୍ୱାବଲମ୍ବୀ ହେବାକୁ ସେମାନେ ଉଚିତ୍ ମନେ କରିଛନ୍ତି । ଘରୁ ପାଦ କାଢ଼ି ପରିବା ବଜାରର ଭିଡ଼ ମଧ୍ୟରେ ନୁହେଁ, ସହରର ଗାନ୍ଧୀଛକ ଭଳି କେତେକ ସ୍ଥାନରେ ସେମାନେ ପରିବା ପସରା ଖୋଲିଛନ୍ତି । ପସରାକୁ ଆସୁଥିବା ଗରାଖମାନେ ସମଦୂରତା ଅବଲମ୍ବନ କରୁଥିବା ଯୋଗୁ ବଜାର ଭଳି ସେତେ ଭିଡ଼ ତଥା ଜନସମାଗମ ମଧ୍ୟ ପରିଲକ୍ଷିତ ହେଉନାହିଁ । ନିର୍ଦ୍ଧାରିତ ସମୟ ସୁଦ୍ଧା ପସରା ଖୋଲି ପ୍ରଶାସନ ଧାର୍ଯ୍ୟ କରିଥିବା ମୂଲ୍ୟରେ ଗରାଖଙ୍କୁ ପରିବା ଯୋଗାଇ ଆସୁଥିବା ଏହି ମହିଳାମାନେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି ।



ଗାନ୍ଧୀ ଛକରେ ଏସଏଚଜି ମହିଳାଙ୍କ ପରିବା ପସରା ।

### ସମ୍ମିଳିତ ଉଦ୍ୟମରୁ ଆରମ୍ଭ



ଆମ ପଡ଼ାର ଅଙ୍ଗନୱାଡ଼ି କର୍ମୀ ଏଭଳି ପରିବା ପସରା ଖୋଲିବା ପାଇଁ କହିଲେ । ଆମ ଏସଏଚଜିର ସମସ୍ତ ସଦସ୍ୟା ଜଣ ପିଛା ୫୦୦ ଟଙ୍କା ଲେଖାଏଁ ସଂଗ୍ରହ କଲୁ। ସେହି ସଂଗୃହୀତ ଟଙ୍କାରେ ସକାଳୁ ହାଟପଦାକୁ ଯାଇ ବେପାରୀ କିମ୍ବା ସେଠାରେ ଥିବା ଚାଷୀଙ୍କଠାରୁ ପରିବା କିଣି ଆଣି ଗରାଖକୁ ଯୋଗାଉଛୁ।

**–କମଳିନୀ ବାଗ**

### ଲକ୍‌ଡାଉନ୍‌ରେ ଆତ୍ମନିର୍ଭରଶୀଳ



ଆମ ଏସଏଚଜିରେ ସମୁଦାୟ ୧୦ଜଣ ଅଛୁ । ସମସ୍ତେ ମିଳିମିଶି ପରିବା ବିକିବା ପାଇଁ ଏଭଳି ନିଷ୍ପତ୍ତି ନେଇଛୁ । ଲକ୍ ଡାଉନ୍ ଯୋଗୁ ତ ସବୁ କାମଧନ୍ଦା ବନ୍ଦ ରହିଯାଇଛି । ଲୋକଙ୍କୁ ରୋଜଗାର ବି ହରାଇବାକୁ ପଡ଼ିଛି। ଆମେ ଠିକ୍ ମୂଲ୍ୟରେ ଲୋକଙ୍କୁ ପରିବା ଯୋଗାଇ ଏହି ସମୟରେ ବି ଆତ୍ମନିର୍ଭରଶୀଳ ହୋଇ ପାରିଛୁ ।

**–ମଥୁରା ଦୀପ୍**

### ଘରକୁ ଫେରିଲେ ରନ୍ଧାବଢ଼ା



ଘରୁ ପ୍ରାୟ ୫ଟାରୁ ବାହାରି ଥାଉ । ପରିବା ପସରାରେ ୪/୫ଘଣ୍ଟା ରହିଥାଉ । ଦିନ ୯ଟାରୁ ୧୦ଟା ମଧ୍ୟରେ ପରିବା ବିକ୍ରି ସାରିବା ପରେ ଘରକୁ ଫେରିଥାଉ । ଏହାପରେ ପରିବାର ପାଇଁ ରନ୍ଧାବଢ଼ା କାମ କରିଥାଉ । ଘରେ ବସିବା ଅପେକ୍ଷା ଏଠାକୁ ଆସି ଗରାଖଙ୍କୁ ସୁଲଭ ମୂଲ୍ୟରେ ପରିବା ଯୋଗାଇ ଦେଉଛୁ । ନିଜକୁ ବି ଭଲ ଲାଗୁଛି ।

**–ମୀନା ସର**

### ପରିବା ବିକ୍ରିରୁ ଆତ୍ମସନ୍ତୋଷ



ଘରେ ଥିଲେ ସେଭଳି ବସି ରହିଥାନ୍ତୁ । ୫ଦିନ ହେଲା ଏଠାକୁ ଆସି ପରିବା ବିକ୍ରି କରୁଛୁ । କେତେ ଲାଭକ୍ଷତି ହେଲା, ତାହା ବଡ଼ କଥା ନୁହେଁ । ଏଭଳି ଏକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଆମେ ସୁଲଭ ମୂଲ୍ୟରେ ପରିବା ଯୋଗାଇ ଦେଇ ପାରୁଛୁ । ସେଥିରୁ ନିଜକୁ ଆତ୍ମସନ୍ତୋଷ ମିଳୁଛି ।

**–ଅଞ୍ଜନା ବାଗ**

*(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)*

## ବେଆଇନ ଇଟାଭାଟି ବନ୍ଦ କଲା ପ୍ରଶାସନ



ପ୍ରଶଶସନିକ ଅଧିକାରୀମାନେ ଇଟାଭାଟି ବନ୍ଦ କରୁଛନ୍ତି ।

**ରେଢାଖୋଲ,୩।୪(ଡି.ଏନ.ଏ.)**

ମହାମାରୀ କରୋନା ଏବେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏହାର ମୁକାବିଲା ପାଇଁ ଭାରତ ସମେତ ବିଭିନ୍ନ ଦେଶ ଲାଗି ପଡିଛନ୍ତି। ଭାରତରେ ଏହାର ମୁକାବିଲା ଲାଗି କେନ୍ଦ୍ର ସରକାର ସମଗ୍ର ଦେଶକୁ ଲକ୍‌ଡାଉନ କରିଛନ୍ତି। ଏଭଳି ସମୟରେ ଶ୍ରମିକମାନେ କାମ କରିପାରିବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ସମ୍ବଲପୁର ଜିଲା ରେଢାଖୋଲ ସହରର ୱାର୍ଡ ନଂ ୧୦ ଅନ୍ତର୍ଗତ ଡିମିରିକୁଦା ଗ୍ରାମ ନିକଟରେ ଥିବା ବେଆଇନ ଇଟାଭାଟିରେ ୪୦/୫୦ ଜଣ ଶ୍ରମିକ କାମ କରୁଥିବା ଅଭିଯୋଗ ପାଇ ଗୁରୁବାର ପ୍ରଶାସନ ଚଢାଉ କରି ବନ୍ଦ କରିଛି। ପୋଲିସ, ବନ ବିଭାଗ ଓ ତହସିଲ ପକ୍ଷରୁ ମିଳିତ ଭାବେ ଏହି ବେଆଇନ ଇଟା ଭାଟି ଗୁଡିକ ଉପରେ ଚଢାଉ କରାଯାଇଥିଲା। ସେଠାରୁ ଏକ ଜେସିବି ମେସିନ, ଟ୍ରାକ୍ଟର ସହ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଚଢାଉ ବେଳେ ଇଟା ଭାଟିଗୁଡିକରେ ନିୟୋଜିତ ଶ୍ରମିକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗକୁ ଡକାଯାଇ ପୋଡା ଯାଉଥିବା ଇଟାଭାଟି ଗୁଡିକ ଉପରେ ପାଣି ପକାଯାଇ ନଷ୍ଟ କରି ଦିଆଯାଇଛି। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ତହସିଲଦାର ରୁବି ବେହେରା ଓ ବନ ବିଭାଗ କର୍ମଚାରୀ ଚଢାଉର ନେତୃତ୍ୱ ନେଇଥିଲେ।

**ଫଟୋରେ ଖବର...**



ଲକ୍‌ଡାଉନ କଟକଣା ଏଠି ପ୍ରଭାବଶୂନ୍ୟ: ସମ୍ବଲପୁର ସହରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ କ୍ଷେତରାଜପୁର ଅଞ୍ଚଳରେ ଗାଡି ଚଳାଚଳ ସ୍ୱାଭାବିକ ଥିବା ଦେଖିବାକୁ ମିଳିଛି ।

## ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ ଚର୍ଚ୍ଚା

**ଲୋଇସିଂହା,୩।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିକଟସ୍ଥ ବୁର୍ଡା ଗ୍ରାମରେ ବିଷାକ୍ତ ଦେଶୀ ରନ୍ଧାମଦ ଖାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ଜଣକ ଗାରେଜ ଦେଇ ପରିବାର ପୋଷଣ କରୁଥିଲେ। କିଛିଦିନ ହେଲା ତାଙ୍କୁ ଜ୍ୱର ହେଉଥିଲା। ଗୁରୁବାର ଅପରାହ୍ନ ସମୟରେ ଯୁବକ ଜଣକ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କର ପ୍ରାଥମିକ ଚିକିତ୍ସା କରାଇଥିଲେ। ସନ୍ଧ୍ୟାରେ ଗୁରୁତର ହେବାରୁ ବଲାଙ୍ଗୀରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରୁ ବୁର୍ଲା ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଗାଁ ଶ୍ମଶାନରେ ଉକ୍ତ ଯୁବକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଷାକ୍ତ ମଦ ପ୍ରଭାବରେ ତାଙ୍କର ମୃତ୍ୟୁ ହୋଇଥିବା ଚର୍ଚ୍ଚା ଚାଲିଛି। ଆଇଆଇସି ଲଳିତା ଲାକ୍ରା କହିଛନ୍ତି, ରାସ୍ତା ଉପରେ ମଦ ପିଉଥିବା ବେଳେ ଆମେ କିଛି ଲୋକଙ୍କୁ ଘଉଡାଇଥିଲୁ । ଭାଟି ସିଲ କରି ଗାଁ ଗାଁରେ ପାଟ୍ରୋଲିଂ କରାଯାଉଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଥିଲେ ।

## ସାମାଜିକ ଦୂରତା ବଜାୟ ରଖିଲେ ପରିବା ବିକାଳି

**ବରଗଡ଼ ଅଫିସ୍,୩।୪**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଲକ୍ ଡାଉନ କଟକଣା ଲାଗୁ ହୋଇଛି। ଏଥିରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୃଷ୍ଟିରୁ ପରିବା ବଜାରକୁ ବାଦ୍ ଦିଆଯାଇଛି। ସେହିପରି କରୋନା ମୁକାବିଲା ପାଇଁ ସାମାଜିକଦୂରତ୍ୱ ଅବଲମ୍ବନକୁ ଗୁରୁତ୍ୱ ଦିଆଯାଉଛି । ମାତ୍ର ବରଗଡ଼ ଜିଲାର ପରିବା ବଜାର ଗୁଡ଼ିକରେ ଯେଭଳି ଅସମ୍ଭାଳ ଭିଡ଼ ରହୁଛି, ସେଥିରୁ ତାହା ଫେଲ୍ ମାରୁଥିବା ପରିଲକ୍ଷିତ ହେଉଛି। ଏହାକୁ ଆଖି ଆଗରେ ରଖି ବରଗଡ଼ ସବଜେଲ ପଛପଟେ ରହିଥିବା ପରିବା ବଜାରକୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ପୂର୍ବାପେକ୍ଷା ଭିଡ଼ କମିଥିଲା । ହେଲେ ସ୍ଥାନୀୟ ହାଟପଦା ଭଳି ସେଠାରେ ମଧ୍ୟ ଲୋକେ ସାମାଜିକ ଦୂରତ୍ୱ ଅବଲମ୍ବନ କରୁ ନଥିବା ନଜରକୁ ଆସିଛି । ଫଳରେ ପରିବା ବଜାରରେ ଲୋକଙ୍କ ମଧ୍ୟରେ ସମଦୂରତ୍ୱ ବଜାୟ ରଖିବା ଲକ୍ଷ୍ୟ ରଖି ବରଗଡ଼ ଲୋକମଣ୍ଡପ ପଡ଼ିଆରେ ମଧ୍ୟ ଅସ୍ଥାୟୀ ପରିବା ବଜାର ଖୋଲିଛି ଏବଂ ଏଠାରେ ପରିବା ବିକାଳି, ଗରାଖମାନେ ସାମଜିକ ଦୂରତ୍ୱ ଅବଲମ୍ବନ କରୁଥିବା ପରିଲକ୍ଷିତ ହୋଇଛି । ପ୍ରତି ବଜାରରେ ଏଭଳି ବ୍ୟବସ୍ଥା କରାଗଲେ କରୋନା ମୁକାବିଲା ପାଇଁ ଲାଗୁ କରାଯାଇଥିବା ଲକ୍ ଡାଉନ୍ ସମେତ ସାମାଜିକ ଦୂରତ୍ୱ ଅବଲମ୍ବନ ସଫଳ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲା ଡାକ ବିଭାଗ

**ଭବାନୀପାଟଣା,୩।୪(ସ୍ୱ.ପ୍ର)**

କଳାହାଣ୍ଡିଜିଲା ଡାକ ମଣ୍ଡଳ ପକ୍ଷରୁ ଗୁରୁବାର ଭବାନୀପାଟଣା ବ୍ଲକର ବିଭିନ୍ନ ଗ୍ରାମରେ ଥିବା ୫ଶହ ଅସହାୟ ଗରୀବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଓଡିଶା ଡାକ ପରିମଣ୍ଡଳର ମହା ଡାକପାଳଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ବ୍ଲକର କୁତ୍ରାଗୁଡା, କୁଟେନପଦର, ଯମୁନାସାଗର, ବେହେରାଗୁଡା, ପୋତ୍ରାଗୁଡା ଆଦି ଗ୍ରାମର ୫ଶହ ଅସହାୟ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥି ସହ କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସାବୁନ, ସାନିଟାଇଜର ଓ ମାସ୍କ ଦିଆଯାଇଥିଲା। ଜିଲା ଡାକ ଅଧିକ୍ଷକ ତାରେଣୀ ଚରଣ ପାଢୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାଶ, ଭବାନୀପାଟଣା ସହ ଡାକ ଅଧିକ୍ଷକ ମୋହନ ସୁନା, ଶାଖା ଡାକପାଳ ଯୁଧିଷ୍ଠିର ନାଏକ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ମାଝୀ ପ୍ରମୁଖଙ୍କ ସହ ଡାକ କର୍ମଚାରୀମାନେ ଉପସ୍ଥିତ ରହି ଏହି ଖାଦ୍ୟ ବଣ୍ଟନ କରିଥିଲେ।

## ଆମପାଣି ଘାଟିରେ ମାଓବାଦୀ ବିରୋଧୀ ପୋଷ୍ଟର

**ଭବାନୀପାଟଣା, ୩।୪(ଡି.ଏନ.ଏ)**

କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟି ବିରିଗୁହାଣ ଛକ ସମେତ ଆନ୍ଧିଝରନ, ଖୁଲେନବର, କୁଟୁ ଠାରେ ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଥିବା ଜଣାପଡିଛି । ପୋଷ୍ଟର ତଳେ ସଚେତନ ନାଗରିକ ମଞ୍ଚ ଓ ବିଶ୍ୱ ଆରୋଗ୍ୟ ଚେତନା ସମିତି ଉଲ୍ଲେଖ ରହିଛି। ଏଥିରେ ମାଓବାଦୀମାନଙ୍କୁ ଗାଁ ଗାଁ ବୁଲି ସଂକ୍ରମଣର ବାହକ ନ ହୋଇ ଜଙ୍ଗଲରୁ ବାହାରି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଓ ଜିଲା ଓ ପୋଲିସ ପ୍ରଶାସନ ପାଖରେ ଆତ୍ମସମର୍ପଣ କରି ନିଜ ଜୀବନକୁ ସଂକ୍ରମଣରୁ ବଞ୍ଚାନ୍ତୁ ବୋଲି ଉଲ୍ଲେଖ ରହିଛି। ଏ ନେଇ ଆମପାଣି ଥାନାଧିକାରୀ ପୁଷ୍ପାଞ୍ଜଳି ନିଙ୍ଗିଙ୍କୁ ପଚାରିବାରୁ ପୋଷ୍ଟର ମରାଯାଇଥିବା ଘଟଣା ସତ । ତେବେ ଏହା କିଏ କରିଛି ଓ କେଉଁ ଉଦ୍ଦେଶ୍ୟରେ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଚାଲିଛି ବୋଲି କହିଥିଲେ। ସୂଚନାଯୋଗ୍ୟ, କିଛି ମାଓବାଦୀ କରୋନା ଭୂତାଣୁରେ ସଂକ୍ରମିତ ହୋଇ ପଡୋଶୀ ରାଜ୍ୟରୁ ଆସିଛନ୍ତି ଏବଂ ସେମାନଙ୍କ ଦ୍ୱାରା ଏଠାରେ କରୋନା ଭୂତାଣୁ ବ୍ୟାପିବାର ଆଶଙ୍କା ରହିଥିବା ଚର୍ଚ୍ଚା ହେଉଛି ।

## ୯ ସ୍ୱେଚ୍ଛାସେବୀଙ୍କ ରକ୍ତଦାନ

**ବରଗଡ଼ ଅଫିସ୍,୩।୪**

ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତାଭାବ ସମସ୍ୟା ଉପୁଜିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ବ୍ଲକ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବର ୯ ସ୍ୱେଚ୍ଛାସେବୀ ବରଗଡ଼ ରକ୍ତ ଭଣ୍ଡାରକୁ ଆସି ରକ୍ତଦାନ କରିଛନ୍ତି। ସେମାନେ ହେଲେ ସୁଧାଂଶୁ ମାଝି, ହେମନ୍ତ ମେହେର, ଦେବାନନ୍ଦ ଭୋଇ, ଆକାଶ ମେହେର, ଶିବ ମାଝି, ରଞ୍ଜନ ମେହେର, ଆନନ୍ଦ ମାଝି, ଅରୁଣ କୁମାର ମାଝି ଏବଂ ଲବ ପ୍ରଧାନ ।

## ବୁଢ଼ାରଜା ଦୈନିକ ବଜାର ସ୍ଥାନାନ୍ତର, ପରିବା ଦୋକାନୀ ଯିବାକୁ ଅମଙ୍ଗ



ନୂତନ ଭୀମ ଭୋଇ ଶିଶୁ ଉଦ୍ୟାନ ନିକଟସ୍ଥ ପରିବା ବଜାର ଶୂନଶାନ ।

**ସମ୍ବଲପୁର, ୩।୪ (ବ୍ୟୁରୋ)**

କରୋନା ଭୂତାଣୁ ପ୍ରତିଷେଧକ ଭାବେ ଜିଲା ପ୍ରଶାସନ ସହରରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛି। ଗୋଲବଜାରରେ ବିକ୍ରି କରୁଥିବା କେତେ ଜଣ ପରିବା ଦୋକାନୀଙ୍କୁ ମଧ୍ୟ ବୀରସୁରେନ୍ଦ୍ର ସାଏ ଟାଉନ ହଲ ପଡିଆକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ସମ୍ବଲପୁର ବୁଢ଼ାରଜା ପାହାଡ ପାଦ ଦେଶରେ ଥିବା ଦୈନିକ ବଜାରକୁ ଭୀମ ଭୋଇ ଶିଶୁ ଉଦ୍ୟାନ ନିକଟରେ ନିର୍ମାଣ ହୋଇଥିବା ବଜାରକୁ ସ୍ଥାନାନ୍ତର କରାଯାଇଛି । ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷ ଶୁକ୍ରବାର ସକାଳେ ପରିବା ଦୋକାନୀଙ୍କୁ ସେଠାକୁ ଯିବାକୁ ଅନୁରୋଧ କରିଥିଲେ । ହେଲେ ବୁଢ଼ାରଜା ଦୈନିକ ବଜାର ବ୍ୟବସାୟୀ ଅନ୍ୟତ୍ର ଯିବେ ନାହିଁ ବୋଲି ରୋକଠୋକ ମନା କରି ଦେଇ ଦୋକାନ ବଜାର ମଧ୍ୟ ବନ୍ଦ କରି ଘରକୁ ଫେରି ଯାଇଥିଲେ। ଫଳରେ ଏହି ଦୈନିକ ବଜାରରେ ନିର୍ଭର କରୁଥିବା ବୁଢ଼ାରଜା, ଦେହେରିପାଲି, ଜଗନ୍ନାଥ କଲୋନୀ, ଶାନ୍ତିନଗର, ଶକ୍ତିନଗର, ଗୋପାଳମାଳ, ପଧାନପଡା ଅଞ୍ଚଳର ଜନସାଧାରଣ ପରିବା କିଣି ନ ପାରି ଫେରିଯାଇଥିଲେ।

## ଟୁଷୁରା ଏନ୍‌ଏସି: ସବୁ ଡ୍ରେନ୍‌ରେ ବିଶୋଧକ ସିଞ୍ଚନ ହେଉନି

**ଗୁଡଭେଲା,୩।୪(ଡି.ଏନ.ଏ.)**

ବର୍ତ୍ତମାନର ଭୟଙ୍କର କରୋନା ପରିସ୍ଥିତିରେ ମୁକାବିଲା କରିବା ପାଇଁ ବଲାଙ୍ଗୀର ଜିଲା ଟୁଷୁରା ଏନ୍‌ଏସି ପକ୍ଷରୁ ସହରକୁ ସ୍ୱଚ୍ଛ ଓ ସଂକ୍ରମଣ ମୁକ୍ତ ରଖିବାକୁ ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟୁଷୁରା ସହରର ସମସ୍ତ ଡ୍ରେନ୍‌ରେ ବିଶୋଧକ ସିଞ୍ଚନ କରିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି। ସହରର ଥିବା ଡ୍ରେନ୍, ଡମ୍ପିଂୟାର୍ଡରେ ମଇଳା ପଡି ରହିଥିବାରୁ ଦୁର୍ଗନ୍ଧ ବାହାରୁଛି। କିଛିଦିନ ତଳେ ଏନଏସି ପକ୍ଷରୁ ସହରର ମୁଖ୍ୟ ରାସ୍ତାରେ ଥିବା ଡ୍ରେନ ଓ ରାସ୍ତାରେ ବିଶୋଧକ ସଞ୍ଚନ କରାଯାଇଥିଲା। ହେଲେ ଗଳି ରାସ୍ତାରେ ଥିବା ଡ୍ରେନରେ ବିଶୋଧକ ସିଞ୍ଚନ କରାଯାଉ ନ ଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହା ସହିତ ଏହି ଏନଏସି ଅଧୀନ କପସିଲା, ଧାନଘରାରେ ମଧ୍ୟ ବିଶୋଧକ ସଞ୍ଚନ କରାଯାଇ ନ ଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ସ୍ଥାନରେ କୁଢକୁଢ ଅଳିଆ ଆବର୍ଜନା ପଡି ରହୁଥିବାରୁ ସଂକ୍ରମଣ ହେବା ଆଶଙ୍କା ରହୁଛି। ଏଣୁ ତୁରନ୍ତ ବିଶୋଧକ ସିଞ୍ଚନ କରିବାକୁ ଦାବି ହେଉଥିବା ବେଳେ ଏ ନେଇ କିନ୍ତୁ ଏନଏସି କର୍ତ୍ତୃପକ୍ଷ କିଛି କହିବାକୁ ମନା କରି ଦେଇଛନ୍ତି।

# ଭୟ ଭିତରେ ଗ୍ରାହକସେବା

**ସମ୍ବଲପୁର**

**ଗମ୍ଭାରିକଟା ଗ୍ରାମର ଦୁଗ୍ଧ ଚାଷୀ**

**ସମ୍ବଲପୁର, ୩।୪ (ବ୍ୟୁରୋ)**

ସମଗ୍ର ଦେଶରେ କରୋନା ଭୂତାଣୁ ଲକ୍ ଡାଉନ ଘୋଷଣା ହେବା ପରେ ଦୋକାନ ବଜାର ବନ୍ଦ ରହିଥିଲେ ମଧ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ଓ ନେବା ଆଣିବାରେ ସରକାର କୋହଳ କରିଛନ୍ତି । ହେଲେ ମଧ୍ୟ ଅନେକ ଗ୍ରାମବାସୀ କରୋନା ଭୂତାଣୁ ଭୟରେ ଘରୁ ପଦାକୁ ବାହାରୁ ନାହାନ୍ତି । ଅନ୍ୟପଟେ ବାହାର ଲୋକଙ୍କୁ ମଧ୍ୟ ଗ୍ରାମକୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ଗ୍ରାମର ମୁଖ୍ୟରାସ୍ତାରେ ଲକ୍ ଡାଉନର ସୂଚନା ଦେଇ ରାସ୍ତା ଅବରୋଧ କରିଛନ୍ତି। ମାତ୍ର ସମ୍ବଲପୁର ସହରଠାରୁ ପ୍ରାୟ ୭ କିମି ଦୂରରେ ଥିବା ଗମ୍ଭାରୀକଟା ଗ୍ରାମବାସୀ କିଛି ଭିନ୍ନ କରି ଆଦର୍ଶ ପାଲଟିଛନ୍ତି। କରୋନା ଭୟକୁ ଖାତିର ନ କରି ଗ୍ରାମର ଦୁଗ୍ଧ ଚାଷୀ ସହରକୁ ଯାଇ ଦୁଗ୍ଧ ବିକ୍ରି କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମର ବୈଠକ ହୋଇ ସହମତି ପ୍ରକାଶ ପରେ ଗ୍ରାମର ଦୁଗ୍ଧ, ପରିବା ଚାଷୀ ସହରକୁ ଆସି ଲୋକମାନଙ୍କ ଆବଶ୍ୟକତା ମେଣ୍ଟାଉଛନ୍ତି।



ସମ୍ବଲପୁର ଜିଲା ଗମ୍ଭାରିକଟା ଗ୍ରାମର ଦୁଗ୍ଧ ଚାଷୀ ଆନନ୍ଦ ପ୍ରଧାନ ।

ମିଳିଥିବା ସୂଚନା ମୁତାବକ, ଗମ୍ଭାରୀକଟା ଗ୍ରାମରେ ୩ଟି ପରିବାରର ୧୧୦ ଲିଟର କ୍ଷୀର ଉତ୍ପାଦନ ହେଉଥିବା ବେଳେ ଅନ୍ୟ ୨୨ ଜଣ ଚାଷୀଙ୍କ ମୋଟ ୭ଶହ ଲିଟର ଦୁଗ୍ଧ ଉତ୍ପାଦନ ହୋଇଥାଏ। ସେମାନେ ସହରର ବିଭିନ୍ନ ସ୍ଥାନକୁ ଆସି ବିକ୍ରି କରୁଛନ୍ତି । ଏହି ସମୟରେ ଚାଷୀମାନେ କରୋନା ମୁକାବିଲା ପାଇଁ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରୁଛନ୍ତି । ମାସ୍କ, ଗ୍ଲୋଭ୍ସ ଓ ସାନିଟାଇଜର ବ୍ୟବହାର କରି ଗ୍ରାହକମାନଙ୍କୁ ଦୁଗ୍ଧ ଦେଉଛନ୍ତି । ଏ ସମ୍ପର୍କରେ ଜଣେ ଚାଷୀ ଆନନ୍ଦ ପ୍ରଧାନ କୁହନ୍ତି, ଆମ ପରିବାରରେ ଦୁଇ ଭାଇ ଏ ବ୍ୟବସାୟରେ ରହିଛୁ। ପ୍ରତିଦିନ ୧୩୦ ଲିଟର ଦୁଗ୍ଧ ନେଇ ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୧୪୦ ଜଣଙ୍କ ଘରେ ଦେଇଥାଉ । ସକାଳେ ୯୦ ଲିଟର ଓ ସନ୍ଧ୍ୟାରେ ୫୦ ଲିଟର ଦୁଗ୍ଧ ବିକ୍ରି ହୋଇଥାଏ । ଏଭଳି ସ୍ଥିତିରେ ଭୟ ରହୁଛି। ହେଲେ କ୍ଷୀରର ମଧ୍ୟ ଗ୍ରାହକମାନଙ୍କୁ ଆବଶ୍ୟକତା ରହିଛି। ତେଣୁ ନିତିଦିନିଆ ଗ୍ରାହକମାନଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଆମେ ସ୍ଥିର କରିଛୁ। ଏଥିରେ ପରିବାରର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି । ସତର୍କତା ଅବଲମ୍ବନ କରି କାମ କରିବାକୁ ପରାମର୍ଶ ଦେଉଛନ୍ତି ।

## ସଂକ୍ଷେପରେ

### ଜିଲ୍ଲାରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

ମାଲକାନଗିରି, ୩।୪(ଡି.ଏନ.ଏ.)- ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ଛତିଶଗଡ ସୀମାନ୍ତକୁ ଲାଗିଥିବା ମହୁପଦର, କାଳିମେଳା, ସ୍ୱାଭିମାନ ଅଞ୍ଚଳ, ମୁଦୁଲିପଡା, ମାଡକାପଦର, ତୁଳସୀଡଙ୍ଗର, ଅଞ୍ଚଳରେ ଏହି ପୋଷ୍ଟର ଜିଲା ଆଦିବାସୀ ଶାନ୍ତି ବିକାଶ ପରିଷଦ ଓ ବିଶ୍ୱ ଆରୋଗ୍ୟ ଚେତନା ସମିତି ପକ୍ଷରୁ ଲଗାଯାଇଛି। ପୋଷ୍ଟରରେ ଉଲ୍ଲେଖ ଅଛି ଯେ, ଆମ ଅଞ୍ଚଳରେ ବୁଲୁଥିବା ମାଓବାଦୀମାନେ ଅନ୍ୟ ରାଜ୍ୟରୁ ଆସିଛନ୍ତି। ମାଓବାଦୀଙ୍କ ଦ୍ୱାରା କରୋନା ଭାଇରସ ସଂକ୍ରମିତ ହେବାର ସମ୍ଭାବନା ରହିଛି। ଯେହେତୁ ଏହା ଏକ ସଂକ୍ରାମକ ରୋଗ ଏହା ସେମାନଙ୍କ ଦ୍ୱାରା ମାଲକାନଗିରି ଜିଲାରେ ବ୍ୟାପିବାର ସମ୍ଭାବନା ରହିଛି। ଗ୍ରାମବାସୀ ମାଓବାଦୀଙ୍କଠାରୁ ଦୁରେଇ ରହିବା, ସେମାନଙ୍କ ଦ୍ୱାରା ଅନୁଷ୍ଠିତ ସଭାସମିତିରେ ଯୋଗ ନଦେବା, ସେମାନଙ୍କୁ ଖାଦ୍ୟ ପଦାର୍ଥ, ଜିନିଷ ପତ୍ର ନଦେବା ଲାଗି ପୋଷ୍ଟରରେ ଉଭୟ ଅନୁଷ୍ଠାନ ପରାମର୍ଶ ଦେଇଛନ୍ତି।

### ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଚନ୍ଦାହାଣ୍ଡି,୩।୪(ଡି.ଏନ୍.ଏ.)- କୋଭିଡ୍-୧୯ ପାଇଁ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ବାରମ୍ବାର ସଚେତନ କରାଯାଉଛି। ତଥାପି ଲୋକେ ଏହାକୁ ମାନିବାକୁ ନାରାଜ। ଚନ୍ଦାହାଣ୍ଡି ବ୍ଲକ୍‌ରେ ଏଭଳି ସ୍ଥିତି ଯୋଗୁ ନବରଙ୍ଗପୁର ଜିଲାପାଳ ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ପାଇଁ ଏବେ କଠୋର ପଦକ୍ଷେପ ନେଇଛନ୍ତି। କଟକଣାକୁ ଆହୁରି ବଢ଼ାଇବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ସାମଗ୍ରୀ ଦୋକାନ ମଧ କେବଳ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲାଯିବ। ପୋଲିସ ଲୋକଙ୍କୁ ଗୋଡ଼ାଇ ଘରକୁ ପଠାଉଥିବାବେଳେ ଖୋଦ୍ ବିଡିଓ ଧର୍ମରାଜ ମାଝି ହାତରେ ବାଡ଼ି ଧରି ଲୋକଙ୍କୁ ସଚେତନ କରୁଛନ୍ତି । ତହସିଲଦାର ଦେବେନ୍ଦ୍ର କୁମାର କରାଡି ମଧ ଲୋକଙ୍କୁ ସଚେତନ କରିଥିବାବେଳେ ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଆନ୍ଧ୍ରରୁ ଆସିପାରୁନି ଅଣ୍ଡା, ଅଭାବ ବଢ଼ାଉଛି ଦର

ଜୟପୁର,୩।୪(ଡି.ଏନ୍.ଏ.)

କରୋନା ମୁକାବିଲା କ୍ରମରେ ସବୁଠି ଲକ ଡାଉନ ସହ କୋରାପୁଟ ଜିଲାର ସୀମା ସିଲ କରାଯାଇଛି। ଏଭଳି ପରିସ୍ଥିତିରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଆମଦାନୀ ହେଉଥିବା ଅଣ୍ଡା ଆସିପାରୁ ନ ଥିବାରୁ ଜୟପୁର ସହରରେ ଏବେ ଏହାର ଅଭାବ ଦେଖାଦେଲାଣି। ଜିଲାର ଜୟପୁର ବ୍ଲକ ରଣ୍ଡାପାଲୀ ଓ କୁମୁଲିପୁଟରେ ୨ଟି କୁକୁଡ଼ା ଫାର୍ମ ରହିଛି। ଉଭୟ ଫାର୍ମ ଦୈନିକ ୪୦ହଜାର ଅଣ୍ଡା ଉତ୍ପାଦନ କରିଥାଆନ୍ତି । କିନ୍ତୁ କେବଳ ଜୟପୁର


ଜୟପୁରର ଏକ କୁକୁଡାଫାର୍ମ ।

ସହରର ବଜାରରେ ଏକ ଲକ୍ଷ ଅଣ୍ଡା ବିକ୍ରି ହୋଇଥାଏ । ଲକଡାଉନ ଯୋଗୁ ଛେଳି, କୁକୁଡ଼ା ମାଂସ ଓ ମାଛର ମଧ ଅଭାବ ଦେଖାଦେବା ପରେ ଲୋକେ ସେହି ତୁଳନାରେ ଏବେ ଅଣ୍ଡାକୁ ଖାଦ୍ୟ ଭାବେ ଗ୍ରହଣ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଫଳରେ କୁକୁଡ଼ା ଅଣ୍ଡାର ଚାହିଦା ବଢୁଛି। କିନ୍ତୁ ଆମଦାନୀ ବନ୍ଦ ଯୋଗୁ ଜିଲାରେ ଏହାର ଅଭାବ ଦେଖାଦେବା ସହ ବେପାରୀମାନେ ଗଚ୍ଛିତ ଥିବା ଅଣ୍ଡାକୁ ଅଧିକ ଦରରେ ବିକୁଛନ୍ତି। ଫାର୍ମ ପକ୍ଷରୁ ଅଣ୍ଡା ପିଛା ୩ ଟଙ୍କା ୭୦ ପଇସାରେ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଥିବା ବେଳେ ସେମାନେ ଏହାକୁ ସାଧାରଣ ଲୋକଙ୍କୁ ୫ରୁ ୬ଟଙ୍କାରେ ବିକୁଛନ୍ତି। ଲକ୍‌ଡାଉନ ଯୋଗୁ ଅସାଧୁ ବ୍ୟବସାୟୀ ଏହାର ଫାଇଦା ନେଉଛନ୍ତି। ପ୍ରଶାସନ ଏହା ଉପରେ ରୋକ ଲଗାଇବା ଆବଶ୍ୟକ ହୋଇପଡ଼ିଛି।

## ଅର୍ଜୁନ ଗଛମୂଳରୁ ବହୁଛି ପାଣି, ଭିଡ଼ ଆଶଙ୍କା

ନବରଙ୍ଗପୁର, ୩।୪(ବି.ପ୍ର.)



ନବରଙ୍ଗପୁର ବ୍ଲକ ଅଧିନ ବାଗସିଉନି ଗାଁର ବାଲିଭଟାରେ ଏକ ଅର୍ଜୁନ(ସାହାଜ) ଗଛ ମୂଳରୁ ପାଣି ବାହରି ରାସ୍ତା ଆଡ଼କୁ ମାଡୁଥିଲା। କେତେକ ଯୁବକ ମଧ୍ୟାହ୍ନରେ ଏହା ଦେଖିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଲୋକେ ବାହାରୁ ଆସି ଗାଁରେ ଭିଡ଼ ଜମାଇବା ଆଶଙ୍କାରେ ଗାଁ ଲୋକେ କଟକଣା ଜାରି କରିଛନ୍ତି। ଲକ୍‌ଡାଉନ ସମୟରେ ଉକ୍ତ ସ୍ଥାନକୁ କେହି ନ ଯିବା ଓ ଭିଡ଼ ନ ଜମାଇବା ପାଇଁ ଅନୁରୋଧ କରିଛନ୍ତି। ଅର୍ଜୁନ ଗଛ ଛାଲିକୁ କ୍ୱାଥ କରି ପିଇବା ଦ୍ୱାରା ହୃଦ୍‌ରୋଗରୁ ଉପଶମ ମିଳିଥାଏ ବୋଲି ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ରହିଛି। ଅର୍ଜୁନ ଗଛ ମୂଳରୁ ପାଣି ବାହାରିବା ଜିଲାରେ ପ୍ରଥମ ଘଟଣା।

## ଆଳୁ, ପିଆଜ ଗୋଦାମରେ ଚଢ଼ାଉ

ଟିକିରି,୩।୪(ଡି.ଏନ.ଏ.)

ଲକ୍‌ଡାଉନ୍ ସମୟରେ ବ୍ୟବସାୟୀମାନେ ଜରୁରୀ ସାମଗ୍ରୀ ଏବଂ ବିଶେଷକରି ଆଳୁ ଓ ପିଆଜର କଳାବଜାର କରୁଥିବା ଅଭିଯୋଗ ହେଉଛି। ଏହାକୁ ନଜରରେ ରଖି ଯୋଗାଣ ବିଭାଗ ଗୁରୁବାର ରାୟଗଡ଼ା ଜିଲା ଟିକିରିସ୍ଥିତ ବିଭିନ୍ନ ଆଳୁ ଓ ପିଆଜ ଗୋଦାମ୍‌ରେ ଚଢ଼ାଉ କରିଛି। ଗୋଦାମ୍‌ରେ କେତେ ମୂଲ୍ୟ ଓ ପରିମାଣର ଜିନିଷ ଗଚ୍ଛିତ ରହିଛି, ତାହାର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯୋଗାଣ ବିଭାଗର ଏମ୍‌ଆଇ ମନୋଜ ରଥ ଏବଂ ଏସିଏସ୍‌ଓ ବିଶ୍ୱନାଥ ସେନାପତି ଟିକିରି ଥାନା ଆଇଆଇସି ସୁଙ୍କାନୀ ସାହୁଙ୍କ ଉପସ୍ଥିତିରେ ଏହି ଚଢ଼ାଉ ହୋଇଥିଲା। ଜରୁରୀ ସାମଗ୍ରୀର ଗଚ୍ଛିତ ପରିମାଣ ଏବଂ ଦର ତାଲିକା ଦୋକାନ ଆଗରେ ଟାଙ୍ଗିବା ସହ ପ୍ରତ୍ୟେକ ଦିନ ଏହାର ଅପଡେଟ୍ କରିବା ପାଇଁ କୁହାଯାଇଥିବା ତହସିଲଦାର କହିଛନ୍ତି। ଏହାର ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ ଦିଆଯାଇଛି। ସୂଚନାଯୋଗ୍ୟ, ଟିକିରି ବଜାରରେ ପ୍ରାୟ ୫୦ ତେଜରାତି ଦୋକାନ ରହିଛି। ତୁରନ୍ତ ଦୋକାନ ଆଗରେ ଦର ତାଲିକା ଝୁଲାଇବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛ।

## ଜିଲାସ୍ତରୀୟ କରୋନା ହସ୍ପିଟାଲ ପାଇଁ ଜିଲାପାଳଙ୍କ ଯାଞ୍ଚ

ଜୟପୁର,୩।୪(ନି.ପ୍ର.):

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲାରେ କୋଭିଡ୍-୧୯ ହସ୍ପିଟାଲ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଜୟପୁରସ୍ଥିତ ପୁରୁଣା ସବ୍‌ଡିଭିଜନ ହସ୍ପିଟାଲକୁ ଜିଲାସ୍ତରୀୟ କରୋନା ହସ୍ପିଟାଲ୍‌ରେ ପରିଣତ କରାଯିବ। ଏଥିପାଇଁ ଶୁକ୍ରବାର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ସମେତ ଏକ ଉଚ୍ଚସ୍ତରୀୟ ଟିମ୍ ହସ୍ପିଟାଲ୍ ପରିଦର୍ଶନ କରି ବିଭିନ୍ନ ବିଷୟର ଅନୁଧ୍ୟାନ କରିଥିଲେ। ଏଠାରେ ୧୫୦ ବେଡ୍ ବିଶିଷ୍ଟ ଚିକିତ୍ସାଳୟ ହେବ ବୋଲି ଜିଲାପାଳ ମିଶ୍ର ସୂଚନା ଦେଇଛନ୍ତି। ୧୦ ଦିନ ମଧ୍ୟରେ ଏହି ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବ। ଏ ନେଇ ମିଳିତ ଆଲୋଚନା କରାଯିବା ପରେ ମରାମତି, ପାନୀୟ ଜଳ, ଶୌଚାଳୟ ଓ ଅନ୍ୟ ବ୍ୟବସ୍ଥା ଶୀଘ୍ର କରାଯିବ ବୋଲି ସୂଚନା ମିଳିଛି। ହସ୍ପିଟାଲ୍ ପରିଦର୍ଶନ ସମୟରେ ଉପଜିଲାପାଳ ଲୋକନାଥ ଦଳବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ରାମ ମହାନ୍ତି ଓ ବୈଷୟିକ ଟିମ୍ ସାମିଲ୍ ଥିଲେ।

## ୧୩ ସ୍ୱାସ୍ଥ୍ୟକର୍ମୀଙ୍କୁ ମିଳିନି ୨୧ ମାସର ଦରମା

ମାଲକାନଗିରି,୩।୪(ଡି.ଏନ.ଏ.)-

ରାଜ୍ୟ ସରକାର କରୋନା ମୁକାବିଲା କରୁଥିବା କର୍ତ୍ତବ୍ୟରତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କୁ ଆଗାମୀ ୪ ମାସର ଦରମା ଦେବାକୁ ଘୋଷଣା କରିଛନ୍ତି। ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ଯୋଗୁ ମାଲକାନଗିରି ଜିଲାର ୧୩ ଜଣ ଏନଭିବିଡିସିପି ସ୍ୱାସ୍ଥ୍ୟକର୍ମୀ ୨୧ ମାସର ଦରମା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏମାନଙ୍କ ପରିବାର ଅଭାବ ଅନଟନରେ ଦିନ କାଟୁଛନ୍ତି। ଦୀର୍ଘ ମାସ ଧରି ଦରମା ନ ମିଳିବାରୁ ଜଣେ ସ୍ୱାସ୍ଥ୍ୟକର୍ମୀ ଚାକିରୀ ମଧ ଛାଡ଼ି ଦେଇଛନ୍ତି। ଅନ୍ୟ ୨୦ ଜଣ ସ୍ୱାସ୍ଥ୍ୟକର୍ମୀ କରୋନା ମୁକାବିଲା କରିବାକୁ ଯାଇ କାର୍ଯ୍ୟରତ ଅଛନ୍ତି। ୨୦୧୮ ଜୁଲାଇ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟମିତ ଦରମା ମିଳୁଥିଲା। ମାତ୍ର ୨୦୧୮ ଅଗଷ୍ଟରୁ ଅଦ୍ୟବଧି ସେମାନଙ୍କୁ ଦରମା ମିଳିନାହିଁ। ୨୦୧୯ ଫେବୃଆରୀ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ମାଲକାନଗିରି ଜିଲାର ଏହି ୧୩ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ରାଜ୍ୟର ମୋଟ ୪୯୩ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟମିତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଅନୁମୋଦନକୁ ୧୩ ମାସ ପୂରିଯାଇଥିଲେ ବି ଏହା କାର୍ଯ୍ୟକାରୀ ହୋଇନାହିଁ। ତୁରନ୍ତ ଏମାନଙ୍କୁ ବକେୟା ଦରମା ପ୍ରଦାନ ସହ ନିୟମିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

**କରୋନା ମୁକାବିଲାରେ କରୁଛନ୍ତି କାର୍ଯ୍ୟ**

## ସାମାଜିକ ଦୂରତା ଭୁଲି ଚାଉଳ ପାଇଁ ଭିଡ଼

ନବରଙ୍ଗପୁର/ରାୟଗଡ଼ (ଗଜପତି),୩।୪ (ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ସହରର ହାଟପଦାସ୍ଥିତ ସରକାରୀ ଖୁଚୁରା ଦେକାନରେ ହିତାଧିକାରୀଙ୍କୁ ୩ ମାସର ଚାଉଳ ଦିଆଯିବାର ଥିଲା କିନ୍ତୁ ହିତାଧିକାରୀ ସାମାଜିକ ଦୂରତା ଅବଲମ୍ବନ ନ କରି ଭିଡ ଜମାଇବାରୁ କିଛି ସମୟ ପାଇଁ ଚାଉଳ ବିତରଣ ବନ୍ଦ ହୋଇଛି। ସାମାଜିକ ଦୂରତା ରକ୍ଷା କରିବା ପାଇଁ ଯୋଗଣ ନିରୀକ୍ଷକ ଅନୁରୋଧ କରିଥିଲେ ମଧ ଲୋକେ ମାନି ନ ଥିଲେ। ଶେଷରେ ପୋଲିସକୁ ଡକାଇବାକୁ ପଡ଼ିଥିଲା । ପରେ ୫୦ ଜଣ ହିତାଧିକାରୀଙ୍କୁ ଟୋକନ ବ୍ୟବସ୍ଥା କରି ଚାଉଳ ଦିଆଯାଇଥିଲା । ସେହିପରି ଗଜପତି ଜିଲା ରାୟଗଡ଼ ବ୍ଲକ୍ ସଦର ପଞ୍ଚାୟତରେ ମଧ ପିଡିଏସ୍ ସାମଗ୍ରୀ ନେବା ସମୟରେ ଲୋକେ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦେଉ ନ ଥିବା ନଜରକୁ ଆସିଛି। କରୋନାଠାରୁ ଦୂରେଇ ରହିବା ପାଇଁ ସାମାଜିକ ଦୂରତା ହିଁ ଏକମାତ୍ର ଉପାୟ ବୋଲି ବାରମ୍ବାର ସଚେତନ କରାଯାଉଛି। ଗୁରୁବାର ସ୍ଥାନୀୟ ରାଜୀବ ଗାନ୍ଧି ସେବାକେନ୍ଦ୍ରରେ ପ୍ରଶାସନର ନିୟମ ଅନୁଯାୟୀ ପିଡିଏସ୍ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଦୈନିକ ଗୋଟିଏ ୱାର୍ଡରେ ଉପଭୋକ୍ତାଙ୍କୁ ସାମଗ୍ରୀ ଦିଆଯିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। ହେଲେ ଲୋକେ ଏହାକୁ ଖାତିର୍ ନ କରି ବିଭିନ୍ନ ୱାର୍ଡର ଉପଭୋକ୍ତା ଭିଡ଼ ଜମାଇ ବିପଦ ସୃଷ୍ଟି କରିବା ଦେଖିବାକୁ ମିଳିଛି। ଏପରିକି ସାମଗ୍ରୀ ପ୍ରଦାନ ନେଇ ସମୟ ନିର୍ଘଣ୍ଟ ହୋଇଥିଲେ ମଧ ଲୋକେ ଅଯଥା ପ୍ରଚଣ୍ଡ ଖରାରେ ଅପେକ୍ଷା କରିଥିଲେ। ଲୋକଙ୍କ ଏଭଳି ମନୋଭାବ ଦେଖି କଂଗ୍ରେସର ଯୁବନେତା ଅରୁଣ କୁମାର ମାଝି ସେଠାରେ ପହଞ୍ଚି ଭିଡ଼ ନ ଜମାଇବାକୁ ଲୋକଙ୍କୁ ବୁଝାଇଥିଲେ। ହେଲେ ସେ ବିଫଳ ହୋଇଥିଲେ। ପରେ ପିଇଓ ସନ୍ତୋଷ କୁମାର ପଟ୍ଟନାୟକ ଓ ସରପଞ୍ଚ ଦିପ୍ତିପ୍ରଭାଲାଲ୍ ଶବର ପହଞ୍ଚି ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ପରେ ପିଇଓ ରାୟଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା।

## ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ୫ ଗିରଫ

ମାଲକାନଗିରି,୩।୪(ଡି.ଏନ.ଏ.)

ମାଲକାନଗିରିଥାନା ଅନ୍ତର୍ଗତ ଏମଭି-୩୧ ଗ୍ରାମରେ ଗୋଟିଏ ଘର ମଧ୍ୟରେ ୮ରୁ ୧୦ ଜଣ ବ୍ୟକ୍ତି ଟିଟଫଣ୍ଡ ଡାକ କରୁଥିବା ଖବର ପାଇ ଗୁରୁବାର ସନ୍ଧ୍ୟାରେ ମାଲକାନଗିରି ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି । ଅନ୍ୟମାନେ ଖସି ଚାଲିଯାଇଛନ୍ତି। ଲକ ଡାଉନ ସମୟରେ ଗୋଟିଏ ସ୍ଥାନରେ ୭ ଜଣ ଏକାଠି ହେବା ଉପରେ କଟକଣା ଜାରି କରାଯାଇଥିବା ବେଳେ ଏଠାରେ ୮/୧୦ ଜଣ ଏକାଠି ହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ନାରାୟଣ ସାଜନ, ରଖଚ୍ଛ ମାଲି, ଗିତ ସମାଦାର, ଶଶାଙ୍କ ଗାଇନ ଓ ସଞ୍ଜୟ ସମାଦାର। କେସ ନଂ. ୯୮/୨୦ରେ ଏକ ମାମଲା ରୁଜୁ ହୋଇଛି ବୋଲି ମାଲକାନଗିରି ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମ ପ୍ରସାଦ ନାଗ କହିଛନ୍ତି।

## ଢେଙ୍କାନାଳ

# କରୋନା ବିରୋଧୀ ଲଢ଼େଇ ଜୋର୍‌ଦାର

ଢେଙ୍କାନାଳ ଅଫିସ, ୩।୪


ଅଗ୍ନିଶମ ସଂସ୍ଥା କାର୍ଯ୍ୟାଳୟକୁ ସାନିଟାଇଜ କରାଯାଉଛି।

- ୨ଦିନ ଅପରାହ୍ନରେ ଖୋଲାରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ସାନିଟାଇଜ୍ ହେଲା ସରକାରୀ କାର୍ଯ୍ୟାଳୟ
- ଜିଲା ଚିକିତ୍ସାଳୟ, ପ୍ରମୁଖ ରାସ୍ତା ସାନିଟାଇଜ୍ କରିବ ଅଗ୍ନିଶମ ବିଭାଗ

କରୋନା ଭୂତାଣୁ ବିରୋଧରେ ଲଢ଼େଇକୁ ଆହୁରି ଜୋର୍‌ଦାର କରିଛି ଢେଙ୍କାନାଳ ଜିଲା ପ୍ରଶାସନ। ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ କଟକଣାକୁ କଡ଼ାକଡ଼ି କରାଯିବା ସହ ନୂତନ ନିୟମ ଲାଗୁ କରାଯାଇଛି। ଏଣିକି ସହରରେ ସପ୍ତାହରେ କେବଳ ବୁଧବାର ଏବଂ ରବିବାର ଦିନ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। କିନ୍ତୁ ପୂର୍ବଭଳି ସକାଳ ୭ଟାରୁ ୧୧ଟା ଯାଏ ଦୋକାନ ଖୋଲାରହିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ଶୁକ୍ରବାର ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସାନିଟାଇଜ୍ କରାଯାଇଛି। ଅଗ୍ନିଶମ ବିଭାଗ ସହାୟତାରେ ସହରାଞ୍ଚଳ, ଜିଲା ଚିକିତ୍ସାଳୟ, ପୁରୁଣା ଜିଲା ଚିକିତ୍ସାଳୟ ସହିତ ପ୍ରମୁଖ ରାସ୍ତାଗୁଡ଼ିକୁ ବ୍ଲିଚିଂ ପାଉଡର ଏବଂ ସୋଡିୟମ୍ ହାଇପୋ କ୍ଲୋରାଇଡ୍ ଦ୍ୱାରା ସାନିଟାଇଜ୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

କୋଭିଡ୍-୧୯ ମୁକାବିଲା ଲାଗି ଜିଲା କାର୍ଯ୍ୟାଳୟରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ବସିଥିଲା। ଅତିରିକ୍ତ ଜିଲାପାଳ ଭବେଶ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୌଦାମିନୀ ସେଠୀ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ନିରଞ୍ଜନ ମିଶ୍ର, ଢେଙ୍କାନାଳ-ଅନୁଗୋଳ ଜିଲା ଅଗ୍ନିଶମ ବିଭାଗ ନୋଡ଼ାଲ ଅଫିସର ସଲିଳ ପ୍ରକାଶ କିଣ୍ଡୋ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅପରାହ୍ନରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବା ସମ୍ପର୍କିତ ନୂତନ ନିୟମ ବିଷୟରେ ଅବଗତ କରାଇବାକୁ ମାଇକ୍ ସହାୟତାରେ ପ୍ରଚାର କରାଯାଇଛି। ତେବେ ସୀମିତ ସୋଡିୟମ୍ ହାଇପୋ କ୍ଲୋରାଇଡ୍‌ରେ କେମିତି ସାନିଟାଇଜେଶନ କରାଯିବ ତାହା ଚିନ୍ତା ବଢ଼ାଇଛି। କାରଣ ଜିଲା ଅଗ୍ନିଶମ ସଂସ୍ଥାକୁ ରାଜ୍ୟ ପକ୍ଷରୁ ମାତ୍ର ୨୦ ଲିଟର ସୋଡିୟମ୍ ହାଇପୋ କ୍ଲୋରାଇଡ୍ ଯୋଗାଣ ହୋଇଛି। ସେହିପରି ଉପଖଣ୍ଡ ଅଗ୍ନିଶମ କାର୍ଯ୍ୟାଳୟକୁ ୧୦ ଲିଟର ଦିଆଯାଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଏହା ପର୍ଯ୍ୟାପ୍ତ ନୁହେଁ। ଏହି ଆବଶ୍ୟକତା ପୂରଣ କରିବାକୁ ରେଡ୍‌କ୍ରସ୍ ସହାୟତାରେ ଅଧିକ ସୋଡିୟମ ହାଇପୋ କ୍ଲୋରାଇଡ୍ ମଗାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ପୌରାଞ୍ଚଳ ଏବଂ ଏନ୍‌ଏସିରେ ସାନିଟାଇଜ୍ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ଆବଶ୍ୟକ ପଡ଼ିଲେ ବ୍ଲକରେ ଏହାକୁ ସମ୍ପ୍ରସାରିତ କରାଯିବ। ସେହିପରି ସରକାର ନିର୍ଦ୍ଦେଶ ଜାରି କଲେ ମାସ୍ ସାନିଟାଇଜେଶନ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅପରପକ୍ଷେ ଶୁକ୍ରବାର ପୂର୍ବାହ୍ନରେ ଆୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲା କାର୍ଯ୍ୟାଳୟ, ଜିଲା ବନଖଣ୍ଡ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟରେ ବ୍ଲିଚିଂ ସିଞ୍ଚନ କରି ସାନିଟାଇଜ୍ କରିଥିଲେ।

## ଭତ୍ତା ଦାନ କଲେ ବ୍ଲକ ଅଧ୍ୟକ୍ଷ



ପାଲଲହଡ଼ା, ୩।୪(ଡି.ଏନ.ଏ.): କରୋନା ସଂକ୍ରମଣର ମୁକାବିଲା ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ। ସେ ତାଙ୍କ ୫ ମାସର ଭତ୍ତା ୧୪ ହଜାର ୪ଶହ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଏ ନେଇ ସେ ଏକ ଚେକ୍ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି।

## କ୍ୱାରାଣ୍ଟାଇନ ସେଣ୍ଟର ଗଲେ ୧୫ ସନ୍ଦିଗ୍ଧ

ଢେଙ୍କାନାଳ ଅଫିସ, ୩।୪

ଢେଙ୍କାନାଳ ସହରରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ୧୫ଜଣ କରୋନା ସନ୍ଦିଗ୍ଧଙ୍କୁ ଶୁକ୍ରବାର ପ୍ରଶାସନ ଠାବ କରିଛି। ସେମାନଙ୍କୁ ଅଳସୁଆ ହାଟ ନିକଟ ପୌରସଂସ୍ଥାର କ୍ୱାରାଣ୍ଟାଇନ ସେଣ୍ଟରକୁ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ନିଆଯାଇଛି। ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ମାର୍ଚ୍ଚ ୧୦ରେ ନୂଆଦିଲ୍ଲୀରୁ ୧୦ଜଣ ଟ୍ରେନ୍ ଯୋଗେ ସମ୍ବଲପୁର ଦେଇ ଢେଙ୍କାନାଳ ଆସିଥିଲେ। ସେମାନେ ସମ୍ପୃକ୍ତ ୨ପରିବାର ସହିତ ରହୁଥିଲେ। ୧୭ ତାରିଖରେ ସେମାନେ ପୁଣି ସମ୍ବଲପୁର ଦେଇ ପଶ୍ଚିମବଙ୍ଗ ଫେରି ଯାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ସମ୍ପୃକ୍ତ ପରିବାରର ୧୫ ସଦସ୍ୟଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସେମାନଙ୍କ ମଧ୍ୟରେ ୬ ମହିଳା, ୪ ପୁରୁଷ ଏବଂ ୫ ଶିଶୁ ରହିଛନ୍ତି। ଏ ସମ୍ପର୍କରେ ଅଧିକ ସ୍ପଷ୍ଟ କରି ଜିଲାପାଳ କହିଲେ ଯେ, ଦିଲ୍ଲୀରୁ ଆସିଥିବା ଲୋକମାନେ ୧୭ ତାରିଖ ସୁଦ୍ଧା ପଳାଇଛନ୍ତି। ଏହି ସମୟକୁ ବିଚାରକୁ ନେଲେ ସନ୍ଦିଗ୍ଧଙ୍କ ହୋମ୍ କ୍ୱାରାଣ୍ଟାଇନ୍ ଅବଧି ଶେଷ ହୋଇଛି। ତଥାପି ବର୍ତ୍ତମାନ ସମୟକୁ ନଜରରେ ରଖି ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରକୁ ଅଣାଯାଇଛି। ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯିବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ବ୍ରାହ୍ମଣୀରେ ଭାସିଗଲେ ଛାତ୍ର

ପରଜଙ୍ଗ, ୩।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ପ୍ରଧାନସାହିର ଅମରେନ୍ଦୁ ବିଶ୍ୱାଳ (୧୭) ଶୁକ୍ରବାର ମଧ୍ୟାହ୍ନରେ ବ୍ରାହ୍ମଣୀ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସେ ୪-୫ଜଣ ସାଙ୍ଗଙ୍କ ସହ ଝରାସାହି ଘାଟରେ ଗାଧୋଉଥିବା ବେଳେ ଏହି ଘଟଣା ଘଟିଥିଲା। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚଳାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ତାଙ୍କୁ ଠାବ କରାଯାଇପାରିନାହିଁ। ଅମରେନ୍ଦୁ ସାଆନ୍ଦା କଲେଜରେ ପଢୁଥିବାବେଳେ ଚଳିତବର୍ଷ ଯୁକ୍ତ ୨ ଶେଷବର୍ଷ ପରୀକ୍ଷା ଦେଇଥିଲେ।

## ସ୍ୱାସ୍ଥ୍ୟ କ୍ୟାମ୍ପରେ ପୁରୁଣା ଗଦି

ବଇଣ୍ଡା, ୩।୪(ଡି.ଏନ.ଏ.)

କରୋନା ସନ୍ଦିଗ୍ଧ ତଥା ସଂକ୍ରମିତଙ୍କ ପାଇଁ ସମସ୍ତ ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ କରାଯାଇଥିବାବେଳେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତରେ ଏଥିରେ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। କ୍ୟାମ୍ପରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ନେଇ କୁରୁମଟାପ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କୁରୁମଟାପ ପଞ୍ଚାୟତକୁ ରାଜ୍ୟ ବାହାରୁ ଫେରିଥିବା ୧୪ଜଣ ଶ୍ରମିକ ସେମାନଙ୍କ ନାମ ପଞ୍ଜୀକରଣ କରି ଘରେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ମନ୍ଦରବାହାଳ ଉଚ୍ଚ ବିଦ୍ୟାଳୟଠାରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ ଖୋଲାଯାଇଛି। ଏଥିରେ ୮ଟି ବେଡ୍ ପକାଯାଇଛି। ହେଲେ ଏହି ବେଡ୍‌ଗୁଡିକରେ ବ୍ୟବହାର କରାଯାଇଥିବା ଗଦି ଏସ୍‌ଟିଏସ୍‌ସି ଛାତ୍ରୀ ନିବାସରୁ ଅଣାଯାଇଛି। ସେହିପରି ପିଇବା ପାଣି, ଇନଭର୍ଟର, ସାନିଟାଇଜର କିମ୍ବା ସାବୁନର ବ୍ୟବସ୍ଥା କରାଯାଇ ନ ନାହିଁ। ଏପରିକି କୌଣସି ସ୍ୱାସ୍ଥ୍ୟକର୍ମୀ, କିମ୍ବା ପଞ୍ଚାୟତ କର୍ମଚାରୀ ସେଠାରେ ରହୁନାହାନ୍ତି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଏ ବାବଦରେ ଯୋଗାଇଥିବା ଅର୍ଥ ବାଟମାରଣା କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମର ଲିପସନ ପ୍ରସାଦ ସାହୁ, ଭଗବାନ ସାହୁ, ଶେଷଦେବ ଦାସ, ଅର୍ଜୁନ ପ୍ରଧାନ, ବିଶ୍ୱରଞ୍ଜନ ବିଶ୍ୱାଳ, ମାନସ ପ୍ରଧାନ, ବ୍ରଜବନ୍ଧୁ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କୁରୁମଟାପ ସରପଞ୍ଚ ସୁମନ୍ତ ବେହେରା କହିଛନ୍ତି, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀନିବାସରୁ ବେଡ୍ ଅଣାଯାଇ ପକାଯାଇଛି। ନୂତନ ଗଦି ପକାଯିବା ପାଇଁ ବ୍ଲକ ପ୍ରଶାସନକୁ ଅବଗତ କରାଇଥିବାବେଳେ କେହି ଶୁଣୁନାହାନ୍ତି। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ନୂତନ ଗଦି ପକାଯାଇଛି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।


ମନ୍ଦରବାହାଳ ଉଚ୍ଚ ବିଦ୍ୟାଳୟଠାରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ।

## ଆମ୍ବୁଲାନ୍ସ ଚକା ପଙ୍କ୍‌ଚର, ରୋଗୀ ହୀନସ୍ତା

କାମାକ୍ଷାନଗର, ୩।୪(ଡି.ଏନ.ଏ.)

ଆମ୍ବୁଲାନ୍ସ ଚକା ପଙ୍କ୍‌ଚର ହୋଇଯିବାରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରୁ କଟକ ରେଫର ହୋଇଥିବା ଜଣେ ରୋଗୀ ହୀନସ୍ତା ହେବା ଚର୍ଚ୍ଚାର ବିଷୟ ହୋଇଛି। ପଥରଖମ୍ବ ଗ୍ରାମର ଦେବରାଜ ପରିଡ଼ା (୬୦) ଦେହ ଖରାପ ହେବାରୁ ଗୁରୁବାର କାମାକ୍ଷାନଗର ଡାକ୍ତରଖାନାକୁ ଆସିଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିଲା। ତାଙ୍କୁ ଡାକ୍ତର କଟକ ନେଇଯିବାକୁ ପରାମର୍ଶ ଦେଇଥିଲେ। ତେବେ ଆମ୍ବୁଲାନ୍ସ ବାହାରିବା ବେଳକୁ ଦୁଇଚକ ପଙ୍କ୍‌ଚର ହୋଇଯାଇଥିଲା। ଦେଢ଼ଘଣ୍ଟା ଧରି ମରାମତି କରାଯିବା ପରେ ଚକା ଠିକ୍ ହୋଇଥିଲା ଏବଂ ରୋଗୀଜଣକ କଟକ ଯାଇଥିଲେ। ଏ ନେଇ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ରତ୍ନାକର ସାମଲ କୁହନ୍ତି, ଗାଡ଼ିର ଚକ ଖରାପ ଅଛି। ତେଣୁ ବାରମ୍ବାର ପଙ୍କ୍‌ଚର ହେଉଛି। ଏ ବିଷୟରେ ପୂର୍ବରୁ ବିଭାଗକୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ବଇଣ୍ଡା, ୩।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବଇଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ୫୦ ଜଣଙ୍କୁ ଚୁଡା, ଚିନି, ଗୁଡ, ବିସ୍କୁଟ ଆଦି ପ୍ରଦାନ କରାଯାଇଛି। ଭାଜପା ନେତା ଅରବିନ୍ଦ ସାହୁ, ଆଶିଷ ବେହେରା, ଚିତ୍ରସେନ ପ୍ରଧାନ, ବିଷ୍ଣୁଚରଣ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ମାସ୍କ, ସାବୁନ ବଣ୍ଟନ କରିବା ସହ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।

## ଆହତ ପେଚା ଉଦ୍ଧାର

ବଇଣ୍ଡା, ୩।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ନିକଟସ୍ଥ କଦଳୀମୁଣ୍ଡା ଗ୍ରାମର ଶିବୁ ମହାପାତ୍ରଙ୍କ ଘରୁ ଶୁକ୍ରବାର ସକାଳେ ଏକ ପେଚାକୁ ହଣ୍ଡପା ବନ ବିଭାଗ ଆହତ ଅବସ୍ଥାରେ ଉଦ୍ଧାର କରିଛି। ହଣ୍ଡପା ଫରେଷ୍ଟର ସଞ୍ଜୟ କୁମାର ବେହେରା, ୱାଚର ଶିବ କଠାର, ପ୍ରକାଶ ବାଘ ପହଞ୍ଚି ପେଚାକୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା କରି ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

## ଗ୍ୟାସ୍ ଦୋକାନରେ ପ୍ରବଳ ଭିଡ଼

ପାଲଲହଡ଼ା, ୩।୪(ଡି.ଏନ.ଏ.): ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଅନେକ ଲୋକ ଲକ୍‌ଡାଉନ୍‌କୁ କଡ଼ାକଡ଼ି ପାଳନ କରୁନାହାନ୍ତି। ବିଭିନ୍ନ ଦୋକାନରେ ଲୋକେ ବହୁସଂଖ୍ୟାରେ ଏକାଠି ହୋଇ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟରେ ଥିବା ଗ୍ୟାସ୍ ଏଜେନ୍ସିଠାରେ ୨୫ରୁ ୩୦ ଲୋକ ଏକାଠି ହୋଇ ଗ୍ୟାସ୍ ବୁକିଂ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ପ୍ରତିଦିନ ସକାଳୁ ସ୍ଥାନୀୟ ଦୈନିକ ପନିପରିବା ହାଟ ଏବଂ ମାଛ ମାଂସ ଦୋକାନରେ ସାମାଜିକ ଦୂରତ୍ୱ ନିୟମକୁ ନ ମାନି ଲୋକେ ଭିଡ଼ ଜମାଉଛନ୍ତି।

## ସମାଧାନ ପକ୍ଷରୁ ସଚେତନତା

ଆଠମଲ୍ଲିକ,୩।୪(ଡି.ଏନ.ଏ.): ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଦ୍ୱାରା ନିୟୋଜିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ସମାଧାନ' ପକ୍ଷରୁ ଆଠମଲ୍ଲିକ ବ୍ଲକର ବିଭିନ୍ନ ପଞ୍ଚାୟତରେ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି। ଠାକୁରଗଡ଼, ମଇମୁରା, ପାଇକସାହି, ଆମ୍ବସରମୁଣ୍ଡା, ପୁରୁଣାମାଣିତ୍ରି, ଅଇଡ଼ା ଆଦି ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# କରୋନା: ସ୍କୁଲ ଛୁଟିରେ...

ଠିକ୍ ଚାରିଟାବେଳେ ହେଲେ ଯେଉଁ ପିଲାମାନେ ନିଜ ସାଙ୍ଗସାଥୀଙ୍କ ସହିତ ମିଶି ଖେଳକୁଦ, ବୁଲାବୁଲି, ସାଇକେଲ ଚଲାଚଲି, ଗପସପ କରୁଥିଲେ ଏବେ ସେମାନେ ମହାମାରୀ କରୋନା ଯୋଗୁ ସ୍କୁଲ ଛୁଟିକୁ ନିଜ ନିଜ ଘରେ କାଟୁଛନ୍ତି । ସାରା ଦେଶରେ ଏବେ ଲକ୍‌ଡାଉନ୍, ସେଥିପାଇଁ ବାପାମା' ନିଜ ପିଲାମାନଙ୍କୁ ଘରେ ରହିବାକୁ ଉପଦେଶ ଦେଉଛନ୍ତି । କିନ୍ତୁ ପିଲାମାନେ କିପରି ନିଜ ସମୟକୁ ଉପଯୋଗ କରୁଛନ୍ତି ସେ ବିଷୟରେ କେତେକ ପିଲା ଯାହା କହନ୍ତି....


ନିଖିଳ


ହରପ୍ରସାଦ


ପାୟଲ


ଅଙ୍କିତ୍


ଶୁଭଶ୍ରୀ



**ଶୁଭଶ୍ରୀ ସାହୁ**
(ତୃତୀୟ , ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରସୁଲଗଡ଼)
କରୋନା ଯୋଗୁ ମୁଁ ମମି ପାପାଙ୍କ କଥା ମାନି ବାହାରକୁ ଖେଳିବାକୁ ଯାଉନି । ଘରେ ସାନଭାଇ ସହ ସାପସିଡ଼ୀ, ଲୁଡୁ, କଣ୍ଢେଇ ଇତ୍ୟାଦି ଖେଳୁଛି । ଆଉ ସନ୍ଧ୍ୟାବେଳେ ମମି ମତେ ଗଣିତ, ଇଂରାଜୀ, ସାହିତ୍ୟ ଆଦି ବିଷୟ ପଢ଼ାଉଛନ୍ତି । ତା' ସହିତ ଖାଲି ସମୟରେ ଚିତ୍ର ଆଙ୍କୁଛି ଓ କାର୍ଟୁନ ଦେଖୁଛି ।

**ଅଙ୍କିତ୍ ସାହାଣୀ**
(ପଞ୍ଚମ, ବି.ଜେ.ଇ. ଏମ୍. ସ୍କୁଲ-୨,ସତ୍ୟଭାମାପୁର )
ଏବେ ସ୍କୁଲ ବି ଛୁଟି ଅଛି ଆଉ କରୋନା ଯୋଗୁ ଟ୍ୟୁଶନ୍ ବି ବନ୍ଦ ହୋଇଯାଇଛି । ତେଣୁ ଘରେ ବସି ମୁଁ ନିଜେ ନିଜେ ସିଲାବସ୍ ପାଠଗୁଡ଼ିକୁ ପ୍ରାକ୍ଟିସ୍ କରୁଛି । ଭିଡିଓ ଗେମ୍, କ୍ୟାରମ୍ ସହ ଇନ୍‌ଡୋର ଗେମ୍ ଖେଳୁଛି । ଏବେ ଯେତେ ଶୋଇଲେ ବି ମାମା କିଛି କହୁନାହାନ୍ତି । ଆଉ ବଡ ଭାଇଙ୍କ ସହ ଟାଇମ୍ ସ୍ପେଣ୍ଡ୍ କରୁଛି ।

**ପାୟଲ ପ୍ରିୟଦର୍ଶନୀ**
(ସପ୍ତମ, ଡାମରପୁର ପ୍ରାଇମେରୀ ବିଦ୍ୟାଳୟ, ପଚ୍ଛାମୁଣ୍ଡାଇ)
ଘରେ ଦିନମାନ ରହିବାକୁ ପଡୁଛି । ସେଥିପାଇଁ ଘରେ ବସି ମୁଁ ଗପବହି ପଢୁଛି, କ୍ରାଫ୍ଟ ତିଆରି କରୁଛି , ଡ୍ରଇଂ ବନଉଛି । ସାନ ଭାଇ ଭଉଣୀଙ୍କ ସହିତ ଲୁଡୁ, କ୍ୟାରମ ଖେଳୁଛି । ଜେଜେବାପା ଜେଜେମା'ଙ୍କ ସହିତ ସମୟ ବିତଉଛି । ଆଉ ମା'ଙ୍କୁ କାମରେ ସାହାଯ୍ୟ କରୁଛି ।

**ହରପ୍ରସାଦ ଦାସ**
(ଅଷ୍ଟମ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭି.ଏସ୍.ଏସ୍. ନଗର) ମୁଁ କରୋନା ପାଇଁ ବାହାରକୁ ଖେଳିବାକୁ, ବୁଲିବାକୁ ଯାଉନାହିଁ। ଟିଭିରେ କରୋନା ପାଇଁ ଯେଉଁ ସଚେତନତା କରାଯାଉଛି ସବୁ ମାନୁଛି । ଏହାଛଡା ସାର୍ ଯାହା ଟ୍ୟାକ୍‌ସ ଦେଇଥିଲେ ସେସବୁ ପ୍ରାକ୍ଟିସ୍ କରୁଛି । ବଡ ଭଉଣୀଠାରୁ ବି ବେଳେ ବେଳେ ପାଠ ବୁଝି ଦେଉଛି । ଆଉ ଟିଭି ଦେଖୁଛି, ଭିଡିଓ ଗେମ୍ ଖେଳୁଛି , କମିକ୍ ବୁକ୍ ପଢୁଛି ।

**ନିଖିଲ ରଞ୍ଜନ ସାହୁ**
(ଅଷ୍ଟମ, ପି.ଇ. ଏମ୍. ସ୍କୁଲ, ଭୁବନେଶ୍ୱର) ସ୍କୁଲ ଛୁଟି ପରେ ଟ୍ୟୁଶନ ଯାଉଥିଲି । କିନ୍ତୁ କରୋନା ଯୋଗୁ ଲକ୍‌ଡାଉନ୍ ହେବା ପରେ ଟ୍ୟୁଶନ ବି ବନ୍ଦ ହୋଇଯାଇଛି । ଏବେ ଦିନଯାକ ଘରେ ରହିବାକୁ ପଡୁଛି । ଘରେ କମ୍ପ୍ୟୁଟରରେ ଗେମ୍ ଖେଳୁଛି, ଭିଡିଓ ଦେଖୁଛି । ମତେ ବିଜ୍ଞାନ ପସନ୍ଦ ସେଥିପାଇଁ ୟୁଟ୍ୟୁବ ସାଇଟ୍‌ରୁ ପ୍ରୋଜେକ୍ଟ ଗୁଡ଼ିକୁ ଦେଖି ବନେଇବାକୁ ଚେଷ୍ଟା କରୁଛି । ଗପ ବହି ଓ ମାଗାଜିନ ବି ପଢୁଛି ।

**-ନମିତା ପ୍ରିୟଦର୍ଶିନୀ ସାହୁ**

## ଆଇନା


ସାଇ ଜିଜ୍ଞାସା
୫ ବର୍ଷ

## ଖିଲିଖିଲି ହସ

**(ଶିକ୍ଷକ-ଛାତ୍ର ମଧ୍ୟରେ କଥାବାର୍ତ୍ତା)**

ଥରେ କ୍ଲାସରେ ପଢ଼ାଇବା ସମୟରେ ଶିକ୍ଷକ ପଚାରିଲେ- ଆରେ ପିଲାଏ, ଏବେ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । ବର୍ତ୍ତମାନ ଜୋର୍‌ରେ ପବନ ସହ ବର୍ଷା ହେଉଛି । ଏହାର ଭବିଷ୍ୟତ କାଳ କ'ଣ ହେବ ? ବିଳମ୍ବ ନ କରି ଜଣେ ଛାତ୍ର ଠିଆ ହୋଇ କହିଲା ସାର୍, ଏହାର ଉତ୍ତର ଅତି ସହଜ । ଜୋର୍‌ରେ ପବନ ଆଉ ବର୍ଷା ହେଲେ ଇଲେକ୍ଟ୍ରି କଟିଯିବ ।

*-ତୁଷାର ଦାସ, ପାରାଦୀପ, ଜଗତ୍‌ସିଂହପୁର*

ଥରେ ରାମୁକୁ ତା' ବାପା ପଚାରିଲେ, ଆରେ ତୁ ପଢ଼ାପଢ଼ି ଠିକ୍‌ଠାକ୍ କରୁଛୁ ତ ? ରାମୁ ଉତ୍ତର ଦେଲା, 'ବାପା, ମୁଁ କେବେ ପାଠ ପଢ଼ିବାରେ ଅବହେଳା କରି ନ ଥାଏ ।' ଏହାପରେ ତା' ବାପା କହିଲେ, ଆଚ୍ଛା କହିଲୁ, 'ତାଜମହଲ କିଏ ନିର୍ମାଣ କରିଥିଲେ ?' ରାମୁ କହିଲା, 'ବାପା, ତାଜମହଲ ମିସ୍ତ୍ରି ନିର୍ମାଣ କରିଥିଲେ ।' ତା'ପରେ ବାପା କହିଲେ ଆରେ ମୂର୍ଖ, ଠିକ୍ ଭାବରେ କହ, ତାଜମହଲ କିଏ ନିର୍ମାଣ କରିଥିଲେ ?' ଏଥର ରାମୁ ଉତ୍ତର ଦେଲା, 'ବାପା, ତା'ହେଲେ ତାଜମହଲ କୌଣସି କଣ୍ଟ୍ରାକ୍ଟର ନିର୍ମାଣ କରିଥିଲେ ।'

*-ଅନନ୍ୟା ସାହୁ, ସୁନାବେଡା, କୋରାପୁଟ*

## ଗପ

# ଜୋତାର କରାମତି

**ରମେଶ ଚନ୍ଦ୍ର ଦାଶ**

ହରି ଓ ନରି ଦୁଇ ସାଙ୍ଗ । ହରି ଟିକେ ଦୁଷ୍ଟ । ଦିନେ ସେ ଦୁଇଜଣ ବିଦ୍ୟାଳୟକୁ ଯିବା ସମୟରେ ନରିର ଗୋଡ଼ ଖସିଗଲା । ସେ ମୁହଁ ମାଡ଼ି ପଡ଼ିଲା । ହରି ତାକୁ ଉଠାଇ ବିଦ୍ୟାଳୟକୁ ନେଲା । କିନ୍ତୁ ନରିର ପୋଷାକପତ୍ର ମଳି ହୋଇଯାଇଥିଲା । ପ୍ରାର୍ଥନା ସଭାରେ ତା'ର ପୋଷାକ ଦେଖି ମଇଳା ପିନ୍ଧିବାର କାରଣ ପଚାରିଲେ ପ୍ରଧାନ ଗୁରୁଜୀ । ସେ କିଛି କହିବା ପୂର୍ବରୁ ହରି କହିବାକୁ ଆରମ୍ଭ କଲା । ପ୍ରଧାନ ଗୁରୁଜୀ ତ ପୂର୍ବରୁ ଜାଣନ୍ତି ଯେ ହରି ଗୋଟିଏ ଦୁଷ୍ଟ ପିଲା । ସେ ତେଣୁ ତା କଥାକୁ ବିଶ୍ୱାସ ନ କରି ନରିକୁ ପଚାରିଲେ । ନରି କିଛି କହିପାରିଲା ନାହିଁ । ତା'ପରେ ଜାଣିଲେ ଯେ ନରିର ଏ ଅବସ୍ଥା ପାଇଁ ହରି ଦାୟୀ । କିନ୍ତୁ ଏତିକିବେଳେ ଅନ୍ୟଜଣେ ଶିକ୍ଷକ ପହଞ୍ଚି ନରିର ଜୋତା ପରଖିବାକୁ ଲାଗିଲେ । ତା'ର ଜୋତାର ତଳଭାଗ ଘୋରି ହୋଇ ସମାନ ହୋଇଯାଇଥିଲା ।

ସେ ପ୍ରଧାନ ଗୁରୁଜୀଙ୍କୁ କହିଲେ-ସାର୍ ନରି ପଡିବା ପାଇଁ ହରିର କିଛି ଭୁଲ ନାହିଁ । ଏହା ହେଉଛି ଜୋତାର କରାମତି । ପ୍ରଧାନ ଗୁରୁଜୀ ଆଶ୍ଚର୍ଯ୍ୟ ହୋଇ କହିଲେ- ହରିକୁ ଦଣ୍ଡ ଦିଆ ନ ଯିବା ପାଇଁ ତୁମେ



ଏଭଳି ମିଛ କହୁଛ । ସେ କହିଲେ-ସାର୍, ତାହା ନୁହେଁ । ଏବେ ଆପଣ ଦେଖନ୍ତୁ ହରିର ଜୋତାକୁ । ତା'ର ନିମ୍ନ ଅଂଶ କେମିତି ଖଦିଡିଆ ରହିଛି । ସେଥିପାଇଁ ସେ ଚାଲିଲାବେଳେ ମାଟିକୁ କାମୁଡି ଧରିଥାଏ । ତେଣୁ ଖସିଯାଏ ନାହିଁ । କିନ୍ତୁ ନରିର ଜୋତାର ନିମ୍ନାଂଶ ସମାନିଆ ହୋଇଥିବାରୁ ତାହା ମାଟିକୁ ଜାବୁଡି ଧରିପାରିଲା ନାହିଁ । ସେଥିପାଇଁ ଖସିଯାଇଛି । ଯାହାଫଳରେ ସେ ପଡିଯାଇଛି ।

ଏହା କହି ଦୁଇଟି ଯାକ ଜୋତାକୁ ନେଇ ଚଟାଣ ଉପରେ ଘଷିଲେ । ତା'ପରେ ସେ କହିଲେ-ଏଇଥିପାଇଁ କ୍ରିକେଟ ଖେଳାଳିଙ୍କ ସହିତ ଅନ୍ୟ ବହୁତ ଖେଳାଳିଙ୍କ ଜୋତାରେ ଲୁହାଗୋବ ଦିଆଯାଇଥାଏ । ଗାଡିମୋଟର ଟାୟାରରେ କଟାକଟା ଦାଗ ରହିଥାଏ । ଏହି କଟାଦାଗ ସରିଆସିଲେ ଟାୟାର ବଦଳାଇବା ନିହାତି ଦରକାର । ନଚେତ୍ ବ୍ରେକ୍ ମାରିଲେ ଯାନଗୁଡ଼ିକ ଠିକ୍ ଜାଗାରେ ନ ଅଟକି ଦୁର୍ଘଟଣା ଘଟିବାର ସମ୍ଭାବନ ଥାଏ । ଏହା ଶୁଣିବା ପରେ ନରି କହିଲା-ଏଇଥିପାଇଁ ବୋଧହୁଏ ବାପା ଏ ଜୋତା ପିନ୍ଧିବା ପାଇଁ ମନା କରୁଥିଲେ । ମୁଁ ତାଙ୍କ କଥା ନ ମାନି ତାର ଫଳ ପାଇଲି । ନରିକୁ ହରି ସାହାଯ୍ୟ କରିଥିବାରୁ ତାକୁ ଧନ୍ୟବାଦ ଦେବା ସହିତ କେବଳ ଜୋତାର ଉପର ଭାଗ ପରିଷ୍କାର ନ ରଖି ତଳଭାଗ ପ୍ରତି ଧ୍ୟାନ ଦେବାକୁ ସମସ୍ତ ପିଲାଙ୍କୁ ପରାମର୍ଶ ଦେଲେ ।

*-ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ*

## ଜାଣିଛ କି

➡କୁମ୍ଭୀର ତା' ଜିଭ କେବେହେଲେ ବାହାରକୁ ବାହାର କରିପାରେ ନାହିଁ । କୁମ୍ଭୀର ତା' ପାଟିକୁ ହଲଚଲ୍ କରିପାରେନି କିମ୍ବା କିଛି ଚୋବାଇ ପାରେ ନାହିଁ । କିନ୍ତୁ ଏହାର ପାଚନ କ୍ରିୟା ବହୁତ ଶକ୍ତିଶାଳୀ ।



➡ଏକ ସମୁଦ୍ର କଙ୍କଡାର ହୃଦୟ ତା' ମୁଣ୍ଡ ପାଖରେ ରହିଥାଏ ।

➡ମୂଷାମାନେ ଖୁବ୍‌ଶୀଘ୍ର ବଂଶ ବିସ୍ତାର କରିପାରନ୍ତି । ଗୋଟିଏ ଯୋଡ଼ି ମୂଷା ମାତ୍ର ଏକ ବର୍ଷରେ ଏକ ଲକ୍ଷରୁ ଅଧିକ ଛୁଆ ଜନ୍ମ କରିପାରନ୍ତି ।

➡ଗୋଟେ ଗରିଲା ଦିନକୁ ୧୪ ଘଣ୍ଟା ଶୋଇଥାଏ ।

## କବିତା

### ପିଲାଙ୍କ ଅକ୍ଷର ଶିକ୍ଷା

ଅକ୍ଷର ଶିଖ ପିଲାଏ ଏ, ବି, ସି, ଡି
ସାର୍ ଗାଳିଦେଲେ ନ ଯାଅ ବିଗିଡ଼ି ।
ଦ୍ୱିତୀୟରେ ଆସେ ଇ, ଏଫ୍, ଜି, ଏଚ୍,
କ୍ରିକେଟ୍ ବଲ୍‌କୁ ଧରିନିଅ କେଚ୍ ।
ତୃତୀୟ ପାହାଚେ ଆଇ, ଜେ, କେ, ଏଲ୍,
ଡୋର ଖୋଲିବା ପାଇଁ ବଜାଅ ବେଲ୍ ।



ଚତୁର୍ଥେ ଆସଇ ଏମ୍, ଏନ୍, ଓ, ପି,
ଅଜାଙ୍କ ଗପ ଶୁଣ ହସି ହସିକି ।
ପଞ୍ଚମ ଧାଡ଼ିଟି କ୍ୟୁ, ଆର୍, ଏସ୍, ଟି,
ମାସକରେ ଥରେ କାଟିବ ଚୁଟି ।
ଷଷ୍ଠ ଧାଡ଼ିରେ ୟୁ, ଭି, ଡବ୍ଲ୍ୟୁ, ଏକ୍ସ,
ଫଟୋ ଉଠିବ ଦେଖାଅ ତୁମ ଫେସ୍ ।
ଶେଷ ଅକ୍ଷର ଯୋଡ଼ିକ ୱାଇ, ଜେଡ୍,
କାଉ ରାବ ଶୁଣି ଛାଡ଼ିଦିଅ ବେଡ୍ ।

*- ବୈଶାଗୁ ମହାକୁଡ଼, ଇଂରାଜୀ ଶିକ୍ଷକ, ହଂସପାଳ, ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲ, ଖୋର୍ଦ୍ଧା*

### କରୋନା

କି' ଯେ ଭୂତାଣୁ ଆଣିଲା ଚାଇନା
ନାଁ ଅଟେ ତା'ର କରୋନା
ଶୁଣି ଶୁଣି କି ଚିନ୍ତା ବଢ଼ିଲାଣି
ନାଁ ଆଉ ତୁଣ୍ଡେ ଧରନା ।
ଭୟରେ କୁଆଡେ ଯାଇ ତ ହୁଏନା
ଖାଲିଟାରେ ଘରେ ବସି ବି ପାରେନା
କି ବେଳକାଳ ଘୋଟି ଆସିଲାଣି
ଥଳକୂଳ କିଛି ପାଏନା ।
ପେପର ପଢ଼ିଲେ ଖବର କରୋନା
ଟିଭି ଖୋଲିଦେଲେ ଚାଲେ ଆଲୋଚନା
ଭିତରେ ଭିତରେ ମରି ଯେ ଗଲିଣି
ଧୈର୍ଯ୍ୟ ଆଉ ମୋର ରହେନା ।
ଦେଖି ଲୋକଙ୍କର ଦୁଃଖ ଓ ଯାତନା
ଆଖି ଲୁହ ବନ୍ଧ ବାଡ ମାନେନା
ଠାକୁରଙ୍କ ପାଖେ କରଇ ମାଗୁଣି
ପାଦରେ ଠେଲି ତ ଦିଅନା ।

-ପ୍ରୀତିମୟ ସାହୁ, କଟକ

## ତୁମ ତୂଳୀରୁ



ଅରୁନ୍ଧତୀ ବେହେରା, ଶ୍ରେଣୀ-ଷଷ୍ଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପିପିଲି, ପୁରୀ



ଶୁଭଲକ୍ଷ୍ମୀ ସାହୁ, ଶ୍ରେଣୀ-ଷଷ୍ଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକ, କଟକ




ଅନନ୍ୟା ରୁପାଲୀ ତ୍ରିପାଠୀ, ଶ୍ରେଣୀ-ପଞ୍ଚମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଏପ୍ରିଲ ୪/୨୦୨୦ Saturday, April 4/2020

# ଅର୍ଥ ବ୍ୟବସ୍ଥାକୁ ଲୋଡ଼ା ୯ ଲକ୍ଷ କୋଟିର ପ୍ୟାକେଜ



**ନୂଆଦିଲ୍ଲୀ,୩।୪:** କରୋନା ଭାଇରସ ଲାଗି ଏବେ ସାରା ବିଶ୍ୱର ବାଣିଜ୍ୟ କାରବାର ଠପ୍ ହୋଇଯାଇଛି। ଭାରତ ସରକାର ସାରା ଦେଶରେ ୨୫ ମାର୍ଚ୍ଚଠାରୁ ଲକ୍‌ଡାଉନ ଘୋଷଣା କରିଛନ୍ତି। ଦେଶରେ ବାଣିଜ୍ୟ କାରବାର ବନ୍ଦ ହେବା ଯୋଗୁ ବିଭିନ୍ନ କ୍ଷେତ୍ର ପ୍ରଭାବିତ ରହିଛି। ସରକାର ଶିଳ୍ପ ଜଗତ ଲାଗି ଏବେ ଯାଏ ବିଶେଷ ଆଶ୍ୱସ୍ତି ପ୍ୟାକେଜ ଘୋଷଣା କରିନାହାନ୍ତି। କେବଳ କିଛି ଅନୁପାଳନ ନିୟମ କୋହଳ କରାଯାଇଛି। ବର୍ତ୍ତମାନ ଶିଳ୍ପ ଜଗତ ସରକାରଙ୍କଠାରୁ ବଡ ପ୍ୟାକେଜ ଆଶା ରଖିଛି। ଶିଳ୍ପ ସଂଘ ଆସୋଚାମ କରୋନା ଭାଇରସ ଜନିତ କ୍ଷତିକୁ ନଜରରେ ରଖି ଶିଳ୍ପଗୁଡିକ ଲାଗି ପ୍ୟାକେଜ ଆଶା ରଖିଛି। ସରକାର ଘରୋଇ ବଜାର ଲାଗି ୧୦୦ରୁ ୧୨୦ ବିଲିୟନ ଡଲାର (ପ୍ରାୟ ୯ ଲକ୍ଷ କୋଟି)ର ଆର୍ଥିକ ପ୍ୟାକେଜ ଘୋଷଣା କରନ୍ତୁ ବୋଲି ସଂଘ ଦାବି ରଖିଛି।

ଆସୋଚାମ୍ ମହାସଚିବ ଦୀପକ ସୁଦ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କର ରେପୋ ହ୍ରାସ ପଦକ୍ଷେପ ଅର୍ଥ ବ୍ୟବସ୍ଥା ଲାଗି ସ୍ୱଳ୍ପମିଆଦୀଭିତ୍ତିରେ ସହାୟତା କରିବ। ମାତ୍ର ସରକାର ଏତିକିରେ ବସି ନ ପଡି ବଡ ପଦକ୍ଷେପ ଉଠାଇବାକୁ ଆଗେଇ ଆସିବା ଉଚିତ। ସେ କହିଛନ୍ତି ଯେ ଏବେ ଦେଶ ମଧ୍ୟରେ ଦରଦାମ ବୃଦ୍ଧି ହେବାର ଆଶଙ୍କା ନାହିଁ। ଅଶୋଧିତ ତୈଳ ଦର ହ୍ରାସ ହେବା ଯୋଗୁ ଦେଶର ଅର୍ଥ ବ୍ୟବସ୍ଥାକୁ ୫୦ ବିଲିୟନ ଡଲାର ବା ପ୍ରାୟ ୩.୭୫ ଲକ୍ଷ କୋଟି ଟଙ୍କାର ଫାଇଦା ହେବ। ରିଜର୍ଭ ବ୍ୟାଙ୍କର ପଦକ୍ଷେପ ଅର୍ଥ ବ୍ୟବସ୍ଥା ଲାଗି ଫାଇଦା ପ୍ରଦାନ କରିବ। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥାକୁ ପୁଣି ଟ୍ରାକକୁ ଫେରାଇ ଆଣିବାକୁ ହେଲେ ଏତିକି ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ। ସୂଚନାଯୋଗ୍ୟ ସରକାର ଗରିବ ଲୋକ, ଦିନ ମଜୁରିଆ ଏବଂ କୃଷକଙ୍କ ଲାଗି ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଗରିବଙ୍କ ଲାଗି ଅତିରିକ୍ତ ୫ କିଲୋ ଖାଦ୍ୟ ଶସ୍ୟ, ୧ କିଲୋ ଡାଲି ଆଗାମୀ ୩ ମାସ ଲାଗି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମହିଳାଙ୍କ ଜନଧନ ଖାତାରେ ଆଗାମୀ ୩ ମାସ ପ୍ରତି ପ୍ରତିମାସ ୫୦୦ ଟଙ୍କା ଲେଖାଏ ଶୁକ୍ରବାର ଠାରୁ ପ୍ରଦାନ କରିବା ଶୁଭାରମ୍ଭ ହୋଇଛି। ଛୋଟ କମ୍ପାନୀ କର୍ମଚାରୀଙ୍କ ପାଇଁ ପିଏଫ୍ ଯୋଗଦାନ ସରକାର ଆଗାମୀ ୩ ମାସ ଯାଏ ପ୍ରଦାନ କରିବେ। ଏହାବାଦ ଅନ୍ୟ କିଛି ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଛି। ୨୭ ମାର୍ଚ୍ଚରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହାରରେ ୦.୭୫% ହ୍ରାସ ଘୋଷଣା କରିଛି। ଏହା ଦ୍ୱାରା ବ୍ୟାଙ୍କ ଗୁଡିକ ପ୍ରଦାନ କରୁଥିବା ଋଣ ଉପରେ ସୁଧହାର କମିବ। ସେହିଭଳି ଋଣ କିସ୍ତି ପ୍ରଦାନ ଉପରେ ଆଶ୍ୱସ୍ତି ମଧ୍ୟ ପ୍ରଦାନ କରାଯାଇଛି। ଏହାବାଦ କେନ୍ଦ୍ରୀୟ ବ୍ୟାଙ୍କ କମ୍ପାନୀଗୁଡିକର ୱର୍କିଂ କ୍ୟାପିଟାଲ ଋଣ ଉପରେ ମଧ୍ୟ ୩ ମାସର ଆଶ୍ୱସ୍ତି ପ୍ରଦାନ କରିଛି।

### ଶିଳ୍ପ ଜଗତର ଦାବି

- ଦରଦାମ ବୃଦ୍ଧିର ଆଶଙ୍କା ନାହିଁ
- ଅଶୋଧିତ ତେଲ ଦର ହ୍ରାସ ଯୋଗୁ ଭାରତକୁ ଫାଇଦା
- ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବା ଲାଗି ସରକାରଙ୍କ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ



## ୮୦ ହଜାର କୋଟି କ୍ଷତି ସହିପାରନ୍ତି ବିମାନ କମ୍ପାନୀ

**ସାରା ବିଶ୍ୱରେ ବିମାନ ଶିଳ୍ପ କ୍ଷତି ୨୧ ଲକ୍ଷ ଟପିପାରେ**

ସାରା ଦେଶର ୨୧ ଦିନିଆ ଲକ୍‌ଡାଉନ ଯୋଗୁ ଏବେ ବିମାନ ସେବା ଠପ୍ ହୋଇଯାଇଛି। ଏହି ସମୟ ମଧ୍ୟରେ ବିମାନ କମ୍ପାନୀଙ୍କୁ ୭୫ ହଜାରରୁ ୮୦ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡିପାରେ। ବିମାନ କମ୍ପାନୀଙ୍କ ଠାରୁ ମିଳୁଥିବା ସୂଚନା ମୁତାବକ ଦିଲ୍ଲୀ ବିମାନ ବନ୍ଦରରେ ୨୦୫ ବିମାନ ଛିଡା ହୋଇଛି। ସେହିଭଳି ମୁମ୍ବାଇ ବିମାନ ବନ୍ଦରରେ ୧୦୦ ବିମାନ, ବାଙ୍ଗାଲୋରରେ ୭୧, ହାଇଦ୍ରାବାଦରେ ୬୧, ଚେନ୍ନାଇରେ ୫୩ ବିମାନ ଛିଡା ହୋଇଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ବିମାନ ବନ୍ଦରଗୁଡିକରେ ମଧ୍ୟ ବିମାନ ଏବେ ଛିଡା ହୋଇ ରହିଛି। କରୋନା ଯୋଗୁ ସାରା ବିଶ୍ୱରେ ବିମାନ ଚଳାଚଳ କ୍ଷେତ୍ରକୁ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିପାରେ ବୋଲି ଅନୁମାନ କରାଯାଇଛି। ସେଣ୍ଟର ଫର ଏସିଆ ପାସିଫିକ ଆଭିଏଶନ ଇଣ୍ଡିଆ(ସିଏପିଏ) ପକ୍ଷରୁ ଆକଳନ ରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ଏପ୍ରିଲ-ଜୁନ ତ୍ରୈମାସରେ ବିମାନ କମ୍ପାନୀଗୁଡିକର କାରବାର ଉନ୍ନତ ରହିଥାଏ। ଏହି ସମୟରେ କମ୍ପାନୀଗୁଡିକ ଭଲ ରାଜସ୍ୱ ହାସଲ କରିଥାନ୍ତି। ମାତ୍ର କରୋନା ଜନିତ ଲକଡାଉନ ଏହାକୁ କ୍ଷତିଗ୍ରସ୍ତ କରିଛି। ଏହି ଶିଳ୍ପକୁ ସରକାର ସହାୟତା ଯୋଗାଇ ଦେବା ନେଇ ଦାବି ହୋଇ ଆସୁଛି।

## ଦେବାଳିଆ ହୋଇପାରନ୍ତି କମ୍ପାନୀ

**ଅର୍ଥ ବ୍ୟବସ୍ଥା ଉପରେ ବଢୁଛି ଚାପ**

**ନୂଆଦିଲ୍ଲୀ, ୩।୪:** ସାରା ବିଶ୍ୱ ଏବେ ମାନ୍ଦାବସ୍ଥା ସହ ଲଢୁଥିବା ବେଳେ ଏଭଳି ସ୍ଥିତିରେ କରୋନା ଭାଇରସ ବୋଝ ଉପରେ ଲଡିତା ବିଡା ସଦୃଶ ହୋଇଛି। ବିଶ୍ୱର ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ କରୋନାର ପ୍ରଭାବ ପରିଲକ୍ଷିତ ହୋଇଛି। ଭାରତ ଭଳି ଅର୍ଥ ବ୍ୟବସ୍ଥା ଉପରେ ଏବେ ଚାପ ବଢି ଚାଲିଛି। କରୋନା ଏହି ଚାପକୁ ବଢାଇବାରେ ଆଶଙ୍କା ଉପୁଜିଛି। ଆର୍ଥିକ ରିସର୍ଚ୍ଚ ଏଜେନ୍ସି ଡନ୍ ଏବଂ ବ୍ରାଡଷ୍ଟ୍ରିଟ୍ ରିପୋର୍ଟ ମୁତାବକ କରୋନା ରୋକିବା ଲାଗି ହୋଇଥିବା ଲକ୍‌ଡାଉନ ଯୋଗୁ ଏବେ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପରିଲକ୍ଷିତ ହୋଇଛି। ଏହି କ୍ଷେତ୍ରଗୁଡିକ ମଧ୍ୟରେ ମାନୁଫାକଚରିଂ, ପେଟ୍ରୋଲିୟମ, ଫାଇନାନ୍ସିଆଲ ସହ ଅନ୍ୟ କେତେକ କ୍ଷେତ୍ର ସାମିଲ ରହିଛି। ଏଜେନ୍ସି ପକ୍ଷରୁ ହୋଇଥିବା ଆର୍ଥିକ ଅନୁମାନ ମୁତାବକ, ଭାରତରେ ମାନ୍ଦାବସ୍ଥା ଏବଂ ଅନେକ କମ୍ପାନୀ ଦେବାଳିଆ ସ୍ଥିତିକୁ ଚାଲିଯିବାର ଆଶଙ୍କା ଉପୁଜିଛି। ସାରା ଦୁନିଆର ସ୍ଥିତି ଏବେ ବିଗିଡିଥିବା ବେଳେ ଭାରତ ଏହାଠାରୁ ନିଜକୁ ଅଲଗା ରଖି ପାରିବା ସମ୍ଭବ ହେବ ନାହିଁ। ଏଜେନ୍ସିର ମୁଖ୍ୟ ଅର୍ଥନୀତିଜ୍ଞ ଅରୁଣ ସିଂ କହିଛନ୍ତି ଯେ, ଏବେ ବିଶ୍ୱର ବିଭିନ୍ନ ସ୍ଥାନରେ ରହିଥିବା ମାନୁଫାକଚରିଂ ହବ୍‌ଗୁଡିକ ଲକ୍‌ଡାଉନ ସ୍ଥିତି ଦେଇ ଗତି କରୁଛି। ଏହା ଫଳରେ ସାରା ବିଶ୍ୱରେ ଯୋଗାଣ ଚେନ୍ ବିଗିଡିବା ସହ ବିକାଶ ହାର ହ୍ରାସ ହେବା ନେଇ କୁହାଯାଉଛି। ଭାରତର ବିକାଶ ହାର ଏହି ସମୟରେ ୫%ରୁ ନିମ୍ନକୁ ଖସିଯିବ ବୋଲି ଏଜେନ୍ସି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୦୧୯-୨୦ରେ ଭାରତର ବିକାଶ ହାର ୫% ରହିବା ନେଇ ଏହି ଏଜେନ୍ସି ପୂର୍ବରୁ କହିଥିଲା। ଆଗାମୀ ଆର୍ଥିକ ବର୍ଷ ଅନୁମାନ ଲଗାଇବା ଏବେ କଷ୍ଟକର ବ୍ୟାପାର ବୋଲି ଏହା ପ୍ରକାଶ କରିଛି। ୨୦୨୦ରେ ଦେଶର ଔଦ୍ୟୋଗିକ ବିକାଶ ହାର ୪.୫% ରହିବା ନେଇ ଏହା ଅନୁମାନ ଲଗାଇଛି। ସିଂ କହିଛନ୍ତି ଯେ, ସଂକ୍ରମଣର ମାତ୍ରା କେତେ ହେବ ତାହା ଠିକ୍ ଭାବେ କହି ହେବ ନାହିଁ। ଏହି ସମୟରେ ଦରଦାମ କମିବ ବୋଲି ଏଜେନ୍ସି ପକ୍ଷରୁ ଅନୁମାନରେ କୁହାଯାଇଛି।



## ମନି ମାର୍କେଟ୍ ଟ୍ରେଡିଂ ସମୟ କମାଇଲା ଆର୍‌ବିଆଇ

**ନୂଆଦିଲ୍ଲୀ, ୩।୪:** ବର୍ତ୍ତମାନ ସାରା ଦେଶରେ କରୋନାର ପ୍ରଭାବ ବଢି ଚାଲିଥିବାରୁ ଦେଶର ମନି ମାର୍କେଟ୍ ଲାଗି ଟ୍ରେଡିଂ ସମୟରେ ରିଜର୍ଭ ବ୍ୟାଙ୍କ କମାଇ ଦେଇଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ବଜାରର ବିଭିନ୍ନ କାର୍ଯ୍ୟ କଳାପ ସକାଳ ୨ରୁ ଅପରାହ୍ନ ୨ଟା ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ବିଭିନ୍ନ କାର୍ଯ୍ୟକଳାପ ଲାଗି ପୂର୍ବରୁ ସମୟ ସକାଳ ୯ଟାରୁ ସର୍ବାଧିକ ୫ଟା ରହିଥିଲା। ଏହି ନିୟମ ଏପ୍ରିଲ ୭ରୁ ୧୭ ତାରିଖ ଯାଏ ବଳବତ୍ତର ରହିବ। ବର୍ତ୍ତମାନ ଦରକାରୀ ସେବା କ୍ଷେତ୍ରରେ ମଧ୍ୟ ସାମାଜିକ ଦୂରତ୍ୱ ରକ୍ଷା, ଲୋକଙ୍କ ଯିବା ଆସିବା ଉପରେ କଟକଣା, ୱାର୍କ ଫ୍ରମ ହୋମ, ବିଜନେସ ପରିଚାଳାନା ଯୋଜନା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମନି ମାର୍କେଟରେ କାମ କରୁଥିବା କର୍ମଚାରୀଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ସାମ୍‌ସଙ୍ଗ ପକ୍ଷରୁ ପ୍ରଡକ୍ଟ ଉପରେ ୱାରେଣ୍ଟି ବୃଦ୍ଧି

**ନୂଆଦିଲ୍ଲୀ, ୩।୪:** କଭୋଡି-୧୯ ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ବିଚାର କରି ସାମସଙ୍ଗ ପକ୍ଷରୁ ଏହାର ଇଲେକଟ୍ରୋନିକ୍ସ ଏବଂ ମୋବାଇଲ ପ୍ରଡକ୍ଟ ଉପରେ ୱାରେଣ୍ଟି ବୃଦ୍ଧି କରାଯାଇଛି। କମ୍ପାନୀ ଏହାର ଉତ୍ପାଦ ଶୃଙ୍ଖଳାରେ ଧାର୍ଯ୍ୟ ୱାରେଣ୍ଟିକୁ ମେ ମାସ ୩୧ ପର୍ଯ୍ୟନ୍ତ ବଢାଇବା ନେଇ ନିଷ୍ପତ୍ତି ନେଇଛି। ଲକ୍‌ଡାଉନ ଅବଧି ମଧ୍ୟରେ ୱାରେଣ୍ଟି ତାରିଖ ଅତିକ୍ରମ ହୋଇଯାଇଥିଲେ ମଧ୍ୟ ଏହା ସମସ୍ତ ଉତ୍ପାଦଗୁଡିକ ଲାଗି ବୈଧ ରହିବ। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ସମସ୍ତେ ସତର୍କ ରହିବା ସହ ସୁରକ୍ଷିତ ବ୍ୟବସ୍ଥା ଗ୍ରହଣ କରିବାକୁ କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଖେଳ ଖବର

# କ୍ରୀଡ଼ାବିତ୍‌ଙ୍କ ସହଯୋଗ ଲୋଡ଼ିଲେ ପ୍ରଧାନମନ୍ତ୍ରୀ



କ୍ରୀଡ଼ାବିତ୍ ଓ ଅନ୍ୟମାନଙ୍କ ସହ ଭିଡିଓ କଲିଂ ମାଧ୍ୟମରେ କଥା ହେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଦେଶରେ କୋଭିଡ୍-୧୯ ମହାମାରୀର ପ୍ରକୋପ କ୍ରମେ ବୃଦ୍ଧି ପାଉଛି। ଏଥିଲାଗି ସଚେତନତା ଅଭିଯାନରେ ସାମିଲ ହେବା ଲାଗି ଦେଶର ପ୍ରମୁଖ କ୍ରୀଡ଼ାବିତ୍‌ଙ୍କ ସହଯୋଗ ଲୋଡ଼ିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶୁକ୍ରବାର ସେ କେତେଜଣ ଖେଳାଳିଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି କ୍ରିକେଟ ଆଇକନ୍ ବିରାଟ କୋହଲି ଏବଂ ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି ସିନ୍ଧୁ। ଭାଇରସ୍‌ର ସଂକ୍ରମଣକୁ ରୋକିବା ଲାଗି ଦେଶରେ ବର୍ତ୍ତମାନ ୨୧ ଦିନିଆ ଲକ୍‌ଡାଉନ୍ କାର୍ଯ୍ୟକାରୀ କରାଯାଉଛି। ଭିଡିଓ କଲ୍ ଜରିଆରେ ଏହି ଆଲୋଚନା ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ୧ ଘଣ୍ଟା ଧରି ଚାଲିଥିଲା। ଏଥିରେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ବ୍ୟତୀତ ୪୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ସାମିଲ ହୋଇଥିଲେ। ଭାରତରେ କୋଭିଡ୍-୧୯ ପଜିଟିଭ୍‌ଙ୍କ ସଂଖ୍ୟା ୨,୦୦୦ ଅତିକ୍ରମ କରିଯାଇଛି। ଏହି ସଙ୍କଟଜନକ ପରିସ୍ଥିତିରେ ପରିଷ୍କାର ପରିଚ୍ଛନ୍ନ ରହିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବା କେତେଟା ଜରୁରୀ ସେ ନେଇ ଜନସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଆଥଲେଟମାନଙ୍କ ସହଯୋଗ ଲୋଡିଥିଲେ ପ୍ରଧାନମନ୍ତ୍ରୀ। ସେ ଖେଳାଳିଙ୍କ ମତାମତ ମଧ୍ୟ ଚାହିଁଥିଲେ। ଆମକୁ ମହାମାରୀ ବିରୋଧରେ ଟିମ୍ ଇଣ୍ଡିଆ ଭଳି ଲଢିବାକୁ ହେବ। ଏଥିପାଇଁ ଆପଣମାନଙ୍କ ପ୍ରେରଣା ଏକାନ୍ତ କାମ୍ୟ ବୋଲି ମୋଦି କହିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଲାଭ କରିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ବି. ସାଇ ପ୍ରଣିଥ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ହୋଇଥିବା ଆଲୋଚନାର ଏକ ଭିଡିଓ କ୍ଲିପ୍ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କ ସହିତ ଭିଡିଓ କଲ୍‌ରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ରହିଛନ୍ତି, ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ଟପ୍ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା, ପୂର୍ବତନ ପେସ୍ ବୋଲର ଜାହିର ଖାଁ, ଯୁବରାଜ ସିଂ। ତାଲିକାରେ ରହିଥିବା ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି, ଅଲିମ୍ପିକ ରୌପ୍ୟ ବିଜୟିନୀ ସିନ୍ଧୁ, ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ଚେସ୍ ଯାଦୁକର ବିଶ୍ୱନାଥନ ଆନନ୍ଦ, ସ୍ପ୍ରିଣ୍ଟର ହୀମା ଦାସ, ବକ୍ସିଂ ଷ୍ଟାର ଅମିତ୍ ପଙ୍ଘାଲ, ରେସ୍‌ଲର ଭିନେଶ ଫୋଗଟ୍। ସ୍ୱଳ୍ପ ବୟସ୍କ ପ୍ରତିଭା ମନୁ ଭାକର। ପ୍ରଧାନମନ୍ତ୍ରୀ ୧୨ଜଣଙ୍କ ସହିତ ବର୍ତ୍ତମାନର ପରିସ୍ଥିତି ଉପରେ ୩ ମିନିଟ୍ ଲେଖାଏଁ କଥାବାର୍ତ୍ତା ହୋଇଥିବା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ହେଲେ ସେମାନଙ୍କ ନାମ ପ୍ରକାଶ କରାଯାଇ ନ ଥିଲା। ପରେ ଜାଣିବାକୁ ମିଳିଥିଲା ଯେ, ମୋଦିଙ୍କ ସହିତ ଆଲୋଚନାରେ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ଏମ୍.ସି ମେରୀକମ୍ ଓ ବିରାଟ କୋହଲି ସାମିଲ ହୋଇଥିଲେ। ନେଟୱର୍କ ସମସ୍ୟା ଯୋଗୁ ମେରୀକମ୍‌ଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତେବେ ପୂର୍ବତନ ବିଶ୍ୱ ଚାମ୍ପିୟନ ଭରୋତ୍ତୋଳକ ମୀରାବାଈ ଚାନୁଙ୍କୁ ଏ ବିଷୟରେ ପଚରାଯିବାରେ କରୋନା ମହାମାରୀ ବିରୋଧରେ ଲଢେଇପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। ଭେଟେରାନ ଟେବୁଲ ଟେନିସ ଖେଳାଳି ଶରଥ କମାଲ ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ। ବିଶ୍ୱ ଚାମ୍ପିୟନ ରୌପ୍ୟ ବିଜୟୀ ଶୁଟର ଅଭିଷେକ ବର୍ମା କହିଛନ୍ତି, ଆଥଲେଟ୍‌ମାନେ ସକାରାତ୍ମକ ହେବା ସହ ସକାରାତ୍ମକ ବାର୍ତ୍ତା ପ୍ରଚାର କରିବା ଉଚିତ୍। କୌଣସି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ହେଲେ ଆତ୍ମ-ଶୃଙ୍ଖଳା, ସକାରାତ୍ମକ ମନୋଭାବ ଏବଂ ଆତ୍ମବିଶ୍ୱାସ ଜରୁରୀ। କ୍ରୀଡ଼ା କ୍ଷେତ୍ରରେ ଏହା ଅପରିହାର୍ଯ୍ୟ। ଭାଇରସ୍‌ର ସଂକ୍ରମଣକୁ ରୋକିବା କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ ବୋଲି ମୋଦି କହିଛନ୍ତି।

## ୭୧ ଲକ୍ଷ ଟଙ୍କା ସଂଗ୍ରହ କଲା ଆଇଓଏ

**ନୂଆଦିଲ୍ଲୀ,୩।୪(ପି.ଟି.):** କୋଭିଡ୍-୧୯ ମୁକାବିଲା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ୭୧ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ସବୁ ରାଜ୍ୟର ଅନୁବନ୍ଧିତ କ୍ରୀଡ଼ା ଆସୋସିଏଶନ ଓ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍) ଗୁଡିକର ଅର୍ଥ ଦାନ କରିଛନ୍ତି। ଏହାକୁ ନେଇ ଆଇଓଏ ଏହି ପରିମାଣର ଅର୍ଥ ସଂଗ୍ରହ କରିଛି। ଆଇଓଏ ଏଥିପାଇଁ ସବୁ ଏନ୍‌ଏସ୍‌ଏଫ୍ ଓ ରାଜ୍ୟ ଆସୋସିଏଶନଗୁଡିକୁ କୃତଜ୍ଞତା ଜଣାଇଛନ୍ତି। କରୋନା ଭାଇରସ ମୁକାବିଲା ପାଇଁ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଏନ୍‌ଏସ୍‌ଏଫ୍ ଓ ଆସୋସିଏଶନଗୁଡିକର ଅର୍ଥ ଦାନ ବେଶ୍ ମହତ୍ତ୍ୱ ରଖୁଛି ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହଟା କହିଛନ୍ତି। ଦେଶର ଏହି ଘଡିସନ୍ଧି ମୁହୂର୍ତ୍ତରେ ପୂରା ଅଲିମ୍ପିକ୍ ପରିବାର ଏକାଠି ହେବା ବଡ଼ କଥା। ଏବେ ଆମକୁ ଆହୁରି ଦୃଢତାର ସହ ମୁକାବିଲା କରିବାକୁ ହେବ। ଏବେ ଆଇଓଏ ଏହି ପରିମାଣର ଅର୍ଥକୁ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ଦାନ ଦେବ ବୋଲି କୁହାଯାଇଛି।

କରୋନା ଭାଇରସ ସଂକ୍ରମଣରେ ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୫୩,୦୦୦ ଲୋକ ପ୍ରାଣ ହରାଇଲେଣି। କେବଳ ଭାରତରେ ୫୬ଜଣ ଲୋକ ଏହି ଭାଇରସ୍ ଦ୍ୱାରା ପ୍ରାଣ ହରାଇଛନ୍ତି ଓ ୨,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି। ବିଭିନ୍ନ କ୍ରୀଡ଼ାବିତ୍ ଏହି ଭାଇରସ ମୁକାବିଲାରେ ସାମିଲ ହୋଇ ଅର୍ଥ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି, କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ଆଥ୍‌ଲେଟନ ନୀରଜ ଚୋପ୍ରା ଓ ହିମା ଦାସ।

## ଆଶଙ୍କା ପ୍ରକାଶ କଲେ ୱିମ୍ବଲଡନ ମୁଖ୍ୟ



ରିଚାର୍ଡ ଲୁଇସ୍

**ଲଣ୍ଡନ,୩।୪(ଏଏଫ୍‌ପି):** ଚଳିତବର୍ଷ ଅର୍ଥାତ୍ ୨୦୨୦ରେ ଟେନିସ ଖେଳାଯାଇପାରିବ ନାହିଁ ବୋଲି ୱିମ୍ବଲଡନ ମୁଖ୍ୟ ରିଚାର୍ଡ ଲୁଇସ୍ ଆଶଙ୍କା ପ୍ରକାଶ କରିଛନ୍ତି। ଚଳିତବର୍ଷ ସମ୍ପୂର୍ଣ୍ଣ ରୂପେ ଟେନିସ ବାତିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ପୂର୍ବାନୁମାନ କରିଛନ୍ତି। ଗତମାସ ପ୍ରାରମ୍ଭରୁ ଟେନିସ୍‌କୁ ଲକ୍‌ଡାଉନ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବୁଧବାର ପ୍ରଥମ ଥର ପାଇଁ ୱିମ୍ବଲଡ଼ନ ଟେନିସକୁ ବାତିଲ କରାଯାଇଥିଲା। ଏହାପୂର୍ବରୁ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ୍‌କୁ ସେପ୍ଟେମ୍ବର- ଅକ୍ଟୋବରକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଦୁଇଟି ବଡ଼ ଟୁର୍ନାମେଣ୍ଟ ବାତିଲ କରାଯାଇଥିବାରୁ ଟେନିସ ଆୟୋଜନ ନେଇ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି। ତେଣୁ ଏବର୍ଷ ଆଉ ଟେନିସ ଆୟୋଜନ ହୋଇପାରିବ ନାହିଁ ବୋଲି ଅଲ ଇଂଲଣ୍ଡ କ୍ଲବ ମୁଖ୍ୟ ଲୁଇସ୍ କହିଛନ୍ତି। ଆଗକୁ କ'ଣ ହେବ ସେ ନେଇ ମଧ୍ୟ କହିବା କଷ୍ଟକର। ତେବେ ବର୍ଷର ଅନ୍ତିମ ତଥା ପରବର୍ତ୍ତୀ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଅଗଷ୍ଟ-ସେପ୍ଟେମ୍ବରରେ ଆୟୋଜନ ହେବ ଓ ନୂଆ ତାରିଖ ତଥା କାର୍ଯ୍ୟସୂଚୀରେ ଫ୍ରେଞ୍ଚ ଓପନ ଆୟୋଜନ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ଷର ଶେଷ କ୍ୱାର୍ଟରରେ କ୍ରୀଡ଼ା ପ୍ରତ୍ୟାବର୍ତ୍ତନ କରିବ ବୋଲି ସ୍ପାନିଶ୍ ଟେନିସ ଫେଡେରେଶନ (ଆରଏଫ୍‌ଇଟି) ଅଧ୍ୟକ୍ଷ ମିଗୁଏଲ ଡିଆଜ କହିଛନ୍ତି। ବର୍ଷର ଶେଷ କ୍ୱାର୍ଟରରେ ଆମେ ଟେନିସ ଦେଖିବାକୁ ପାଇବୁ ବୋଲି ସେ ଆଶାପ୍ରକାଶ କରିଛନ୍ତି। ତେବେ ଦର୍ଶକ ଏଥିରେ ସାମିଲ ହେବା ନେଇ ସେ ନିଶ୍ଚିତ ନୁହଁ। ତେବେ କୋର୍ଟକୁ ନିଶ୍ଚିତ ଭାବେ ଟେନିସ ଫେରିବ ବୋଲି ଡିଆଜ କହିଛନ୍ତି।

## ଏଜ୍‌ବାଷ୍ଟନ ଷ୍ଟାଡିୟମ ହେବ ଟେଷ୍ଟିଂ ସେଣ୍ଟର

**ଲଣ୍ଡନ, ୩।୪ (ପି.ଟି):** ଇଂଲଣ୍ଡର ବର୍ମିଂହାମସ୍ଥିତ ଏଜ୍‌ବାଷ୍ଟନ ଷ୍ଟାଡିୟମ କୋଭିଡ୍-୧୯ ଟେଷ୍ଟିଂ ସେଣ୍ଟରରେ ପରିଣତ ହେବ ବୋଲି ୱାରୱିକ୍‌ଶାୟାର କାଉଣ୍ଟି କ୍ରିକେଟ କ୍ଲବ (ଡବ୍ଲ୍ୟୁସିସିସି) ତରଫରୁ କୁହାଯାଇଛି। ଏଥିପାଇଁ ସରକାରଙ୍କୁ ଷ୍ଟାଡିୟମ ହସ୍ତାନ୍ତର କରାଯାଇଛି ବୋଲି କ୍ଲବ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ (ଏନ୍‌ଏଚ୍‌ଏସ୍) କର୍ମଚାରୀମାନେ ଏହି ମହାମାରୀକୁ ରୋକିବା ପାଇଁ ଲଢେଇ ଜାରି ରଖିଥିବା ବେଳେ କ୍ଲବ ତରଫରୁ ଏହି ପଦକ୍ଷେପ ନିଆଯାଇଛି। ଷ୍ଟାଡିୟମର କାର ପାର୍କିଂ ଏରିଆ ମେଡିକାଲ ଟେଷ୍ଟ ପାଇଁ ବ୍ୟବହୃତ ହେବ। ଏନ୍‌ଏଚ୍‌ଏସ୍ କର୍ମଚାରୀ ଷ୍ଟାଡିୟମ ରୋଡ ସେଣ୍ଟର ଦେଇ ଗାଡି ନେଇ ଯାଇପାରିବେ।

# ଭାରତ ଫେରନ୍ତା ଦକ୍ଷିଣ ଆଫ୍ରିକା ଖେଳାଳି ନେଗେଟିଭ୍

**ଜୋହାନ୍ସବର୍ଗ, ୩।୪(ପି.ଟି.):** ଭାରତରୁ ଅଧା ଅଧୁରା ଦିନିକିଆ ଗସ୍ତ ସାରି ସ୍ୱଦେଶ ଫେରିଥିବା ସବୁ ଦକ୍ଷିଣ ଆଫ୍ରିକା କ୍ରିକେଟରମାନେ କୋଭିଡ୍-୧୯ ନେଗେଟିଭ ବୋଲି ଜଣାପଡିଛି। ମୋଟ ଉପରେ ସବୁ ଖେଳାଳି କରୋନ ଭାଇରସ ମୁକ୍ତ ବୋଲି ଦଳର ମୁଖ୍ୟ ମେଡିକାଲ ଅଫିସର ଡଃ ଶୁଇବକ ମାଞ୍ଜରା କହିଛନ୍ତି। ଭାରତରୁ ପ୍ରତ୍ୟାବର୍ତ୍ତନ କରିଥିବା ଖେଳାଳିମାନେ ମାର୍ଚ୍ଚ ୧୮ ତାରିଖରେ ଦକ୍ଷିଣ ଆଫ୍ରିକାରେ ପହଞ୍ଚିଥିଲେ। ଗୁରୁବାର ଦିନ ସେମାନେ ୧୪ ଦିନିଆ ସେଲ୍ଫ ଆଇସୋଲେଶନ ପୂରଣ କରିଛନ୍ତି। ଏହା ସତ୍ତ୍ୱେ ଏମାନେ ଆସନ୍ତା ଦୁଇ ସପ୍ତାହ ଲକ୍‌ଡାଉନ୍‌ରେ ରହିବେ। କାରଣ ଦକ୍ଷିଣ ଆଫ୍ରିକାରେ ଲକ୍‌ଡାଉନ ଜାରି କରାଯାଇଛି। ଖେଳାଳିଙ୍କଠାରେ କୋଭିଡ୍-୧୯ର କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ତେବେ ଯେଉଁମାନେ ନିଜର ପରୀକ୍ଷା କରାଇବାକୁ ଚାହୁଁଥିଲେ ସେମାନେ ନେଗେଟିଭ ଅଛନ୍ତି ବୋଲି ମାଞ୍ଜରା କହିଛନ୍ତି।

ଭାରତ ଗସ୍ତରେ ଧର୍ମଶାଳାଠାରେ ପ୍ରଥମ ଦିନିକିଆ ମାର୍ଚ୍ଚ ୧୨ରେ ଖେଳାଯାଇଥିଲା। ତେବେ ଏହା ବର୍ଷା ଯୋଗୁ ବାତିଲ ହୋଇଥିଲା। ଏହା ପରେ ୧୫ ଓ ୧୮ ତାରିଖରେ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଯଥାକ୍ରମେ ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ଏହି ଦୁଇଟି ମ୍ୟାଚ୍ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ବାତିଲ କରାଯାଇଥିଲା। ଉଲ୍ଲେଖଥାଉ କି, ଦକ୍ଷିଣ ଆଫ୍ରିକାରେ ଏବେ ୨୧ ଦିନିଆ ଲକ୍ ଡାଉନ ଜାରି ରହିଛି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ